# ୬

# ବ୍ୟବସାୟ ସଂଗଠନର ସ୍ୱରୂପ

ତୁମେ ଜାଣିଥିବ ଯେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଭାରତର ଅନୁନ୍ନତ କ୍ଷେତ୍ରରେ ଶିଳ୍ପାୟନକୁ ପ୍ରୋତ୍ସାହିତ କରିବା ନିମନ୍ତେ ପାଞ୍ଚଟି ଇସ୍ପାତ କାରଖାନା ସ୍ଥାପନା କରାଯାଇଥିଲା । ତୁମେ ଜାଣିଛ କି ଏହି ଲୁହା କାରଖାନାର ମାଲିକ କିଏ ? କାରଖାନାର ମାଲିକାନା ଭାରତ ସରକାରଙ୍କ ପାଖରେ ଅଛି । ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଭାରତ ସରକାର ଭାରତୀୟ ଇସ୍ପାତ ପ୍ରାଧିକରଣ (SAIL) ନାମକ ଏକ ଯୌଥ ଉଦ୍ୟୋଗ ସ୍ଥାପନା କରିଥିଲେ । ତୁମେ ଭାରତୀୟ ଷ୍ଟେଟ ବ୍ୟାଙ୍କ (SBI), ନ୍ୟାସ୍‌ନାଲ ଥର୍ମାଲ ପାୱାର କର୍ପୋରେସନ୍ (NTPC), ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (GIL), ରିଲାୟନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (RIL) ଏବଂ ଟାଟା ଷ୍ଟିଲ ବିଷୟରେ ଅବଶ୍ୟ ଶୁଣିଥିବ । ସେଗୁଡ଼ିକ ସବୁ ବଡ଼ ବଡ଼ ବ୍ୟାବସାୟିକ ସଂଗଠନ ଅଟେ ଯାହାକୁ ଯୌଥ ଉଦ୍ୟୋଗ ରୂପରେ ସଂଗଠିତ କରାଯାଏ । ଏହି ପାଠରେ ବିସ୍ତାର ଭାବରେ ଏହି ଯୌଥ ଉଦ୍ୟୋଗ, ସେମାନଙ୍କର ଉପାଦେୟତା, ସୀମିତତା, ଏହାକୁ ପ୍ରଭାବିତ କରୁଥିବା କାରକଗୁଡ଼ିକ ବିଷୟରେ ଚର୍ଚ୍ଚା କରିବା ।

## ଉଦ୍ଦେଶ୍ୟ

ଏହି ପାଠଟିକୁ ପଢ଼ିବା ପରେ, ତୁମେ:

- ଯୌଥ ଉଦ୍ୟୋଗର ଅର୍ଥ ଏହାର ବିଶେଷତ୍ୱ ବିଷୟରେ ଜାଣିପାରିବ
- ବିଭିନ୍ନ ପ୍ରକାର ଯୌଥ ଉଦ୍ୟୋଗର ଚିହ୍ନଟ କରିପାରିବ
- ରାଷ୍ଟ୍ରାୟତ୍ତ ଏବଂ ଘରୋଇ କମ୍ପାନୀ ମଧ୍ୟରେ ପାର୍ଥକ୍ୟ ଦର୍ଶାଇପାରିବ
- ଯୌଥ ଉଦ୍ୟୋଗର ଉପାଦେୟତା, ସୀମିତତା ଏବଂ ଉପଯୁକ୍ତତାର ବାଖ୍ୟା କରିପାରିବ
- ବ୍ୟାବସାୟିକ ସଂଗଠନର ଉପଯୁକ୍ତ ସ୍ୱରୂପର ପସନ୍ଦକୁ ପ୍ରଭାବିତ କରୁଥିବା କାରକଗୁଡ଼ିକର ଚିହ୍ନଟ କରିପାରିବ
- ଯୌଥ ଉଦ୍ୟୋଗ, ଭାଗୀଦାରୀ ବ୍ୟବସାୟ ଏବଂ ଯୌଥ ଉଦ୍ୟୋଗ ଏବଂ ସମବାୟ ସମିତି ମଧ୍ୟରେ ଥିବା ପାର୍ଥକ୍ୟ ବୁଝିପାରିବ
- ବହୁ ରାଷ୍ଟ୍ରୀୟ କମ୍ପାନୀ ଅବଧାରଣା ଏବଂ ଏହାର ଉପାଦେୟତା ଏବଂ ସୀମିତତାକୁ ଜାଣି ପାରିବ ।

## ୬.୧ ଯୌଥ ଉଦ୍ୟୋଗ

ପୂର୍ବ ବିଷୟରେ ତୁମେ ବ୍ୟାବସାୟିକ ସଂଗଠନର ଚାରୋଟି ରୂପ, ଏକକ ମାଲିକାନା, ଭାଗୀଦାରୀ, ଯୌଥ ହିନ୍ଦୁ ପରିବାର ବ୍ୟବସାୟ ଏବଂ ସମବାୟ ସମିତି ବିଷୟରେ ବିସ୍ତାର ଭାବରେ ପଢ଼ିଲ । ତୁମେ ଜାଣିଛ ଯେ ବ୍ୟାବସାୟିକ ସଂଗଠନର ଏହି ରୂପ ଛୋଟ ଏବଂ ମଧ୍ୟମ ଆକାର ବ୍ୟବସାୟ ନିମନ୍ତେ ଉପଯୁକ୍ତ ଅଟେ । ଯଦି ତୁମେ ସିମେଣ୍ଟର ଏକ କାରଖାନା ସ୍ଥାପନା କରିବାକୁ ଚାହୁଁଛ, ସେଥିପାଇଁ କୋଟିକୋଟି ଟଙ୍କାର ଆବଶ୍ୟକତା ଅଛି । ତେବେ ଏଭଳି ସ୍ଥିତିରେ ତୁମେ କ'ଣ କରିବ ? ତୁମେ ଭାଗୀଦାରୀରେ ସେହି ସିମେଣ୍ଟକାରଖାନା କରିବାକୁ ଚିନ୍ତାକରି ପାରିବ । କିନ୍ତୁ ଭାଗୀଦାରର ସୀମିତତା ବିଷୟରେ ତୁମେ ଯଦି ମନେପକାଇବ ତେବେ ତୁମେ ନିଶ୍ଚିତ ଭାବରେ ନାହିଁ କରିବ । ଯେଉଁ ବ୍ୟବସାୟରେ ଭାରୀନିବେଶର ଆବଶ୍ୟକତା ଥାଏ ସେଠାରେ ଭାଗୀଦାର ଉଚିତ ନୁହେଁ । ତୁମେ ଜାଣିଛ ଭାଗୀଦାରର ସଦସ୍ୟ ସଂଖ୍ୟା ସୀମିତ ଅଟେ ତେଣୁ ସିମେଣ୍ଟ କାରଖାନା ବସାଇବା ପାଇଁ ପୁଞ୍ଜିର ବ୍ୟବସ୍ଥା କରିବା ସମ୍ଭବ ନୁହେଁ । ଏପରିକି ଯଦି ଲୋକେ ପୁଞ୍ଜିର ପ୍ରବନ୍ଧ କରିବାକୁ ସକ୍ଷମ ହୋଇଗଲେ ତେବେ ଅସୀମିତ ଉତ୍ତରଦାୟିତ୍ୱ କାରଣରୁ କେହି ମଧ୍ୟ ଏତେ ବଡ଼ ବିପଦର ଆଶଙ୍କାକୁ ସମ୍ଭାଳିବାକୁ ଚାହିଁବେ ନାହିଁ । ଏପରି ସ୍ଥିତିରେ ବ୍ୟାବସାୟିକ ସଂଗଠନର ସ୍ୱରୂପ କମ୍ପାନୀ ଅଥବା ଯୌଥ ଉଦ୍ୟୋଗ ପ୍ରତ୍ୟକ୍ଷ ଭାବରେ ପସନ୍ଦ ଯୋଗ୍ୟ ଅଟେ । ଏହାର ପ୍ରବନ୍ଧ ମଧ ପସନ୍ଦ ଯୋଗ୍ୟ । ଏହାର ସଦସ୍ୟମାନଙ୍କଠାରୁ ବହୁତ ବଡ଼ ପୁଞ୍ଜି ବ୍ୟବସ୍ଥା ସହଜରେ କରାଯାଇ ପାରିବ ।

ଏକ ଯୌଥ ଉଦ୍ୟୋଗ କିମ୍ବା ଏକ ଉଦ୍ୟୋଗ ସାଧାରଣ ସଦସ୍ୟମାନଙ୍କର ଏକ ସ୍ୱେଚ୍ଛାକୃତ ସଂଗଠନ ହୋଇଥାଏ ଯାହାର ଗଠନ ସାଧାରଣତଃ କୌଣସି ବଡ଼ ବ୍ୟାବସାୟିକ କାର୍ଯ୍ୟ ନିମନ୍ତେ କରାଯାଇଥାଏ । ଏହାର ସ୍ଥାପନା ଏବଂ ବିଘଟନ (ଭାଙ୍ଗିବା)ର ବିଧି-ସମ୍ମତ । କମ୍ପାନୀର ନିଜର ଏକ ସ୍ୱତନ୍ତ୍ର ବୈଧାନିକ ଅସ୍ତିତ୍ୱ ରହିଥାଏ କାରଣ ଯଦି ଏହାର କୌଣସି ସଦସ୍ୟର ମୃତ୍ୟୁ ହୋଇଯାଏ ତେବେ କମ୍ପାନୀର ଅସ୍ତିତ୍ୱ ଉପରେ କୌଣସି ପ୍ରଭାବ ପଡ଼େନାହିଁ । ଏହାର ସଦସ୍ୟ ସମାନ ଉଦ୍ଦେଶ୍ୟ ନିମନ୍ତେ ଧନ ଅଂଶଦାନ କରିଥାନ୍ତି । ଏହିପରି ଭାବରେ ଏକତ୍ରିତ ଅର୍ଥକୁ ପୁଞ୍ଜି କୁହାଯାଇଥାଏ । କମ୍ପାନୀର ପୁଞ୍ଜିକୁ ଛୋଟ ଛୋଟ ସମାନ ଭାଗରେ ବଣ୍ଟାଯାଏ ଯାହାକୁ ଅଂଶଧନ କୁହାଯାଏ । ଯେ ପର୍ଯ୍ୟନ୍ତ ଏହାର ସଦସ୍ୟ କମ୍ପାନୀର ଅଂଶକୁ ଖରୀଦକର ସଦସ୍ୟତା ପ୍ରାପ୍ତ କରିଥାନ୍ତି ସେଥିପାଇଁ ତାହାଙ୍କୁ ଅଂଶଧାରୀ କୁହାଯାଏ ଏବଂ କମ୍ପାନୀର ପୁଞ୍ଜିର ଅଂଶ ପୁଞ୍ଜି ନାମରେ ଜଣାଯାଇଥାଏ ।

ଭାରତରେ ଯୌଥ ଉଦ୍ୟୋଗ, କମ୍ପାନୀ ଅଧିନିୟମ, ୧୯୫୬ ଦ୍ୱାରା ପରିଚାଳିତ ହୋଇଥାନ୍ତି । ଅଧିନିୟମ ଅନୁସାରେ କମ୍ପାନୀର ତାତ୍ପର୍ଯ୍ୟ ଏହି ଅଧିନିୟମର ଅନ୍ତର୍ଗତ ସୃଷ୍ଟି ପଞ୍ଜିକୃତ କମ୍ପାନୀ କିମ୍ବା ଆଗରୁ ସ୍ଥାପିତ କମ୍ପାନୀ ମଧ୍ୟରୁ ହୋଇଥାଏ । ଏହି ପରିଭାଷା କମ୍ପାନୀର ମୂଳ ବିଶେଷତ୍ୱକୁ ସ୍ପଷ୍ଟ ଭାବରେ ପ୍ରକାଶ କରିନଥାଏ । ତଥାପି ପୂର୍ବକମ୍ପାନୀର ପ୍ରକାଶରେ ଦିଆଯାଇଥିବା ପରିଭାଷା ତଥା ଅନ୍ୟ ନ୍ୟାୟ ସମ୍ବନ୍ଧୀୟ ନିଷ୍ପତ୍ତିର ଆଧାର ଉପରେ ଏହାକୁ ନିମ୍ନ ପ୍ରକାରରେ ବିଭକ୍ତ କରା ଯାଇପାରିଥାଏ । ଏହା ଆଇନ୍ ଦ୍ୱାରା ନିର୍ମିତ ଏପରି ଏକ କୃତ୍ରିମ ବ୍ୟକ୍ତି ଯାହାର ପୃଥକ ବୈଧାନିକ ଅସ୍ତିତ୍ୱ ହେବା ସଙ୍ଗେ ସଙ୍ଗେ ଚିରସ୍ଥାୟୀ ଜୀବନକାଳ ରହିଥାଏ ।

## ୬.୨ ଯୌଥ ଉଦ୍ୟୋଗର ବିଶେଷତ୍ୱ

ତୁମେ ବର୍ତ୍ତମାନ କମ୍ପାନୀର ଅବଧାରଣା ବିଷୟରେ ଅବଗତ ହୋଇଗଲ । ଆସ ଏହାର ବିଶେଷତ୍ୱକୁ ଅଧ୍ୟୟନ କରିବା ।

କ) **କୃତ୍ରିମ ବ୍ୟକ୍ତି :** ଏକ ସଂଯୁକ୍ତ ପୁଞ୍ଜିକମ୍ପାନୀ ଏହି ଅର୍ଥରେ କୃତ୍ରିମ ହୋଇଥାଏ ଯାହାର ନିର୍ମାଣ ଆଇନ୍ ଦ୍ୱାରା ହୋଇଥାଏ ଏବଂ କୌଣସି ସାଧାରଣ ବ୍ୟକ୍ତି ପରି ଏହାର କୌଣସି ଭୌତିକ ସ୍ୱରୂପ ନଥାଏ । ଏହା ଖାଇପାରେ ନାହିଁ କି ଚଳପ୍ରଚଳ ହୋଇପାରେନାହିଁ । ନା ଲେଖାପଢ଼ା କରିପାରେ ନା ହସି ପାରିଥାଏ । କିନ୍ତୁ ବସ୍ତୁତଃ ବାସ୍ତବିକ୍ ବ୍ୟକ୍ତିଙ୍କ ପରି ଏହାର ବୈଧାନିକ ଅସ୍ତିତ୍ୱ ଥାଏ ।

ଖ) **ସ୍ଥାପନା :** ଯୌଥ (ସଂଯୁକ୍ତ) ଉଦ୍ୟୋଗର ସ୍ଥାପନାରେ ବହୁତ ସମୟ ଲାଗିଥାଏ କାରଣ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ କେତେକ ବୈଧାନିକ ଦଲିଲ୍ ପୁରା କରି ଔପଚାରିକତା ପୂରଣ କରିବାକୁ ପଡ଼ିଥାଏ । ଏକ କମ୍ପାନୀ ସେତେବେଳେ ସ୍ଥାପନା ହୋଇପାରିବ ଯେତେବେଳେ ଏହା ଭାରତୀୟ କମ୍ପାନୀ ଅଧିନିୟମ ଅଧିନରେ ପଞ୍ଜିକୃତ ହୋଇଥାଏ । ଆମେ ପରପାଠରେ ଯୌଥ ଉଦ୍ୟୋଗ ଗଠନର ବିଷୟରେ ବିସ୍ତୃତ ଭାବରେ ଅଧ୍ୟୟନ କରିବା ।

ଗ) **ପୃଥକ ବୈଧାନିକ ଅସ୍ତିତ୍ୱ :** କୃତ୍ରିମ ବ୍ୟକ୍ତି ହୋଇଥିବାରୁ ଏକ କମ୍ପାନୀର ଅସ୍ତିତ୍ୱ ତାହାର ସଦସ୍ୟଙ୍କ ଠାରୁ ପୃଥକ ହୋଇଥାଏ । ଲୋକଙ୍କୁ ନିଯୁକ୍ତ କରିପାରେ ତଥା କେତେକ ବୈଧାନିକ କାର୍ଯ୍ୟ ମଧ କରିପାରେ । ସେ ମୋକଦ୍ଦମା ଚଳାଇ ପାରିଥାଏ ଏବଂ ଏହା ବିରୁଦ୍ଧରେ ନ୍ୟାୟାଳୟରେ ମୋକଦ୍ଦମା ଦାୟର କରାଯାଇପାରେ । ମାତ୍ର ଜଣେ ଅଂଶଧାରୀଙ୍କୁ କମ୍ପାନୀର କୌଣସି କାର୍ଯ୍ୟ ନିମନ୍ତେ ଦାୟୀ କରାଯାଇ ପାରିବ ନାହିଁ ।

ଘ) **ସାର୍ବଜନିକ ମୋହର :** ଯେହେତୁ କମ୍ପାନୀ ଭୌତିକ ହୋଇ ନଥାଏ ତେଣୁ ନିର୍ଦ୍ଦେଶକ ମଣ୍ଡଳ ଏହା ତରଫରୁ କାର୍ଯ୍ୟ କରିଥାନ୍ତି । କିନ୍ତୁ ସେମାନଙ୍କଦ୍ୱାରା ପ୍ରସ୍ତୁତ ସମସ୍ତ ଚୁକ୍ତିପତ୍ର ଉପରେ କମ୍ପାନୀର ମୋହର ଲାଗିଥାଏ । ଏହି ସାର୍ବଜନୀନ ମୋହର ମଧ୍ୟ କମ୍ପାନୀର ଅଧିକାରୀଙ୍କର ସ୍ୱାକ୍ଷର ହୋଇଥାଏ । କମ୍ପାନୀର ଜଣେ ଅଧିକାରୀଙ୍କ ଦ୍ୱାରା ମୋହର ସହିତ ସ୍ୱାକ୍ଷରିତ ଦଲିଲ୍ କମ୍ପାନୀ ନିମନ୍ତେ ବାଧ୍ୟ ଅଟେ ।

ଙ) **ସ୍ଥାୟୀ ଅସ୍ତିତ୍ୱ :** କମ୍ପାନୀର ଅସ୍ତିତ୍ୱ ଲମ୍ବା ସମୟ ପର୍ଯ୍ୟନ୍ତ ରହିଥାଏ । ଏହାର ସଦସ୍ୟଙ୍କର ମୃତ୍ୟୁ, ପାଗଳପଣ, ଦେବାଳିଆପଣ କିମ୍ବା ସେବା ନିବୃତି କମ୍ପାନୀର ଜୀବନ ଉପରେ କୌଣସି ପ୍ରଭାବ ପକାଇନଥାଏ । ଏହା ଚାଲୁ ରହିଥାଏ । ଯେହେତୁ ଏହା ଆଇନ୍ ଦ୍ୱାରା ସ୍ଥାପିତ ହୋଇଥାଏ ତେଣୁ ଏହା କେବଳ ଆଇନ୍ ଦ୍ୱାରା ବିଘଟନ ହୋଇଥାଏ ।

ଚ) **ସଦସ୍ୟଙ୍କର ସୀମିତ ଉତ୍ତର ଦାୟିତ୍ୱ :** ବ୍ୟାବସାୟିକ କମ୍ପାନୀ ସ୍ୱରୂପ ଲୋକମାନଙ୍କୁ ବଡ଼ ସଂଖ୍ୟାରେ ଅଂଶର ଖରୀଦ୍‌ଦାରୀରେ ନିବେଶ କରିବା ପାଇଁ ଆକର୍ଷିତ କରିଥାଏ କାରଣ ଏହା ସୀମିତ ଦାୟିତ୍ୱର ସୁବିଧା ପ୍ରଦାନ କରିଥାଏ । ଜଣେ ସଦସ୍ୟର ଉତ୍ତରଦାୟିତ୍ୱ ତାହାର ଅଂଶର ମୂଲ୍ୟ ପର୍ଯ୍ୟନ୍ତ ସୀମିତ ଥାଏ ଅନ୍ୟ ଭାଷାରେ - ଜଣେ ସଦସ୍ୟ ତାହାର ଅଂଶର ଅଙ୍କିତ ମୂଲ୍ୟ (Face value) ପର୍ଯ୍ୟନ୍ତ ଉତ୍ତରଦାୟୀ ସ୍ଥିର କରାଯାଇଥାଏ । ଯଦି ତାହାକୁ ତାର ମୂଲ୍ୟ ଦିଆଯାଇଥାଏ ତେବେ ତାକୁ ଆଉ ଅଧିକ ରାଶି ଦେବାକୁ କୁହାଯାଇପାରେ ନାହିଁ । ଉଦାହରଣ ସ୍ୱରୂପ - ଯଦି 'ଏ' ୧୦୦ଟଙ୍କା ବିଶିଷ୍ଟ ଅଂଶଧନ ନିମନ୍ତେ ୭୫ ଟଙ୍କା ଦେଇଅଛି ତେବେ ତାଙ୍କର ଦାୟୀତ୍ୱ କେବଳ ୨୫ ଟଙ୍କା ମଧ୍ୟରେ ସୀମିତ ଅଟେ ।

ଛ) **ଅଂଶଧନର ହସ୍ତାନ୍ତରିକରଣ :** ଏକ ସାର୍ବଜନୀନ କମ୍ପାନୀର ସଦସ୍ୟ ନିଜର ଅଂଶକୁ ହସ୍ତାନ୍ତର କରିବା ପାଇଁ ସ୍ୱତନ୍ତ୍ର ହୋଇଥାଏ । ସେ ନିଜର ସେୟାରକୁ ହସ୍ତାନ୍ତର କରିବା ପାଇଁ କୌଣସି ଅନ୍ୟ ଅଂଶୀଦାରଙ୍କର ଅନୁମତି ନେବା ଦରକାର ନାହିଁ ।

ଜ) **ସଦସ୍ୟତା :** ଏକ ଘରୋଇ କମ୍ପାନୀର ସ୍ଥାପନା ନିମନ୍ତେ ଅତିକମ୍‌ରେ ଦୁଇ ସଦସ୍ୟ ଏକ ରାଷ୍ଟ୍ରାୟତ୍ତ କମ୍ପାନୀ ସ୍ଥିତିରେ ସାତ ସଦସ୍ୟଙ୍କର ଆବଶ୍ୟକତା ହୋଇଥାଏ । ଏକ ଘରୋଇ କମ୍ପାନୀରେ ସଦସ୍ୟତା ସର୍ବାଧିକ ୫୦ ହୋଇଥାଏ କିନ୍ତୁ ରାଷ୍ଟ୍ରାୟତ୍ତ କମ୍ପାନୀର ସଦସ୍ୟତାରେ ସର୍ବାଧିକର କୌଣସି ସୀମା ନିର୍ଦ୍ଧାରିତ ନୁହେଁ ।

ଝ) **ଗଣତାନ୍ତ୍ରିକ ପରିଚାଳନା :** ତୁମେ ଜାଣିଅଛ ଯେ କମ୍ପାନୀର ପୁଞ୍ଜି ନିମନ୍ତେ ବିଭିନ୍ନ ବର୍ଗର ଏବଂ କ୍ଷେତ୍ରର ଲୋକ ଅଂଶଧନ ନିବେଶ କରିଥାନ୍ତି । ତେଣୁ ସେମାନଙ୍କ ନିମନ୍ତେ କମ୍ପାନୀର ଦୈନନ୍ଦିନର ପରିଚାଳନ ଦେଖିବା ସମ୍ଭବ ନୁହେଁ । ସେମାନେ କମ୍ପାନୀର ସାଧାରଣ ନୀତି ନିର୍ଦ୍ଧାରଣରେ ଭାଗ ନେଇପାରନ୍ତି କିନ୍ତୁ ଦୈନନ୍ଦିନ ମାମଲାର ପ୍ରବନ୍ଧ ସେମାନଙ୍କ ଦ୍ୱାରା ମନୋନିତ ପ୍ରତିନିଧି ଯାହାଙ୍କୁ ନିର୍ଦ୍ଦେଶକ କୁହାଯାଏ ସେମାନଙ୍କଦ୍ୱାରା କରାଯାଇଥାଏ ।

## ପାଠଗତ ପ୍ରଶ୍ନାବଳୀ ୬(କ)

୧. ଯଦି କୌଣସି ସଡ଼କ ଦୁର୍ଘଟଣାରେ ଯୌଥ ଉଦ୍ୟୋଗର ସମସ୍ତ ସଦସ୍ୟଙ୍କର ମୃତ୍ୟୁ ହୋଇଯାଏ ତେବେ କମ୍ପାନୀ ବନ୍ଦକରିବାକୁ ପଡ଼େ । ତୁମେ କ'ଣ ଏହି କଥାରେ ସହମତ କି ? ତୁମ ଉତ୍ତର ସପକ୍ଷରେ କାରଣ ଲେଖ ।

___________________________________________

___________________________________________

୨. ଯୌଥ ଉଦ୍ୟୋଗ ବିଷୟରେ ନିମ୍ନଲିଖିତର ନାମ ଦିଅ ।

କ) ଏହା ଛୋଟ କାର୍ଯ୍ୟ ଯେଉଁଥିରେ କମ୍ପାନୀର ପୁଞ୍ଜି ବଣ୍ଟାଯାଏ ।

ଖ) ଏହି ଅଧିନିୟମ ଯାହା ଭାରତରେ ଯୌଥ ପୁଞ୍ଜି କମ୍ପାନୀର ଶାସନ କରିଥାଏ ।

ଗ) ଯୌଥ ଉଦ୍ୟୋଗର ସଦସ୍ୟଙ୍କଦ୍ୱାରା ଲଗାଯାଇଥିବା ସମ୍ପୂର୍ଣ୍ଣ ରାଶି

ଘ) ଯୌଥ ଉଦ୍ୟୋଗର ଅଧିକାରୀଙ୍କର ସ୍ୱାକ୍ଷର

ଙ) ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ଯେଉଁମାନେ ଯୌଥ ପୁଞ୍ଜି କମ୍ପାନୀର ଦୈନନ୍ଦିନ କାର୍ଯ୍ୟକୁ ଦେଖିଥାନ୍ତି ।

## ୬.୩ ଯୌଥ ଉଦ୍ୟୋଗର ପ୍ରକାର

ଆମ ଦେଶରେ କେତେ ପ୍ରକାରର କମ୍ପାନୀ ଅଛି ସେମାନଙ୍କୁ ନିଗମନରପ୍ରକାର, କାର୍ଯ୍ୟକ୍ଷେତ୍ର, ରାଷ୍ଟ୍ରୀୟତା ଏବଂ ସଦସ୍ୟତାର ସୀମା ଆଦିର ଆଧାର ଉପରେ ଗୋଟିଏ ଅନ୍ୟଠାରୁ ପୃଥକ୍ କରାଯାଇପାରେ । ଏଥିରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ସେହି କମ୍ପାନୀଗୁଡ଼ିକ ଯେଉଁମାନେ ସଦସ୍ୟତାର ସୀମା ଉପରେ ଆଧାରିତ ହୋଇଥାନ୍ତି, ଯେପରି (୧) ଘରୋଇ ଉଦ୍ୟୋଗ, (୨) ରାଷ୍ଟ୍ରାୟତ୍ତ ଉଦ୍ୟୋଗ । ଆସ ଏହି ଦୁଇଟି ବିଷୟରେ ଅଧିକ କିଛି ଜାଣିବା ।

୧) **ଘରୋଇ ଉଦ୍ୟୋଗ :** ୧୯୫୬ରେ କମ୍ପାନୀ ଅଧିନିୟମର ଅନ୍ତର୍ଗତ ଘରୋଇ କମ୍ପାନୀର ଅଭିପ୍ରାୟ ସେହି କମ୍ପାନୀ ହୁଏ ଯେଉଁଥିରେ ନିମ୍ନଲିଖିତ ବିଶେଷତ୍ୱ ଅଛି ।

କ) ଏହାର ସଦସ୍ୟଙ୍କର ସଂଖ୍ୟା ୫୦ରୁ ଅଧିକ ହୋଇପାରିବ ନାହିଁ । କମ୍ପାନୀରେ କାମ କରୁଥିବା କର୍ମଚାରୀ ଏଥିରେ ସମ୍ମିଳିତ ନୁହଁନ୍ତି ।

ଖ) ଏହା ଖୋଲା ନିମନ୍ତ୍ରଣ ଦ୍ୱାରା ଜନତାଙ୍କୁ ନିଜର ସେୟାର ଏବଂ ଋଣ-ପତ୍ର କ୍ରୟ କରିବା ପାଇଁ ଆମନ୍ତ୍ରିତ କରିପାରିବ ନାହିଁ ।

ଗ) ଏହା ସଦସ୍ୟଙ୍କୁ ତାଙ୍କର ଅଂଶକୁ ହସ୍ତାନ୍ତର କରିବା କିମ୍ବା ବିକ୍ରି କରିବାର ଅଧିକାର ଦେଇନଥାଏ ।

ଘ) ଏହାର ଦିଆସାରିଥିବା ପ୍ରାପ୍ୟ ଅଂଶ ପୁଞ୍ଜି ଅତିକମ୍‌ରେ ଏକ ଲକ୍ଷ ଟଙ୍କା ଅବଶ୍ୟ ହେବା ଦରକାର ।

ଘରୋଇ କମ୍ପାନୀ ଉପରୋକ୍ତ ସମସ୍ତ ସର୍ତ୍ତ ପାଳନ କରିବା ଆବଶ୍ୟକ ଅଟେ । ଏହି କମ୍ପାନୀଗୁଡ଼ିକ ନିଜର ନାମ ପଛରେ ପ୍ରା.ଲି. (ପ୍ରାଇଭେଟ୍ ଲିମିଟେଡ୍) ଲେଖିବା ଅନିବାର୍ଯ୍ୟ ଅଟେ । ଏହି ସବୁ କମ୍ପାନୀର ମାଲିକ କେବଳ ଖ୍ୟାତନାମା ଲୋକମାନଙ୍କ ମଧ୍ୟରେ ସୀମିତ ରହେ । ଏହାକୁ ଆରମ୍ଭ କରିବାକୁ ଅତିକମ୍‌ରେ ଦୁଇଜଣ ବ୍ୟକ୍ତିଙ୍କର ଆବଶ୍ୟକତା ହୋଇଥାଏ । ଯଦି କୌଣସି ଭାଗୀଦାର ନିଜ ବ୍ୟବସାୟ ବଢ଼ାଇବା ପାଇଁ ଅଧିକ ପୁଞ୍ଜିର ଆବଶ୍ୟକତା କରୁଥାନ୍ତି, ସେମାନେ ତାଙ୍କ ଫାର୍ମକୁ ଘରୋଇ କମ୍ପାନୀ ରୂପରେ ପରିବର୍ତ୍ତିତ କରି ଦେଇଥାନ୍ତି । ଏଠାରେ ଏହା ଜାଣିବାକୁ ହେବଯେ ଘରୋଇ ଉଦ୍ୟୋଗର କମ୍ପାନୀ ଅଧିନିୟମ ଦ୍ୱାରା ଅନେକ ରିହାତି ପ୍ରାପ୍ତ ହୋଇଥାଏ । ବାସ୍ତବରେ ଏହିଧରଣର ବ୍ୟାବସାୟିକ ସଂଗଠନ ଉଭୟ କମ୍ପାନୀ ଏବଂ ଭାଗୀଦାରୀ ବ୍ୟବସାୟ ଲାଭ ପାଇଥାନ୍ତି ।

୨) **ରାଷ୍ଟ୍ରାୟତ୍ତ ଉଦ୍ୟୋଗ**

ବହୁତ ବଡ଼ ଧରଣର ବ୍ୟବସାୟ ଆରମ୍ଭ କରିବା ନିମନ୍ତେ ବଡ଼ମାତ୍ରାରେ ପୁଞ୍ଜିର ଆବଶ୍ୟକତା ହୋଇଥାଏ ଯାହାକୁ ଘରୋଇ କମ୍ପାନୀର ୫୦ ସଦସ୍ୟ ମଧ୍ୟ ଉପଲବ୍ଧ କରିପାରନ୍ତି ନାହିଁ । ତେବେ ଏପରି ସ୍ଥିତିରେ ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସ୍ଥାପନା କରିବା ଉଚିତ ହୋଇଥାଏ । ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅର୍ଥ ସେହି ଉଦ୍ୟୋଗ ଯାହା ଏକ ଘରୋଇ ଉଦ୍ୟୋଗ ହୋଇନଥାଏ । ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ନିମ୍ନଲିଖିତ ବିଶେଷତ୍ୱ ହେବା ଆବଶ୍ୟକ ।

କ) ଏହା ଜନତାଙ୍କୁ ନିଜ ଅଂଶ ଏବଂ ଋଣ-ପତ୍ରର କ୍ରୟ କରିବା ନିମନ୍ତେ ଆମନ୍ତ୍ରିତ କରି ପାରିଥାଏ ।

ଖ) ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସ୍ଥାପନା ନିମନ୍ତେ ଅତିକମ୍‌ରେ ସାତ ଜଣ ସଦସ୍ୟଙ୍କର ଆବଶ୍ୟକତା ହୋଇଥାଏ । ଏହାର ସଦସ୍ୟଙ୍କର ସର୍ବାଧିକ ସଂଖ୍ୟା ନିମନ୍ତେ କୌଣସି ସୀମା ନାହିଁ ।

ଗ) ଅଂଶକୁ ହସ୍ତାନ୍ତର କରିବା ପାଇଁ କୌଣସି ପ୍ରତିବନ୍ଧକ ନଥାଏ । ଉଦାହରଣତଃ ଅଂଶଧାରକ ନିଜର ଅଂଶକୁ ଜନତାଙ୍କୁ ବିକ୍ରି କରିବା ପାଇଁ ସ୍ୱତନ୍ତ୍ର ଅଟେ । ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ନିଜର ନାମ ପଛରେ ପବ୍ଲିକ ଲିମିଟେଡ୍ ଅଥବା କେବଳ ଲିମିଟେଡ୍ ଲେଖିବା ଆବଶ୍ୟକ ଅଟେ । ରିଲାଏନ୍‌ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ବାଜାଜ ଅଟୋ ଲିମିଟେଡ୍, ହିନ୍ଦୁସ୍ଥାନ ୟୁନିଲିବର ଲିମିଟେଡ୍, ଷ୍ଟୀଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ଆଦି ରାଷ୍ଟ୍ରାୟତ୍ତ କମ୍ପାନୀ ।

ଘ) ଏହାର ଦିଆସରିଥିବା ପ୍ରାପ୍ୟ ବା ଅଂଶ ପୁଞ୍ଜି ଅତିକମ୍‌ରେ ୫ ଲକ୍ଷ ଟଙ୍କା ହେବା ଆବଶ୍ୟକ ।

ଉପରୋକ୍ତ କମ୍ପାନୀ ବାଦ୍ ତୁମର ଧ୍ୟାନ ହୁଏତ କିଛି ଅନ୍ୟ ପ୍ରକାର କମ୍ପାନୀ ଆଡ଼କୁ ମଧ୍ୟ ଆକର୍ଷିତ ହେଉଥିବ, ଯେପରି - ସରକାରୀ କମ୍ପାନୀ, ବୈଧାନିକ କମ୍ପାନୀ, ରାଜପତ୍ରଦ୍ୱାରା ନିର୍ମିତ କମ୍ପାନୀ, ବିଦେଶୀ କମ୍ପାନୀ, ଭାରତୀୟ କମ୍ପାନୀ, ବହୁରାଷ୍ଟ୍ରୀୟ ନିଗମ, ନିୟନ୍ତ୍ରକ କମ୍ପାନୀ ଏବଂ ସହାୟକ କମ୍ପାନୀ ଇତ୍ୟାଦି । ଆସନ୍ତୁ ସେମାନଙ୍କ ବିଷୟରେ ସଂକ୍ଷିପ୍ତଧାରଣା ପ୍ରାପ୍ତ କରିବା ।

କ) **ସରକାରୀ କମ୍ପାନୀ :** ଏପରି ଏକ କମ୍ପାନୀ ଯେଉଁଥିରେ ଅତିକମ୍‌ରେ ୫୧% ଅଂଶଧନକୁ ସରକାର ନିଜ ପାଖରେ ରଖିଥାନ୍ତି ତାହାକୁ ସରକାରୀ କମ୍ପାନୀ କୁହାଯାଏ । ଉଦାହରଣ ସ୍ୱରୂପ - ଭାରତୀୟ ଟେଲିଫୋନ୍ ଇଣ୍ଡଷ୍ଟ୍ରିଜ୍ (ଆଇ ଟି ଆଇ), ଭାରତ ହେବି ଇଲେକ୍‌ଟ୍ରିକାଲ୍‌ସ୍ ଲିମିଟେଡ୍ (ବି.ଏଚ୍.ଇ.ଏଲ୍) ।

ଖ) **ବୈଧାନିକ (ବିଧିବଦ୍ଧ) କମ୍ପାନୀ :** ସଂସଦ ଅଥବା ରାଜ୍ୟ ବ୍ୟବସ୍ଥାପିକାର ବିଶେଷ ଅଧିନିୟମ ଦ୍ୱାରା ଗଠିତ କମ୍ପାନୀକୁ ବୈଧାନିକ କମ୍ପାନୀ କହନ୍ତି । ଉଦାହରଣ - ଭାରତୀୟ ଜୀବନ ବୀମା ନିଗମ (ଏଲ୍.ଆଇ.ସି), ଭାରତୀୟ ସିକ୍ୟୁରିଟ୍ ବଣ୍ଡ୍ ବିନିମୟ ବୋର୍ଡ (SEBI)

ଗ) **ଚାର୍ଟାଡ କମ୍ପାନୀ :** ଇଂଲଣ୍ଡର ରାଜା କିମ୍ବା ରାଣୀଙ୍କ ଘୋଷଣାପତ୍ର ଅନ୍ତର୍ଗତ ଗଠିତ କୌଣସି କମ୍ପାନୀ ଉଦାହରଣ - ଇଷ୍ଟଇଣ୍ଡିଆ କମ୍ପାନୀ ।

ଘ) **ବିଦେଶୀ କମ୍ପାନୀ :** ଏହା ଏପରି କମ୍ପାନୀ ଯାହାର ନିଗମନ ଭାରତ ବାହାରେ ହୋଇଅଛି କିନ୍ତୁ ଏହାର ବ୍ୟବସାୟ ଭାରତରେ ହେଉଅଛି । ଉଦାହରଣ - ସିଟି ବ୍ୟାଙ୍କ, ହୁଣ୍ଡା ମୋଟର୍ସ ଇତ୍ୟାଦି ।

ଙ) **ଭାରତୀୟ/ସ୍ୱଦେଶୀ କମ୍ପାନୀ :** ଭାରତୀୟ କମ୍ପାନୀ ଅଧିନିୟମର ଅନ୍ତର୍ଗତ ପଞ୍ଜିକୃତ କମ୍ପାନୀକୁ ଭାରତୀୟ/ସ୍ୱଦେଶୀ କମ୍ପାନୀ କୁହାଯାଏ । ଉଦାହରଣ ଆସୋସିଏଟ୍ ସିମେଣ୍ଟ କମ୍ପାନୀ, (ଏ.ସି.ସି) ଟାଟା ଷ୍ଟିଲ ଲିମିଟେଡ୍ ଇତ୍ୟାଦି ।

ଚ) **ବହୁରାଷ୍ଟ୍ରୀୟ ନିଗମ (କମ୍ପାନୀ) :** ଏପରି କମ୍ପାନୀ, ଯାହାର ପଞ୍ଜିକରଣ ଗୋଟିଏ ଦେଶର ହୋଇଥାଏ କିନ୍ତୁ ଏହାର ବ୍ୟାପାର ଏକାଧିକ ଦେଶରେ ଚାଲିଥାଏ ତାହାକୁ ବହୁରାଷ୍ଟ୍ରୀୟ ନିଗମ/କମ୍ପାନୀ କୁହାଯାଏ । ବହୁ ରାଷ୍ଟ୍ରୀୟ ନିଗମ ବିଷୟରେ ଏହି ପାଠର ଶେଷ ପର୍ଯ୍ୟାୟରେ ଚର୍ଚ୍ଚା କରିବା ।

ଛ) **ନିୟନ୍ତ୍ରକ ବା ସହାୟକ କମ୍ପାନୀ :** ଯଦି ଗୋଟିଏ କମ୍ପାନୀ କୌଣସି ଅନ୍ୟ କମ୍ପାନୀର ନିୟନ୍ତ୍ରଣ କରିବା ବାଲା କମ୍ପାନୀକୁ ନିୟନ୍ତ୍ରକ କମ୍ପାନୀ ତଥା ଅନ୍ୟଟିକୁ ସହାୟକ କମ୍ପାନୀ ନାମରେ ଜଣା ଯାଇଥାଏ ।

ତଳଲିଖିତ ପରିସ୍ଥିତିରେ ଏକ କମ୍ପାନୀ ଅନ୍ୟ ଏକ କମ୍ପାନୀର ସହାୟକ କମ୍ପାନୀ ହୋଇଥାଏ ।

୧. ଯେତେବେଳେ ଏକ କମ୍ପାନୀର ସମତା ଅଂଶ ପୁଞ୍ଜିର ସାଧାରଣ ମୂଲ୍ୟର ୫୦ ପ୍ରତିଶତ ଠାରୁ ଅଧିକ ଅନ୍ୟ ଏକ କମ୍ପାନୀର ନିୟନ୍ତ୍ରଣରେ ଥାଏ ।

୨. ଯେତେବେଳେ ଗୋଟିଏ କମ୍ପାନୀର ନିୟନ୍ତ୍ରଣ ଅନ୍ୟ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀର ନିଯୁକ୍ତି ଉପରେ ଥାଏ ।

୩. ଯେତେବେଳେ ଏକ କମ୍ପାନୀ ଅନ୍ୟ କୌଣସି କମ୍ପାନୀର ସହାୟକ କମ୍ପାନୀ ହୁଏ ଯିଏକି ଅନ୍ୟ କୌଣସି କମ୍ପାନୀର ସହାୟକ ହୋଇତଥାଏ । ଉଦାହରଣ ସ୍ୱରୂପ କମ୍ପାନୀ 'ଖ' କମ୍ପାନୀ 'କ'ର ସହାୟକ ଏବଂ 'ଗ' କମ୍ପାନୀ 'ଖ' କମ୍ପାନୀର ସହାୟକ ତେଣୁ କମ୍ପାନୀ 'ଗ' ମଧ୍ୟ 'କ'ର ସହାୟକ କମ୍ପାନୀ ହୋଇଥାଏ ।

## ୬.୪ ଘରୋଇ କମ୍ପାନୀ ଏବଂ ରାଷ୍ଟ୍ରାୟତ୍ତ କମ୍ପାନୀର ଅନ୍ତର

ଘରୋଇ କମ୍ପାନୀ ଏବଂ ରାଷ୍ଟ୍ରାୟତ୍ତ କମ୍ପାନୀର ଅର୍ଥ ଜାଣିବାପରେ ଏବେ ତମେ ଦୁଇ କମ୍ପାନୀ ମଧ୍ୟରେ ପାର୍ଥକ୍ୟ କରିବାକୁ ସକ୍ଷମ ହୋଇପାରିବ । ଘରୋଇ କମ୍ପାନୀ ଏବଂ ରାଷ୍ଟ୍ରାୟତ କମ୍ପାନୀ ମଧ୍ୟରେ କେତେକ ପାର୍ଥକ୍ୟ ନିମ୍ନ ପ୍ରକାରର ହୋଇଥାଏ ।

| | ଭିନ୍ନତାର ଆଧାର | ଘରୋଇ କମ୍ପାନୀ | ରାଷ୍ଟ୍ରାୟତ୍ତ କମ୍ପାନୀ |
|---|---|---|---|
| ୧. | ସଦସ୍ୟତାର ନ୍ୟୁନତ୍ତମ ସଂଖ୍ୟା | ଘରୋଇ କମ୍ପାନୀ ନିମନ୍ତେ ଅତି କମ୍‌ରେ ଦୁଇ ସଦସ୍ୟ ହେବା ଆବଶ୍ୟକ । | ଏଥିରେ ଅତିକମ୍‌ରେ ସାତ ସଦସ୍ୟ ହେବା ଆବଶ୍ୟକ । |
| ୨. | ସଦସ୍ୟଙ୍କର ସର୍ବାଧିକ ସଂଖ୍ୟା | ଘରୋଇ କମ୍ପାନୀରେ ସର୍ବାଧିକ ପଚଶ ସଦସ୍ୟ ହୋଇ ପାରନ୍ତି । | ସାର୍ବଜନୀନ କମ୍ପାନୀର ସଦସ୍ୟତା ସର୍ବାଧିକ ସଂଖ୍ୟାର ସୀମା ନାହିଁ । |
| ୩. | ନ୍ୟୁନତ୍ତମ ଆଦାୟ ପ୍ରାପ୍ୟ ପୁଞ୍ଜି | ଘରୋଇ କମ୍ପାନୀ ପାଖରେ ଅତି କମ୍‌ରେ ଏକ ଲକ୍ଷର ଆଦାୟ ଆଦାୟ ପ୍ରାପ୍ୟ ହୋଇଥିବା ଆବଶ୍ୟକ । | ଏଥିରେ ଅତିକମ୍‌ରେ ପାଞ୍ଚଲକ୍ଷ ଟଙ୍କା ଆଦାୟ ପ୍ରାପ୍ୟ ପୁଞ୍ଜିହେବା ଆବଶ୍ୟକ । |
| ୪. | ଅଂଶର ହସ୍ତାନ୍ତରଣ | ଘରୋଇ କମ୍ପାନୀର ଅଂଶଧାରୀ ନିଜର ଅଂଶକୁ ହସ୍ତାନ୍ତରଣ କରିପାରିବେ ନାହିଁ । | ସାର୍ବଜନୀନ କମ୍ପାନୀର ଅଂଶଧାରୀ ନିଜ ଅଂଶର ବିକ୍ରୟ ସ୍ୱତନ୍ତ୍ର ଭାବରେ କରିପାରିବେ । |
| ୫. | ପରିଚୟ | ଘରୋଇ କମ୍ପାନୀ ନିଜ ନାମ ପଛରେ ପ୍ରା.ଲିଃ. ଲେଖିବା ଜରୁରୀ ଅଟେ । | ସାର୍ବଜନୀନ କମ୍ପାନୀ ନିଜର ନାମ ପଛରେ ଲିଃ. ଲେଖିବା ଜରୁରୀ ଅଟେ । |
| ୬. | ଜନତାଙ୍କୁ ଅଂଶ ଏବଂ ଋଣ ପତ୍ରର କ୍ରୟ ନିମନ୍ତେ ଆମନ୍ତ୍ରିତ କରିବା | ଏକ ଘରୋଇ କମ୍ପାନୀ ଜନତାଙ୍କୁ ଅଂଶ ଏବଂ ଋଣପତ୍ର କୁ କ୍ରୟ କରିବା ନିମନ୍ତେ ଖୋଲା ନିମନ୍ତ୍ରଣ ଦେଇପାରିବେ ନାହିଁ । | ରାଷ୍ଟ୍ରାୟତ କମ୍ପାନୀ ଜନତାଙ୍କର ଅଂଶ ଏବଂ ଋଣ ପତ୍ରକୁ କ୍ରୟ କରିବା ନିମନ୍ତେ ବିବରଣୀ ପ୍ରସ୍ତୁତ କରି ଆମନ୍ତ୍ରିତ କରି ପାରିବେ । |
| ୭. | ବ୍ୟବସାୟର ଆରମ୍ଭ | ଘରୋଇ କମ୍ପାନୀ ନିଜର ନିଗମନ ପରେ ତୁରନ୍ତ ବ୍ୟବସାୟ ଆରମ୍ଭ କରିପାରିବେ | ସାର୍ବଜନୀନ କମ୍ପାନୀ ନିଜର ନିଗମନର ପରେ ତୁରନ୍ତ ବ୍ୟବ-ସାୟ ଆରମ୍ଭ କରିପାରିବେ ନାହିଁ ଏହାକୁ ନିଜର ବ୍ୟବସାୟ ଆରମ୍ଭ କରିବାକୁ ନିଜର ବ୍ୟବସାୟ ଆରମ୍ଭ କରିବାର ପ୍ରମାଣ ପତ୍ର ନେବାକୁ ହୋଇଥାଏ । |

## ପାଠଗତ ପ୍ରଶ୍ନାବଳୀ ୬ (ଖ)

୧. 'କ' କମ୍ପାନୀ 'ଖ' କମ୍ପାନୀର ୫୦ ପ୍ରତିଶତ ପୁଞ୍ଜି ନିୟନ୍ତ୍ରିତ କରିଥାଏ। ସେଥିପାଇଁ 'କ' କମ୍ପାନୀକୁ ନିୟନ୍ତ୍ରିତ କମ୍ପାନୀ କୁହାଯାଏ। ଏହାର ଅନ୍ୟ ପରିସ୍ଥିତି ବିଷୟରେ ବର୍ଣ୍ଣନା କର ଯେତେବେଳେ ଏକ କମ୍ପାନୀ ନିୟନ୍ତ୍ରକ କମ୍ପାନୀ ହୋଇଯାଏ।

________________________________________

________________________________________

୨. ତଳେ ଯୌଥ ଉଦ୍ୟୋଗର ବିଶେଷତ୍ୱ ଦିଆଯାଇଛି। ଏହି କମ୍ପାନୀମାନଙ୍କ ମଧ୍ୟରୁ ଘରୋଇ କମ୍ପାନୀ ଏବଂ ସାର୍ବଜନିକ କମ୍ପାନୀର ବିଶେଷତ୍ୱକୁ ଚିହ୍ନି କରି ବାକ୍ୟ ଶେଷରେ ଦିଆଯାଇଥିବା କୋଠରୀରେ ଠିକ୍ ଚିହ୍ନ ମାର।

କ) ସଦସ୍ୟଙ୍କ ସଂଖ୍ୟା ସର୍ବାଧିକ ୫୦ ଅଟେ।

ଖ) ଏହା ସାତ ସଦସ୍ୟ ଦ୍ୱାରା ଆରମ୍ଭ କରାଯାଇପାରେ।

ଗ) ଏହାର ଅତିକମ୍‌ରେ ଆଦାୟ ପ୍ରାପ୍ୟ ପୁଞ୍ଜି ପାଞ୍ଚଲକ୍ଷ

ଘ) ଅଂଶଧାରୀ ନିଜର ଅଂଶର ହସ୍ତାନ୍ତରଣ କରିପାରେନାହିଁ

ଙ) ଏହି ଯୋଜନାକୁ ନିଜର ଅଂଶର ଅଭିଦାନ (subscribe) କରିବା ନିମନ୍ତେ ଆମନ୍ତ୍ରିତ କରିପାରିବ।

| ଘରୋଇ କମ୍ପାନୀ | ସାର୍ବଜନିକ କମ୍ପାନୀ |
|---|---|
| (କ) ◯ (ଖ) ◯ | (କ) ◯ (ଖ) ◯ |
| (ଗ) ◯ (ଘ) ◯ (ଙ) ◯ | (ଗ) ◯ (ଘ) ◯ (ଙ) ◯ |

୩. ନିମ୍ନରେ ଦିଆଯାଇଥିବା ଶୂନ୍ୟସ୍ଥାନକୁ ପ୍ରତ୍ୟେକ ଶବ୍ଦ ନିମନ୍ତେ ଦିଆଯାଇଥିବା ସଂକେତକୁ ପୁରାକର। ପ୍ରତ୍ୟେକ ଶୂନ୍ୟସ୍ଥାନ ଗୋଟିଏ ଅକ୍ଷରକୁ ଦର୍ଶାଇବ। ପ୍ରଥମଟି ତୁମ ନମନ୍ତେ ପୂରଣ କରାଯାଇଛି।

କ) ସା — ଜ —କ କମ୍ପାନୀ (ସାର୍ବଜନିକ)

ଖ) ବି — —ୀ କମ୍ପାନୀ

ଗ) — ଧା — କ କମ୍ପାନୀ

ଘ) ନି — — କ କମ୍ପାନୀ


ଙ) ବ — ରା — — ୟ କମ୍ପାନୀ

ଚ) ସ — କା — କମ୍ପାନୀ

**ସଂକେତ**

କ) ଏକ କମ୍ପାନୀ ଯେଉଁଥିରେ ସାତ ସଦସ୍ୟଙ୍କର ଆବଶ୍ୟକ ହୁଏ।

ଖ) କମ୍ପାନୀ ଯାହାର ସଂସ୍ଥାପନ ଭାରତର ବାହାରେ ହୋଇଥାଏ।



ଟିପ୍ପଣୀ

ଗ) କମ୍ପାନୀ ଯାହାର ଗଠନ ସଂସଦର ବିଶେଷ ଆଇନ୍ ଆଧାରରେ ହୋଇଅଛି ।

ଘ) କମ୍ପାନୀ ଯାହାର ୫୦ ପ୍ରତିଶତ ପୁଞ୍ଜି ଉପରେ କୌଣସି ଅନ୍ୟ କମ୍ପାନୀର ଅଧିକାର ଥାଏ ।

ଙ) ଏକ କମ୍ପାନୀ ଯାହାର କାରବାର ଏକରୁ ଅଧିକ ଦେଶରେ ହେଉଅଛି ।

ଚ) କମ୍ପାନୀ ଯାହାର ଅତିକମ୍‌ରେ ୫୧ ପ୍ରତିଶତ ଆଦାୟ ପ୍ରାପ୍ୟ ପୁଞ୍ଜି ଉପରେ ସରକାରଙ୍କର ନିୟନ୍ତ୍ରଣ ଥାଏ ।

---

## ୬.୫ ଯୌଥ ପୁଞ୍ଜି କମ୍ପାନୀର ଗୁଣ

ବ୍ୟାବସାୟିକ ସଂଗଠନ ରୂପରେଏକ କଂପାନୀ ଉଚ୍ଚସ୍ତରର ବ୍ୟବସାୟ କରିବାପାଇଁ ବହୁତ ପ୍ରସିଦ୍ଧ ଅଟେ । ଏହାର ନିମ୍ନଲିଖିତଗୁଣ ରହିଛି । ସେଗୁଡ଼ିକ ହେଲା:

କ) **ବିସ୍ତୃତ ସଂସାଧନ -** ଏକ ଯୌଥ ଉଦ୍ୟୋଗରେ ସଦସ୍ୟମାନଙ୍କର ସଂଖ୍ୟା ଅଧିକ ହୋଇଥିବାରୁ ବହୁତ ପରିମାଣରେ ବିତ୍ତୀୟ ସଂସାଧନର ପ୍ରବନ୍ଧ ହୋଇପାରେ ଏବଂ ବିନା କୌଣସି ଅସୁବିଧାରେ ଋଣ-ପତ୍ର, ସାର୍ବଜନିକ ଜମା, ବିତ୍ତୀୟ ସଂସ୍ଥାନରୁ ଋଣ ନେଇ ନିଜର କୋଷ ବୃଦ୍ଧି କରାଯାଇପାରେ ।

ଖ) **ସୀମିତ ଉତ୍ତରଦାୟିତ୍ୱ -** ଯୌଥ ଉଦ୍ୟୋଗରେ ଏହାର ସଦସ୍ୟମାନଙ୍କର ଦାୟିତ୍ୱ ସେମାନଙ୍କ ଦ୍ୱାରା ରଖାଯାଇଥିବା ଅଂଶର ମୂଲ୍ୟ ଭିତରେ ସୀମିତ ରହିଥାଏ । ଏହି କାରଣରୁ ବହୁତ ସଂଖ୍ୟାରେଛୋଟ ନିବେଶକ କମ୍ପାନୀରେ ନିବେଶ କରିବାକୁ ଆକର୍ଷିତ ହୋଇଥାନ୍ତି । ଏଥିରେ କମ୍ପାନୀକୁ ବଡ଼ମାତ୍ରାରେ ପୁଞ୍ଜି ଏକତ୍ର କରିବାର ସାହାଯ୍ୟ ମିଳିଥାଏ । ଅଂଶଧାରୀଙ୍କର ସୀମିତ ଦାୟିତ୍ୱ ହୋଇଥିବାରୁ କମ୍ପାନୀ ବଡ଼ ଆଶଙ୍କାର ସମ୍ମୁଖୀନହେବାରେ ସକ୍ଷମ ହୋଇଥାଏ । ଏହି ନିବେଶ କରିବାର ନିର୍ଣ୍ଣୟକୁ ସରଳ କରିବାରେ ସହାୟକ ହୁଏ ।

ଗ) **ନିରନ୍ତର ଅସ୍ତିତ୍ୱ -** କମ୍ପାନୀ ଆଇନ୍ ଦ୍ୱାରା ନିର୍ମିତ ଏକ କୃତ୍ରିମ ବ୍ୟକ୍ତି ଅଟେ ଏବଂ ଯାହାର ସ୍ୱତନ୍ତ୍ର ବୈଧାନିକ ଅସ୍ତିତ୍ୱ ହୋଇଥାଏ । ଏହାର ଜୀବନ ନିଜର ସଦସ୍ୟଙ୍କର ମୃତ୍ୟୁ, ଦେବାଳିଆ ପଣିଆ ଆଦିରେ ପ୍ରଭାବିତ ହୋଇନଥାଏ । ଏଥିପାଇଁ ଏହାର ଅସ୍ତିତ୍ୱ ନିରନ୍ତର ରହିଥାଏ ।

ଘ) **ବହୁପରିମାଣର ବ୍ୟବସାୟରେ ଲାଭ -** ଯୌଥ ପୁଞ୍ଜି କମ୍ପାନୀ ବ୍ୟବସାୟିକ ସଂଗଠନର ଏକମାତ୍ର ଏପରି ରୂପ ଅଟେ ଯାହା ବହୁପରିମାଣର ପୁଞ୍ଜି ବ୍ୟବସାୟ ନିମନ୍ତେ ଏକତ୍ରୀତ କରିପାରେ । ବହୁତ ପରିମାଣର ଉତ୍ପାଦନ ହେବା ଫଳରେ କାର୍ଯ୍ୟକୁଶଳତା ବୃଦ୍ଧି ହୁଏ ଏବଂ ବ୍ୟବସାୟିକ ଲଗାଣ କମି ଯାଇଥାଏ । ଏହାର ବିସ୍ତାରର ରାସ୍ତା ଖୋଲିଯାଏ ।

ଙ) **ସରଳତା (ପରିବର୍ତ୍ତିତ ହୋଇପାରୁଥିବା ସମ୍ପତ୍ତି) -** ଅଂଶଧନର ହସ୍ତାନ୍ତରଣ ନିବେଶକଙ୍କୁ ଅଧିକ ନିବେଶ କରିବା ନିମନ୍ତେ ପ୍ରୋତ୍ସାହିତ କରିଥାଏ କାରଣ ସାର୍ବଜନିକ କମ୍ପାନୀର ଅଂଶକୁ ପୁଞ୍ଜି ବଜାରରେ ସରଳତାର ସହିତ ହସ୍ତାନ୍ତରଣ କରିହୁଏ । ଯେତେବେଳେ ଲୋକ ପାଖରେ ନିବେଶ କରିବା ପାଇଁ ଧନ ରହିଥାଏ ତେବେ ସେମାନେ ଅଂଶ ଖରୀଦକରି ଧନର ଆବଶ୍ୟକତା ସମୟରେ ଅଂଶର ବିକ୍ରୟ କରି ତାକୁ ଟଙ୍କାରେ ପରିବର୍ତ୍ତିତ କରିପାରିଥାନ୍ତି ।

ଚ) **ପେଶାଦାର ପ୍ରବନ୍ଧନ -** ଜଟିଳ ଗତିବିଧି ଏବଂ ବ୍ୟାପାରର ବଡ଼ ଏବଂ ବିସ୍ତୃତ ପ୍ରକୃତିର କାରଣରୁ କମ୍ପାନୀରେ ସଂଗଠନର ପ୍ରତ୍ୟେକ ସ୍ତର ନିମନ୍ତେ ପେଶାଦାର ପ୍ରବନ୍ଧକଙ୍କର

ଆବଶ୍ୟକତା ରହିଥାଏ । ବ୍ୟବସାୟର ବଡ଼ ଆକାର ଏବଂ ବିତ୍ତୀୟ ସୁଦୃଢ଼ତା କାରଣରୁ କମ୍ପାନୀ ଏହି ପ୍ରବନ୍ଧକଙ୍କ ଭାର ବହନ କରି ପାରିଥାଏ । ଏହି ପ୍ରକାର ପ୍ରବନ୍ଧନରେ କାର୍ଯ୍ୟ କୁଶଳତାରେ ବୃଦ୍ଧି ହୋଇଥାଏ ।

ଛ) **ଅନୁସଂଧାନ ଏବଂ ବିକାଶ –** ସାଧାରଣତଃ କମ୍ପାନୀ ଉତ୍ପାଦନ ପ୍ରକ୍ରିୟାରେ ସୁଧାର, ନୂଆ ଉତ୍ପାଦକର ଡିଜାଇନ୍ ଏବଂ ପ୍ରବର୍ତ୍ତନ ଏବଂ ଉତ୍ପାଦକର ଗୁଣବତ୍ତାରେ ଉନ୍ନତି, କର୍ମଚାରୀଙ୍କର ପ୍ରଶିକ୍ଷଣର ନୂଆ ଢଙ୍ଗ ଇତ୍ୟାଦିରେ ଅନୁସଂଧାନ ଏବଂବିକାଶ ନିମନ୍ତେ ବଡ଼ ମାତ୍ରାରେ ଧନ ଖର୍ଚ୍ଚ କରିଥାଏ ।

ଜ) **ଟିକସ – ଲାଭ –** କମ୍ପାନୀକୁ ଉଚ୍ଚାଦରରେ ଟିକସ ଦେବାକୁ ପଡ଼ିଥାଏ ତଥାପି ଏହା ଆୟକର ଅଧିନିୟମର ଅନ୍ତର୍ଗତ କେତେକ କରରେ ରିହାତି ପାଉଥିବାରୁ  ତାହାର ଏହି ବୋଝ କିଛି କମ୍ ହୋଇଯାଇଥାଏ ।

## ୬.୬. ଯୌଥ ଉଦ୍ୟୋଗର ସୀମିତତା

ଉପରେ ଆମେ ଯୌଥ ପୁଞ୍ଜି କମ୍ପାନୀ ଗୁଣ ବିଷୟରେ ପଢ଼ିଲେ । ଏହାର କେତେଗୁଣ ଥିଲେ ମଧ୍ୟ ବ୍ୟବସାୟର ଏହି ସଂଗଠନରେକିଛି ସୀମିତତା ରହିଅଛି । କେତେକ ମହତ୍ତ୍ୱପୂର୍ଣ୍ଣ ସୀମିତତା ନିମ୍ନରେଦିଆଗଲା ।

କ) **ଗଠନରେକଠିନତା –** କମ୍ପାନୀ ଅଧିନିୟମ ଅନୁସାରେ କମ୍ପାନୀ ନିର୍ମାଣରେ ଅନେକ ଆଇନ୍‌ଗତ ଔପଚାରିକତାକୁ ପୁରା କରିବାକୁ ପଡ଼ିଥାଏ । ତା ସହିତ ସରକାର ଦ୍ୱାରା ସମୟ ସମୟରେ ପ୍ରସ୍ତୁତ ନିୟମ ଏବଂ ବିନିୟମର ପାଳନ କରିବାକୁ ପଡ଼ିଥାଏ ।

ଖ) **ଗୋଷ୍ଠୀ ଦ୍ୱାରା ନିୟନ୍ତ୍ରିତ –** ସିଦ୍ଧାନ୍ତିକ ରୂପରେ ଏହା ଆଶା କରାଯାଏ କି କମ୍ପାନୀର ପରିଚାଳନ ପରୀକ୍ଷିତ ଏବଂ ଅନୁଭବୀ ନିର୍ଦ୍ଦେଶକମାନଙ୍କ ଦ୍ୱାରା କରାଯାଇଥାଏ । କିନ୍ତୁ ବ୍ୟାବହାରିକ ଭାବରେ ଅଧିକାଂଶ ମାମଲାରେ ଏପରି ହୋଇପାରେ ନାହିଁ । ଅଧିକାଂଶ କମ୍ପାନୀର ପରିଚାଳନା ଗୋଟିଏ ପରିବାରର ସମ୍ବନ୍ଧୀୟବ୍ୟକ୍ତିମାନଙ୍କ ଦ୍ୱାରା ପ୍ରବନ୍ଧନ କରାଯାଇଥାଏ । ଯେହେତୁ ଅଧିକାଂଶ ଅଂଶଧାରୀ ଦୂର ଦୂରାନ୍ତର ହୋଇଥାନ୍ତି ସେମାନଙ୍କର କମ୍ପାନୀ ପ୍ରବନ୍ଧନରେ ଭିନ୍ନ-ଭିନ୍ନ ଦୃଷ୍ଟିକୋଣ ହୋଇଥାଏ । ସେହି ଅଂଶଧାରୀ ଯାହାପାଖରେ କମ୍ପାନୀର ବହୁମତ ବାଲା ଅଂଶ ଥାଏ ସେ କମ୍ପାନୀ ତରଫରୁ ସମସ୍ତ ନିର୍ଣ୍ଣୟ ନେଇଥାନ୍ତି । ସେଥିପାଇଁ କମ୍ପାନୀର ପ୍ରଜାତାନ୍ତ୍ରିକ ଗୁଣ ବ୍ୟବହାରରେ ପ୍ରକାଶିତ ହୋଇପାରେ ନାହିଁ ।

ଗ) **ସରକାରଙ୍କର ଅତ୍ୟଧିକ ନିୟନ୍ତ୍ରଣ –** କମ୍ପାନୀର ବିଭିନ୍ନ ଅଧିନିୟମର ଭିନ୍ନ-ଭିନ୍ନ ପ୍ରାବଧାନର ପାଳନର ଅପେକ୍ଷା କରାଯାଇଥାଏ । ଏହାର ଅବଜ୍ଞା କଲେ ବଡ଼ ଜୋରିମାନା ଦେବାକୁ ପଡ଼େ । ଏହା କମ୍ପାନୀର ଉତ୍ତମ ପରିଚୟକୁ ପ୍ରଭାବିତ କରିଥାଏ ।

ଘ) **ନିଷ୍ପତ୍ତି ନେବାରେ ବିଳମ୍ବ –** କମ୍ପାନୀକୁ କୌଣସି ନିର୍ଣ୍ଣୟନେବା ପୂର୍ବରୁ କିଛି ଆଇନ୍‌ଗତ୍ କାର୍ଯ୍ୟକାରୀତାକୁ ପୁରା କରିବାକୁ ପଡ଼ିଥାଏ । ଯେପରି ଏହାକୁ କମ୍ପାନୀର ନିର୍ଦ୍ଦେଶକଙ୍କ ତରଫରୁ କିମ୍ବା ଅଂଶଧାରୀମାନଙ୍କର ସାଧାରଣସଭାରେ ସେମାନଙ୍କର ଅନୁମୋଦନ ପ୍ରାପ୍ତ କରିବାକୁ

ପଡ଼ିଥାଏ । ଏହି ପ୍ରକାର ଔପଚାରିକତାକୁ ପୂର୍ଣ୍ଣ କରିବା ନିମନ୍ତେ ଲମ୍ବା ସମୟ ଲାଗିଥାଏ । ତେଣୁ କୌଣସି ମହତ୍ତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେବାରେ ବିଳମ୍ବ ହୋଇଥାଏ ।

ଙ) **ଗୋପନୀୟତାର ଅଭାବ -** କମ୍ପାନୀର କେତେକ ବିଷୟରେ ଗୋପନୀୟତା ରକ୍ଷା କରିବା କଷ୍ଟସାଧ୍ୟ ଅଟେ । କାରଣ ଏହି ନିର୍ଦ୍ଦେଶକ ମଣ୍ଡଳ ତରଫରୁ ଅଥବା ସାର୍ବଜନିକ ସଭା, ଯାହାର କାର୍ଯ୍ୟଧାରା ପ୍ରାୟତଃ ଜନତାଙ୍କ ପାଖରେ ଖୋଲା ରହିଥାଏ ଏବଂ ସେମାନଙ୍କର ଅନୁମୋଦନ ପ୍ରାପ୍ତ କରିବାକୁ ପଡ଼ିଥାଏ ।

ଚ) **ସାମାଜିକ ଅପବ୍ୟବହାର -** ଯୌଥ ଉଦ୍ୟୋଗ ଏକ ବଡ଼ ସ୍ତରର ବ୍ୟାବସାୟିକ ସଂଗଠନ ଅଟେ ଯାହା ପାଖରେ ପୁଞ୍ଜିର ବଡ଼ ଭଣ୍ଡାର ହୋଇଥାଏ । ଏହା ବଡ଼ ମାତ୍ରାରେ ଶକ୍ତି ପ୍ରଦାନ କରିଥାଏ । ଏହି ଶକ୍ତିର ଦୂରୁପଯୋଗ ସମାଜରେ ଅସ୍ୱାସ୍ଥ୍ୟକର ବାତାବରଣ ସୃଷ୍ଟି କରିପାରେ । ଯେପରି କୌଣସି ବ୍ୟବସାୟରେ ସ୍ୱଅଧିକାର, ଉଦ୍ୟୋଗ କିମ୍ବା ଉତ୍ପାଦନ ଉପରେ ଏକାଧିକାର, ରାଜନୈତିକମାନଙ୍କ ତରଫରୁ ସରକାରଙ୍କର କାର୍ଯ୍ୟକୁ ପ୍ରଭାବିତ କରିବା, ଶ୍ରମିକ ଉପଭୋକ୍ତା ଏବଂ ନିବେଶକ ଇତ୍ୟାଦିଙ୍କର ଶୋଷଣ ସମାଜରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରେ ।

## ପାଠଗତ ପ୍ରଶ୍ନାବଳୀ ୬(ଗ)

୧. ଶ୍ରୀ ମୋହିତ ରାଷ୍ଟ୍ରାୟତ୍ତ କମ୍ପାନୀରେ ଦୁଇ ଲକ୍ଷ ଟଙ୍କା ନିବେଶ କଲା । ବର୍ଷକ ପରେ ଦେଖିଲା କମ୍ପାନୀ ଠିକ୍ ଭାବରେ କାର୍ଯ୍ୟ କରୁନାହିଁ ଏବଂ ବଜାରରେ ତାହାର ଅଂଶର ମୂଲ୍ୟ ହ୍ରାସ ହେଉଅଛି । ସେ ଭାବିଲା ଯଦି ଏପରି ରହିବ ତେବେ ତାର ଦୁଇ ଲକ୍ଷଟଙ୍କା ବୁଡିଯିବ ଏବଂ ହୁଏତ କମ୍ପାନୀର ଦେୟ ନିମନ୍ତେ ତାକୁ ତାର ଘର ବିକ୍ରି କରିବାକୁ ପଡ଼ିପାରେ । ସେ କ'ଣ ଏହାକୁ ଠିକ୍ ଭାବିଛି ? ନିଜର ଉତ୍ତର ସପକ୍ଷରେ ଯୁକ୍ତି ଦର୍ଶାଅ ।

______________________________________

______________________________________

______________________________________

______________________________________

______________________________________

୨. ନିମ୍ନରେ ଯୌଥ ଉଦ୍ୟୋଗର ବିଷୟରେ କିଛି କଥା ଏବଂ ତାହାର ସମ୍ମୁଖରେ ବାକ୍ସ ଦିଆଯାଇଛି । ଯଦି କଥନଟି ଗୁଣ ଅଟେ ତା ପାଖ ବାକ୍ସରେ 'ଗ' ଲେଖ ଯଦି କଥନ ସୀମା ଅଟେ ତା ପାଖରେ 'ସ' ଲେଖ ।

କ) ଯୌଥ ଉଦ୍ୟୋଗର ସଦସ୍ୟଙ୍କର ଦାୟିତ୍ୱ ସୀମିତ ରହେ । ☐

ଖ) ସାର୍ବଜନିକ ଉଦ୍ୟୋଗର ଅଂଶକୁ ବଜାରରେ ସହଜରେ ବିକା କିମ୍ବା କିଣା କରାଯାଇପାରେ । ☐

ଗ) ଯୌଥ ଉଦ୍ୟୋଗର ଗଠନ ପୂର୍ବରୁ କେତେକ ବୈଧାନିକ ଔପଚାରିକତାକୁ ପୂରଣ କରିବାକୁ ପଡ଼ିଥାଏ । ☐

ଘ) ବହୁମତ ବାଲା ଅଂଶ ବା ଅଂଶଧାରକ କେବଳ କଂପାନୀର ସମସ୍ତ ନିର୍ଣ୍ଣୟ ନେଇଥାନ୍ତି । ☐

ଙ) ଉଦ୍ୟୋଗର ଉତ୍ପାଦନ ପ୍ରକ୍ରିୟାରେ ପରିବର୍ତ୍ତନ, ନୂତନ ଉତ୍ପାଦର ନୂଆ ପ୍ରବର୍ତ୍ତନ କିମ୍ୱା ବିକାଶ ଆଦି ଉପରେ ବଡ଼ମାତ୍ରାରେ ଧନ ବ୍ୟୟ କରିଥାନ୍ତି । ☐

## ୬.୭ ଯୌଥ ଉଦ୍ୟୋଗର ଉପଯୁକ୍ତତା


ଯେଉଁଠାରେ ବ୍ୟବସାୟର ସ୍ୱରୂପ ବ୍ୟାପକ ଏବଂ କାର୍ଯ୍ୟକ୍ଷେତ୍ର ବିସ୍ତୃତ ହୋଇଥାଏ ତଥା ସେଥିରେ ନିହିତ ଆଶଙ୍କା ଅଧିକ ହୋଇଥାଏ ଏବଂ ବହୁତ ଅଧିକ ବିତ୍ତୀୟ ସଂସାଧନ ତଥା ବହୁତ ମାନବଶକ୍ତିର ଆବଶ୍ୟକତା ହୋଇଥାଏ, ସଂଯୁକ୍ତ ପୁଞ୍ଜି କମ୍ପାନୀ ଉପଯୁକ୍ତ ହୋଇଥାଏ । ତାହାକୁ ବ୍ୟବସାୟ ଯେଉଁଠି ପେଶାଦାର ପ୍ରବନ୍ଧନର ଆବଶ୍ୟକତା ହୋଇଥାଏ ସେଠାରେ ମଧ୍ୟ କମ୍ପାନୀ ସଂଗଠନ ଉପଯୁକ୍ତ ହୋଇଥାଏ । କିଛି ବ୍ୟବସାୟ ଯେପରି ବ୍ୟାଙ୍କିଙ୍ଗ୍ ଏବଂ ବୀମା ଆଦିରେ ସଂଯୁକ୍ତ ପୁଞ୍ଜି କମ୍ପାନୀ ଅଧିକ ଉପଯୁକ୍ତ ଅଟେ । ବହୁତ ପରିମାଣର ଉତ୍ପାଦନର ଅଧିକ ପସନ୍ଦଯୋଗ୍ୟ କାରଣରୁ ଆଜିକାଲି ବ୍ୟବସାୟର ଏହି ପ୍ରକାରକୁ ଅପେକ୍ଷାକୃତ ଅଧିକ ମହତ୍ତ୍ୱ ଦିଆଯାଉଅଛି ।

## ୬.୮ ସଂଗଠନର ଉପଯୁକ୍ତ ପସନ୍ଦ

ତୁମେ ବ୍ୟବସାୟର ସ୍ୱତ୍ତ୍ୱାଧିକାରର ବିଭିନ୍ନ ରୂପ ଯେପରି ଏକକ ମାଲିକାନା, ଭାଗୀଦାର, ଯୌଥ ହିନ୍ଦୁ ପରିବାର ବ୍ୟବସାୟ, ସମବାୟ ସମିତି ଏବଂ କମ୍ପାନୀ ବିଷୟରେ ପଢ଼ିସାରିଲ, ତୁମେ ଅବଶ୍ୟ ଦେଖିଥିବ ଯେବ୍ୟବସାୟିକ ସଂଗଠନର କୌଣସି ଏପରି ରୂପ ନାହିଁ ଯାହାକି ଆମର ସମସ୍ତ ଆବଶ୍ୟକତାକୁ ପୂରଣ କରିପାରିବ । କାହାକୁ ଅଧିକ ବିତ୍ତୀୟ ଏବଂ ପ୍ରବନ୍ଧକୀୟ ସଂସାଧନର ଆବଶ୍ୟକତା ହୋଇଥାଏ ତ ଆଉ କିଛିରେ ବିପଦର ଆଶଙ୍କା ଅଧିକ ହୋଇଥାଏ । ଏହି କାରଣରୁ ଆମର ଅର୍ଥ ବ୍ୟବସ୍ଥାରେ ବ୍ୟବସାୟର ବିଭିନ୍ନ ରୂପ ପ୍ରଚଳିତ ହୋଇଥାଏ । ତେଣୁ ବ୍ୟାବହାରିକ ସଂଗଠନର କୌଣସି ରୂପକୁ ମନୋନିତ କଲାବେଳେ ଆମେ ତାହାର ବିଭିନ୍ନ ପ୍ରକାର ପରିସ୍ଥିତି (Factor)କୁ ବିଶ୍ଳେଷଣ କରିଥାଏ ତଥା ନିଜର ବିତ୍ତୀୟ ଏବଂ ପ୍ରବନ୍ଧକୀୟ କ୍ଷମତାର ଅନୁରୂପ ଅଧିକ ଉପଯୁକ୍ତ ରୂପକୁ ପସନ୍ଦ କରିବାର ଚେଷ୍ଟା କରିଥାଏ । ଏବେ ଆମେ ତାହାର ଅନ୍ୟ ତଥ୍ୟର ଅଧ୍ୟୟନ କରିବା ଯାହା ବ୍ୟବସାୟିକ ସଂଗଠନ ନିମନ୍ତେ ଠିକ୍ ରୂପକୁ ପସନ୍ଦ କରିପାରିବା ନିମନ୍ତେ ସାହାଯ୍ୟ କରିବ ।

କ) **ସଂସାଧନରେ ସରଳତା** – ଜଣେ ଏକୁଟିଆ ବ୍ୟାପାରୀ ଯେ କୌଣସି ସମୟରେ ବ୍ୟବସାୟ ଆରମ୍ଭ କରିପାରିବ ଏବଂ ନିଜ ଇଚ୍ଛାରେ ଏହାକୁ ବନ୍ଦ ମଧ୍ୟ କରିପାରିବ । ଭାଗୀଦାରରେ ପରସ୍ପର ସଦ୍‌ଭାବନା ଏବଂ ବିଶ୍ୱାସ ରହିବା ଆବଶ୍ୟକ । କମ୍ପାନୀ ସ୍ଥାପନା ନିମନ୍ତେ – ବହୁତଗୁଡ଼ିଏ ବୈଧାନିକ ଔପଚାରିକତାର ପୂରଣ କରିବାକୁ ପଡ଼ିଥାଏ । ସେଥିପାଇଁ ଏକକ ମାଲିକାନା ବ୍ୟବସାୟ ସବୁଠାରୁ ସରଳ ଅଟେ ।

ଖ) **ବ୍ୟାପକ ସଂସାଧନର ଉପଲବ୍ଧତା** – ଜଣେ ଏକାକୀ ବ୍ୟକ୍ତିର ବ୍ୟବସାୟ ବିଶ୍ୱରେ ସବୁଠାରୁ ଭଲ ହୋଇଥାଏ ଯଦି ତା ପାଖରେ ପ୍ରଚୁର ପରିମାଣରେ ସଂସାଧନ ଥିବ ଏବଂ ସେ ଏହାର





ପ୍ରବନ୍ଧନ କରିବା ନିମନ୍ତେ ସକ୍ଷମ ହୋଇଥିବ। କିନ୍ତୁ ସାଧାରଣତଃ ଜଣେ ଏକାକୀ ବ୍ୟକ୍ତି ବ୍ୟବସାୟକୁ ଚଳାଇବା ପାଇଁ ସକ୍ଷମ ହୋଇପାରେନାହିଁ କାରଣ ତା ପାଖରେ ସୀମିତ ସଂସାଧନ ଥାଏ ଏବଂ ତାଙ୍କର ପ୍ରବନ୍ଧନର ଯୋଗ୍ୟତା ମଧ୍ୟ ସୀମିତ ହୋଇଥାଏ, ଭାଗୀଦାରୀରେ ବିତ୍ତୀୟ ସଂସାଧନ ସୀମିତ ହୋଇଥାଏ। ସେଥିପାଇଁ କେବଳ କମ୍ପାନୀହିଁ ବଡ଼ ବ୍ୟବସାୟର ପ୍ରବନ୍ଧନ ନିମନ୍ତେ ପର୍ଯ୍ୟାପ୍ତ ପୁଞ୍ଜି ଏବଂ ବିଶେଷଜ୍ଞମାନଙ୍କର ଏକତ୍ର କରି ପାରିଥାଏ।

ଗ) **ଦାୟୀତ୍ୱ ଏବଂ ଆଶଙ୍କା** – ଆମେ ଜାଣିଅଛେ ଯେ ଏକକ ମାଲିକାନା ଏବଂ ଭାଗୀଦାର ଦୁହିଁଙ୍କର ଦାୟୀତ୍ୱ ଅସୀମିତ ହୋଇଥାଏ ଏବଂ ସମବାୟ ସମିତି କିମ୍ବା କମ୍ପାନୀ ସଦସ୍ୟଙ୍କର ଦାୟୀତ୍ୱ ସୀମିତ ହୋଇଥାଏ। ଯାହାଫଳରେ ସଦସ୍ୟ ବଡ଼ ଆଶଙ୍କା ଉଠାଇବାକୁ ଭୟ କରନ୍ତି ସେଥିପାଇଁ ସେମାନେ ଏକ କମ୍ପାନୀରେ ନିବେଶ କରିବାକୁ ପସନ୍ଦ କରନ୍ତି।

ଘ) **ସ୍ଥାୟୀତ୍ୱ** – କୌଣସି ବ୍ୟବସାୟରେ ସଫଳତା ନିମନ୍ତେ ସ୍ଥାୟୀତ୍ୱ ଜରୁରୀ ହୋଇଥାଏ। କମ୍ପାନୀ ଏବଂ ସମବାୟ ସମିତିର ଅସ୍ତିତ୍ୱ ତାହାର ସଦସ୍ୟଙ୍କ ଅସ୍ତିତ୍ୱ ଏବଂଧନ ଉପରେ ନିର୍ଭର କରେନାହିଁ। ବ୍ୟବସାୟିକ ସଂଗଠନର ପ୍ରକାର ଏକକ ମାଲିକାନା ଏବଂ ଭାଗୀଦାରୀର ଅସ୍ତିତ୍ୱ ସଦସ୍ୟଙ୍କ ସହିତ ଜଡ଼ିତ ଅଟେ। ସଦସ୍ୟଙ୍କର ମୃତ୍ୟୁ କିମ୍ବା ଦେବାଳିଆ ହେବାଦ୍ୱାରା ବିଘଟନ ଘଟିଥାଏ। କିନ୍ତୁ କମ୍ପାନୀର ଅସ୍ତିତ୍ୱ ତାହାର ସଦସ୍ୟଙ୍କର ମୃତ୍ୟୁ କିମ୍ବା ଦେବାଳିଆ ପଣ ହେବାପରେ ମଧ୍ୟ ଜାରୀ ରହିଥାଏ।

ଙ) **ନମନୀୟତା** – ବ୍ୟବସାୟକୁ ଏକ ଆଦର୍ଶରୂପରେ ପରିଚାଳନାରେ ନମନୀୟତା ହେବା ଆବଶ୍ୟକ, ଏହାର ସଂଚାଳନ ନିମନ୍ତେ ନିର୍ଣ୍ଣୟର ଶୀଘ୍ରତା ଏବଂ ତାହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ଜରୁରୀ ଅଟେ। ଏହାର ସଂଚାଳନରେ କୌଣସି ପ୍ରକାର କଠୋରତା, ଏହାର ଅସ୍ତିତ୍ୱ ଏବଂ ବିକାଶ ନିମନ୍ତେ ଲାଭଦାୟକ ହୁଏନାହିଁ।

କମ୍ପାନୀ ଅଧିକ ନମନୀୟତାର ଲାଭ ପାଇଥାଏ କାରଣ ବିତ୍ତୀୟ ଆବଶ୍ୟକତା ହେଲାବେଳେ ଏହା ଯେତେବେଳେ ଋହିଁବ ପୁଞ୍ଜି ଏକାଠି କରିପାରିବ। ତା ସହିତ ସଦସ୍ୟତା ସଂଖ୍ୟା ବୃଦ୍ଧି କରିପାରିବ। ଭାଗୀଦାରୀରେ ସଦସ୍ୟଙ୍କ ସଂଖ୍ୟା ୨୦ ହୋଇଥାଏ। ଏକକ ମାଲିକାନାରେ କେବଳ ଜଣେ ସଦସ୍ୟ ହୋଇଥାନ୍ତି ତଥା ଏହାର ବିତ୍ତୀୟ ସାଧନର ଉପଲବ୍‌ଧତା ସୀମିତ ହୋଇଥାଏ।

କିନ୍ତୁ କାର୍ଯ୍ୟକଳାପରେ ସବୁଠାରୁ ଅଧିକ ନମନୀୟତା ଏକକ ମାଲିକାନା ବ୍ୟାବସାୟିକ ସଂସ୍ଥା ହୋଇଥାଏ। ତାକୁ ଅନ୍ୟ ସଦସ୍ୟଙ୍କ ଅନୁମୋଦନର ଆବଶ୍ୟକତା ହୋଇ ନଥାଏ ଯେପରି ଭାଗୀଦାର କିମ୍ବା କମ୍ପାନୀ ଅଧିନିୟମର ପ୍ରବଧାନ ଥାଏ। ସେଥିପାଇଁ ଏକକ ମାଲିକାନା ମାମଲାରେ ବ୍ୟବସାୟର ପ୍ରକୃତ ଏବଂ ଏହାର ସଂଚାଳନକୁ କୌରସି ସମୟରେ ପରିବର୍ତ୍ତନ କରିବାର ସରଳ ହୋଇଥାଏ।

ଚ) **ଗୋପନୀୟତା** – ଏକାକୀ ବ୍ୟାପାରୀ ନିଜ ବ୍ୟବସାୟର ମାଲିକ ହୋଇଥାଏ। ତାଙ୍କୁ ନିଜର ଗୋପନୀୟତାକୁ କାହା ସହିତ ବାଣ୍ଟିବା ଜରୁରୀ ହୋଇନଥାଏ। ଭାଗୀଦାର ପରସ୍ପରର ଏଜେନ୍‌ସୀ ଉପରେ ଆଧାରିତ ହୋଇଥାଏ, ସେଥିପାଇଁ ଏହାର ସମସ୍ତ ସଦସ୍ୟଙ୍କର ପ୍ରତ୍ୟେକ ବିଷୟରେ

ଟିପ୍ପଣୀ

ଜାଣିବାର ଅଧିକାର ଥାଏ । କିନ୍ତୁ ସେମାନଙ୍କ ନିମନ୍ତେ ଗୋପନୀୟତା ରଖିବା ଅଧିକ କଠିନ ହୋଇ ନଥାଏ । କମ୍ପାନୀକୁ ବହୁତଗୁଡ଼ିଏ ଦଲିଲ୍ (ଦସ୍ତାବିଜ୍) ଜମା କରିବାକୁ ହୋଇଥାଏ ତଥା ତାହାଙ୍କୁ ତାଙ୍କର ବାର୍ଷିକ ରିପୋର୍ଟ ପ୍ରକାଶିତ କରିବାକୁ ପଡ଼ିଥାଏ । ଏଥିପାଇଁ କମ୍ପାନୀ ସଂଗଠନରେ ସବୁଠାରୁ କମ୍ ଗୋପନୀୟତା ହୋଇଥାଏ ।

ଛ) **ସରକାରଙ୍କର ଅତ୍ୟଧିକ ନିୟନ୍ତ୍ରଣ** – ଦେଖାଯାଏ ବ୍ୟବସାୟରେ ସରକାରୀ ବିନିମୟକୁ ଉପେକ୍ଷା କରିବା ସମ୍ଭବ ହୋଇ ନଥାଏ କିନ୍ତୁ ତାପରେ ମଧ୍ୟ ବ୍ୟବସାୟୀ ଏପରି ବ୍ୟାବସାୟିକ ସଂଗଠନକୁ ପସନ୍ଦ କରିବା ଦରକାର ଯାହା ଉପରେ ସରକାରୀ ହସ୍ତକ୍ଷେପ କମ୍ ହୋଇଥିବ । ଏକ କମ୍ପାନୀକୁ ନିଜର ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ବହୁତଗୁଡ଼ିଏ ବୈଧାନିକ ଔପଚାରିକତା ପୂରଣ କରିବାକୁ ପଡ଼ିଥାଏ । ଏପରିକି ସ୍ଥାପନା ପରେ ମଧ୍ୟ କମ୍ପାନୀକୁ ବହୁତଗୁଡ଼ିଏ ବୈଧାନିକ ପ୍ରାବଧାନର ପାଳନ କରିବାକୁ ପଡ଼ିଥାଏ । ଏକ ମାଲିକ ଏବଂ ଭାଗୀଦାରରେ ସରକାରୀ ନିୟନ୍ତ୍ରଣ ଅପେକ୍ଷାକୃତ କମ୍ ହୋଇଥାଏ ।

ଆଗରେ ଦିଆଯାଇଥିବା ସାରଣୀରେ ଏକ ସତ୍ତ୍ୱାଧିକାର ଭାଗୀଦାର ଏବଂ କମ୍ପାନୀର ବିଶେଷତାରେ ପାର୍ଥକ୍ୟକୁ ପ୍ରକାଶ କରୁଅଛି ।

| **ବିଶେଷଣ** | **ଅଧିକ ଲାଭ ଦାୟକ** | **କମ୍ ଲାଭଦାୟକ** |
|---|---|---|
| ୧. ବିତ୍ତର ଉପଲବ୍ଧତା | କମ୍ପାନୀ | ଏକକ ମାଲିକାନା |
| ୨. ଗଠନ ଏବଂ ବିଘଟନର ବ୍ୟୟ | ଏକକ ମାଲିକାନା | କମ୍ପାନୀ |
| ୩. ଗଠନ ଏବଂ ସମାପନରେ ସରଳତା | ଏକକ ମାଲିକାନା | କମ୍ପାନୀ |
| ୪. ମାଲିକାନାର ହସ୍ତାନ୍ତରଣ ଏବଂ ଫେରସ୍ତ ନେବାର ସରଳତା | କମ୍ପାନୀ | ଭାଗୀଦାର |
| ୫. ପରିଚାଳନାରେ କୁଶଳତା | କମ୍ପାନୀ | ଏକକ ମାଲିକାନା |
| ୬. ଯେ କୌଣସି ସ୍ଥିତିରେ ସଂଚାଳନର ସ୍ୱତନ୍ତ୍ରତା | ଏକକ ମାଲିକାନା | କମ୍ପାନୀ |
| ୭. ସରକାରୀ ନିୟନ୍ତ୍ରଣ ଏବଂ ପ୍ରତିବନ୍ଧ | ଏକକ ମାଲିକାନା | କମ୍ପାନୀ |
| ୮. ଜୀବନର ନିରନ୍ତରତା | କମ୍ପାନୀ | ଏକକ ମାଲିକାନା |
| ୯. ସଂଚାଳନରେ ସରଳତା | ଏକକ ମାଲିକାନା | କମ୍ପାନୀ |

## ପାଠଗତ ପ୍ରଶ୍ନାବଳୀ ୬ (ଘ)

୧. ଯେଉଁଠାରେ ବ୍ୟବସାୟ ବଡ଼ ହୋଇଥାଏ ସଂଚାଳନର କ୍ଷେତ୍ର ବ୍ୟାପକ, ତଥା ଆଶଙ୍କାର ମାତ୍ରା ଅଧିକ ଥାଏ ସେଠାରେ ଯୌଥ ପୁଞ୍ଜି କମ୍ପାନୀ ସଂଗଠନ ଉପଯୁକ୍ତ ଅଟେ । ଅନ୍ୟ କୌଣସି ଏପରି

ପରିସ୍ଥିତି ଅଛି ଯାହାର ଅନ୍ତର୍ଗତ ଯୌଥ ଉଦ୍ୟୋଗ ଅଧିକ ଉପଯୁକ୍ତ? ଏହାର ଦୁଇଟି କାରଣ ଲେଖ ।

କ) ______________________

ଖ) ______________________

୨. ଏପରି କେତେକ କାରକ ଅଛି ଯାହା ବ୍ୟବସାୟ ସଂଗଠନର କୌଣସି ବିଶେଷ ରୂପ ପସନ୍ଦକୁ ନିର୍ଦ୍ଧାରିତ କରିଥାଏ । ସଂଗଠନର ରୂପର ନାମ କହ ଯେପରି ଏକକ ମାଲିକାନା, କିମ୍ବା ଯୌଥ ପୁଞ୍ଜି କମ୍ପାନୀ, ଯାହାର ନିମ୍ନଲିଖିତ କାରକଗୁଡ଼ିକୁ ଧ୍ୟାନରେ ରଖି ପସନ୍ଦ କରାଯାଇପାରିବ ।

କ) ଏହା ବଡ଼ ବ୍ୟବସାୟର ପ୍ରବନ୍ଧ ନିମନ୍ତେ ବିଶେଷଜ୍ଞଙ୍କ ଜ୍ଞାନ ଏବଂ ବଡ଼ପୁଞ୍ଜିର ପ୍ରବନ୍ଧ କରିପାରିବେ ।

ଖ) ଅଧିକ ଗୋପନୀୟତା ରକ୍ଷା କରିବା ସମ୍ଭବ ଅଟେ

ଗ) ବହୁତ କମ୍ ସରକାରୀ ନିୟନ୍ତ୍ରଣ

ଘ) ସଦସ୍ୟଙ୍କର ମୃତ୍ୟୁ କିମ୍ବା ତାଙ୍କର ଦେବାଳିଆ ପଣିଆରେ ତାହାର ଅସ୍ତିତ୍ୱ ଉପରେ କୌଣସି ପ୍ରଭାବ ପଡ଼େନାହିଁ ।

ଙ) ସଂଚାଳନରେ ଅଧିକ ନମନୀୟତା ହୋଇଥାଏ ।

## ୬.୯ ବିଭିନ୍ନ ବ୍ୟାବସାୟିକ ସଂଗଠନ ମଧ୍ୟରେ ପାର୍ଥକ୍ୟ

ଏପର୍ଯ୍ୟନ୍ତ ଆମେ ବିଭିନ୍ନ ପ୍ରକାର ବ୍ୟାବସାୟିକ ସଂଗଠନ ବିଷୟରେ ପଢ଼ିଲେ । ଯଦି ଆମେ ସେଗୁଡ଼ିକର ବିଶେଷତାଗୁଡ଼ିକୁ ଅଧ୍ୟୟନ କରିବା ତେବେ ସେଗୁଡ଼ିକ ପ୍ରତ୍ୟେକ ପରସ୍ପରଠାରୁ ପୃଥକ୍ ଅଟନ୍ତି । ଆସନ୍ତୁ ବ୍ୟବସାୟର ଏହି ବିଭିନ୍ନ ରୂପ ମଧ୍ୟରେ ପାର୍ଥକ୍ୟ ଜାଣିବା ।

**ଭାଗୀଦାରୀ ଏବଂ ଯୌଥ ଉଦ୍ୟୋଗ ମଧ୍ୟରେ ପାର୍ଥକ୍ୟ:**

| ଆଧାର | ଭାଗୀଦାରୀ | ଯୌଥ ଉଦ୍ୟୋଗ |
|---|---|---|
| ୧. ସ୍ଥାପନା | ଏହାର ସ୍ଥାପନା ସରଳ ଅଟେ କାରଣ ପଞ୍ଜିକରଣ ବାଧ୍ୟତାମୂଳକ ନୁହେଁ | କ ନିମନ୍ତେ କେତେକ ଆଇନ୍‌ଗତ ଔପଚାରିକତା ପୂରଣ କରିବାକୁ ପଡ଼େ । |
| ୨. ସଞ୍ଚାଳନ | ଭାଗୀଦାର ଅଧିନିୟମ ୧୯୩୨ ଦ୍ୱାରା ଶାସିତ | ଭାରତୀୟ କମ୍ପାନୀ ଅଧିନିୟମ ୧୯୫୬ ଦ୍ୱାରା ଶାସିତ |
| ୩. ବୈଧାନିକ ସ୍ଥିତି | କୌଣସି ସ୍ୱତନ୍ତ୍ର ବୈଧାନିକ ଅସ୍ତିତ୍ୱ ନଥାଏ | ନିଜର ସଦସ୍ୟଙ୍କର ସ୍ୱତନ୍ତ୍ର ବୈଧାନିକ ଅସ୍ତିତ୍ୱ |
| ୪. ସଦସ୍ୟତା | ଅତିକମ୍‌ରେ ଦୁଇ ଏବଂ ବ୍ୟାଙ୍କିଙ୍ଗ୍ ବ୍ୟବସାୟ ନିମନ୍ତେ ଦଶ ତଥା ଅନ୍ୟ ବ୍ୟବସାୟ ନିମନ୍ତେ କୋଡ଼ିଏ । | ଘରୋଇ କମ୍ପାନୀରେ ଅତିକମ୍‌ରେ ଦୁଇ ରାଷ୍ଟ୍ରାୟତ କମ୍ପାନୀରେ ଅତିକମ୍‌ରେ ସାତ ଏବଂ ଅଧିକର କୌଣସି ସୀମାନାହିଁ । |



ଟିପ୍ପଣୀ

| | | |
|---|---|---|
| ୫. ଦାୟିତ୍ୱ | ବ୍ୟକ୍ତିଗତ ଏବଂ ସଂଯୁକ୍ତ ଭାବରେ ଅସୀମିତ | ଦାୟିତ୍ୱ ଏହା ପାଖରେ ଅଂଶର ଅଙ୍କିତମୂଲ୍ୟ ମଧ୍ୟରେ ସୀମିତ |
| ୬. ପ୍ରବନ୍ଧ | ସମସ୍ତ ଭାଗୀଦାରଙ୍କୁ କିମ୍ବା ଜଣେ ଅନ୍ୟଙ୍କ ନିମନ୍ତେ ପ୍ରବନ୍ଧ ଅଧିକାର | କେବଳ ନିର୍ଦ୍ଦେଶକ ମଣ୍ଡଳୀଙ୍କର ପ୍ରବନ୍ଧ ଅଧିକାର |
| ୭. ଅଂଶର ହସ୍ତାନ୍ତରଣ | ସମସ୍ତ ଭାଗୀଦାରଙ୍କର ସ୍ୱୀକୃତି ଆବଶ୍ୟକ | ଅଂଶର ହସ୍ତାନ୍ତରଣର ସ୍ୱତନ୍ତ୍ରତା |
| ୮. ଅସ୍ତିତ୍ୱ | ଭାଗୀଦାରଙ୍କର ମୃତ୍ୟୁ, ସେବା ନିବୃତି, କିମ୍ବା ପାଗଳପଣ ହେବାରେ ଫାର୍ମର ବିଘଟନ | ସ୍ଥାୟୀ ଅସ୍ତିତ୍ୱ ଯାହାଉପରେ ଅଂଶୀଦାରଙ୍କର ମୃତ୍ୟୁ ସେବା ନିବୃତି, ଏବଂ ପାଗଳପଣର କୌଣସି ପ୍ରଭାବ ନାହିଁ । |
| ୯. ବିତ୍ତ | ବିତ୍ତ ସଂଗ୍ରହର ସାଧନ ସୀମିତ | ବିତ୍ତ ସଂଗ୍ରହର ବିସ୍ତୃତ ଏବଂ ଅସୀମିତ ସାଧନ |

**ଯୌଥ ଉଦ୍ୟୋଗ ଏବଂ ସମବାୟ ସମିତି ମଧ୍ୟରେ ପାର୍ଥକ୍ୟ:**

| ଆଧାର | ଯୌଥ ଉଦ୍ୟୋଗ | ସମବାୟ ସମିତି |
|---|---|---|
| ୧. ସ୍ଥାପନା | କମ୍ପାନୀ ରେଜିଷ୍ଟ୍ରାର ପାଖରେ ପଞ୍ଜୀକରଣ ପରେ ଅସ୍ତିତ୍ୱ ଆସିଥାଏ । | ସମବାୟ ସମିତି ରେଜିଷ୍ଟ୍ରାର ପାଖରେ ପଞ୍ଜୀକରଣପରେ ଅସ୍ତିତ୍ୱକୁ ଆସିଥାଏ । |
| ୨. ସଦସ୍ୟତା | ଏହାର ସଦସ୍ୟ କେଉଁଠାରୁ ପୃଥିବୀର ଯେକୌଣସି ଅଞ୍ଚଳରୁ ହୋଇପାରିବେ । ଘରୋଇ କମ୍ପାନୀରେ ସର୍ବାଧିକ ପଚାଶ ତଥା ରାଷ୍ଟ୍ରାୟତ କମ୍ପାନୀରେ ନ୍ୟୁନତମ ସାତ ଏବଂ ଅଧିକତମର ସୀମା ନାହିଁ । | ଅଧିକାଂଶ ସଦସ୍ୟ ସ୍ଥାନୀୟ କିମ୍ବା ଗୋଟିଏ ଅଞ୍ଚଳର ହୋଇଥାନ୍ତି । ନ୍ୟୁନତମ ଦଶ ଏବଂ ଅଧିକତମର ସୀମା ନାହିଁ । |
| ୩. ଉଦ୍ଦେଶ୍ୟ | ସାଧାରଣ ଲାଭ ପାଇବା ଉଦ୍ଦେଶ୍ୟରେ ବ୍ୟବସାୟ ଚଳାଇଥାଏ । | ବିଶେଷତଃ ସଦସ୍ୟମାନଙ୍କର ଏବଂ ସମାଜର ସେବା ପ୍ରଦାନ କରନ୍ତି । |
| ୪. ସଂଚାଳନ | କମ୍ପାନୀ ଅଧିନିୟମ ୧୯୫୬ ଦ୍ୱାରା ଶାସିତ । | ସମବାୟ ସମିତି ଅଧିନିୟମ ୧୯୧୨ ଏବଂ ବହୁ-ରାଜ୍ୟ ସମବାୟ ସମିତି ଅଧିନିୟମ ୨୦୦୨ ତଥା ରାଜ୍ୟ ସମବାୟ ସମିତି ଅଧିନିୟମ ଦ୍ୱାରା ଶାସିତ । |
| ୫. ପ୍ରବନ୍ଧନ | କମ୍ପାନୀର ପ୍ରବନ୍ଧନ ଅଂଶଧାରୀ ଦ୍ୱାରା ନିର୍ବାଚିତ ନିର୍ଦ୍ଦେଶକ ମଣ୍ଡଳଦ୍ୱାରା ହୋଇଥାଏ । ଅଂଶଧାରୀଙ୍କର ଭୋଟ ତାଙ୍କର ଅଂଶ ସଂଖ୍ୟା ଅନୁସାରେ ହୋଇଥାଏ । | ସମିତିର ପ୍ରବନ୍ଧ ସଦସ୍ୟମାନଙ୍କଦ୍ୱାରା ନିର୍ବାଚିତ ପ୍ରବନ୍ଧକ ସମିତି କରିଥାଏ । ପ୍ରତ୍ୟେକ ସଦସ୍ୟଙ୍କର ଗୋଟିଏ ଭୋଟ ଅନୁସାରେ ହୋଇଥାଏ । |

| | | |
|---|---|---|
| ୬. ହିତର ହସ୍ତାନ୍ତରଣ | ଘରୋଇ କମ୍ପାନୀକୁ ଛାଡ଼ିକରି ରାଷ୍ଟ୍ରାୟତ କମ୍ପାନୀର ସ୍ୱତନ୍ତ୍ର ଭାବରେ ଅଂଶର ହସ୍ତାନ୍ତରଣ ବୈଧାନିକ ଉତ୍ତରାଧିକାରୀକୁ ପ୍ରାପ୍ତ ହୋଇଥାଏ । | ଅଂଶର ହସ୍ତାନ୍ତରଣ କେବଳ ସଦସ୍ୟଙ୍କ ସ୍ୱୀକୃତିଦ୍ୱାରା ବୈଧାନିକ ଉତ୍ତରାଧିକାରୀକୁ ଦିଆଯାଏ ନଚେତ ଅଂଶ ସମିତିକୁ ଫେରସ୍ତ କରିଦିଆଯାଏ |
| ୭. ଦାୟିତ୍ୱ | ସଦସ୍ୟଙ୍କ ଦାୟିତ୍ୱ ସେମାନଙ୍କ ପାଖରେ ଥିବା ଅଂଶର ମୂଲ୍ୟ ମଧ୍ୟରେ ସୀମିତ ଅଟେ | ଦାୟିତ୍ୱ ସୀମିତ ହୋଇଥାଏ କିନ୍ତୁ ଯଦି ସମିତି ଚାହିଁବ ତାହା ଅସୀମିତ ହୋଇପାରିବ |
| ୮. ଲାଭାଂଶର ପୈଠ | କମ୍ପାନୀଦ୍ୱାରା ପ୍ରତିବର୍ଷ ଲାଭାଂଶର ଦର ନିଶ୍ଚିତ କରାଯାଏ ଏବଂ ଏଥିରେ ମଧ୍ୟ ବ୍ୟତିକ୍ରମ ହୋଇପାରେ । | ସମବାୟ ସମିତି ଅଧିନିୟମ ଅନୁସାରେ ସଦସ୍ୟଙ୍କୁ ଏକ ନିଶ୍ଚିତ ଦର ଉପରେ ଲାଭାଂଶର ପୈଠ କରାଯାଏ । |

## ୬.୧୦ ବହୁରାଷ୍ଟ୍ରୀୟ ନିଗମ ବା କମ୍ପାନୀ

ଆମେ ଦୈନନ୍ଦିନ ଜୀବନରେ ଦେଶୀ ଏବଂ ବିଦେଶୀସୃଷ୍ଟ ଅଲଗା-ଅଲଗା ବସ୍ତୁର ଉପଭୋଗ କରୁଅଛେ । ସେ ବିଦେଶୀ ବସ୍ତୁଗୁଡ଼ିକ (ମାଲ) ହୁଏତ ଆମଦାନୀ କରାଯାଇଥାଏ କିମ୍ବା ବିଦେଶୀ କମ୍ପାନୀ ଦ୍ୱାରା ଆମଦେଶରେ ତିଆରି ହୋଇଥାଏ । ତୁମେ ଭାବୁଥିବ ବିଦେଶୀ କମ୍ପାନୀ ଆମଦେଶକୁ କାହିଁକି ଆସିଛନ୍ତି ? ବାସ୍ତବରେ ସେମାନେ ଭାରତରେ ମାଲ୍ ତିଆରି କରିବା, ସେବାଦେବା ଏବଂ ନିଜର ସାମଗ୍ରୀ ବିକ୍ରିକରିବା ପାଇଁ ଆସିଥାନ୍ତି । ସେହିପରି ଭାରତୀୟ କମ୍ପାନୀ ମଧ୍ୟ ନିଜର ବ୍ୟାପାରର କ୍ଷେତ୍ର ନିଜ ଦେଶ ବାହାରେ ବଢ଼ାଉଅଛି । ଏହାକୁ ଜଗତୀକରଣ କୁହାଯାଏ, ଯାହାର ତାତ୍ପର୍ଯ୍ୟ ଆର୍ଥିକ କ୍ରିୟା-କଳାପକୁ ଦେଶ ବାହାରକୁ ପରିବ୍ୟାପ୍ତ କରିବା ସହ ଅନ୍ତର୍ଜାତୀୟ ବଜାରର ନିଜର ସ୍ଥିତି ସୁଦୃଢ଼ କରାଇବା ।

### ୬.୧୦.୧ ବହୁରାଷ୍ଟ୍ରୀୟ ନିଗମର ଅର୍ଥ

ସାଧାରଣତଃ ଏକ ବହୁରାଷ୍ଟ୍ରୀୟ ନିଗମ (ଯାହାକୁ ବହୁରାଷ୍ଟ୍ରୀୟ କମ୍ପାନୀ କହିଥାନ୍ତି) ଯିଏ ଗୋଟିଏ ଦେଶର କମ୍ପାନୀ ରୂପରେ ପଞ୍ଜୀକୃତ ହୋଇଥାଏ କିନ୍ତୁ ଅନ୍ୟ ଦେଶରେ ଫ୍ୟାକ୍ଟେରୀ କିମ୍ବା ଶାଖା ଖୋଲି କିମ୍ବା ସହାୟକ କାର୍ଯ୍ୟ ସ୍ଥାପିତ କରି ବ୍ୟବସାୟ ଚଳାଇଥାଏ । ଏପରି କମ୍ପାନୀ ଗୋଟିଏ କିମ୍ବା ଅଧିକ ଦେଶରେ ନିଜର ଉତ୍ପାଦନ କିମ୍ବା ସେବା ପ୍ରଦାନ କରିଥାନ୍ତି । ଆମ ଭାରତରେ ବ୍ୟାପାର ଚଳାଇବା ବାଲା ବହୁତ ବହୁରାଷ୍ଟ୍ରୀୟ ନିଗମ (MNC) ବିଷୟରେ ତୁମେ ଶୁଣିଥିବ ଯେପରି ହ୍ୟୁଣ୍ଡାଇ ମୋଟର୍ସ କମ୍ପାନୀ, କୋକାକୋଲା କମ୍ପାନୀ, ସୋନି କର୍ପୋରେସନ୍, ମ୍ୟାକ୍‌ଡୋନାଲ୍‌ଡ କର୍ପୋରେସନ୍, ସିଟି ବ୍ୟାଙ୍କ ଇତ୍ୟାଦି ।

ଏହିସବୁ ନିଗମକୁ ସାଧାରଣତଃ ଏକାଧିକ ଦେଶରୁ ବସ୍ତୁ ଉତ୍ପାଦନ, ବିପଣନ, ଏବଂ ଅନ୍ୟ ବହୁତ ସୁବିଧା ଉପଲବ୍ଧ ହୋଇଥାଏ । ଏହାର ବିକ୍ରିର ମାତ୍ରା, ଅର୍ଜିତ ଲାଭ ତଥା ଏହାର ସମ୍ପତ୍ତିର ମୂଲ୍ୟ ଅଧିକ ହୋଇଥାଏ । ଏମାନେ ନିଜର ଶାଖା ଏବଂ ସହ-କାର୍ଯ୍ୟ ଆମ ଦେଶ ତଥା ଅନ୍ୟ ଦେଶରେ ସ୍ଥାପିତ କରି ସାରିଲେଣି । ଯାହାର ନିୟନ୍ତ୍ରଣ ସେମାନେ ନିଜ ମୂଳ-ଦେଶର କମ୍ପାନୀର ମୁଖ୍ୟକାର୍ଯ୍ୟାଳୟ ଦ୍ୱାରା କରଉଛନ୍ତି ।

ଟିପ୍ପଣୀ

### ୬.୧୦.୨ ବହୁରାଷ୍ଟ୍ରୀୟ ନିଗମର ଲାଭ

ବହୁରାଷ୍ଟ୍ରୀୟ ନିଗମ ରାଷ୍ଟ୍ରୀୟ ସୀମା ବାହାରେ, ବହୁ ପରିମାଣର ଉତ୍ପାଦନ ଏବଂ ବିପଣନ କାର୍ଯ୍ୟ କରି ବହୁମାତ୍ରାରେ ଲାଭ ଅର୍ଜନ କରି ବହୁତ ସୁବିଧା ପ୍ରାପ୍ତ କରି ପାରୁଛନ୍ତି ତା ସହିତ ଯେଉଁ ଦେଶରେ ସେସବୁ କାର୍ଯ୍ୟ କରୁଛନ୍ତି ସେ ଦେଶ ମଧ୍ୟ କେତେ ପ୍ରକାରରେ ଲାଭାନ୍ୱିତ ହେଉଛନ୍ତି । ସେଗୁଡ଼ିକ ହେଲା, ଯଥା:

କ) **ବିଦେଶୀ ପୁଞ୍ଜି ନିବେଶ :** ବହୁରାଷ୍ଟ୍ରୀୟ ନିଗମ ଦ୍ୱାରା ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ବିକାଶଶୀଳ ଦେଶର ଆର୍ଥିକ ବିକାଶକୁ ଗତିଶୀଳ କରାଇଥାଏ ।

ଖ) **ରୋଜଗାରରେ ବୃଦ୍ଧି :** ବହୁ ରାଷ୍ଟ୍ରୀୟ ନିଗମ ଦ୍ୱାରା ଔଦ୍ୟୋଗିକ ତଥା ବ୍ୟାପାରିକ କ୍ରିୟାର ବିସ୍ତାର ଆମନ୍ତ୍ରକ ଦେଶରେ ରୋଜଗାରର ସୁଯୋଗ ବୃଦ୍ଧି କରିବା ସଙ୍ଗେ, ସଙ୍ଗେ ସେମାନଙ୍କ ଜୀବନ ଧାରଣର ମାନରେ ସୁଧାର ଆଣିଥାନ୍ତି ।

ଗ) **ବିକଶିତ ଟେକ୍‌ନିକର ପ୍ରୟୋଗ :** ବହୁରାଷ୍ଟ୍ରୀୟ ନିଗମ ବହୁତ ବଡ଼ ମାତ୍ରାରେ ସଂସାଧନର ପ୍ରୟୋଗ କରି ଶୀଘ୍ର ଏବଂ ବିକାଶର କ୍ରିୟାକୁ ଗ୍ରହଣ କରି ଯାହା ଉତ୍ପାଦନର ଉନ୍ନତି ଉପାୟ ଏବଂ ପ୍ରକ୍ରିୟାର ସାହାଯ୍ୟର ବସ୍ତୁର ଗୁଣମାନ ବୃଦ୍ଧି କରିବାପାଇଁ ସହାୟକ ହୋଇଥାନ୍ତି । ଧୀରେ ଧୀରେ ଅନ୍ୟଦେଶମାନେ ମଧ୍ୟ ଏହି ଟେକ୍‌ନିକ୍‌କୁ ଗ୍ରହଣ କରିନିଅନ୍ତି ।

ଘ) **ସହାୟକ କ୍ରିୟାର ବୃଦ୍ଧି :** ବହୁରାଷ୍ଟ୍ରୀୟ ନିଗମରେ ବହୁତ ମାତ୍ରା କାର୍ଯ୍ୟର ଫଳସ୍ୱରୂପ ଆମନ୍ତ୍ରକ ଦେଶରେ ମଧ୍ୟ ବସ୍ତୁ ଏବଂ ସେବା ଯୋଗାଣ ଏବଂ ସଂବନ୍ଧିତ ସହାୟକ କାର୍ଯ୍ୟର ବିକାଶ ହୋଇଥାଏ ।

ଙ) **ରପ୍ତାନି ବୃଦ୍ଧି ଏବଂ ବିଦେଶୀ ମୁଦ୍ରାର ଆଗମନ :** ଆମନ୍ତ୍ରକ ଦେଶରେ ତିଆରି ହେଉଥିବା ମାଲ୍ ବହୁ ସମୟରେ ବହୁରାଷ୍ଟ୍ରୀୟ ନିଗମ ଦ୍ୱାରା ରପ୍ତାନି କରାଯାଇଥାଏ । ଏହି ପ୍ରକାର ଅର୍ଜିତ ମୁଦ୍ରା ଆମନ୍ତ୍ରକ ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ବୃଦ୍ଧି ହୋଇଥାଏ ।

ଚ) **ସୁସ୍ଥ ପ୍ରତିଯୋଗିତା :** ବହୁରାଷ୍ଟ୍ରୀୟ ନିଗମ ଦ୍ୱାରା ଉନ୍ନତମାନର ମାଲ୍ ଉତ୍ପାଦନ, ଘରୋଇ କମ୍ପାନୀକୁ ତା ସହିତ ବଜାରରେ ପ୍ରତିଯୋଗିତା କରି ତିଷ୍ଠି ରହିବାପାଇଁ ନିଜର ଉତ୍ପାଦନର ମାନ ବୃଦ୍ଧିକରିବାର ପ୍ରେରଣ ମିଳିଥାଏ ।

### ୬.୧୦.୩ ବହୁ ରାଷ୍ଟ୍ରୀୟ କମ୍ପାନୀର ସୀମିତତା:

ଏଥିରେ ସନ୍ଦେହ ନାହିଁ ଯେ ଉପଯୁକ୍ତ ଲାଭ ଆମନ୍ତ୍ରକ ଦେଶ ନିମନ୍ତେ ଲାଭପ୍ରଦ ଅଟେ । କିନ୍ତୁ ବହୁରାଷ୍ଟ୍ରୀୟ ନିଗମର କେତେକ ସୀମା ମଧ୍ୟ ରହିଅଛି ଯାହା ଉପରେ ଆମେ ଧ୍ୟାନ ଦେବା ।

କ) **ଆମନ୍ତ୍ରକ ଦେଶର ପ୍ରାଥମିକତା ପ୍ରତି କମ୍ ଧ୍ୟାନ :** ବହୁରାଷ୍ଟ୍ରୀୟ ନିଗମ ପ୍ରାୟ ଅଧିକ ଲାଭ ଦେଉଥିବା ଉଦ୍ୟୋଗରେ ପୁଞ୍ଜି ନିବେଶ କରିଥାନ୍ତି ତଥା ଆମନ୍ତ୍ରକ ଦେଶର ପଛୁଆ ଅଞ୍ଚଳରେ ଉଦ୍ୟୋଗକୁ ବିକଶିତ କରିବା ଏବଂ ସେବା ପ୍ରଦାନ କରିବା ପାଇଁ ବିଚାରକୁ ନିଅନ୍ତିନାହିଁ । ସେମାନଙ୍କର ବିକାଶ ପାଇଁ ଧ୍ୟାନ ଦିଅନ୍ତିନାହିଁ ।

ଖ) **ସ୍ଥାନୀୟ ଉଦ୍ୟୋଗ ପ୍ରଭାବିତ :** ବହୁରାଷ୍ଟ୍ରୀୟ ନିଗମ ବହୁମାତ୍ରାରେ କାର୍ଯ୍ୟ କରିବା ଏବଂ ଟେକ୍‌ନିକ୍ କୁଶଳତାରେ ପରିପୂର୍ଣ୍ଣ ହେତୁ ଆମନ୍ତ୍ରକ ଦେଶର ବଜାର ଉପରେ ଶାସନ କରିଥାଏ

ଟିପ୍ପଣୀ

ଏବଂ ଏକଛତ୍ରବାଦର ପ୍ରଭାବ ବିସ୍ତାର କରିଥାଏ ତେଣୁ କେତେକ ସ୍ଥାନୀୟ ଉଦ୍ୟୋଗ ବନ୍ଦ କରିବାକୁ ବାଧ୍ୟ ହୋଇଯାନ୍ତି ।

ଗ) **ସଂସ୍କୃତିର ପରିବର୍ତ୍ତନ:** ବହୁରାଷ୍ଟ୍ରୀୟ ନିଗମଦ୍ୱାରା ଦିଆଯାଉଥିବା ଉପଭୋକ୍ତା ବସ୍ତୁ ବାସ୍ତବରେ ସ୍ଥାନୀୟ ସାଂସ୍କୃତିକ ମାନଦଣ୍ଡର ଅନୁରୂପ ହୋଇ ନଥାଏ । ଏହି ପ୍ରକାର ଲୋକମାନଙ୍କର ଉପଭୋଗର ଅଭ୍ୟାସ, ଖାଦ୍ୟ, ଏବଂ ପୋଷାକର ମାମଲାରେ ସେମାନେ ନିଜର ସାଂସ୍କୃତିକ ପରମ୍ପରାଠାରୁ ଦୂରେଇ ଯାଆନ୍ତି ।

## ପାଠଗତ ପ୍ରଶ୍ନାବଳୀ ୬(ଙ)

୧. ବହୁରାଷ୍ଟ୍ରୀୟ ନିଗମର ସାଧାରଣ ବିଶେଷତ୍ୱ ବର୍ଣ୍ଣନାକର ।

୨. ନିମ୍ନରେ ଯୌଥ ପୁଞ୍ଜି ଉଦ୍ୟୋଗ, ଭାଗୀଦାରୀ, ସମବାୟ ସଂସ୍ଥା ମଧ୍ୟରେ ଥିବା ପାର୍ଥକ୍ୟର କିଛି ତଥ୍ୟ ଦିଆଯାଇଛି । ବୃତ୍ତରେ ଦିଆଯାଇଥିବା ବ୍ୟାବସାୟିକ ସଂଗଠନର ପ୍ରକାର ସହିତ ତାହା ସହିତ ସଂବନ୍ଧିତ ତଥ୍ୟଗୁଡ଼ିକୁ ତୀରଚିହ୍ନ ଦ୍ୱାରା ଯୋଗକର ।

କ) ବ୍ୟାବସାୟିକ ସଂଗଠନର ଭିନ୍ନ-ଭିନ୍ନ ରୂପ ଯାହା ବର୍ଷର ସ୍ୱୀକୃତ ଅଧିନିୟମ ଦ୍ୱାରା ପରିଚାଳିତ ହୁଏ ।

(୧) ୧୯୩୨ (୨) ୧୯୫୬ (୩) ୧୯୧୨

ଯୌଥ ଉଦ୍ୟୋଗ | ସମବାୟ ସମିତି | ଭାଗୀଦାରୀ

ଖ) ଗୋଟିଏ ଫାର୍ମ ପାଇଁ ଅତିକମ୍‌ରେ ଆବଶ୍ୟକୀୟ ସଦସ୍ୟ ସଂଖ୍ୟା

୧) ୨ ୨) ୭ ୩) ୧୦

ରାଷ୍ଟ୍ରାୟତ କମ୍ପାନୀ | ସମବାୟ ସମିତି | ଭାଗୀଦାରୀ

ଗ) ସଦସ୍ୟଙ୍କର ସର୍ବାଧିକ ସଂଖ୍ୟା

୧) ୫୦ ୨) ୨୦ ୩) କୌଣସି ସୀମାନାହିଁ

ସମବାୟ ସମିତି | ଘରୋଇ କମ୍ପାନୀ | ଭାଗୀଦାରୀ

ଘ) ପ୍ରବନ୍ଧନ

୧) ନିର୍ବାଚିତ ସମିତି ଦ୍ୱାରା ପ୍ରବନ୍ଧିତ ୨) ଏକ କିମ୍ବା ଅଧିକ ସଦସ୍ୟଦ୍ୱାରା ପ୍ରବନ୍ଧିତ ୩) ନିର୍ବାଚିତ ନିର୍ଦ୍ଦେଶକ ବୋର୍ଡ ଦ୍ୱାରା

ଯୌଥପୁଞ୍ଜି କମ୍ପାନୀ | ସମବାୟ ସମିତି | ପ୍ରବନ୍ଧିତ ଭାଗୀଦାରୀ

## ୬.୧୧. ତୁମେ କ'ଣ ଶିଖିଲ

- ଯୌଥ ପୁଞ୍ଜି କମ୍ପାନୀ ଏକ କୃତ୍ରିମ ବ୍ୟକ୍ତି ଯାହାର ଏକ ପୃଥକ୍ ବୈଧାନିକ ଅସ୍ତିତ୍ୱ ଥାଏ ଏବଂ ଯାହାର ଉତ୍ତରାଧିକାର ନିରନ୍ତର ଅଟେ ।
- ଯୌଥପୁଞ୍ଜି କମ୍ପାନୀର ବିଶେଷତ୍ୱ

– ଏହା ଏକ କୃତ୍ରିମ ବ୍ୟକ୍ତି ଅଟେ

– ଏହାର ସ୍ଥାପନା ଲମ୍ବା ବୈଧାନିକ କାର୍ଯ୍ୟବିଧିଦ୍ୱାରା ହୋଇଥାଏ ତଥା ଏଥିରେ ବହୁତ ସମୟ ଲାଗିଥାଏ ।

– ଏହାର ସ୍ୱତନ୍ତ୍ର ବୈଧାନିକ ଅସ୍ତିତ୍ୱ ହୋଇଥାଏ

– ଏହାପାଇଁ ଅଧିକୃତ ସ୍ୱାକ୍ଷରକୁ ସାଧାରଣ ମୋହର ମଧ୍ୟ କହନ୍ତି

– ଏହାର ସ୍ଥାୟିତ୍ୱ ନିରନ୍ତର ହୋଇଥାଏ

– ଏହାର ସଦସ୍ୟଙ୍କର ଦାୟିତ୍ୱ ସୀମିତ ହୋଇଥାଏ

– ସଦସ୍ୟ ଅଂଶର ହସ୍ତାନ୍ତରଣ ନିମନ୍ତେ ସ୍ୱତନ୍ତ୍ର ହୋଇଥାନ୍ତି

– ଯୌଥ ପୁଞ୍ଜି ଉଦ୍ୟୋଗରର ପରିଚାଳନ ପ୍ରଜାତାନ୍ତ୍ରିକ ପ୍ରଣାଳୀରେ ହୋଇଥାଏ

- **ଯୌଥ ପୁଞ୍ଜି କମ୍ପାନୀର ଉପାଦେୟତା :** ଏକ ଯୌଥ ଉଦ୍ୟୋଗ ବଡ଼ ପରିମାଣର ବିତ୍ତୀୟ ସଂସାଧନର ବ୍ୟବସ୍ଥା କରିପାରେ । ଏହାର ସଦସ୍ୟ ସୀମିତ ଦାୟିତ୍ୱର ଲାଭ ନେଇଥାନ୍ତି । ଏହାର ଅସ୍ତିତ୍ୱ ନିରନ୍ତର ହୋଇଥାଏ । ଏହି ପ୍ରକାର ସଂଗଠନରେ ବଡ଼ ପରିମାଣର ବ୍ୟାବସାୟିକ କାର୍ଯ୍ୟରେ ପର୍ଯ୍ୟାପ୍ତ ଲାଭ ପ୍ରାପ୍ତ କରାଯାଇପାରେ । ନିଜର କ୍ରିୟା-କଳାପକୁ ଏକ ପେଶାଦାର ପ୍ରବନ୍ଧନ ଜରିଆରେ ଲାଭାନ୍ୱିତ କରାଯାଇଥାଏ ।
- **ଯୌଥ ପୁଞ୍ଜି କମ୍ପାନୀର ସୀମିତତା :** ଯୌଥଉଦ୍ୟୋଗର ସ୍ଥାପନାରେ ବହୁତ ବୈଧାନିକ ଔପଚାରିକତା ପୁରା କରିବାକୁ ପଡ଼ିଥାଏ । ଏହା ଉପରେ ଅଧିକ ସରକାରୀ ନିୟନ୍ତ୍ରଣ ମଧ୍ୟ ରହିଥାଏ । ବ୍ୟବସାୟର ଗୋପନୀୟତା ରକ୍ଷା କରିବା ଅତ୍ୟଧିକ କଠିନ ହୋଇଥାଏ । ସମସ୍ତ ଆବଶ୍ୟକ ନିର୍ଣ୍ଣୟରେ ନିର୍ଦ୍ଦେଶକ ମଣ୍ଡଳ ଏବଂ ଅଂଶଧାରୀଙ୍କର ସାଧାରଣ ସଭାର ସ୍ୱୀକୃତି ଆବଶ୍ୟକ ହୋଇଥାଏ । ତେଣୁ ବିଶେଷ ନିଷ୍ପତ୍ତି ନେବା ପାଇଁ ସମୟ ଲାଗିଥାଏ । ବ୍ୟବହାରିକ ରୂପରେ ଯୌଥପୁଞ୍ଜି କମ୍ପାନୀ ଲୋକମାନଙ୍କର ବିଶିଷ୍ଟ ସମୂହଦ୍ୱାରା ପ୍ରବଂଧିତ ହୋଇଥାଏ । ସାରାଦେଶରେ ରହିଥିବା ଅଂଶଧାରକ ସାଧାରଣଭାବରେ କମ୍ପାନୀର ସମସ୍ତ ମାମଲାରେ ଧ୍ୟାନ ଦେଇନଥାନ୍ତି ।
- **ଯୌଥ ଉଦ୍ୟୋଗର ଉପଯୁକ୍ତତା :** ଯେଉଁଠାରେ ବ୍ୟବସାୟ ବଡ଼ ହୋଇଥାଏ, ନିହିତ ଆଶଙ୍କା ବହୁତ ଅଧିକ ଥାଏ ଏବଂ ଯେଉଁଠାରେ ବଡ଼ ବିତ୍ତୀୟ ଲାଭ ଏବଂ ମାନବ ଶକ୍ତିର ଆବଶ୍ୟକତା ଥାଏ, ସେଠାରେ ଯୌଥ ପୁଞ୍ଜି କମ୍ପାନୀ ଅଧିକ ଉପଯୁକ୍ତ ହୋଇଥାଏ ।
- **ଉଚିତ ସଂଗଠନର ପସନ୍ଦ :** ବ୍ୟାବସାୟିକ ସଂଗଠନର ଉପଯୁକ୍ତ ପ୍ରକାରର ପସନ୍ଦ କରିବା ସମୟରେ ନିମ୍ନଲିଖିତ କାରକଗୁଡ଼ିକ ଉପରେ ଧ୍ୟାନ ଦେବା ଆବଶ୍ୟକ ।

  କ) ସ୍ଥାପନାରେ ସୁଗମତା

  ଖ) ସଂସାଧନର ଉପଲବ୍ଧତା

  ଗ) ଦାୟିତ୍ୱ କିମ୍ବା ଆଶଙ୍କା

ଘ) ସ୍ଥିରତା

ଙ) ନମନୀୟତା

ଚ) ଗୋପନୀୟତା

ଛ) ସରକାରୀ ନିୟନ୍ତ୍ରଣର ସୀମା

- **ବହୁରାଷ୍ଟ୍ରୀୟ ନିଗମ :** ବ୍ୟବସାୟର ବଡ଼ ପ୍ରକ୍ରିୟା ଯାହାର କମ୍ପାନୀରୂପେ ପଞ୍ଜୀକରଣ ଗୋଟିଏ ଦେଶରେ ହୋଇଥାଏ କିନ୍ତୁ ଏହାର ଫ୍ୟାକ୍ଟ୍ରି, ଶାଖା ଏବଂ ସହକାରୀ ଉଦ୍ୟୋଗ ଅନ୍ୟ ଦେଶରେ ମଧ୍ୟ ସ୍ଥାପିତ ହୋଇଥାଏ, ତାହାକୁ ବହୁରାଷ୍ଟ୍ରୀୟ କମ୍ପାନୀ କୁହାଯାଏ ।

- **ବହୁରାଷ୍ଟ୍ରୀୟ ନିଗମର ଗୁଣ:**

 କ) ବିଦେଶୀ ମୁଦ୍ରାର ନିବେଶ ।

ଖ) ରୋଜଗାର ସୁଯୋଗ ସୃଷ୍ଟି କରିବା ।

ଗ) ଉନ୍ନତ ଟେକ୍‌ନିକ୍‌ର ପ୍ରୟୋଗ ।

ଘ) ସହାୟକ ଉଦ୍ୟୋଗର ବିକାଶ/ବୃଦ୍ଧି ।

ଙ) ରପ୍ତାନୀରେ ବୃଦ୍ଧି ତଥା ବିଦେଶୀ ମୁଦ୍ରାର ଆଗମନ ।

ଚ) ଘରୋଇ କମ୍ପାନୀ ସହିତ ସୁସ୍ଥ ପ୍ରତିଯୋଗିତା ।

- **ବହୁରାଷ୍ଟ୍ରୀୟ ନିଗମର ସୀମିତତା:**


କ) ଆମନ୍ତ୍ରକ ଦେଶର ଆବଶ୍ୟକତାକୁ କମ୍ ପ୍ରାଥମିକତା ।

ଖ) ଘରୋଇ ଉଦ୍ୟୋଗ ଉପରେ ପ୍ରତିକୂଳ ପ୍ରଭାବ ।

ଗ) ଲୋକଙ୍କର ସଂସ୍କୃତିରେ ପରିବର୍ତ୍ତନ ।

## ୬.୧୨ ମୁଖ୍ୟ ଶବ୍ଦ

| | | |
|---|---|---|
| କୃତ୍ରିମ ବ୍ୟକ୍ତି | ଭାରତୀୟକମ୍ପାନୀ | ଅଂଶ |
| ଚାଟାର୍ଡ କମ୍ପାନୀ | ବହୁରାଷ୍ଟ୍ରୀୟ ନିଗମ | ଅଂଶପୁଞ୍ଜି |
| ସାଧାରଣ ମୋହର | ସ୍ଥାୟୀ ଅସ୍ତିତ୍ୱ | ଅଂଶଧାରକ |
| ବିଦେଶୀ କମ୍ପାନୀ | ଘରୋଇ କମ୍ପାନୀ | ସାଂବିଧିକ କମ୍ପାନୀ |
| ସମବାୟ କମ୍ପାନୀ | ରାଷ୍ଟ୍ରାୟତ କମ୍ପାନୀ | ସହାୟକ କମ୍ପାନୀ |
| ନିୟନ୍ତ୍ରକ କମ୍ପାନୀ | ସ୍ୱତନ୍ତ୍ର ବୈଧାନିକ ଅସ୍ତିତ୍ୱ | |



ଟିପ୍ପଣୀ



## ୬.୧୩ ପାଠାନ୍ତ ପ୍ରଶ୍ନାବଳୀ

**ଅତିକ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ**

୧. ଯୌଥ ଉଦ୍ୟୋଗରେ ଅଂଶ ଶବ୍ଦର ଅର୍ଥ କ'ଣ ?

୨. କମ୍ପାନୀ ଅଧିନିୟମ ୧୯୫୬ର ଅନୁସାରେ କମ୍ପାନୀ ଶବ୍ଦର ଅର୍ଥ ପ୍ରକାଶ କର

୩. ବହୁରାଷ୍ଟ୍ରୀୟ ନିଗମର ତାତ୍ପର୍ଯ୍ୟ କ'ଣ ?

୪. ବ୍ୟାପାର ଆରମ୍ଭ କରିବା ବିଷୟରେ ରାଷ୍ଟ୍ରାୟତ କମ୍ପାନୀ ତଥା ଘରୋଇ କମ୍ପାନୀ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୫. କେବଳ ନାମକୁ ଦେଖି ରାଷ୍ଟ୍ରାୟତ କମ୍ପାନୀ ଏବଂ ଘରୋଇ କମ୍ପାନୀକୁ କିପରି ଚିହ୍ନିବେ ?

**କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ -**

୬. କମ୍ପାନୀ କୃତ୍ରିମ ବ୍ୟକ୍ତି କିପରି ହେବ ପ୍ରକାଶ କର

୭. ସାର୍ବଜନିକ କମ୍ପାନୀର ବିଶେଷତ୍ୱ ବର୍ଣ୍ଣନାକର ।

୮. ସଦସ୍ୟଙ୍କ ସଂଖ୍ୟା ଏବଂ ପୈଠ ହୋଇଥିବା ପୁଞ୍ଜିର ଆଧାର ଉପରେ ଘରୋଇ ଏବଂ ସାର୍ବଜନିକ କମ୍ପାନୀ ମଧ୍ୟରେ ଅନ୍ତର ବାଖ୍ୟା କର ।

୯. ବ୍ୟବସାୟ ସଂଗଠନରେ ଯୌଥ ଉଦ୍ୟୋଗ ସ୍ୱରୂପର ଉପଯୁକ୍ତତା ବର୍ଣ୍ଣନା କର ।

୧୦. ଘରୋଇ କମ୍ପାନୀଦ୍ୱାରା ପୁରା କରାଯାଇଥିବା ଆବଶ୍ୟକ ସର୍ତ୍ତ କ'ଣ କ'ଣ ହୋଇଥାଏ ?

**ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ**

୧୧. ବଡ଼ ଧରଣର, ଅଧିକ ଆଶଙ୍କାଯୁକ୍ତ ବ୍ୟବସାୟିକ ପରିଯୋଜନା ନିମନ୍ତେ ଯୌଥଉଦ୍ୟୋଗ ସଂଗଠନହିଁ ଉପଯୁକ୍ତ ହୋଇଥାଏ କାରଣ ଦର୍ଶାଅ ।

୧୨. ଯୌଥଉଦ୍ୟୋଗର ପାଞ୍ଚଟି ବିଶେଷତା ବ୍ୟାଖ୍ୟାକର ।

୧୩. ଆପଣ ଭାଗୀଦାରୀରେ ନିଜର ବ୍ୟବସାୟ ଚଳାଉଥଲ କିନ୍ତୁ ଏବେ ଆପଣ ଏକ ସଂଯୁକ୍ତ ପୁଞ୍ଜି କମ୍ପାନୀ ଗଠନ କରିଛନ୍ତି । ଆପଣ ନିମ୍ନ ବିଷୟରେ କି ପାର୍ଥକ୍ୟ ଅନୁଭବ କଲେ ?

କ) ବୈଧାନିକ ସ୍ଥିତି

ଖ) ଦାୟିତ୍ୱ

ଗ) ବିତ୍ତର ଉପଲବ୍ଧତା

୧୪. ଆମନ୍ତ୍ରକ ଦେଶ ନିମନ୍ତେ ବହୁରାଷ୍ଟ୍ରୀୟ ନିଗମର ଯେକୌଣସି ପାଞ୍ଚଟି ଲାଭ (ସୁବିଧା)କୁ ବିସ୍ତାର ଭାବେ ବର୍ଣ୍ଣନା କର ।

୧୫. ଉଚିତ ବ୍ୟବସାୟ ସଂଗଠନର ପସନ୍ଦ କରିବା ସମୟରେ କେଉଁ ପାଞ୍ଚଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼େ ତାହା ଉଲ୍ଲେଖ କର ।

## ୬.୧୪ ପାଠଗତ ପ୍ରଶ୍ନାବଳୀର ଉତ୍ତର

**୬(କ)**

୧. ନାହିଁ, କାରଣ କମ୍ପାନୀର ନିରନ୍ତର ଅସ୍ତିତ୍ୱ ହୋଇଥାଏ ସେଥିପାଇଁ ସେ ନିଜର ବ୍ୟାପାର ନୂଆ ସଦସ୍ୟମାନଙ୍କଦ୍ୱାରା ଚାଲୁ ରଖିଥାଏ ।

୨. (କ) ଅଂଶ, (ଖ) କମ୍ପାନୀ ଅଧିନିୟମ ୧୯୫୬, (ଗ) ସାଧାରଣ ମୋହର, (ଘ) ଅଂଶପୁଞ୍ଜି, (ଙ) ନିର୍ଦ୍ଦେଶକ

**୬(ଖ)**

୧. (କ) ଯଦି କୌଣସି କମ୍ପାନୀର ଅନ୍ୟ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳର ନିଯୁକ୍ତି ଉପରେ ନିୟନ୍ତ୍ରଣ

୨. (ଗ) ଘରୋଇ କମ୍ପାନୀ (କ) (ଘ)
ରାଷ୍ଟ୍ରାୟତ୍ତ କମ୍ପାନୀ (ଖ) (ଗ) (ଙ)

୩. (କ) ବିଦେଶୀ, (ଗ) ସାମ୍ବିଧାନିକ, (ଘ) ନିୟନ୍ତ୍ରକ, (ଙ) ବହୁରାଷ୍ଟ୍ରୀୟ, (୬) ସରକାରୀ

୬.(ଗ) ୧. ନାହିଁ, ଅଂଶଧାରୀର ଦାୟିତ୍ୱ ସୀମିତ ଅଟେ । ପୁନଶ୍ଚ ତାପାଖରେ ଅଂଶର ହସ୍ତାନ୍ତରଣ କରିବା କିମ୍ବା ଅଗ୍ରୀମ ଭୋଟରୁ ବଞ୍ଚିବା ପାଇଁ ଅଂଶର ବିକ୍ରୟ କରିବା ବିକଳ୍ପ ପନ୍ଥା ଅଟେ ।

୨. (କ) ଗ, (ଖ) ଗ, (ଗ) ସ, (ଘ) ସ (ଙ) ଗ

୬.(ଘ) ୧. (କ) ପେଶାଦାର ପ୍ରବନ୍ଧନର ଆବଶ୍ୟକତା
(ଖ) ବହୁତ ଅଧିକ ବିତ୍ତର ଆବଶ୍ୟକତା
(ଗ) ଅଧିକ ମାନବଶକ୍ତିର ଆବଶ୍ୟକତା

୨. (କ) ଯୌଥ ଉଦ୍ୟୋଗ, (ଖ) ଏକକ ମାଲିକାନା, (ଗ) ଏକକ ମାଲିକାନା,
(ଘ) ଯୌଥ ଉଦ୍ୟୋଗ, (ଙ) ଏକକ ମାଲିକାନା

**୬.(ଙ)**

୧. (କ) ଅନ୍ତରାଷ୍ଟ୍ରୀୟ ସଂଚାଳନ, (ଖ) ବଡ଼ ଆକାର, (ଗ) କେନ୍ଦ୍ରୀୟ ନିୟନ୍ତ୍ରଣ

୨. (କ) (୧) ୧୯୩୨ - ଭାଗୀଦାର, (୨) ୧୯୫୬ ଯୌଥପୁଞ୍ଜି କମ୍ପାନୀ,
(୩) ୧୯୧୨ -ସମବାୟ ସମିତି

(ଖ) ୧) ଭାଗୀଦାରୀ, ୨) ୭ - ରାଷ୍ଟ୍ରାୟତ୍ତ କମ୍ପାନୀ, (୩) ୧୦ ସମବାୟ ସମିତି

(ଗ) ୧) ୫୦ - ଘରୋଇକମ୍ପାନୀ , ୨) ୨୦ ଭାଗୀଦାରୀ,
୩) କୌଣସି ସୀମା ନାହିଁ - ସମବାୟ ସମିତି

(ଘ) ୧) ମନୋନୀତ ସମିତି ଦ୍ୱାରା ପ୍ରବନ୍ଧିତ ସମବାୟ ସମିତି
୨) ଏକ କିମ୍ବା ଦୁଇ ସଦସ୍ୟଦ୍ୱାରା ପ୍ରବନ୍ଧିତ - ଭାଗୀଦାର
୩) ନିର୍ବାଚିତ ନିର୍ଦ୍ଦେଶକ ମଣ୍ଡଳ ଦ୍ୱାରା ପ୍ରବନ୍ଧିତ ଯୌଥ ଉଦ୍ୟୋଗ

ଟିପ୍ପଣୀ

## କର ଏବଂ ଶିଖ

୧. ଅତିକମ୍‌ରେ ପାଞ୍ଚଟି ବହୁରାଷ୍ଟ୍ରୀୟ ନିଗମ ବିଷୟରେ ସୂଚନା ସଂଗ୍ରହ କରି ନିମ୍ନରେ ଦିଆଯାଇଥିବା ଚାର୍ଟ ଅନୁସାରେ ଏକ ଚାର୍ଟ ପ୍ରସ୍ତୁତ କର

| କମ୍ପାନୀର ନାମ | | | | | |
|---|---|---|---|---|---|
| ସେ ଦେଶର ନାମଲେଖ ଯେଉଁଠାରେ ତାର କାର୍ଯ୍ୟାଳୟ ସ୍ଥାପିତ ହୋଇଛି | | | | | |
| ଅନ୍ୟଦେଶ ଯେଉଁଠି ତାର ବ୍ୟବସାୟ ଚାଲିଛି | | | | | |
| ବିକ୍ରି ହେଉଥିବା ବସ୍ତୁ ଏବଂ ସେବାର ନାମ | | | | | |

## ଅଭିନୟନ

ସୁଧୀର ଏବଂ ସୁଶୀଳ ଦୁଇଜଣ ମିତ୍ର ଏବଂ ଦୁଇଜଣଯାକ ଗାଁରେ ରହନ୍ତି । ବହୁଦିନ ପରେ ତାଙ୍କର ଏକ ଉତ୍ସବରେ ଦେଖାହେଲା । ଏହା ପୂର୍ବରୁ ସେମାନେ ଗୋଟିଏ ଫାର୍ମରେ ଭାଗୀଦାର ଥିଲେ । କିନ୍ତୁ ପାଞ୍ଚ ବର୍ଷ ପୂର୍ବେ ସୁଧୀର ଫାର୍ମ ଛାଡ଼ି ଦେଲା ଏବଂ ରାଷ୍ଟ୍ରାୟତ୍ତ କମ୍ପାନୀରେ ନିର୍ଦ୍ଦେଶକ ପଦରେ ନିଯୁକ୍ତ ହେଲା ।

ନିମ୍ନଲିଖିତ କଥାବାର୍ତ୍ତା ଦୁଇଜଣଙ୍କ ମଧ୍ୟରେ ହେଲା -


ସୁଧୀର- ନମସ୍କାର ସୁଶୀଳ । ଆପଣ କିପରି ଅଛନ୍ତି ? ଆପଣଙ୍କ କମ୍ପାନୀ କିପରି ଚାଲୁଅଛି ?

ସୁଶୀଳ- ନମସ୍କାର ସୁଧୀର ମୁଁ ଠିକ୍ ଅଛି । ଆମ କମ୍ପାନୀ ଭଲ ବ୍ୟବସାୟ କରୁଅଛି । ଏ ବର୍ଷ ଆମର ଲାଭ ପାଞ୍ଚ କୋଟିରୁ ଅଧିକ ହୋଇଥିଲା ।

ସୁଧୀର- ବହୁତ ଭଲ, କିନ୍ତୁ ଏତେ ଲାଭ ପାଇବାପାଇଁ ଆପଣଙ୍କ କମ୍ପାନୀ ନିଶ୍ଚିତ ବହୁତ ବଡ଼ ନିବେଶ କରିଥିବ । ହୋଇଛି ନା । କିନ୍ତୁ ଆପଣ ଏତେ ମାତ୍ରାରେ ଧନ କେଉଁଠାରୁ ଆଣିଲେ ?

ସୁଶୀଳ- ବାସ୍ତବରେ ଏକ ରାଷ୍ଟ୍ରାୟତ୍ତ କମ୍ପାନୀରେ ସଦସ୍ୟଙ୍କର ସଂଖ୍ୟା ଅଧିକ ହୋଇଥିବାରୁ କମ୍ପାନୀ ଏତେ ବଡ଼ ରାଶୀର ବ୍ୟବସ୍ଥା କରିପାରିଲା । ଦ୍ୱିତୀୟ କଥା ଯେପର୍ଯ୍ୟନ୍ତ ଏହାର ଦାୟିତ୍ୱ ସୀମିତ ହୋଇଥାଏ ତେଣୁ ସେ ବିନା କୌଣସି ଆଶଙ୍କାରେ ନିଜର ଧନ ନିବେଶ କରି ପାରନ୍ତି । ଆପଣ ନିଜର ଭାଗୀଦାର ବ୍ୟବସାୟକୁ ଏକ ଯୌଥ ପୁଞ୍ଜି କମ୍ପାନୀରେ କମ୍ ସେ କମ୍ ଘରୋଇ କମ୍ପାନୀରେ କାହିଁକି ପରିବର୍ତ୍ତନ କରୁନାହଁ ? ସୁଧୀର ଯୌଥ ପୁଞ୍ଜି କମ୍ପାନୀର ବିଶେଷତା, ଗୁଣ, ସୀମା ଏବଂ ଉପଯୁକ୍ତତା ବିଷୟରେ ଜାଣିବାକୁ ଉତ୍ସୁକ ଥିଲା । ସୁଶୀଳ ତାକୁ କହିଲା । ଦୁଇମିତ୍ରଙ୍କ ମଧ୍ୟରେ କଥାବାର୍ତ୍ତା ଚାଲୁ ରହିଥିଲା ।

(ନିଜକୁ ସୁଧୀର ଏବଂ ଅନ୍ୟଜଣେ ବନ୍ଧୁଙ୍କୁ ସୁଶୀଳ ସ୍ଥାନରେ ରଖି କଥାବାର୍ତ୍ତା ଚାଲୁରଖ)



ଟିପ୍ପଣୀ

## ଅଧ୍ୟାୟର ଏକ ଦୃଷ୍ଟିପାତ

୬.୧ ଯୌଥ ଉଦ୍ୟୋଗ

୬.୨ ଯୌଥ ଉଦ୍ୟୋଗର ବିଶେଷତା

୬.୩ ଯୌଥ ଉଦ୍ୟୋଗର ପ୍ରକାର

୬.୪ ଏକ ଘରୋଇ କମ୍ପାନୀ ଏବଂ ରାଷ୍ଟ୍ରାୟତ୍ତ କମ୍ପାନୀ ମଧ୍ୟରେ ପାର୍ଥକ୍ୟ

୬.୫ ଯୌଥ ଉଦ୍ୟୋଗର ଗୁଣ

୬.୬ ଯୌଥ ଉଦ୍ୟୋଗର ସୀମିତତା

୬.୭ ଯୌଥ ଉଦ୍ୟୋଗର ଉପଯୁକ୍ତତା

୬.୮ ସଂଗଠନର ଠିକ୍ ଭାବରେ ପସନ୍ଦ କରିବା

୬.୯ ସଂଗଠନର ବିଭିନ୍ନ ପ୍ରକାରରେ ଅନ୍ତର

୬.୧୦ ବହୁରାଷ୍ଟ୍ରୀୟ ନିଗମ

- ୬.୧୦.୧ ବହୁରାଷ୍ଟ୍ରୀୟ ନିଗମର ଅର୍ଥ
- ୬.୧୦.୨ ବହୁରାଷ୍ଟ୍ରୀୟ ନିଗମର ଉପାଦେୟତା
- ୬.୧୦.୩ ବହୁରାଷ୍ଟ୍ରୀୟ ନିଗମର ସୀମିତତା

ଟିପ୍ପଣୀ

# ୭

# ବ୍ୟାବସାୟିକ ସଂଗଠନ ଯୌଥ ଉଦ୍ୟୋଗର ଗଠନ

ତୁମେ ଏକକ ମାଲିକାନା ସଂଗଠନ ଏବଂ ଭାଗୀଦାରୀ ଫାର୍ମର ଗଠନ ବିଷୟରେ ପଢ଼ିଅଛ ଯେଉଁଥିରେ ବହୁତ ଔପଚାରିକତା ନିହିତ ହୋଇନାହିଁ । ଏପରିକି ପଞ୍ଜୀକରଣ ମଧ୍ୟ ଅନିବାର୍ଯ୍ୟ ନୁହେଁ । ମାତ୍ର ଯୌଥ ଉଦ୍ୟୋଗ ସ୍ଥାପନା ସମ୍ପୂର୍ଣ୍ଣ ଭିନ୍ନ କାରଣ ଏଥିରେ ଅଧିକ ଆଇନ୍‌ଗତ କାର୍ଯ୍ୟଧାରା ନିହିତ ହୋଇଥାଏ । ବ୍ୟାପାର ଆରମ୍ଭ କରିବା ପୂର୍ବରୁ ଏହାର ପଞ୍ଜୀକରଣ କମ୍ପାନୀ ରେଜିଷ୍ଟ୍ରାରଙ୍କ ପାଖରେ ହେବା ଅନିବାର୍ଯ୍ୟ । ଏହି ଅଧ୍ୟାୟରେ ତୁମେ ଯୌଥ ଉଦ୍ୟୋଗର ଗଠନର ବିଭିନ୍ନ ସୋପାନ ବିଷୟରେ ପଢ଼ିବ ଏବଂ କେତେକ ମହତ୍ତ୍ୱପୂର୍ଣ୍ଣ ଦସ୍ତାବିଜ୍ ବିଷୟରେ ଜାଣିପାରିବ ଯାହା ଏହାର କାର୍ଯ୍ୟଶୈଳୀକୁ ନିୟନ୍ତ୍ରିତ କରାଇଥାଏ ।

## ଉଦ୍ଦେଶ୍ୟ

ଏହି ପାଠଟିକୁ ପଢ଼ିବାପରେ ତୁମେ:

- ପ୍ରବର୍ତ୍ତନ ଏବଂ ପ୍ରବର୍ତ୍ତକ ବା ଉଦ୍ୟୋକ୍ତା ଅର୍ଥକୁ ବ୍ୟାଖ୍ୟା କରିପାରିବ;
- ପ୍ରବର୍ତ୍ତକର ଭୂମିକା ଏବଂ ମହତ୍ତ୍ୱକୁ ଉଲ୍ଲେଖ କରିପାରିବ;
- ଯୌଥ କମ୍ପାନୀ ପ୍ରବର୍ତ୍ତନର ବିଭିନ୍ନ ସ୍ତରକୁ ଚିହ୍ନିପାରିବ;
- ମହତ୍ତ୍ୱପୂର୍ଣ୍ଣ ଦସ୍ତାବିଜ୍ (ଦଲିଲ) ଯେପରି ବୁଝାମଣାପତ୍ର (MOA) ଅନ୍ତର୍ନିୟମ (AOA) ତଥା ବିବରଣ ଇତ୍ୟାଦିର ବିଷୟବସ୍ତୁ ତଥା ମହତ୍ତ୍ୱର ବର୍ଣ୍ଣନା କରିପାରିବ ।

## ୭.୧ ଯୌଥ କମ୍ପାନୀ ଗଠନର ବିଭିନ୍ନ ସ୍ତର

ଏକକ ମାଲିକାନା ବ୍ୟବସାୟ କିମ୍ବା ଭାଗୀଦାରୀ ଫାର୍ମର ସ୍ଥାପନା ବହୁତ ସରଳ ଅଟେ କାରଣ ଏଥିରେ ଅଳ୍ପ କିଛି ନିୟମ ପାଳନ କରିବାକୁ ପଡ଼ିଥାଏ । କିନ୍ତୁ ଏକ କମ୍ପାନୀର ସ୍ଥାପନା କରିବାକୁ ଅନେକ ଔପଚାରିକତା ପାଳନ କରିବାକୁ ପଡ଼ିଥାଏ । କମ୍ପାନୀର କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପଞ୍ଜୀକରଣ କରିବା ବୈଧାନିକ ରୂପରେ ଆବଶ୍ୟକ ହୋଇଥାଏ । କମ୍ପାନୀର ସ୍ଥାପନା ନିମନ୍ତେ ଚିନ୍ତା କରିବା ଠାରୁ ଆରମ୍ଭ କରି କମ୍ପାନୀ ଗଠନ ପର୍ଯ୍ୟନ୍ତ ଚାରୋଟି ସ୍ତର ନିହିତ ହୋଇଥାଏ ଯଥା:

ସ୍ତର-୧ : ପ୍ରବର୍ତ୍ତନ,

ସ୍ତର-୨ : ଅନ୍ତର୍ଭୁକ୍ତୀକରଣ (ସମାମେଳଣ),

ସ୍ତର-୩: ପୁଞ୍ଜି ଏକତ୍ରୀକରଣ,

ସ୍ତର-୪: ବ୍ୟବସାୟ ପ୍ରାରମ୍ଭ କରିବା ।

ଆସ ଆମେ ଏହିସବୁ ସ୍ତର ବିଷୟରେ ବିସ୍ତାରଭାବରେ ଜାଣିବା ।

## ୭.୨ ପ୍ରବର୍ତ୍ତନ

ବ୍ୟବସାୟରେ ପ୍ରବର୍ତ୍ତନର ସାମାନ୍ୟ ସମ୍ବନ୍ଧ ଏହି ସବୁ କ୍ରିୟା ସହିତ ରହିଥାଏ ଯାହାର ଆବଶ୍ୟକତା ଏକ ନୂଆ ବ୍ୟାବସାୟିକ ପ୍ରକ୍ରିୟା ଯାହା ନୂତନ ବସ୍ତୁର ନିର୍ମାଣ, କିମ୍ବା କୌଣସି ନୂତନ ଉତ୍ପାଦନର ବିତରଣ କିମ୍ବା କୌଣସି ସେବା ଲୋକମାନଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ସ୍ଥାପନା କରିବାପାଇଁ କରାଯାଇଥାଏ ।

ଏହା ବ୍ୟବସାୟ ଆରମ୍ଭ କରିବାର ଚିନ୍ତନ ଠାରୁ ଆରମ୍ଭ ହୋଇଥାଏ କିମ୍ବା ବ୍ୟବସାୟ କରିବାକୁ ନୂତନ ସୁଯୋଗ ଖୋଜିବା ଠାରୁ ଆରମ୍ଭ ହୁଏ । ଏହାର ସମ୍ଭାବନା ଆକଳନ କରିବା ଏବଂ ତତ୍ପରେ ବ୍ୟାବସାୟିକ ପ୍ରକ୍ରିୟାକୁ ଆରମ୍ଭ କରିବାକୁ ଆବଶ୍ୟକ ପଦକ୍ଷେପ ନେବା ହିଁ ପ୍ରବର୍ତ୍ତନ । ଏଥିରେ ଏହିକଥାକୁ ଆଗ ନିଶ୍ଚିତ କରିବାକୁ ହୁଏ ଯେ ସମସ୍ତ ମୂଳ ଆବଶ୍ୟକତାଗୁଡ଼ିକ ଯେପରି ଭୂମି, ଘର, କଞ୍ଚାମାଲ, ମେସିନ୍, ଉପକରଣ ଆଦି ଉପଲବ୍ଧ ଅଛି ନା ନାହିଁ । ଯଦି ଏ ସବୁ ଉପଲବ୍ଧ ଅଛି ତେବେ ଯେକେହି ମଧ୍ୟ ଏହାର ଏକତ୍ର କରିପାରିବ ତଥା ଆବଶ୍ୟକ କୋଷର ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ବ୍ୟବସାୟିକ ପ୍ରକ୍ରିୟାକୁ ସ୍ଥାପନା କରିବା ସହିତ ବ୍ୟବସାୟ କରିବାର ପ୍ରାଥମିକ ବିଚାରକୁ ବାସ୍ତବିକ୍ ରୂପ ଦେଇ ପାରିବ । ଏହି ପୁରା ପ୍ରକ୍ରିୟାକୁ ବ୍ୟବସାୟ ପ୍ରବର୍ତ୍ତନ ତଥା ଯେଉଁ ବ୍ୟକ୍ତି ଏହି କାର୍ଯ୍ୟକୁ କରିଥାଏ ତାହାଙ୍କୁ ପ୍ରବର୍ତ୍ତକ କହନ୍ତି । ଯୌଥ କମ୍ପାନୀର ପ୍ରବର୍ତ୍ତନର ବିଭିନ୍ନ ସ୍ତରକୁ ଜାଣିବା ପୂର୍ବରୁ ଏବେ ଆମେ ପ୍ରବର୍ତ୍ତକଙ୍କ ଭୂମିକା ଏବଂ ମହତ୍ତ୍ୱର ବର୍ଣ୍ଣନା କରିବା ।

### ୭.୨.୧ ପ୍ରବର୍ତ୍ତକଙ୍କ ଭୂମିକା ଏବଂ ମହତ୍ତ୍ୱ

ପ୍ରବର୍ତ୍ତକଙ୍କୁ ଏକ ବ୍ୟକ୍ତି କିମ୍ବା ବ୍ୟକ୍ତିମାନଙ୍କର ସମୂହ ରୂପରେ ପରିଭାଷିତ କରାଯାଇପାରେ ଯେଉଁମାନେ ଏକ ନୂତନ ବ୍ୟବସାୟକୁ ସ୍ଥାପନା କରିବାର ବିଚାର କରିଥାନ୍ତି ଯାହାର ସମ୍ଭାବନାର ଆକଳନ କରିଥାନ୍ତି ଏବଂ ମୌଳିକ ଆବଶ୍ୟକତାର ବ୍ୟବସ୍ଥା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେଇ ଏକ ବ୍ୟବସାୟିକ ପ୍ରକ୍ରିୟା ଯାହାକୁ କମ୍ପାନୀ କହିଥାନ୍ତି ତାହାର ସ୍ଥାପନା କରିଥାନ୍ତି ଏବଂ ତାର ସଂଚାଳନ କରିଥାନ୍ତି । ପ୍ରବର୍ତ୍ତକ କମ୍ପାନୀର ପ୍ରବର୍ତ୍ତନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥାଏ । ଏହା ବ୍ୟବସାୟ ଉଦ୍ୟମର ବିଚାରକୁ ପ୍ରତିପାଦନ କରିଥାଏ । ଏହାର ସମ୍ଭାବନାକୁ ବିଶ୍ଳେଷଣ କରିଥାଏ । ସଂଗଠନର ଅସ୍ଥାୟୀ ଯୋଜନା ପ୍ରସ୍ତୁତ କରାଯାଏ ଏବଂ ବହୁସଂଖ୍ୟାରେ ଲୋକ, ବ୍ୟକ୍ତି, ସାମଗ୍ରୀ, ମେସିନ୍ ଏବଂ ପୁଞ୍ଜି ଏକତ୍ରକରି ଉଦ୍ୟମ ଆରମ୍ଭ କରିଥାଏ ।

### ୭.୨.୨ ପ୍ରବର୍ତ୍ତକଙ୍କର ପ୍ରକାର

ବ୍ୟବସାୟ ପ୍ରବର୍ତ୍ତନର କାର୍ଯ୍ୟ ବ୍ୟକ୍ତି, ଫାର୍ମ, ନିଗମ ସଂସ୍ଥା ଏବଂ ଏକ ବ୍ୟାଙ୍କର ଦ୍ୱାରା କରାଯାଇପାରେ । କାର୍ଯ୍ୟର ପ୍ରକୃତିର ଆଧାର ଉପରେ ପ୍ରବର୍ତ୍ତକଙ୍କୁ ନିମ୍ନଶ୍ରେଣୀରେ ବର୍ଗୀକୃତ କରାଯାଇପାରେ ।



ଟିପ୍ପଣୀ

କ) **ପେଶାଦାର ପ୍ରବର୍ତ୍ତକ (ଉଦ୍ୟୋକ୍ତା) :** ଏହି ପ୍ରବର୍ତ୍ତକ ନୂତନ ବ୍ୟବସାୟିକର ଉପକ୍ରମର ପ୍ରବର୍ତ୍ତନ କରିବାପାଇଁ ବିଶେଷଜ୍ଞ ହୋଇଥାନ୍ତି । ସେ ଏହାକୁ ପୂର୍ଣ୍ଣକାଳର ଆଧାର ଉପରେ ନିଜର ବ୍ୟବସାୟ ଅଥବା ପେଶା ରୂପରେ କରିଥାନ୍ତି । ନୂତନ ଉଦ୍ୟମର ସ୍ଥାପନା ନିମନ୍ତେ ସେ ସମସ୍ତ ପ୍ରାରମ୍ଭିକ ପଦକ୍ଷେପ ଉଠାଇଥାନ୍ତି ତଥା ଏପରି ବ୍ୟକ୍ତିକୁ ଖୋଜନ୍ତି ଯିଏ ଏଥିରେ ବିତ୍ତ ଲଗାଇ ପାରିବ । ସମସ୍ତ ପ୍ରକାର ଔପଚାରିକତାକୁ ପୂରଣ କରିବା ପରେ ସେ ଏହାର ପରିଚାଳନ ମାଲିକ କିମ୍ବା ଅଂଶଧାରୀମାନଙ୍କୁ ହସ୍ତାନ୍ତରକରି ନୂତନ ଉପକ୍ରମର ସ୍ଥାପନାରେ ଲାଗିଯାଆନ୍ତି ।

ଖ) **ବିତ୍ତୀୟ ପ୍ରବର୍ତ୍ତକ :** ଏ ପ୍ରକାର ପ୍ରବର୍ତ୍ତକ ସେୟାର ବଜାରରେ ଅନୁକୂଳ ପରିସ୍ଥିତିରେ କମ୍ପାନୀର ପ୍ରବର୍ତ୍ତନ କରି ଥାଆନ୍ତି । ଏଥିରେ ବିତ୍ତୀୟ କ୍ଷମତା ରହିଥାଏ ଏବଂ – ନୂଆ ନିବେଶକ ନିମନ୍ତେ ବିଭିନ୍ନ ସୁଯୋଗ ବାହାର କରିଥାନ୍ତି ।

ଗ) **ବୈଷୟିକ ପ୍ରବର୍ତ୍ତକ (ଉଦ୍ୟୋକ୍ତା):** ଏ ପ୍ରକାର ପ୍ରବର୍ତ୍ତକ ବିଭିନ୍ନ କ୍ଷେତ୍ରରେଟେକ୍‌ନିକ୍ ବିଶେଷଜ୍ଞ ହୋଇଥାନ୍ତି । ସେମାନେ ନିଜର ବିଶିଷ୍ଟଜ୍ଞାନ, ଅନୁଭବ ଏବଂ ପ୍ରଶିକ୍ଷଣର ଉପଯୋଗ ନୂତନ ବ୍ୟାପାରର ପ୍ରବର୍ତ୍ତନ କରିବା ପାଇଁ କରିଥାନ୍ତି । ସାଧାରଣତଃ ସେମାନେ ଏହି କାର୍ଯ୍ୟ ନିମନ୍ତେ ଫିସ୍ ନେଇଥାନ୍ତି ।

ଘ) **ଉଦ୍ୟମିୟ ପ୍ରବର୍ତ୍ତକ :** ଏପରି କେତେକ ବିତ୍ତୀୟ ସଂସ୍ଥା ଅଛି ଯିଏ ନୂତନ ଉପକ୍ରମ ପ୍ରାରମ୍ଭ କରିବା ନିମନ୍ତେ ବିତ୍ତୀୟ ସହାୟତା ଏବଂ ଦିଗ-ନିର୍ଦ୍ଦେଶ ଦେଇଥାନ୍ତି ଏବଂ କେବେ କେବେ ନୂତନ ଉଦ୍ୟମ ସହିତ ମିଶିକରି ନୂତନ ବ୍ୟବସାୟର ପ୍ରବର୍ତ୍ତନ କରିଥାନ୍ତି । ସ୍ଥାପିତ ଉଦ୍ୟମର ପରିଚାଳନ ଏବଂ ବୈଷୟିକ ବିଶେଷଜ୍ଞ ଉପଲବ୍ଧ କରାଇଥାନ୍ତି ।

ଚ) **ସରକାର :** ଅନେକ ସ୍ଥିତିରେ କେନ୍ଦ୍ର ଏବଂ ରାଜ୍ୟ ସରକାର ଦୁହେଁ ରାଷ୍ଟ୍ରାୟତ କ୍ଷେତ୍ର ଅଥବା ସଂଯୁକ୍ତ କ୍ଷେତ୍ରରେ ନୂତନ ବ୍ୟବସାୟିକ ଉଦ୍ୟମ ସ୍ଥାପନା କରିବା ନିମନ୍ତେ ପ୍ରବର୍ତ୍ତକ ରୂପରେ କାମ କରିଥାନ୍ତି ଯେଉଁଥିରେ ଅତ୍ୟଧିକ ପୁଞ୍ଜି ଏବଂ ଆଶଙ୍କା ସାମିଲ ହୋଇଥାଏ । ଏଚ୍.ଏମ୍.ଟି, ଓ.ଏନ୍.ଜି.ସି, ଏସ୍.ଏ.ଆଇ.ଏଲ୍, ବି.ଏଚ୍.ଇ.ଏଲ୍ ସରକାରଙ୍କ ଦ୍ୱାରା ସ୍ଥାପିତ ଉଦ୍ୟୋଗର ମୁଖ୍ୟ ଉଦାହରଣ ଅଟନ୍ତି ।

## ପାଠଗତ ପ୍ରଶ୍ନାବଳୀ ୭ (କ)

୧. ପ୍ରବର୍ତ୍ତନକୁ ନିଜ ଭାଷାରେ ପ୍ରକାଶ କର ।

______________________________

______________________________


୨. କମ୍ପାନୀର ଗଠନ ସ୍ତର ନିମ୍ନରେ ଦିଆଗଲା :

କ) ବ୍ୟବସାୟ ଆରମ୍ଭ କରିବା

ଖ) ପୁଞ୍ଜି ଏକତ୍ର କରିବା

ଗ) ପ୍ରବର୍ତ୍ତନ

ଘ) ଅନ୍ତର୍ଭୁକ୍ତୀକରଣ (ସମାମେଳନ)।





ଏହାକୁ ଠିକ୍ କ୍ରମରେ ଲେଖ ।

କ) ______________________

ଖ) ______________________

ଗ) ______________________

ଘ) ______________________

### ୭.୨.୩ କମ୍ପାନୀ ପ୍ରବର୍ତ୍ତନରେ ନିହିତ ସୋପାନ

ପ୍ରବର୍ତ୍ତନ କାର୍ଯ୍ୟରେ ନିମ୍ନଲିଖିତ ଚାରିଟି ସୋପାନ ନିହିତ ଅଛି

୧) ବ୍ୟାବସାୟିକ ଧାରଣାର ଖୋଜ

୨) ତଦନ୍ତ ଏବଂ ସତ୍ୟତା ପ୍ରତିପାଦନ

୩) ସଂଯୋଜନା

୪) ପ୍ରସ୍ତାବନା ଏବଂ ବିତ୍ତୀୟନ

୧) **ବ୍ୟାବସାୟିକ ଧାରଣାର ଖୋଜ :** ବ୍ୟବସାୟିକ ପ୍ରବର୍ତ୍ତନର ପ୍ରକ୍ରିୟା ବ୍ୟବସାୟରେ ସୁଯୋଗର ପ୍ରତିପାଦନକୁ କଳ୍ପନାର ଧାରଣା ସାଥିରେ ଆରମ୍ଭ ହୋଇଥାଏ । ଲୋକମାନଙ୍କର ବର୍ତ୍ତମାନ ଆବଶ୍ୟକତାର ସନ୍ତୁଷ୍ଟ ନିମନ୍ତେ କୌଣସି ଉତ୍ପାଦନର ଉପଲବ୍ଧତା କିମ୍ବା ଉପଲବ୍ଧ ଉତ୍ପାଦ୍ୟରେ ଲୋକମାନଙ୍କର ପରିବର୍ତ୍ତିତ ଆବଶ୍ୟକତାର ସନ୍ତୁଷ୍ଟ ନହେବା ଅଥବା ନୂତନ ଆବିଷ୍କାର ଯାହାକି ଏକ ନୂତନ ଉତ୍ପାଦ୍ୟ ଉତ୍ପନ୍ନ କରିପାରେ ଏହି କଥାର ଫଳସ୍ୱରୂପ ଧାରଣା ଆସିଥାଏ । ଉଦାହରଣ ନିମନ୍ତେ ୧୯୪୦ର ଆରମ୍ଭରେ 'ୱାକ୍‌ମ୍ୟାନ' ନଥିଲା । ଏକ ଇଲେକ୍‌ଟ୍ରୋନିକ୍ କମ୍ପାନୀର ବିପଣନ ଅଧିକାରୀମାନେ ଯାତ୍ରା କରିବା ସମୟରେ ଦେଖିଲେ ଲୋକେ ନିଜ କାନ୍ଧରେ ଏକ ବଡ଼ ରେଡ଼ିଓ ରଖି ଗୀତ ଶୁଣୁଛନ୍ତି । ଏହି ବିଶେଷ ଦୃଶ୍ୟ ବିପଣନ ଅଧିକାରୀଙ୍କୁ କ୍ଷୁବ୍‌ଧ କରିଦେଲା । ତେଣୁ ସେମାନେ ଚିନ୍ତାକଲେ ଯେ ଯଦି ରେଡ଼ିଓର ଆକାର ବହୁତ ଛୋଟ କରି ତାକୁ ପକେଟ୍‌ରେ ରଖାଯାଇ ପାରନ୍ତା ଏବଂ ଏକ ତାରଦ୍ୱାରା କାନ ସହିତ ଯୋଡ଼ାଯାଇ ପାରନ୍ତା ତେବେ କେତେ ବଢ଼ିଆ ହୁଅନ୍ତା । ଏହି ଧାରଣାକୁ ନେଇ ଏକ ନୂଆ ଉତ୍ପାଦ "ୱାକମ୍ୟାନ୍"ଜନ୍ମ ନେଲା ।

୨. **ତଦନ୍ତ ଏବଂ ସତ୍ୟତା ପ୍ରତିପାଦନ :** ଥରେ ଯଦି ଧାରଣା ପ୍ରତିପାଦିତ ହୋଇଗଲା ତେବେ ଏହାର ଟେକ୍‌ନିକ୍ ସମ୍ଭାବତା ଏବଂ ବାଣିଜ୍ୟିକ ବ୍ୟବହାରିକତା ଉପରେ ବିଚାର କରିବାଦ୍ୱାରା ପ୍ରସ୍ତାବର ସୁସ୍ଥତାର ଗଭୀର ଅନୁସନ୍ଧାନ କରାଯାଏ । ଯେପରିକି 'ୱାକମ୍ୟାନ୍' ସମ୍ବନ୍ଧରେ ଯଦି ରେଡ଼ିଓର ଆକାର ଛୋଟ କରିବାର ଟେକ୍‌ନିକ୍ ହୋଇପାରେ ନାହିଁ କିମ୍ବା ରେଡ଼ିଓରେ ଇୟରଫୋନ୍‌ର ମାଧ୍ୟମରେ କାନ ପର୍ଯ୍ୟନ୍ତ ଧ୍ୱନିକୁ ପ୍ରସାରିତ କରିବାର ଟେକ୍‌ନିକ୍ ନ ଥାନ୍ତା ତେବେ ୱାକ୍‌ମ୍ୟାନ୍‌ର ଯୋଜନା ଅସମ୍ଭବ ହୋଇଥାନ୍ତା । ଏହି ପ୍ରକାର ଯଦି ଟେକ୍‌ନିକ୍‌ର ଉପଲବ୍‌ଧି ହୋଇପାରେ କିନ୍ତୁ ୱାକ୍‌ମ୍ୟାନର ତିଆରିରେ ଅଧିକ ଖର୍ଚ୍ଚ ଲାଗିଥାନ୍ତା ତେବେ କୌଣସି ଗ୍ରାହକ ଏହାକୁ କ୍ରୟ କରିପାରିନଥାନ୍ତେ ଅଥବା ଚାହିଦା ଏତେ କମ୍ ହୋଇଥାନ୍ତା ଯେ ନିବେଶ ଉପରେ ଆୟ କମ୍ ହୋଇଥାନ୍ତା ତେବେ ଏହି ଧାରଣା ବାଣିଜ୍ୟିକ ରୂପ ନେଇ ପାରିନଥାନ୍ତା ।

ଟେକ୍‌ନିକ୍ ସମ୍ଭାବ୍ୟତା, ବାଣିଜ୍ୟିକ ବ୍ୟବହାରିକତା ଏବଂ ଲାଭଦାୟକତା ଉପରେ ଅନୁସନ୍ଧାନ କରି ଏସବୁକୁ ଏକ ରିପୋର୍ଟରେ ପ୍ରସ୍ତୁତ କରାଯାଏ ଯାହାକୁ 'ପରିଯୋଜନା ବା ସମ୍ଭାବ୍ୟତା ରିପୋର୍ଟ' କହିଥାନ୍ତି । ଏହି ସମ୍ଭାବ୍ୟତା ରିପୋର୍ଟ ପ୍ରାଥମିକ ଏବଂ ପ୍ରଧାନ ପ୍ରଲେଖ ହୋଇଥାଏ ଯେତେବେଳେ ଲାଇସେନ୍‌ସ ପ୍ରାପ୍ତ କରିବା ଏବଂ ବିତ୍ତୀୟ ସଂସ୍ଥା ତଥା ଅନ୍ୟ ନିବେଶକଙ୍କ ଠାରୁ ବିତ୍ତ ସଂଗ୍ରହ ସହାୟକ ହୋଇଥାଏ ।

୩. **ସଂଯୋଜନା :** ଥରେ ଯେତେବେଳେ ପ୍ରବର୍ତ୍ତକ ପରିଯୋଜନାର ସମ୍ଭାବ୍ୟତା ଏବଂ ଲାଭଦାୟକତା ସହିତ ସହମତ ହୋଇଯାଏ ତାପରେ ସେ ଆବଶ୍ୟକ ସାଧନ ଯେପରି ଭୂମି, ଘର, ମେସିନ୍, ଉପକରଣ ଏବଂ ପୁଞ୍ଜି ଆଦି ଏକତ୍ର କରିବାରେ କିମ୍ବା ଏହାର ପ୍ରବନ୍ଧ କରିବାରେ ପଦକ୍ଷେପ ନିଆଯାଏ । ପ୍ଲାଣ୍ଟ୍‌ର ରୂପରେଖ, ସ୍ଥିତି ଏବଂ ଆକାର ଆଦି ଏବଂ କଞ୍ଚାମାଲ୍ ନିମନ୍ତେ ଯୋଗାଣକାରୀମାନଙ୍କ ସହିତ ଅନୁବନ୍ଧ କରିବା, ଉପକରଣ କ୍ରୟ ନିମନ୍ତେ ବ୍ୟାପାରୀଙ୍କ ସହିତ ଅନୁବନ୍ଧ କରିବା, ବ୍ୟାଙ୍କର୍ସଙ୍କ ସହିତ ବିତ୍ତ ଅନୁବନ୍ଧ କରିବା ଆଦି ନିର୍ଣ୍ଣୟ ନିଆଯାଏ ଏବଂ ଅନ୍ୟ କମ୍ପାନୀକୁ ସଂଗଠିତ କରିବା ନିମନ୍ତେ ପ୍ରାରମ୍ଭିକ ପଦକ୍ଷେପ ଉଠାଯାଇଥାଏ ।

୪. **ପ୍ରସ୍ତାବନାର ବିତ୍ତୀୟନ :** ଏହି ସ୍ତରରେ ଆବଶ୍ୟକୀୟ ପୁଞ୍ଜି ସଂବନ୍ଧରେ ବିତ୍ତୀୟ ଯୋଜନା ପ୍ରସ୍ତୁତ କରାଯାଏ । ଯେଉଁଥିରେ ମାଲିକମାନଙ୍କ ସହିତ ସଂଗୃହୀତ ପୁଞ୍ଜି, ବ୍ୟାଙ୍କ କିମ୍ବା ଅନ୍ୟଠାରୁ ନିଆଯାଇଥିବା ଋଣର ଅନୁଦାନ ତଥା ସାଧାରଣ ଜନତାଙ୍କ ଠାରୁ କେବେ ଏବଂ କିପରି ପୁଞ୍ଜି ସଂଗ୍ରହ ହୋଇପାରିବ, ପୁଞ୍ଜି ଗଠନର ପ୍ରକୃତି ଆଦି ସମ୍ମିଳିତ ଅଟେ । ମର୍ଚାଣ୍ଟ ବ୍ୟାଙ୍କର୍ସ, ବୀମା ବ୍ୟବସାୟ କରୁଥିବା ବ୍ୟକ୍ତି (ନେଭିର) ଏବଂ ଶେୟାର ଦଲାଲ୍‌ଙ୍କ ସହିତ ସର୍ତ୍ତ କରାଯାଇଥାଏ ଯାହା ପୁଞ୍ଜି ନିର୍ଗମନ ଆଦିରେ ସହାୟତା କରିଥାଏ ।

## ପାଠଗତ ପ୍ରଶ୍ନାବଳୀ ୭ (ଖ)

୧. ବ୍ୟବସାୟ ସୁଯୋଗର ଧାରଣା କିପରି ଉତ୍ପନ୍ନ ହୋଇଥାଏ ? କୌଣସି ତିନିଗୋଟି ବିଶିଷ୍ଟଗୁଣ ଲେଖ ।

କ) ______________________________

ଖ) ______________________________

ଗ) ______________________________

୨. ଏକ କମ୍ପାନୀ ପ୍ରବର୍ତ୍ତନରେ ନିମ୍ନଲିଖିତ କ୍ରିୟା କିପରି ସମ୍ବନ୍ଧିତ ଅଟେ ୩୦ଟି ଶବ୍ଦରେ ଲେଖ ?

କ) ସଂଯୋଜନା

______________________________

ଖ) ପରିଯୋଜନା ରିପୋର୍ଟ

______________________________

## ୭.୩ ଅନ୍ତର୍ଭୁକ୍ତୀ କରଣ (Incorporation)/ସମାମେଳନ:

ଏକକ ମାଲିକାନା କିମ୍ବା ଭାଗୀଦାରୀ ଫାର୍ମ ବିନା ପଞ୍ଜୀକରଣରେ ମଧ୍ୟ ବ୍ୟାପାର ସ୍ଥାପିତ କରି ଚଳାଇ ପାରିଥାନ୍ତି । କିନ୍ତୁ ପଞ୍ଜୀକରଣ ବିନା କୌଣସି କମ୍ପାନୀ ଗଠନ ହୋଇ ପାରିବ ନାହିଁ କି ନିଜର ବ୍ୟାପାର ଚଳାଇବାର ଅନୁମତି ମଧ୍ୟ ମିଳିନଥାଏ । ବାସ୍ତବରେ କୌଣସି କମ୍ପାନୀ ସେତେବେଳେ ଅସ୍ତିତ୍ୱରେ ଆସିଥାଏ ଯେତେବେଳେ ତାର ପଞ୍ଜୀକରଣ କମ୍ପାନୀ ରେଜିଷ୍ଟ୍ରାର ପାଖରେ ହୋଇଥାଏ । ଏହି ଉଦ୍ଦେଶ୍ୟ ନିମନ୍ତେ ପ୍ରବର୍ତ୍ତକକୁ ନିମ୍ନଲିଖିତ ପଦକ୍ଷେପ ନେବାକୁ ପଡ଼ିଥାଏ ।

କ) **ନାମର ସ୍ୱୀକୃତି :** ଏହା ସୁନିର୍ଣ୍ଣିତ କରିବାକୁ ହୋଇଥାଏ କି କମ୍ପାନୀର ଦ୍ୱାରା ପସନ୍ଦ କରାଯାଇଥିବା ନାମ ଅନ୍ୟ କମ୍ପାନୀ ସାଥିରେ ମେଳ ଖାଉ ନଥିବ । ଏଥିପାଇଁ ପ୍ରବର୍ତ୍ତକଙ୍କୁ 'ନାମ ଉପଲବ୍ଧ ପତ୍ର'କୁ ପୂରଣ କରି ଆବଶ୍ୟକ ଶୁଳ୍କ ସହିତ ପଞ୍ଜିକରଣ କମ୍ପାନୀ ପାଖରେ ଜମା କରିବାକୁ ପଡ଼ିଥାଏ । କମ୍ପାନୀ ନାମ ଶେଷରେ ଲିମିଟେଡ୍ କିମ୍ବା ପ୍ରାଇଭେଟ୍ ଲିମିଟେଡ୍ ଶବ୍ଦ ଲେଖିବା ଆବଶ୍ୟକ ହୋଇଥାଏ । ଯେତେବେଳେ ଥରେ ଏହାର ସ୍ୱୀକୃତି ହୋଇଯାଏ ପ୍ରବର୍ତ୍ତକ କମ୍ପାନୀକୁ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଔପଚାରିକତାକୁ ଆଗକୁ ବଢ଼ାଇବାକୁ ହୋଇଥାଏ ।

ଖ) **ଚୁକ୍ତିପତ୍ର ବା ନଥି (ଫାଇଲ)ରେ ରଖିବା :** ନାମର ସ୍ୱୀକୃତିପରେ ପ୍ରବର୍ତ୍ତକ ଯେଉଁ ରାଜ୍ୟରେ କମ୍ପାନୀ ସ୍ଥାପିତ କରାଯିବ ସେହି ରାଜ୍ୟର ପଞ୍ଜିକରଣ କାର୍ଯ୍ୟାଳୟରେ ପଞ୍ଜିକରଣ ନିମନ୍ତେ ଆବଦନ କରିବେ । ପଞ୍ଜୀକରଣ ନିମନ୍ତେ ଆବେଦନ ପତ୍ର ସହିତ ନିମ୍ନଲିଖିତ ଚୁକ୍ତିପତ୍ର ଗୁଡ଼ିକୁ ଜମା କରାଯିବା ଆବଶ୍ୟକ ।

**୧) ସାଂଗଠନିକ ବୁଝାମଣା ପତ୍ର ନିୟମ** (MOA) – ଏହା କମ୍ପାନୀର ଉଦ୍ଦେଶ୍ୟକୁ ପରିଭାଷିତ କରିଥାଏ ଏବଂ କମ୍ପାନୀର କାର୍ଯ୍ୟ କିମ୍ବା ପରିଚାଳନାର ପରିଧିକୁ ବ୍ୟକ୍ତ କରିଥାଏ । ଏଥିରେ ଠିକ୍ ଭାବରେ କମ୍ପାନୀ ମୋହର ଲଗାହେବା, ସ୍ୱାକ୍ଷରିତ ଏବଂ ସାକ୍ଷୀତ ହେବା ଦରକାର ।

**୨) ଅନ୍ତର୍ନିୟମ (AOA)** – ଏଥିରେ କମ୍ପାନୀର ଆଭ୍ୟନ୍ତରୀଣ ପରିଚାଳନର ନିୟମ ଏବଂ ବିନିୟମ ସମାହିତ ହୋଇଥାଏ । ଏହା ସାଂଗଠନିକ ବୁଝାମଣା ପତ୍ରର ସ୍ୱାକ୍ଷରକାରୀଙ୍କ ଦ୍ୱାରା ଠିକ୍ ଭାବରେ ସ୍ୱାକ୍ଷରିତ, ମୁଦ୍ରାଙ୍କିତ (ମୋହରମାରିବା) ଏବଂ ସାକ୍ଷୀତ ହେବା ଦରକାର ।

୩) ଯେଉଁ ବ୍ୟକ୍ତିମାନେ କମ୍ପାନୀର ନିର୍ଦ୍ଦେଶକ ନିମନ୍ତେ ସହମତି ଦେଇଥାଆନ୍ତି ସେମାନଙ୍କର ଏକ ତାଲିକା ଆବେଦନ ପତ୍ର ସହିତ ଦିଆଯାଏ ।

୪) ପ୍ରସ୍ତାବିତ ନିର୍ଦ୍ଦେଶକମାନେ ଯେଉଁ ରୂପରେ କାମ କରିବେ ତାହାର ଲିଖିତ ପ୍ରତିଶ୍ରୁତି ଦେବେ । ଏଥିରେ ପ୍ରତ୍ୟେକ ନିର୍ଦ୍ଦେଶକ ନିଜର ସ୍ୱାକ୍ଷର ସହିତ ଲିଖିତ ପତ୍ର ଦେବେ ।

୫) କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟର ସଠିକ୍ ଠିକଣା ବିଷୟରେ ସୂଚନା ଦେବା ଦରକାର । ଯଦିଓ ଏହା କମ୍ପାନୀର ଅନ୍ତର୍ଭୁକ୍ତୀକରଣ କିମ୍ବା ପଞ୍ଜୀକରଣର ୩୦ ଦିନ ମଧ୍ୟରେ ଦେଇପାରିବେ ।

୬) କମ୍ପାନୀର ପଞ୍ଜୀକରଣରେ ପ୍ରାପ୍ତ ନାମ ସ୍ୱୀକୃତିପତ୍ର ନିମନ୍ତେ ।

୭) ବୈଧାନିକ ଘୋଷଣାର କମ୍ପାନୀ ଅଧିନିୟମରେ ବର୍ଣ୍ଣିତ ଅନ୍ତର୍ଭୁକ୍ତକରଣ ସହିତ ସଂବଂଧିତ ସମସ୍ତ କାନୁନ୍‌ର ନିୟମ ପାଳନ କରାଗଲା ।

ଗ) **ଚୁକ୍ତିପତ୍ର ଦାଖଲ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କ :** ଉପରୋକ୍ତ ଚୁକ୍ତିପତ୍ର ସହିତ ଆବଶ୍ୟକ ଦାଖଲ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କ ମଧ୍ୟ ପୈଠ କରାଯାଏ । ନିବନ୍ଧକ (Registrar) ସମସ୍ତ ଦଲିଲ୍‌କୁ ନିରୀକ୍ଷଣ କରିବାପରେ ଯଦି ତାହା ତାଙ୍କୁ ଠିକ୍ ଲାଗେ ତେବେ ସେ ଅନ୍ତର୍ଭୁକ୍ତକରଣର ପ୍ରମାଣପତ୍ର ବାହାର କରିଦିଅନ୍ତି । ଯେଉଁ ସମୟରେ ପ୍ରମାଣ-ପତ୍ର ବାହାର କରାଯାଏ ସେହିକ୍ଷଣି କମ୍ପାନୀ ଅସ୍ତିତ୍ୱକୁ ଆସିଯାଏ । ସେଥିପାଇଁ ଏହି ପ୍ରମାଣ-ପତ୍ରକୁ ଯୌଥ କମ୍ପାନୀର ଜନ୍ମ ପ୍ରମାଣପତ୍ର କୁହାଯାଇଥାଏ ।

## ପାଠଗତ ପ୍ରଶ୍ନାବଳୀ ୭ (ଗ)

୧. 'ନାମ ଉପଲବ୍ଧତା ଫାର୍ମ'ର ଉପଯୋଗୀତା ବର୍ଣ୍ଣନା କର ।

______________________________

______________________________

୨. ନିମ୍ନଲିଖିତ କ୍ରିୟା/ଔପଚାରିକତା ସହିତ ସମ୍ବନ୍ଧିତ ପ୍ରମାଣପତ୍ର/ଦସ୍ତାବିଜ୍/ଦଲିଲ୍‌ର ନାମ ଲେଖ ।

କ) କମ୍ପାନୀ ପଂଜୀକରଣକାରୀଙ୍କ ଦ୍ୱାରା ଜାରୀ କରାଯାଇଥିବା ପ୍ରମାଣପତ୍ର ଯେଉଁଥିରେ ପ୍ରମାଣିତ କରାଗଲା ଯେ କମ୍ପାନୀ ଅସ୍ତିତ୍ୱରେ ଆସିଗଲା ।

______________________________

ଖ) ସେହି ଚୁକ୍ତିପତ୍ର ଯେଉଁଥିରେ କମ୍ପାନୀର ପରିଚାଳନକୁ ଶାସନ କରିବାବାଲା ବିଭିନ୍ନ ନିୟମ, ବିନିୟମ ସମାହିତ ଥାଏ ।

______________________________

ଗ) ଚୁକ୍ତିପତ୍ର ଯାହା କମ୍ପାନୀର ଉଦ୍ଦେଶ୍ୟକୁ ପରିଭାଷିତ କରିଥାଏ ।


______________________________

## ୭.୪ ପୁଞ୍ଜି ସଂଗ୍ରହ କିମ୍ବା ପୁଞ୍ଜି ଅଭିଦାନ

କମ୍ପାନୀ ଅନ୍ତର୍ଭୁକ୍ତୀକରଣ ହେବାପରେ ପରବର୍ତ୍ତୀ ସୋପାନ ହେଲା ପୁଞ୍ଜି ସଂଗ୍ରହ । ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ପାଇଁ ପୁଞ୍ଜି ସଦସ୍ୟ କିମ୍ବା ବ୍ୟାଙ୍କ ବା ଅନ୍ୟ ଉତ୍ସରୁ ସଂଗ୍ରହ କରାଯାଏ, ମାତ୍ର ରାଷ୍ଟ୍ରାୟତ କମ୍ପାନୀ କ୍ଷେତ୍ରରେ ପୁଞ୍ଜି ଜନତାଙ୍କଠାରୁ ସଂଗ୍ରହ କରାଯାଏ । ଏଥିରେ ନିମ୍ନଲିଖିତ ପଦକ୍ଷେପ ଜରୁରୀ ।

କ) ବିବରଣୀର ଚିଠା ପ୍ରସ୍ତୁତ କରିବା ପରେ ଏହା ସେବୀ (SEBI) ଦ୍ୱାରା ନିରୀକ୍ଷିତ କରାଯାଇଥାଏ । ଏହାଦ୍ୱାରା ସୁନିଶ୍ଚିତ କରାଯାଏ ଯେ ବିବରଣୀରେ ଦିଆଯାଇଥିବା ସମସ୍ତ ସୂଚନାଗୁଡ଼ିକ ସେବୀ ଦ୍ୱାରା ଏହି ସଂବଂଧିୟ ଦିଆଯାଇଥିବା ନୀତି ନିର୍ଦ୍ଦେଶ ଅନୁସାରେ ଅଛି ।

ଖ) କମ୍ପାନୀର ମୁଖ୍ୟ ନିବନ୍ଧକ (ରେଜିଷ୍ଟ୍ରାର)ଙ୍କ ପାଖରେ ଏକ ନକଲ ନଥିଭୁକ୍ତ ହୁଏ ।



ଟିପ୍ପଣୀ

ଗ) ସମାଚାର ପତ୍ରରେ ଅଧିସୂଚନା ଦ୍ୱାରା ବିବରଣୀ ପ୍ରକାଶ କରିବା ଏବଂ ବିବରଣୀକାରେ ନିର୍ଦ୍ଧାରିତ ସୂଚନା ଅନୁସାରେ ଜନତାର ଅଂଶ ଆବେଦନ ନିମନ୍ତେ ଆମନ୍ତ୍ରିତ କରିବା

ଘ) ଯଦି ନ୍ୟୁନତ୍ତମ ଅଭିଦାନ ପ୍ରାପ୍ତ ହୋଇଯାଏ ତେବେ ସେବୀର ନୀତି ନିର୍ଦ୍ଦେଶ ଅନୁସାରେ ଆବେଦକଙ୍କ ଅଂଶକୁ ଆବଣ୍ଟନ କରି ଦେବା ଦରକାର ଏବଂ ଆବଣ୍ଟନର ଏକ ବିବରଣୀ କମ୍ପାନୀ ମୁଖ୍ୟ ନିବନ୍ଧକ (Registrar)ଙ୍କ ନିକଟରେ ଜମା ହେବା ଦରକାର ।

ଙ) ଅଂଶକୁ ମାନ୍ୟତା ପ୍ରାପ୍ତ ଷ୍ଟକ ଏକ୍ସଚେଞ୍ଜ୍ ସୂଚୀବଦ୍ଧ କରାଇବା ଯାହାଦ୍ୱାରା ଏହାର କ୍ରୟ-ବିକ୍ରୟ ସେଠାରେ ହୋଇପାରିବ । ଏହା ଉଚିତ ହେବ ଯେ ଜନତାଙ୍କୁ ବିବରଣୀ ଜାରୀ କରିବା ପୂର୍ବରୁ ଷ୍ଟକ ଏକ୍ସଚେଂଜର ସୂଚୀବଦ୍ଧତାର ସହମତି ପ୍ରାପ୍ତ କରିବା ।

SEBI: Securities and Exchange Board of India

**"ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପ୍ରତ୍ୟେକ ରାଷ୍ଟ୍ରାୟତ କମ୍ପାନୀଙ୍କୁ ଏହା ଜଣାଇବାକୁ ହେବଯେ ଜନତାଙ୍କଠାରୁ ପର୍ଯ୍ୟାପ୍ତ ପରିମାଣର ଧନ ପ୍ରାପ୍ତ କରାଗଲା । ସେଥିପାଇଁ ଯେତେବେଳେ କମ୍ପାନୀ ଜନତାଙ୍କର ସମକ୍ଷ ଅଂଶ ଅଭିଦାନର ପ୍ରସ୍ତାବ ରଖିଥାଏ ସେତେବେଳେ ଏହା ଅବଶ୍ୟ ସୁନିଶ୍ଚିତ କରିବା ଦରକାରଯେ ନିବେଶକଙ୍କ ଦ୍ୱାରା ନ୍ୟୁନତ୍ତମ ସଂଖ୍ୟାରେ ଅଂଶକୁ ଅବଶ୍ୟ ଅଭିଦାନିତ କରି ଦିଆଯିବ । ଏହାକୁ ଅଭିଦାନ କୁହାଯାଏ ଯାହା ଜନତାର ପ୍ରସ୍ତାବିତ ସମ୍ପୂର୍ଣ୍ଣ ଅଂଶର ୯୦ ପ୍ରତିଶତ ଅଂଶ ହୋଇଥାଏ । ଯଦି କମ୍ପାନୀ ସର୍ବନିମ୍ନ ଅଭିଦାନଠାରୁ କମ୍ ଆବେଦନରାଶି ପ୍ରାପ୍ତ କରିଥାଏ ତେବେ ତାହାକୁ ନିବେଶକଙ୍କୁ ଆବେଦନ ରାଶି ଫେରସ୍ତ କରିବା ଦରକାର ଯାହାଦ୍ୱାରା କମ୍ପାନୀ ନିଜର କାର୍ଯ୍ୟ ଆରମ୍ଭ କରି ପାରିବେନି । ଏହି ଆଶଙ୍କାରୁ ବଞ୍ଚିବା ପାଇଁ କମ୍ପାନୀ ବୀମା ବ୍ୟବସାୟୀଙ୍କୁ ନିଯୁକ୍ତ କରିଥାନ୍ତି ଯାହା ଜନତାଦ୍ୱାରା ଅଭିଦାନିତ କରାନଯାଇଥିବା ଅଂଶକୁ ସ୍ୱୟଂ କ୍ରୟ କରିବାର ଦାୟିତ୍ୱ ନେଇଥାନ୍ତି । ବୀମା ବ୍ୟବସାୟୀ ନିଜର କାର୍ଯ୍ୟ କମିଶନ୍ ଆଧାର ଉପରେ କରିଥାଏ । ବୀମା ବ୍ୟବସାୟୀଙ୍କର ନିଯୁକ୍ତିର ପ୍ରକ୍ରିୟା ପୁଞ୍ଜିର ସର୍ବନିମ୍ନ ଅଭିଦାନକୁ ସୁନିଶ୍ଚିତ କରିଥାଏ । ଏହାକୁ ଅଂଶର ବୀମିତ୍ୱ କୁହାଯାଇଥାଏ ।"**

## ୭.୫ ବ୍ୟବସାୟ ପ୍ରାରମ୍ଭ କରିବା

ପ୍ରାଇଭେଟ୍ କମ୍ପାନୀମାନେ ପଞ୍ଜିକୃତ ହେବ ପରେ ନିଜର ବ୍ୟବସାୟ ଆରମ୍ଭ କରିଥାନ୍ତି । ମାତ୍ର ରାଷ୍ଟ୍ରାୟତ୍ତ କମ୍ପାନୀ "ବ୍ୟବସାୟ ପ୍ରାରମ୍ଭ କରିବାର ପ୍ରମାଣପତ୍ର" ପାଇବାପରେ ବ୍ୟବସାୟ ଆରମ୍ଭ କରନ୍ତି । ଏହି ପ୍ରମାଣ ପତ୍ର କମ୍ପାନୀର ମୁଖ୍ୟ ନିବନ୍ଧକ (ରେଜିଷ୍ଟାର) ଠାରୁ ପ୍ରାପ୍ତ ହୋଇଥାଏ । ଏଥିନିମନ୍ତେ ନିମ୍ନଲିଖିତ ଘୋଷଣା ସହିତ କମ୍ପାନୀ ନିବନ୍ଧକଙ୍କ ପାଖରେ ଏକ ବିବରଣୀ ଜମା କରିବାକୁ ପଡ଼େ ।

କ) ବିବରଣୀ କମ୍ପାନୀ ନିବନ୍ଧକଙ୍କ ପାଖରେ ଜମା କରି ଅଛନ୍ତି

ଖ) ସର୍ବନିମ୍ନ ଅଭିଦାନ ରାଶିର ସଂଖ୍ୟା ପର୍ଯ୍ୟନ୍ତ ଆବଣ୍ଟନ କରିଦିଆଯାଇଛି

ଗ) ନିର୍ଦ୍ଦେଶକମାନେ ନିର୍ଦ୍ଦେଶକ ହେବାପାଇଁ ଆବଶ୍ୟକ ସର୍ବନିମ୍ନ ସଂଖ୍ୟାର ଯୋଗ୍ୟ ବିବେଚିତ ଅଂଶ ଖରୀଦ କରିଛନ୍ତି ।

ଘ) ମାନ୍ୟତା ପ୍ରାପ୍ତ ଶେୟାର ବଜାରରେ ଅଂଶର କ୍ରୟ-ବିକ୍ରୟର ଅନୁମତି ନିମନ୍ତେ ଅସଫଳ ହେଲେ ଆବେଦକଙ୍କୁ କୌଣସି ପଇସା ଫେରାଇବାର ଦାୟିତ୍ୱ ନାହିଁ ।

ଟିପ୍ପଣୀ

ଙ) କମ୍ପାନୀର ନିର୍ଦ୍ଦେଶକ ଅଥବା ସଚୀବ ଦ୍ୱାରା ବୈଧାନିକ ଘୋଷଣା ଯେଉଁଥିରେ ବ୍ୟକ୍ତ କରାଯାଇଅଛି ଯେ କମ୍ପାନୀର ବ୍ୟବସାୟ ପ୍ରାରମ୍ଭ କରିବାରେ ସଂବଂଧିତ ସମସ୍ତ ଔପଚାରିକତା ପୁରା କରାଯାଇଅଛି ।

କମ୍ପାନୀ ନିବନ୍ଧକ ଏହି ସବୁ ଦସ୍ତାବିଜ୍‌ର ନିରୀକ୍ଷଣ କରନ୍ତି ଏବଂ ଯଦି ସନ୍ତୁଷ୍ଟ ହୁଅନ୍ତି ସର୍ବନିମ୍ନ ନିର୍ଦ୍ଧାରିତ ପୁଂଜି ପ୍ରାପ୍ତ କରିବାର ପ୍ରକ୍ରିୟା ଯୁକ୍ତି ମୁତାବକ ଏବଂ ସକ୍ଷମତା ହିସାବରେ ପୁରା କରି ଦିଆଗଲା ଏବଂ ଜନତାଙ୍କଠାରୁ ସର୍ବନିମ୍ନ ନିର୍ଦ୍ଧାରିତ ପୁଂଜି ପ୍ରାପ୍ତ କରାଗଲା ତେଣୁ ଏ ବ୍ୟବସାୟ ପ୍ରାରମ୍ଭ କରିବାର ପ୍ରମାଣ-ପତ୍ର ପ୍ରସ୍ତୁତକରି ନିର୍ଗମନ କରାଗଲା ।

## ପାଠଗତ ପ୍ରଶ୍ନାବଳୀ-୭(ଘ)

୧. ଅନ୍ତର୍ଭୁକ୍ତୀକରଣର ପ୍ରମାଣପତ୍ର ଏବଂ ବ୍ୟବସାୟର ପ୍ରମାଣପତ୍ର ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

______________________________

______________________________

______________________________

୨. ନିମ୍ନଲିଖିତ ପରିସ୍ଥିତିରେ କମ୍ପାନୀ ଦ୍ୱାରା କରାଯାଇଥିବା ପରବର୍ତ୍ତୀ ଅବସ୍ଥାର ବର୍ଣ୍ଣନା କର ।

କ) ଗୋଟିଏ କମ୍ପାନୀ ନିଜର ସମ୍ପୂର୍ଣ୍ଣ ଅଂଶ ପୁଂଜିର ୭୫ ପ୍ରତିଶତର ଅଭିଦାନ ଜନତାଠାରୁ ପ୍ରାପ୍ତ କରାଯାଏ

______________________________

______________________________

ଖ) ଏକ ନୂତନ କମ୍ପାନୀ ନିଜର ଅଂଶ ପୁଂଜି ବିଷୟରେ ସର୍ବନିମ୍ନ ଅଭିଦାନ ବିଷୟରେ ଅନିଶ୍ଚିତ ଥାଏ ।

______________________________

______________________________

ଗ) ଏକ ନୂଆ ଘରୋଇ କମ୍ପାନୀର ଅନ୍ତର୍ଭୁକ୍ତୀର ପ୍ରମାଣ ନିର୍ଗମନ କରି ଦିଆଯାଇଅଛି ।

______________________________

______________________________

ଘ) ଏକ ନୂଆ ପବ୍ଲିକ୍ ଲିମିଟେଡ୍ କମ୍ପାନୀର ଅନ୍ତର୍ଭୁକ୍ତୀର ପ୍ରମାଣ-ପତ୍ର ନିର୍ଗମିତ କରି ଦିଆଯାଇଅଛି ।

______________________________

______________________________

## ୭.୬ କମ୍ପାନୀ ଗଠନ ସମୟରେ ପ୍ରସ୍ତୁତ କରାଯାଉଥିବା ମହତ୍ତ୍ୱପୂର୍ଣ୍ଣ ଦଲିଲ୍

ଏହି ତିନିଗୋଟି ଦଲିଲ୍ ଯାହା କମ୍ପାନୀର ଗଠନ ସମୟରେ ତିଆରି କରି ନିବନ୍ଧକ (Registrar) ପାଖରେ ଜମା କରାଯାଏ ।

୧. ସାଂଗଠିନକ ବୁଝାମଣା ପତ୍ର (MOA)

୨. ଅନ୍ତର୍ନିୟମ (AOA)

୩. ବିବରଣୀକା (Prospectus)

ଏହି ତିନିଗୋଟି ଦସ୍ତାବିଜ୍ (ଦଲିଲ୍) ମଧ୍ୟରେ ସାଂଗଠିନକ ବୁଝାମଣା ପତ୍ର ନିୟମ ଏବଂ ଅନ୍ତର୍ନିୟମ ଅନ୍ୟ ସମର୍ଥିତ ଦସ୍ତାବିଜ୍ ସହିତ ପଂଜୀକରଣ ପୂର୍ବରୁ ଅନ୍ତର୍ଭୁକ୍ତୀ ପ୍ରମାଣ-ପତ୍ରକୁ ପ୍ରାପ୍ତ କରିବା ନିମନ୍ତେ କମ୍ପାନୀ ନିବନ୍ଧକ (Registar)ଙ୍କ ପାଖରେ ଜମା କରାଯାଇଥାଏ । ବିବରଣୀକା ପୁଂଜି ଅଭିଦାନର ସମୟ ବାହାର କରା ଯାଇଥାଏ । ବିବରଣୀକାର ଏକ ନକଲ ନିବନ୍ଧକଙ୍କ ପାଖରେ ମଧ୍ୟ ଜମା କରା ଯାଇଥାଏ । ବର୍ତ୍ତମାନ ଆମେ ଏହି ଦସ୍ତାବିଜ୍ ବିଷୟରେ ସଂକ୍ଷିପ୍ତ ସୂଚନା ପ୍ରାପ୍ତ କରିବା ।

### ୧. ସାଂଗଠିନକ ବୁଝାମଣା ପତ୍ର ନିୟମ (MOA)

କମ୍ପାନୀର ଗଠନରେ ସାଂଗଠିନକ ବୁଝାମଣା ପତ୍ର ନିୟମ ଏକ ପ୍ରମୁଖ ପ୍ରଲେପ (ଦଲିଲ୍) ଅଟେ । ଏହାକୁ କମ୍ପାନୀର ସନନ୍ଦ (Charter) ମଧ୍ୟ କୁହାଯାଏ । ଏଥିରେ ଏହି ସର୍ତ୍ତ ଥାଏ କି ଯାହାର ଆଧାର ଉପରେ କମ୍ପାନୀର ଅନ୍ତର୍ଭୁକ୍ତୀ ବା ପଂଜିକୃତ କରାଯାଇଅଛି । ଏହା କମ୍ପାନୀର ଶକ୍ତିର ସୀମାକୁ ପରିଭାଷିତ କରିଥାଏ । ସୀମା ନିୟମର ଉଦ୍ଦେଶ୍ୟ ଅଂଶଦାରୀ ଏବଂ ଋଣଦାତା ତଥା ଏ ସମସ୍ତେ ଯେଉଁ କମ୍ପାନୀ ସହିତ କାରବାର କରନ୍ତି ତାଙ୍କୁ ଏହି ସୂଚନା ଦିଆଯାଏ କି କମ୍ପାନୀର ଗତିବିଧି ଏବଂ ପ୍ରଚାଳନର ଅନୁମତି ପରିଧି କ'ଣ । ଏହା କମ୍ପାନୀ ସହିତ ବାହ୍ୟ ଜଗତର ସଂବନ୍ଧକୁ ପରିଭାଷିତ କରିଥାଏ ।

ସାଂଗଠିନକ ବୁଝାମଣା ପତ୍ର ନିୟରେ ସାଧାରଣତଃ ନିମ୍ନଲିଖିତ ଛଅଟି ବାକ୍ୟ (ଖଣ୍ଡ)ରହିଥାଏ ।

କ) **ନାମବାକ୍ୟ :** ଏଥିରେ କମ୍ପାନୀର ସେହି ନାମ ଥାଏ ଯେଉଁନାମରେ କମ୍ପାନୀର ସ୍ଥାପନା କରାଯାଇଛି । ଯେପରି ଆପଣ ଜାଣିଛନ୍ତି ଯେ ପ୍ରସ୍ତାବିତ ନାମର ସ୍ୱୀକୃତି କମ୍ପାନୀ ପଂଜିକରଣ ଆଗରୁ ରୂପ ଦିଆଯାଇଥାଏ ।

ଖ) **ସ୍ଥିତି ବାକ୍ୟ -** ଏଥିରେ ସେହି ରାଜ୍ୟର ନାମ ରହିଥାଏ ଯେଉଁଠାରେ କମ୍ପାନୀର ପଂଜୀକରଣ କାର୍ଯ୍ୟାଳୟ ହୋଇଥାଏ । କମ୍ପାନୀର ବ୍ୟାବସାୟିକ ଠିକଣାର ସୂଚନା କମ୍ପାନୀ ପଂଜିକୃତର ୩୦ଦିନ ମଧ୍ୟରେ କମ୍ପାନୀ ନିବନ୍ଧକ (Registrar)ଙ୍କୁ ଦେବାକୁ ପଡ଼ିଥାଏ ।

ଗ) **ଉଦ୍ଦେଶ୍ୟ ବାକ୍ୟ -** ଏଥିରେ କମ୍ପାନୀର ସେହି ଉଦ୍ଦେଶ୍ୟ ଏବଂ ଅଧିକାରକୁ ବିସ୍ତାର ଭାବରେ ବର୍ଣ୍ଣନା କରାଯାଇଥାଏ ଯେଉଁ ଉଦ୍ଦେଶ୍ୟରେ ଏହା ଗଠନ କରାଯାଇଛି । ଏକ କମ୍ପାନୀ କେବଳ ସେହି କାର୍ଯ୍ୟ କରିପାରିବ ଯାହାର ଉଲ୍ଲେଖ ସୀମା ନିୟମର ଉଦ୍ଦେଶ୍ୟ ବାକ୍ୟରେ ଥିବ ।

ଘ) **ଦାୟିତ୍ୱ ବାକ୍ୟ** - ଏଥିରେ ଅଂଶଧାରୀଙ୍କ ବିତ୍ତୀୟ ସୀମା ଦିଆଯାଇଥାଏ । କମ୍ପାନୀ ଭାଙ୍ଗିବା ବା ବନ୍ଦ ହେବା ଅବସ୍ଥାରେ ସେମାନେ ଏହି ସୀମା ପର୍ଯ୍ୟନ୍ତ ବାହାରବ୍ୟକ୍ତିମାନଙ୍କ ପ୍ରତି ଉତ୍ତରଦାୟୀ ହୋଇଥାନ୍ତି ।

ଙ) **ପୁଂଜିବାକ୍ୟ** - ଏଥିରେ କମ୍ପାନୀର ପ୍ରସ୍ତାବିତ ପଂଜିକୃତ ପୁଂଜି ଲେଖା ହୋଇଥାଏ । ସେହି ଅଧିକୃତ ପୁଂଜିକୁ ବିଭିନ୍ନ ପ୍ରକାର ଅଂଶ ଯେପରି ସମତା ଏବଂ ପୂର୍ବାଧିକାର ଅଂଶକୁ ଏହାର ସଂଖ୍ୟା କିମ୍ବା ଅଙ୍କିତ ମୂଲ୍ୟରେ ବର୍ଗୀକୃତ କରି ଦେଖାଯାଏ । ଏକ କମ୍ପାନୀର ଅଧିକୃତ ପୁଂଜିଠାରୁ ଅଧିକ ପୁଂଜି ଏକତ୍ରକରିବାର ଅନୁମତି ନଥାଏ । ଯଦିଓ କମ୍ପାନୀର ଅଧିନିୟମରେ ବର୍ଣ୍ଣିତ ନୀତି ନିର୍ଦ୍ଦେଶର ଅନୁସାରେ ଏହି ବାକ୍ୟର ବି ପରିବର୍ତ୍ତନ କରିବାର ଅନୁମତି ଥାଏ ।

ଚ) **ଅଭିଦାନ ବାକ୍ୟ** - ପବ୍ଲିକ୍ ଲିମିଟେଡ୍ କମ୍ପାନୀ ନାମ ସାମ୍ନାରେ ଅବସ୍ଥାନୁସାରେ ସଂଖ୍ୟାର ଅଂଶ କ୍ରୟ କରିବା ନିମନ୍ତେ ସହମତ ନେଇଥାଏ ।

୨. **ଅନ୍ତର୍ନିୟମ (AOA)**

କମ୍ପାନୀର ଅନ୍ତର୍ନିୟମର ଅନ୍ତର୍ଗତ କମ୍ପାନୀର ଦୈନନ୍ଦିନ ପ୍ରବନ୍ଧ ନିମନ୍ତେ ନିୟମ ବା ବିନିୟମ ଦିଆ ହୋଇଥାଏ । ଏହି ନିୟମର ଉପନିୟମ ମଧ୍ୟ କୁହାଯାଏ । ଏଥିରେ ସଦସ୍ୟମାନଙ୍କର ବିଭିନ୍ନ ଅଧିକାର, ଶକ୍ତି, ପ୍ରବନ୍ଧରେ କର୍ତ୍ତବ୍ୟ ଏବଂ ଏହାର ପରିବର୍ତ୍ତନ ବିଧି ଲେଖା ହୋଇଥାଏ । ଏହା କମ୍ପାନୀ ତଥା ତାହାର ସଦସ୍ୟ ଏବଂ ସଦସ୍ୟଙ୍କ ମଧ୍ୟରେ ଥିବା ସମ୍ପର୍କର ପରିଭାଷିତ କରିଥାଏ । ଅନ୍ତର୍ନିୟମରେ ଦିଆଯାଇଥିବା ନିୟମର ସୀମା ନିୟମ ସହିତ ପାଳନ ହେବା ଆବଶ୍ୟକ ହୁଏ ।

କମ୍ପାନୀ ଅନ୍ତର୍ନିୟମରେ ସାଧାରଣତଃ ନିମ୍ନଲିଖିତ ମାମଲା ସହିତ ସଂବଂଧିତ ନିୟମ ବା ବିନିୟମ ରହିଥାଏ ।

୧) ପ୍ରାରମ୍ଭିକ ଅନୁବନ୍ଧ
୨) ସାଧାରଣ ସିଲ୍‌ର ପ୍ରୟୋଗ ଏବଂ ସୁରକ୍ଷା
୩) ଅଂଶର ଆବଣ୍ଟନ, ଦାବୀକରିବା, ମୂଳ ଉପରେ ଅଧିକାର
୪) ଅଂଶର ସ୍ଥାନାନ୍ତରଣ ଏବଂ ସଂଚରଣ
୫) ଅଂଶର ଜବତ ଏବଂ ପୁନଃ ନିର୍ଗମ କରିବା
୬) ଅଂଶ ପୁଂଜିର ପରିବର୍ତ୍ତନ
୭) ଅଂଶ ପ୍ରମାଣପତ୍ର ଏବଂ ଅଂଶ ଓ୍ୱାରେଣ୍ଟି ଜାରୀକରିବା
୮) ଅଂଶକୁ ଷ୍ଟକରେ ପରିବର୍ତ୍ତନ
୯) କମ୍ପାନୀ ବୈଠକର ଆୟୋଜନ ଏବଂ ସଂଚାଳନର ପରିଚାଳନା
୧୦) ସଦସ୍ୟଙ୍କର ମତାଧିକାର ଏବଂ ପ୍ରତିନିଧିତ୍ୱ
୧୧) ନିର୍ଦ୍ଦେଶକଙ୍କର ଯୋଗ୍ୟତା, ନିଯୁକ୍ତି, ପାରିଶ୍ରମିକ ଏବଂ ଶକ୍ତି
୧୨) ଋଣ ପ୍ରାପ୍ତ କରିବାର ଶକ୍ତି ଏବଂ ଋଣ ସଂଗ୍ରହର ବିଧି
୧୩) ଲାଭାଂଶ ପୈଠ ଏବଂ ସମିତି ସୃଜନ କରିବା
୧୪) ଲେଖା ପରୀକ୍ଷା
୧୫) ସମାପନ

ଏକ କମ୍ପାନୀ ନିଜର ଅନ୍ତର୍ନିୟମ ପଂଜିକୃତ କରିପାରିବ କିମ୍ବା କମ୍ପାନୀ ଅଧିନିୟମର ସୂଚୀରେ ଦିଆଯାଇଥିବା ଆଦର୍ଶ ନିୟମର ସେଟ ଯାହାକୁ ତାଲିକା-୧ କହିଥାନ୍ତି, ଗ୍ରହଣ କରିଥାନ୍ତି ।

ସୀମା ନିୟମ ଏବଂ ଅନ୍ତର୍ନିୟମର ଅର୍ଥ ଜାଣିବାପରେ ତୁମେ ଅବଶ୍ୟ ଭାବୁଥିବ କି କିପ୍ରକାର ଏ ଦୁଇ ଦସ୍ତାବିଜ୍ ପରସ୍ପର ପୃଥକ୍ ଅଟେ । ଏବେ ଆମେ ଦୁଇଟିର ତୁଳନା କରିବା ।

**ସାଂଗଠିନକ ବୁଝାମଣା ପତ୍ର ଏବଂ ଅନ୍ତର୍ନିୟମର ପାର୍ଥକ୍ୟ**

| ଅନ୍ତରର ପାର୍ଥକ୍ୟ | ସାଂଗଠିନକ ବୁଝାମଣା ପତ୍ର | ଅନ୍ତର୍ନିୟମ |
|---|---|---|
| କ) ବିଷୟବସ୍ତୁ | ଏଥିରେ କମ୍ପାନୀର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଦିଆଯାଏ । | ଅନ୍ତର୍ନିୟମରେ ସୀମା ନିୟମରେ ଦିଆଯାଇଥିବା ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟକୁ ଲାଗୁ କରାଇବାର ନିୟମ ହୋଇଥାଏ । |
| ଖ) ସଂବନ୍ଧ | ଏହା କମ୍ପାନୀ ଏବଂ ବାହ୍ୟ ବ୍ୟକ୍ତିଙ୍କ ସହିତ ସମ୍ବନ୍ଧକୁ ବର୍ଣ୍ଣନା କରିଥାଏ । | ଏହା କମ୍ପାନୀ ଏବଂ ଏହାର ସଦସ୍ୟଙ୍କ ମଧ୍ୟରେ ଥିବା ସମ୍ବନ୍ଧକୁ ବର୍ଣ୍ଣନା କରିଥାଏ । |
| ଗ) ସଂଶୋଧନ | ସୀମା ନିୟମରେ ଦିଆଯାଇଥିବା ଉଦ୍ଦେଶ୍ୟ ଏବଂ ଅନ୍ୟ ପ୍ରାବଧାନ ରେ ସଂଶୋଧନ କରିବା ବହୁତ କଠିନ ହୋଇଥାଏ । | ଅନ୍ତର୍ନିୟମରେ ଦିଆଯାଇଥିବା ନିୟମକୁ ଏକ ବିଶେଷ ପ୍ରସ୍ତାବ ଦ୍ୱାରା ସହଜରେ ସଂଶୋଧିତ କରାଯାଇଥାଏ । |
| ଘ) ସୀମା | ସୀମା ନିୟମରେ ଦିଆଯାଇଥିବା ପ୍ରାବଧାନ କମ୍ପାନୀ ଅଧିନିୟମର କ୍ଷେତ୍ରର ବାହାରେ ହୋଇ ନଥାଏ । | ଅନ୍ତର୍ନିୟମରେ ଦିଆଯାଇଥିବା ନିୟମ ସୀମା ନିୟମ ଏବଂ କମ୍ପାନୀ ନିୟମର କ୍ଷେତ୍ରର ବାହାରେ ହୋଇ ନଥାଏ । |
| ଙ) ଦାୟୀତ୍ୱ | ଏହା କମ୍ପାନୀର ବୈଧାନିକ ଦାୟୀତ୍ୱ ଅଟେ ସେ ଏହି ନଥିକୁ ପ୍ରସ୍ତୁତ କରି କମ୍ପାନୀ ରେଜିଷ୍ଟାର ପାଖରେ ଜମା କରେ । | ଏହି ନଥିକୁ କମ୍ପାନୀ ରେଜିଷ୍ଟାର ପାଖରେ ଜମାକରିବାର କୌଣସି ଦାୟୀତ୍ୱ ନଥାଏ । କମ୍ପାନୀ ଚାହିଁଲେ କମ୍ପାନୀ ଅଧିନିୟମରେ ଦିଆଯାଇଥିବା ସାରଣୀ 'ଅ'କୁ ମଧ୍ୟ ଗ୍ରହଣ କରିପାରିବ । |

୩. **ବିବରଣ ପତ୍ରିକା** – ଅନ୍ତର୍ଭୁକ୍ତ କରିବାର ପ୍ରମାଣପତ୍ର ପାଇବା କିମ୍ବା ପଂଜୀକୃତ ହେବା ପରେ ଏକ ରାଷ୍ଟ୍ରାୟତ କମ୍ପାନୀ ଜନତାର ନିଜର ଅଂଶରେ ଅଭିଦାନ କରିବା ନିମନ୍ତେ ଆମନ୍ତ୍ରିତ କରିଥାଏ । ଏହି କାର୍ଯ୍ୟ ଏକ ଦଲିଲର ନିର୍ଗମନ ଦ୍ୱାରା କରାଯାଇଥାଏ ଯାହାକୁ ବିବରଣ ପତ୍ରିକା କୁହାଯାଏ । କମ୍ପାନୀ ଅଧିନିୟମ ଅନ୍ତର୍ଗତ ବିବରଣ ପତ୍ରିକାକୁ ଏହି ଭାବରେ ବର୍ଣ୍ଣନା କରାଯାଇଛି । କୌଣସି ଦସ୍ତାବିଜ୍ ଯେପରି ବିବରଣ ପତ୍ରିକା ରୂପରେ ନିର୍ଗମିତ କରାଯାଏ ଏବଂ ଯେଉଁଥିରେ କୌଣସି ନୋଟିସ୍, ଆଦେଶପତ୍ର, ବିଜ୍ଞାପନ କିମ୍ବା ଅନ୍ୟ ଦସ୍ତାବିଜ୍ ସମ୍ମିଳିତ ଥାଏ ଯାହାଦ୍ୱାରା ଜନତାଠାରୁ ଆମନ୍ତ୍ରଣ କରିବା କିମ୍ବା ଜନତାର କମ୍ପାନୀ କିମ୍ବା ନିଗମିତ ଋଣ ସ୍ୱୀକାରପତ୍ରର ଅଭିଦାନ ବା ଖରୀଦ କରିବାର ପ୍ରସ୍ତାବ ଆମନ୍ତ୍ରଣ କରାଯାଇଥାଏ । ବିବଣଣ ପତ୍ରିକା ନିର୍ଗମିତ କରିବାର ମୁଖ୍ୟ ଉଦ୍ଦେଶ୍ୟ ।

କ) ଜନତାଙ୍କୁ କମ୍ପାନୀ ବିଷୟରେ ସୂଚନା ପ୍ରଦାନ;

ଖ) ଲୋକଙ୍କୁ କମ୍ପାନୀର ଅଂଶ ବା ଋଣସ୍ୱୀକାର ପତ୍ରରେ ନିବେଶ କରିବା ନିମନ୍ତେ ପ୍ରେରିତ କରିବା ଏବଂ

ଗ) ଲୋକ ଏବଂ କମ୍ପାନୀ ବିଷୟରେ ପ୍ରମାଣିକ ସୂଚନା ପ୍ରଦାନ କରିବା ଏବଂ ନିର୍ଗମିତ କରାଯାଇଥିବା ଅଂଶ ଏବଂ ଋଣପତ୍ର କିମ୍ବା ସର୍ତ୍ତ ଉଲ୍ଲେଖିତ କରିବା ।

ବିବରଣପତ୍ରିକା ସାଧାରଣତଃ ନିମ୍ନଲିଖିତ ସୂଚନା ନେଇଥାଏ ଯାହାକି କମ୍ପାନୀର ଅଂଶ କିମ୍ବା ଋଣପତ୍ରର ଭାବୀ ନିବେଶକମାନଙ୍କ ନିମନ୍ତେ ମହତ୍ତ୍ୱପୂର୍ଣ୍ଣ ବୁଝାଯାଏ ।

କ) କମ୍ପାନୀର ନାମ କମ୍ପନୀ କାର୍ଯ୍ୟାଳୟ ସେୟାର ବଜାର (ଷ୍ଟକଏକ୍ସଚେଂଜ) ଯେଉଁଠାରେ ଅଂଶର ସୂଚୀବଦ୍ଧ କରାଯାଏ ନିଗମନର ଖୋଲିବା କିମ୍ବା ବନ୍ଦ ହେବାର ତାରିଖ, ଜମା ମୂଲ୍ୟାଙ୍କନର ଦରର ସୂଚନା, ବୀମାକରୁଥିବା ବ୍ୟକ୍ତି ବା ଦଲାଲ୍ କିମ୍ବା ବ୍ୟାଙ୍କର୍ସର ନାମ ଇତ୍ୟାଦି ।

ଖ) କମ୍ପାନୀର ପୁଞ୍ଜି ଢାଞ୍ଚା

ଗ) ପୈଠର ସର୍ତ୍ତ ଏବଂ ଆବେଦନ ସମ୍ବନ୍ଧୀୟ କାର୍ଯ୍ୟବିଧି ।

ଘ) କମ୍ପାନୀ ପ୍ରବଂଧ କିମ୍ବା ପରିଯୋଜନାର ବିବରଣ କିମ୍ବା ପରିଯୋଜନା ରିପୋର୍ଟ

ଙ) ସମସ୍ତ ପ୍ରବନ୍ଧର ଅନ୍ତର୍ଗତ ଅନ୍ୟ ଭିନ୍ନ ସୂଚୀବଦ୍ଧ କମ୍ପାନୀମାନେ

ଚ) ବାକି ବିବାଦ ଏବଂ ଆଦାୟ

ଛ) ଆଶଙ୍କାର କାରକ ପ୍ରତି ପରିଚାଳକଙ୍କର ପ୍ରତ୍ୟକ୍ଷ ଜ୍ଞାନ

ବିବରଣ ପତ୍ରିକା ବହୁତ ସାବଧାନର ସହିତ ପ୍ରସ୍ତୁତ କରାଯିବା ଦରକାର କାରଣ ବ୍ୟକ୍ତି ଏହାର ବିବରଣର ଆଧାର ଉପରେ ଜନତା କମ୍ପାନୀରେ ପୁଞ୍ଜି ବିନିଯୋଗ କରିଥାଏ । ଏଥିରେ ଅସତ୍ୟତା (ମିଥ୍ୟା)ର ବିଚାର ହେବା ଉଚିତ ନୁହେଁ । ଏହା ଦ୍ୱାରା କମ୍ପାନୀର ଭବିଷ୍ୟତ ଯୋଜନା କିମ୍ବା ଭବିଷ୍ୟତର ଉପଲବ୍ଧି ଆଦି ଲିଖିତ କରାଯାଇଥାଏ ।

ଯେଉଁ କମ୍ପାନୀ ବିବରଣ ପତ୍ରିକା ନିର୍ଗମନ କରେନାହିଁ ସେହି ସ୍ଥାନରେ କମ୍ପାନୀ ରେଜିଷ୍ଟ୍ରାରଙ୍କ ତରଫରୁ ଏକ ବିଧିବଦ୍ଧ ବିବରଣ ପତ୍ରିକା ପ୍ରକାଶ କରାଯାଏ । ଏହା ବିବରଣ ପତ୍ରିକାର ନକଲ ହୋଇଥାଏ କିନ୍ତୁ ଏହାକୁ ଜନତାଙ୍କ ନିମନ୍ତେ ନିର୍ଗମିତ କରାଯାଏ ନାହିଁ ।

## ପାଠଗତ ପ୍ରଶ୍ନାବଳୀ-୭(ଙ)

୧. ବିବରଣପତ୍ରକୁ ନିଜ ଭାଷାରେ ବର୍ଣ୍ଣନା କର ।

___________________________________________

___________________________________________

୨. ନିମ୍ନଲିଖିତ ଦଲିଲ୍‌ର ନାମ ଲେଖ ।

କ) କମ୍ପାନୀଦ୍ୱାରା ନିର୍ଗମିତ କରାଯାଇଥିବା ସେହି ଦଲିଲ୍ ଯାହାଦ୍ୱାରା ଜନତାର କମ୍ପାନୀର ଅଂଶ ପୁଞ୍ଜିରେ ଅଭିଦାନ କରିବା ଦ୍ୱାରା ଆମନ୍ତ୍ରିତ କରାଯାଏ

ଖ) ସେ ଦଲିଲ୍ ଯାହାକି ଏକ ସଦସ୍ୟଙ୍କୁ କମ୍ପାନୀସହିତ କମ୍ପାନୀକୁ ସଦସ୍ୟଙ୍କ ସହିତ, କିମ୍ବା ସଦସ୍ୟମାନଙ୍କୁ ସଦସ୍ୟମାନଙ୍କ ସହିତ ବାନ୍ଧି ରଖିବା


ଗ) ଦଲିଲ୍ ଯେଉଁଥିରେ କମ୍ପାନୀର ଆନ୍ତରିକ ପ୍ରବନ୍ଧର ନିୟମ ଲେଖା ହୋଇଥାଏ ।

ଘ) ଦଲିଲ୍ ଯାହା କମ୍ପାନୀ ଉଦ୍ଦେଶ୍ୟକୁ ସ୍ପଷ୍ଟ ବର୍ଣ୍ଣନା କରିଥାଏ ।

ଙ) ରାଷ୍ଟ୍ରାୟତ୍ତ କମ୍ପାନୀ ଯାହା ବିବରଣପତ୍ର କରିବାକୁ ଚାହେଁ ନାହିଁ କିମ୍ବା ଦଲିଲ୍‌ର ନିର୍ଗମନ ମଧ୍ୟ କରେ ନାହିଁ ।

## ଯୌଥ ଉଦ୍ୟୋଗର ଗଠନ ଫ୍ଲୋ' ଚାର୍ଟ

**FLOW CHART**



## ୭.୭ ତୁମେ କ'ଣ ଶିଖିଲ

- ପ୍ରବର୍ତ୍ତନ - ଏଥିରେ ସେ ସମସ୍ତ କ୍ରିୟା ସମ୍ମିଳିତ ଥାଏ ଯାହା ଏକ ନୂଆ ବ୍ୟବସାୟ (କମ୍ପାନୀ ମଧ୍ୟ ହୋଇପାରେ)ର ସ୍ଥାପନ ନିମନ୍ତେ ଆବଶ୍ୟକ ହୁଏ ।
- ପ୍ରବର୍ତ୍ତକ - ପ୍ରବର୍ତ୍ତକ ଏକ ବ୍ୟକ୍ତି ଅଥବା ବ୍ୟକ୍ତି ସମୂହ ହୋଇଥାନ୍ତି ଯିଏ ଏକ କମ୍ପାନୀ ନିର୍ମାଣର ଧାରଣା କରିଥାନ୍ତି ଏବଂ ଏହା ନିମନ୍ତେ ଆବଶ୍ୟକ ପଦକ୍ଷେପ ଉଠାଇଥାନ୍ତି । ପ୍ରବର୍ତ୍ତକମାନଙ୍କର ବିଭିନ୍ନ ଶ୍ରେଣୀର ପେଶାଦାର ପ୍ରବର୍ତ୍ତକ, ବିତ୍ତୀୟ ପ୍ରବର୍ତ୍ତକ, ଟେକନିକ୍ ପ୍ରବର୍ତ୍ତକ ଏବଂ ଉଦ୍ୟମୀ ପ୍ରବର୍ତ୍ତକ ଥାଆନ୍ତି । କେତେକ ବିଶିଷ୍ଟ ସଂସ୍ଥା ସହିତ ସରକାର ମଧ୍ୟ ପ୍ରବର୍ତ୍ତକର ଭୂମିକା ଗ୍ରହଣ କରିଥାନ୍ତି ।
- କମ୍ପାନୀଙ୍କ ପ୍ରବର୍ତ୍ତକର ସ୍ତର
  - କ) ବ୍ୟବସାୟିକ ଧାରଣାର ଖୋଜ (ଅନୁସନ୍ଧାନ)
  - ଖ) ନିରୀକ୍ଷଣ ଏବଂ ସତ୍ୟତା ପ୍ରତିପାଦନ
  - ଗ) ସଂଯୋଜନ
  - ଘ) ପ୍ରସ୍ତାବନା ଏବଂ ବିତ୍ତବ୍ୟବସ୍ଥା
- ଅନ୍ତର୍ଭୁକ୍ତିକରଣ : ଏକ କମ୍ପାନୀ ଯେତେବେଳେ ସେ ରେଜିଷ୍ଟାରଙ୍କ ପାଖରେ ପଂଜୀକୃତ ହୁଏ ସେତେବେଳେ ତାହା ଅସ୍ତିତ୍ୱକୁ ଆସିଥାଏ । ପ୍ରବର୍ତ୍ତକଙ୍କ ଏଥିନିମନ୍ତେ ନିମ୍ନଲିଖିତ ପଦକ୍ଷେପ ନେବାକୁ ପଡ଼େ
  - କ) ନାମର ସ୍ୱୀକୃତି
  - ଖ) ଦସ୍ତାବିଜ୍‌କୁ ଦାଖଲ କରିବା ଏବଂ
  - ଗ) ପଞ୍ଜୀକରଣ ଫିସ୍ ଏବଂ ଦସ୍ତାବିଜ୍ ଦାଖଲ କରିବାର ଅର୍ଥପୈଠ
- ପୁଞ୍ଜି ସଂଗ୍ରହ/ଏକତ୍ର କରିବା - ଏକ ଘରୋଇ କମ୍ପାନୀ ନିଜର ସଦସ୍ୟ କିମ୍ବା ବ୍ୟାଙ୍କ ତଥା ଅନ୍ୟଠାରୁ ଉଧାର ନେଇ ପୁଂଜୀ ଏକାଠି କରିଥାଏ । ଏକ ସାର୍ବଜନିକ କମ୍ପାନୀ ଜନତାଙ୍କ ପାଖରେ ବିବରଣ-ପତ୍ରିକା ନିର୍ଗମିତ କରି ପୁଂଜି ସଂଗ୍ରହ କରିଥାଏ ।
- ବ୍ୟବସାୟ ଆରମ୍ଭ କରିବା - ଏକ ଘରୋଇ କମ୍ପାନୀ ଅନ୍ତର୍ଭୁକ୍ତ ବା ପଂଜୀକରଣର ପ୍ରମାଣ ପତ୍ର ପ୍ରାପ୍ତ କରିସାରିବା ସଙ୍ଗେ ସଙ୍ଗେ ବ୍ୟବସାୟ ଆରମ୍ଭ କରିପାରନ୍ତି । କିନ୍ତୁ ଏକ ସାର୍ବଜନିକ କମ୍ପାନୀ କେବଳ ବ୍ୟବସାୟ ଆରମ୍ଭ କରିବାର ପ୍ରମାଣ କେବଳ ବ୍ୟବସାୟ ଆରମ୍ଭ କରିବାର ପ୍ରମାଣ ପତ୍ର ପ୍ରାପ୍ତ କରିବା ପରେ ନିଜର ବ୍ୟବସାୟ ଆରମ୍ଭ କରିପାରନ୍ତି ।
- କମ୍ପାନୀର ଗଠନ ସମୟରେ କରାଯାଇଥିବା ଆବଶ୍ୟକ ଦସ୍ତାବିଜ୍ -
  - କ) ସାଂଗଠନିକ ବୁଝାମଣା ପତ୍ର(MOA)
  - ଖ) ଅନ୍ତର୍ନିୟମ (AOA)
  - ଗ) ବିବରଣ ପୁସ୍ତିକା

- ସାଂଗଠିନକ ବୁଝାମଣା ପତ୍ର - ଏହା କମ୍ପାନୀର ସଂଗଠନ ନିମନ୍ତେ ଏକ ପ୍ରମୁଖ ଦଲିଲ୍ ଅଟେ । ଏହାକୁ କମ୍ପାନୀର ଚାର୍ଟର କୁହାଯାଏ । ଏହା କମ୍ପାନୀର ବାହ୍ୟପକ୍ଷ ସହିତ ସମ୍ବନ୍ଧକୁ ନିୟନ୍ତ୍ରିତ କରିଥାଏ । ଏହା କମ୍ପାନୀର ଉଦ୍ଦେଶ୍ୟ, ନାମ ଏବଂ ପଂଜୀକୃତ କାର୍ଯ୍ୟାଳୟ ଆଦିକୁ ନିର୍ଦ୍ଧାରିତ କରିଥାଏ । ଏଥିରେ ନିମ୍ନ ଲିଖିତ ବାକ୍ୟଗୁଡ଼ିକ ଥାଏ ।

  କ) ନାମବାକ୍ୟ

  ଖ) ସ୍ଥିତି ବାକ୍ୟ

  ଗ) ଉଦ୍ଦେଶ୍ୟବାକ୍ୟ

  ଘ) ଦାୟିତ୍ୱ ବାକ୍ୟ

  ଙ) ପୁଂଜୀ ବାକ୍ୟ

  ଚ) ଅଭିଦାନ ବାକ୍ୟ

- **ଅନ୍ତର୍ନିୟମ** - ଏଥିରେ କମ୍ପାନୀର ଆନ୍ତରିକ ପ୍ରବନ୍ଧ ନିମନ୍ତେ ନୀତି ନିୟମ ବର୍ଣ୍ଣିତ ହୋଇଥାଏ ।
- **ବିବରଣ ପୁସ୍ତିକା** - ଏହି ଦସ୍ତାବିଜ୍ ସାର୍ବଜନିକ କମ୍ପାନୀ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ । ଏହାର ପ୍ରସ୍ତୁତ କରିବାର ଉଦ୍ଦେଶ୍ୟଙ୍କର ଅଂଶ ଏବଂ ଋଣପତ୍ରରେ ଅଭିଦାନ ନିମନ୍ତେ ଆମନ୍ତ୍ରଣ କରିବା ।

## ୭.୮ ମୁଖ୍ୟ ଶବ୍ଦ

ବ୍ୟବସାୟ ଆରମ୍ଭ କରିବାର ପ୍ରମାଣ ପତ୍ର
ଅନ୍ତର୍ଭୁକ୍ତୀକରଣ
ସୀମାନିୟମ
ସର୍ବନିମ୍ନ ଅଭିଦାନ
ପ୍ରବର୍ତ୍ତକ
ପ୍ରବର୍ତ୍ତନ
ବିବରଣ ପତ୍ରିକା
ବିବରଣପତ୍ରିକା ବଦଳରେ ବନ୍ଦୋବସ୍ତ
ଦାୟ ଗ୍ରହଣ (under writing)

## ୭.୯ ପାଠାନ୍ତ ପ୍ରଶ୍ନାବଳୀ

ଅତି କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ

୧) ପ୍ରବର୍ତ୍ତକ କିଏ ?

୨) କମ୍ପାନୀ ଗଠନର ବିଭିନ୍ନ ସୋପାନ ଗଣନା କର ?

୩) କମ୍ପାନୀର ଅଧିକ ପୁଂଜୀର ଉଦ୍ଦେଶ୍ୟ କ'ଣ ?

୪) ରାଷ୍ଟ୍ରାୟତ୍ତ କମ୍ପାନୀ ଦ୍ୱାରା ବିବରଣ ପତ୍ରିକା କାହିଁକି ନିର୍ଗମନ କରାଯାଏ ।

୫) କମ୍ପାନୀ ପଂଜୀକରଣ ନିମନ୍ତେ ଜମା କରିବାକୁ ପଡୁଥିବା ଦୁଇଟି ଦଲିଲ୍‌ର ନାମ ଲେଖ ?

କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ

୬) କମ୍ପାନୀର ପ୍ରର୍ଦଶନରେ ସମ୍ମିଳିତ ସ୍ତରର ଉଲ୍ଲେଖ କର ।

୭) ଅନ୍ତର୍ନିୟମ କ'ଣ ?

୮) ସାଂଗଠନିକ ବୁଝାମଣା ପତ୍ର ଏବଂ ଅନ୍ତର୍ନିୟମ ମଧ୍ୟରେ କୌଣସି ଦୁଇଟି ପାର୍ଥକ୍ୟ ଦର୍ଶାଅ ।

୯) ଉଦ୍ୟମୀ ପ୍ରବର୍ତ୍ତକର ଅର୍ଥ ବାଖ୍ୟା କର ।

୧୦) ସାଂଗଠନିକ ବୁଝାବଣା ପତ୍ରରେ କୌଣସି ଦୁଇଟି ବାକ୍ୟର ଉଲ୍ଲେଖ କର ।

ଟିପ୍ପଣୀ

ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

୧୧) ବିବରଣ ପତ୍ରିକାର ବର୍ଣ୍ଣନା କର ଏବଂ ଏହାର ବିଷୟ ବସ୍ତୁର ଉଲ୍ଲେଖ କର ।

୧୨) ଏକ ପ୍ରବର୍ତ୍ତକର ରୂପରେ ଆପଣ ବ୍ୟବସାୟ ଆରମ୍ଭ କରିବାର ପ୍ରମାଣ ପତ୍ର କିପରି ପ୍ରାପ୍ତ କରିବା ସଂକ୍ଷେପରେ ବର୍ଣ୍ଣନା କର ।

୧୩) ଅନ୍ତର୍ନିୟମ (AOA)ର ଉଦ୍ଦେଶ୍ୟ କ'ଣ ? ଏହାର ବିଷୟବସ୍ତୁର ଉଲ୍ଲେଖ କର ।

୧୪) କମ୍ପାନୀ ଗଠନ କରିବା ନିମନ୍ତେ ଯେଉଁ ଦୁଇଟି ମୂଳ ଦଲିଲ୍ ଦାଖଲ କରାଯାଏ ତାହାକୁ ସଂକ୍ଷେପରେ ବର୍ଣ୍ଣନାକର ।

୧୫) ସାଂଗଠନିକ ବୁଝାମଣା ପତ୍ର (MOA) ଏବଂ ଅନ୍ତର୍ନିୟମ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

## ୭.୧୦ ପାଠଗତ ପ୍ରଶ୍ନାବଳୀର ଉତ୍ତର

**୭(କ)**

୨. କ) ପ୍ରବର୍ତ୍ତନ

ଖ) ଅନ୍ତର୍ଭୁକ୍ତୀ କରଣ

ଗ) ପୁଞ୍ଜି ସଂଗ୍ରହ / ଏକତ୍ରୀକରଣ

ଘ) ବ୍ୟବସାୟ ଆରମ୍ଭ କରିବା

**୭ (ଖ)**

୧. କ) ବର୍ତ୍ତମାନ ଆବଶ୍ୟକତାର ସନ୍ତୁଷ୍ଟତା ହେତୁ କୌଣସି ଉତ୍ପାଦ୍ୟର ଅନୁପଲବ୍ଧତା ।

ଖ) ଉପଲବ୍ଧ ଉତ୍ପାଦ୍ୟରେ ବଦଳୁଥିବା ଆବଶ୍ୟକତାରେ ସନ୍ତୁଷ୍ଟ ନ ହେବା ।

ଗ) ନୂତନ ଅନୁସନ୍ଧାନ ନୂତନ ଉତ୍ପାଦ୍ୟକୁ ଉତ୍ପନ୍ନ କରେ

୨. କ) ଏକ ନୂତନ କମ୍ପାନୀ ଆରମ୍ଭ କରିବା ନିମନ୍ତେ ଆବଶ୍ୟକ ସମସ୍ତ ସାଧନ ଯେପରି ଭୂମି, ଘର, ମେସିନାରୀ ଉପକରଣ ଇତ୍ୟାଦିର ବ୍ୟବସ୍ଥା କରିବା

ଖ) ଏହି ରିପୋର୍ଟରେ ପ୍ରସ୍ତାବିତ୍ ବ୍ୟବସାୟିକ କ୍ରିୟାର ସଂବଧରେ ଟେକ୍‌ନିକ୍ ଉପଲବ୍ଧତା ବିସ୍ତୃତ ବିବରଣୀ ହୋଇଥାଏ ।


**୭ (ଗ)**

୧. ଏହା କମ୍ପାନୀ ଦ୍ଵାରା ପ୍ରସ୍ତାବିତ ନାମକୁ ପଂଜିକରଣ ସହିତ ସ୍ଵୀକୃତି କରାଇବାରେ ସହାୟତା କରିଥାଏ

୨. କ) ଅନ୍ତର୍ଭୁକ୍ତୀକରଣର ପ୍ରମାଣପତ୍ର

ଖ) ଅନ୍ତର୍ନିୟମ

ଗ) ସାଂଗଠନିକ ବୁଝାମଣା ପତ୍ର



ଟିପ୍ପଣୀ

**୭(ଘ)** ପଂଜୀକରଣଣ ପ୍ରମାଣପତ୍ର କମ୍ପାନୀକୁ ବୈଧାନିକ ସ୍ଥିତି ପ୍ରଦାନ କରିଥାଏ । ଏହି କମ୍ପାନୀର ଜନ୍ମ ପ୍ରମାଣ ପତ୍ର ମଧ୍ୟ କୁହାଯାଏ । କିନ୍ତୁ ବ୍ୟବସାୟ ଆରମ୍ଭ କରିବାର ପ୍ରମାଣପତ୍ର ବ୍ୟବସାୟ ଆରମ୍ଭ କରିବାର ଅନୁମତି ଦେଇଥାଏ । ଏହି ଦୁଇଟି ପ୍ରମାଣ ପତ୍ର ସାର୍ବଜନିକ କମ୍ପାନୀ ପାଇଁ ଆବଶ୍ୟକ ହୋଇଥାଏ । କିନ୍ତୁ ଘରୋଇ କମ୍ପାନୀକୁ ବ୍ୟବସାୟ ଆରମ୍ଭ କରିବାର ସ୍ଥିତି ନିମନ୍ତେ କେବଳ ଅନ୍ତର୍ଭୁକ୍ତୀକରଣର ପ୍ରମାଣ ପତ୍ର ଆବଶ୍ୟକ ହୋଇତାଏ । କିନ୍ତୁ ଘରୋଇ କମ୍ପାନୀଙ୍କୁ ବ୍ୟବସାୟ ଆରମ୍ଭ କରିବା ସ୍ଥିତିରେ କେବଳ ଅନ୍ତର୍ଭୁକ୍ତୀର ପ୍ରମାଣ ପତ୍ର ଆବଶ୍ୟକ ହୋଇଥାଏ ।

୨. କ) କାରଣ ତାହାକୁ ସର୍ବନିମ୍ନ ଅଭିଦାନ ପ୍ରାପ୍ତ ହୋଇ ନଥାଏ । ଏଥିପାଇଁ ନିବେଶକଙ୍କ ଠାରୁ ପ୍ରାପ୍ତି ଆବେଦନ ରାଶି ନିଶ୍ଚିତ ଫେରସ୍ତ କରିବାକୁ ପଡ଼ିଥାଏ ।

ଖ) ବୀମା ସହାୟକ ବ୍ୟକ୍ତିର ନିଯୁକ୍ତି କରିବାକୁ ପଡ଼େ ।

ଗ) ତତ୍କାଳ ବ୍ୟବସାୟ ଆରମ୍ଭ କରାଯାଇପାରେ ।

ଘ) ଜନତାଙ୍କ ପାଖକୁ ପୁଂଜି ନିମନ୍ତେ ଯିବା ଏବଂ ସେବେଠାରୁ ବ୍ୟବସାୟ ଆରମ୍ଭ କରିବା ନିମନ୍ତେ ପ୍ରମାଣ ପତ୍ର ପ୍ରାପ୍ତକରିବାକୁ ହୋଇଥାଏ ।

**୭(ଙ)**

୨. କ) ବିବରଣ ପତ୍ରିକା

ଖ) ଅନ୍ତର୍ନିୟମ

ଗ) ଅନ୍ତର୍ନିୟମ

ଘ) ସାଂଗଠନିକ ବୁଝାମଣା ପତ୍ର ନିୟମ

ଙ) ବିବରଣ ପତ୍ରିକା ବଦଳରେ ଏକ ଆର୍ଥିକ ବୁଝାମଣାପତ୍ର



## କର ଏବଂ ଶିଖ

କ) ତିନିଗୋଟି ଅଲଗା ଅଲଗା କମ୍ପାନୀର ବିଜ୍ଞାପନ ଏକତ୍ର କର ଯେଉଁଥିରେ ଜନତାକୁ ତାଙ୍କର ଅଂଶ ଅଭିଦାନ ନିମନ୍ତେ ଆମନ୍ତ୍ରଣ କରାଯାଇଥିଲା । ନିମ୍ନ ବିନ୍ଦୁର ସମ୍ବନ୍ଧରେ ସେମାନଙ୍କ ମଧ୍ୟରେ ତୁଳନା କର ।

| ମଦ | କମ୍ପାନୀ(କ) | କମ୍ପାନୀ (ଖ) | କମ୍ପାନୀ (ଗ) |
|---|---|---|---|
| ନାମ<br>ଉଦ୍ଦେଶ୍ୟ<br>ଅଂଶର ପ୍ରକାର ଯାହାର<br>ଅଭିଦାନ କରାଯାଏ<br>ନିର୍ଗମନର ସମ୍ପୂର୍ଣ୍ଣ<br>ରାଶି/ପୁଂଜୀ<br>ପ୍ରତ୍ୟେକ ଅଂଶର<br>ନିର୍ଗମନ ମୂଲ୍ୟ | | | |

ଖ) କୌଣସି ପାଖାପାଖି କମ୍ପାନୀକୁ ଯାଇ ନିମ୍ନଲିଖିତ ସୂଚନାକୁ ଏକତ୍ର କର -

୧) କମ୍ପାନୀର ନାମ
୨) କମ୍ପାନୀର ସ୍ଥାପନାର ବର୍ଷ
୩) କାର୍ଯ୍ୟର ପ୍ରକୃତି
୪) କ'ଣ କମ୍ପାନୀ ସାର୍ବଜନିକ ନା ଘରୋଇ
୫) କମ୍ପାନୀର ନିର୍ଦ୍ଦେଶକଙ୍କ ନାମ
୬) କମ୍ପାନୀର ଅଂଶ ପୁଂଜୀ ଏବଂ ଅଂଶର ପ୍ରକାର
୭) କମ୍ପାନୀର ବ୍ୟାଙ୍କର୍ସ ନାମ

ଅନ୍ୟ ଯେକୌଣସି ସଂବଂଧିତ ସୂଚନା

## ଅଭିନୟନ

ରାକେଶ ଏବଂ ମୋହନ ନୋଏଡ଼ାଠାରେ ଥିବା ଖେଳନା ଫାର୍ମର ଭାଗୀଦାର ଅଟନ୍ତି । ସେମାନେ ୨୦୦୪ ମସିହାରେ ଏକ ଛୋଟ ଘରରେ ନୋଏଡ଼ାର ସ୍ଥାନୀୟ ବଜାରରେ ଖେଳନା ବିକ୍ରି ବ୍ୟବସାୟ ଆରମ୍ଭ କରିଥିଲେ । ଦିନକୁ ଦିନ ତାଙ୍କ ଖେଳନାର ଚାହିଦା ବଢ଼ିବାରେ ଲାଗିଲା ଏବଂ ଆଜି ସେମାନେ ପୁରା ଉତ୍ତର ପ୍ରଦେଶ ଏବଂ ପଡ଼ୋଶୀ ରାଜ୍ୟରେ ଖେଳନା ବିକ୍ରି କରୁଛନ୍ତି । ଦିନେ ଗୋପାଳ ରାକେଶର ଆଉଜଣେ ବନ୍ଧୁ (ଯିଏ ହାଇଦ୍ରାବାଦ୍‌ରେ ଏକ ବଲ୍‌ପେନ୍ ତିଆରି କମ୍ପାନୀର ପ୍ରବଂଧ ନିର୍ଦ୍ଦେଶକ ରୂପରେ କାର୍ଯ୍ୟ କରୁଅଛନ୍ତି) ତାଙ୍କର କାର୍ଯ୍ୟାଳୟକୁ ଆସିଥିଲେ ଏବଂ ସେମାନଙ୍କର ବ୍ୟବସାୟର ପ୍ରଗତି ବିଷୟରେ ଚର୍ଚ୍ଚା କରିଥିଲେ ।

ରାକେଶ- ଏବେ ଆମର ଖେଳନାର ବଜାରରେ ବହୁତ ଚାହିଦା ଅଛି ।

ଗୋପାଳ- ତାହାହେଲେ ବହୁତ ଭଲ

ରାକେଶ- କିନ୍ତୁ ଗତବର୍ଷଠାରୁ ଆମେ ଚାହିଦା ଅନୁସାରେ ବଜାରରେ ଖେଳନା ଯୋଗାଇ ପାରୁନାହୁଁ

ଗୋପାନ- କିନ୍ତୁ କାହିଁକି ?


ରାକେଶ- ଅସୁବିଧା ହେଉଛି ଯେ ଆମ ପାଖରେ ଅଧିକ ପରିମାଣର ଆବଶ୍ୟକୀୟ ମୂଳଦୁଆର ଅଭାବ ଯାହାଫଳରେ ଆମେ ଆମର ଉତ୍ପାଦନ କ୍ଷମତାକୁ ବଢ଼ାଇ କରି ଅଧିକ ଚାହିଦା ପୁରାକରିପାରିବା । ବର୍ତ୍ତମାନ ଆମେ ଏପରି ସ୍ଥିତିରେ ମଧ୍ୟ ନାହୁଁ କି ଆମେ ନିଜର ବ୍ୟବସାୟକୁ ବଢ଼ାଇ ପାରିବୁ । ଆର୍ଥିକ ଅଭାବ ଏବଂ ଅଧିକ ଆଶଙ୍କା ହୁଏତ ଆମକୁ ଅଧିକ ହଇରାଣ କରିଦେଉଛି ।

ଗୋପାଳ- ଠିକ୍ ଅଛି ଆପଣ ଆପଣଙ୍କ ଭାଗୀଦାର ଫାର୍ମକୁ ଯୌଥ କମ୍ପାନୀରେ କାହିଁକି ପରିବର୍ତ୍ତନ କରୁନାହାନ୍ତି ?

(ଚର୍ଚ୍ଚା ମଧ୍ୟରେ ମୋହନ ଆସି ପହଞ୍ଚିଗଲା)

ରାକେଶ- କିନ୍ତୁ ଯୌଥ କମ୍ପାନୀର ଗଠନ ବିଷୟରେ ଆମକୁ କିଛି ଜଣାନାହିଁ

ଗୋପାଳ ସେମାନଙ୍କୁ ଯୌଥ ପୁଂଜୀ କମ୍ପାନୀର ଗଠନର ଧାରଣ ଦେବାପାଇଁ ଚେଷ୍ଟା କରୁଅଛି । ଉପଯୁକ୍ତ ତିନି ମିତ୍ରଙ୍କର ଭୂମିକା ଅଭିନୟ କରି ସେମାନଙ୍କ ମଧ୍ୟରେ କଥାବାର୍ତ୍ତା ଜାରି ରଖ ।



## ଅଧ୍ୟାୟ ଉପରେ ଏକ ଦୃଷ୍ଟିପାତ


୭.୧ ଯୌଥ କମ୍ପାନୀର ଗଠନର ସ୍ତର

୭.୨ ପ୍ରବର୍ତ୍ତନ

  ୭.୨.୧ ପ୍ରବର୍ତ୍ତକଙ୍କର ଭୂମିକା ଏବଂ ମହତ୍ତ୍ୱ

  ୭.୨.୨ ପ୍ରବର୍ତ୍ତକଙ୍କର ପ୍ରକାର

  ୭.୨.୩ କମ୍ପାନୀର ପ୍ରବର୍ତ୍ତନରେ ନିହିତ ସୋପାନ

୭.୩ ଅନ୍ତର୍ଭୁକ୍ତ କରଣ

୭.୪ ପୁଂଜୀ ସଂଗ୍ରହ କିମ୍ବା ପୁଂଜୀ ଅଭିଦାନ

୭.୫ ବ୍ୟବସାୟ ଆରମ୍ଭ କରିବା

୭.୬ କମ୍ପାନୀ ଗଠନର ସମୟରେ ପ୍ରସ୍ତୁତ କରାଯାଇଥିବା ମହତ୍ତ୍ୱପୂର୍ଣ୍ଣ ଦସ୍ତାବିଜ୍ ।

ଟିପ୍ପଣୀ

# ୮

# ରାଷ୍ଟ୍ରାୟତ ଉଦ୍ୟୋଗ

ତୁମେ ବ୍ୟାବସାୟିକ ସଂଗଠନର ବିଭିନ୍ନ ରୂପ ବିଷୟରେ ପଢ଼ିଲଣି । ଯାହା ମୁଖ୍ୟତଃ ଘରୋଇ ଉଦ୍ୟମ ସହିତ ସଂବନ୍ଧିତ ଅଟେ । ପରମ୍ପରାଗତ ଅନୁସାରେ ବ୍ୟାବସାୟିକ କାର୍ଯ୍ୟକ୍ରମକୁ ବ୍ୟକ୍ତି ବିଶେଷ କିମ୍ବା ଘରୋଇ ସଂଗଠନ ନିମନ୍ତେ ଛାଡ଼ି ଦିଆଯାଇଥିଲା ଏବଂ ସରକାର କେବଳ ଆବଶ୍ୟକ ସେବା ଯେପରି - ରେଲୱେ, ବିଦ୍ୟୁତ୍ ଯୋଗାଣ, ଡାକ ସେବା ଇତ୍ୟାଦି ଉପରେ ଧ୍ୟାନ ଦେଉଥିଲେ । କିନ୍ତୁ ଏହା ଦେଖାଗଲା ଯେ ଘରୋଇ କମ୍ପାନୀ ଏହି ସବୁ କ୍ଷେତ୍ରରେ ଆଗ୍ରହ ଦେଖାଇଲେ ନାହିଁ ଯେଉଁଠାରେ ଯୋଜନାର ଅବଧି (gestation) ଲମ୍ବା ଥିଲା ଏବଂ ଅଧିକ ଅର୍ଥ ବିନିଯୋଗ ଏବଂ ଲାଭର ମାତ୍ରା କମ୍ ହେଉଥିଲା, ଯେପରିକି ମେସିନ୍ ତିଆରି, କୌଣସି ଯୋଜନା ଆଧାରର ଅଂଶ ବା ଅଂଗ, ତେଲ ଅନ୍ୱେଷଣ ଇତ୍ୟାଦି । କେବଳ ସେତିକି ନୁହେଁ ଉଦ୍ୟୋଗ ମଧ୍ୟ ସେହି କ୍ଷେତ୍ରକୁ ପ୍ରାଥମିକତା ଦେଇଥାଏ ଯେଉଁଥିରେ କିଛି ନିଶ୍ଚିତ ଲାଭ ଥାଏ ଯେପରି କଞ୍ଚାମାଲ୍ର ଉପଲବ୍ଧତା, କୁଶଳଶ୍ରମ ଶକ୍ତି ଏବଂ ନିକଟବର୍ତ୍ତୀ ବଜାର ଇତ୍ୟାଦି । ଏହାର ପରିଣାମ ସ୍ୱରୂପ କ୍ଷେତ୍ରୀୟ ଅସନ୍ତୁଳନତାର ବଢ଼ିଲା । ସେଥିପାଇଁ ସରକାର ନିଜର ଉଦ୍ୟୋଗର ବ୍ୟାବସାୟିକ କାର୍ଯ୍ୟ-କଳାପକୁ ନିୟନ୍ତ୍ରିତ କରିବା ସଙ୍ଗେ ସଙ୍ଗେ ବ୍ୟବସାୟରେ ପ୍ରତ୍ୟକ୍ଷ ରୂପରେ ଭାଗ ନେବାପାଇଁ ଉଦ୍ୟମ ଆରମ୍ଭ କଲେ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଯେପରି କୋଇଲା ଉଦ୍ୟୋଗ, ତୈଳ ଉଦ୍ୟୋଗ, ମେସିନ୍ ନିର୍ମାଣ, ଇସ୍ପାତ ଉତ୍ପାଦନ, ବିତ୍ତ ଏବଂ ବ୍ୟାଙ୍କିଙ୍ଗ୍, ବୀମା ଇତ୍ୟାଦି ଉଦ୍ୟୋଗର ସ୍ଥାପନା ସରକାରଙ୍କଦ୍ୱାରା କରାଗଲା । ଏହି ଉଦ୍ୟୋଗ ଉପରେ କେବଳ କେନ୍ଦ୍ରସରକାର, ରାଜ୍ୟ ସରକାର ଏବଂ ସ୍ଥାନୀୟ ସରକାରଙ୍କର ମାଲିକତ୍ୱ ରହିଥାଏ । ଏହାର ପରିଚାଳନ ଏବଂ ନିୟନ୍ତ୍ରଣ ମଧ୍ୟ ଏହାଦ୍ୱାରା କରାଯାଏ । ଏହି ଉଦ୍ୟୋଗ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାମରେ ପରିଚିତ । ଏହିପାଠରେ ତୁମେ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ପ୍ରକୃତି ଏବଂ ଏହାର ବିଶେଷତ୍ୱ ତଥା ଏହାର ସଂଗଠନର ସ୍ୱରୂପ ବିଷୟରେ ଅଧ୍ୟୟନ କରିବ ।

## ଉଦ୍ଦେଶ୍ୟ

ଏହା ପାଠଟିକୁ ଅଧ୍ୟୟନ କଲାପରେ, ତୁମେ-

- ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅର୍ଥ ଜାଣିପାରିବ;
- ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମୁଖ୍ୟ ବିଶେଷତ୍ୱକୁ ଚିହ୍ନିପାରିବ;
- ରାଷ୍ଟ୍ରାୟତ୍ତ ଏବଂ ଘରୋଇ କ୍ଷେତ୍ର ମଧ୍ୟରେ ପାର୍ଥକ୍ୟ କରିପାରିବ;
- ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସଂଗଠନର ବିଭିନ୍ନ ସ୍ୱରୂପର ବର୍ଣ୍ଣନା କରିପାରିବ;
- ବିଭାଗୀୟ ଉଦ୍ୟୋଗ, ରାଷ୍ଟ୍ରାୟତ ନିଗମ ଏବଂ ସରକାରୀ କମ୍ପାନୀର ବିଶେଷତ୍ୱ, ଗୁଣ ଏବଂ ଏହାର ସୀମା ବିଷୟରେ ଜାଣିପାରିବ;
- ରାଷ୍ଟ୍ରାୟତ୍ ଉଦ୍ୟୋଗରେ ମହତ୍ତ୍ୱକୁ ବୁଝିପାରିବ ଏବଂ
- ରାଷ୍ଟ୍ରାୟତ୍ତ ଉଦ୍ୟୋଗର ପ୍ରଚଳିତ ପରିଦୃଶ୍ୟର ରୂପ-ରେଖ ଦେଖାଇ ପାରିବ ।

## ୮.୧ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅର୍ଥ

ଯେପରିକି ଆଗରୁ କୁହାଯାଇଅଛି ଯେ ବ୍ୟାବସାୟିକ ଉଦ୍ୟୋଗର ସ୍ୱତ୍ତ୍ୱ, ପ୍ରବନ୍ଧନ, ଏବଂ ନିୟନ୍ତ୍ରଣ କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ସ୍ଥାନୀୟ ସରକାର ଦ୍ୱାରା କରାଯାଇଥାଏ । ଯାହା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅଥବା ସାର୍ବଜନିକ ଉଦ୍ୟୋଗ ନାମରେ ପରିଚିତ ଅଟେ ।

ଏକ ବ୍ୟବସାୟିକ କ୍ଷେତ୍ରର ଉଦ୍ୟୋଗକୁ କିପରି ବ୍ୟାବସାୟିକ ଅଥବା ଔଦୋଗିକ ଉଦ୍ୟୋଗ ରୂପରେ ପରିଭାଷିତ କରାଯାଇଥାଏ, ଯାହାର ମାଲିକତ୍ତ୍ୱ ଏବଂ ପ୍ରବନ୍ଧନ ସରକାର ଦ୍ୱାରା ସମାଜ କଲ୍ୟାଣକୁ ଉତ୍ସାହିତ କରିବା ଦୃଷ୍ଟିରେ ଏବଂ ଲୋକହିତ ନିମନ୍ତେ କରାଯାଏ । ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅନ୍ତର୍ଗତ ରାଷ୍ଟ୍ରୀୟକୃତ ଘରୋଇକ୍ଷେତ୍ରର ଉଦ୍ୟମୀ ଯେପରି ବ୍ୟାଙ୍କ, ଭାରତୀୟ ଜୀବନ ବୀମାନିଗମ ଏବଂ ସରକାର ଦ୍ୱାରା ସ୍ଥାପିତ ନୂଆ ଉଦ୍ୟମ ଯେପରି ହିନ୍ଦୁସ୍ଥାନ ମେସିନ୍ ଟୁଲ୍‌ସ (HMT), ଭାରତୀୟଗ୍ୟାସ୍ ପ୍ରାଧିକରଣ (GAIL), ରାଜ୍ୟ ବ୍ୟାପାର ନିଗମ (STC) ଇତ୍ୟାଦି ଆସିଥାନ୍ତି ।

## ୮.୨ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ବିଶେଷତ୍ୱ

ରାଷ୍ଟ୍ରାୟତ୍ତ ଉଦ୍ୟୋଗର ପ୍ରକୃତିକୁ ଦେଖିଲେ ଏହାର ମୁଖ୍ୟ ବିଶେଷତ୍ୱଗୁଡ଼ିକ ନିମ୍ନ ପ୍ରକାର ହୋଇଥାଏ ।

କ) **ସରକାରୀ ମାଲିକାନା ଏବଂ ପରିଚ୍ଛଳନ:** ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମାଲିକାନା ଏବଂ ପରିଚ୍ଛଳନ କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ୱା ସ୍ଥାନୀୟ ସରକାରଙ୍କ ପାଖରେ ଥାଏ ଏବଂ ସେମାନଙ୍କ ଦ୍ୱାରା ଏହାର ପ୍ରବନ୍ଧନ କରାଯାଏ । ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମାଲିକାନା ସରକାରଙ୍କ ହାତରେ ପୂର୍ଣ୍ଣ ଭାବେ ରହିଥାଏ କିମ୍ୱା ତାହା ଉପରେ ସରକାରୀ କିମ୍ୱା ଘରୋଇ ଉଦ୍ୟୋଗପତି କିମ୍ୱା ଜନତାଙ୍କ ମାଲିକାନା ସଂଯୁକ୍ତ ଭାବରେ ରହିଥାଏ । ଉଦାହରଣ ସ୍ୱରୂପ ରାଷ୍ଟ୍ରୀୟ ଥର୍ମାଲ ପାୱାର କର୍ପୋରେସନ ଏକ ଔଦ୍ୟୋଗିକ ସଂଗଠନ ଅଟେ, ଯାହାର ସ୍ଥାପନା କେନ୍ଦ୍ର ସରକାରଙ୍କଦ୍ୱାରା କରାଯାଇଛି ଏବଂ ଏହାର ଅଂଶପୁଂଜୀର ଭାଗ ଜନତାଠାରୁ ଉପଲବ୍ଧି କରାଯାଇଅଛି । ତେଲ ଏବଂ ପ୍ରାକୃତିକ ଗ୍ୟାସ ନିଗମ (ONGC) କ୍ଷେତ୍ରରେ ମଧ୍ୟର ଏହି ସମାନ ସ୍ଥିତି ।

ଖ) **ସରକାରୀ କୋଷରୁ ଆର୍ଥିକ ସହାୟତା :** ରାଷ୍ଟ୍ରାୟତ୍ତ ଉଦ୍ୟୋଗର ପୁଞ୍ଜି ସରକାରୀ କୋଷରୁ ମିଳିଥାଏ ଏବଂ ସରକାରଙ୍କୁ ସେମାନଙ୍କର ପୁଂଜି ନିମନ୍ତେ ପ୍ରାବଧାନ ନିଜର ବଜେଟ୍‌ରେ କରିବାକୁ ପଡ଼ିଥାଏ ।

ଗ) **ଲୋକ କଲ୍ୟାଣ :** ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଲକ୍ଷ୍ୟ ଲାଭପାଇବା ନୁହେଁ । ଏହାର ଉଦ୍ଦେଶ୍ୟ ହେଉଛି ସେବା ଏବଂ ବସ୍ତୁ ଉଚିତ ଦାମରେ ଉପଲବ୍ଧ କରାଇବା । ଏହି ବିଷୟରେ ଭାରତୀୟ ତୈଳ ନିଗମ ପ୍ରାଧିକରଣ ଲିମିଟେଡ୍ (GAIL)ର ଉଦାହରଣ ନିଆଯାଇପାରେ । ଏହି ଉଦ୍ୟୋଗ ଜନତାଙ୍କୁ ପେଟ୍ରୋଲିୟମ ଏବଂ ଗ୍ୟାସ୍ ଉତ୍ପାଦନକୁ ଉଚିତ ମୂଲ୍ୟରେ ଉପଲବ୍ଧ କରାଇଥାଏ ।

ଘ) **ରାଷ୍ଟ୍ରାୟତ୍ତ ଉପଯୋଗୀ ସେବା:** ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମୂଳ ଲକ୍ଷ୍ୟ ଲୋକ ଉପଯୋଗୀ ସେବା ଯଥା- ପରିବହନ, ବିଦ୍ୟୁତ୍, ଦୂରସଂଚ୍ଚର ଉପଲବ୍ଧ କରିବା ।

ଙ) **ରାଷ୍ଟ୍ରାୟତ୍ତ ଉତ୍ତରଦାୟୀତ୍ୱ :** ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଲୋକ ନୀତିଦ୍ୱାରା ଶାସିତ ହୋଇଥାନ୍ତି ଯାହାକୁ ସରକାର ଗଠନ କରିଥାନ୍ତି ଏବଂ ଏହା ବ୍ୟବସ୍ଥାପିକା ପାଖରେ ଉତ୍ତରଦାୟୀ ରହିଥାଏ ।

**ଅତ୍ୟଧିକ ଔପଚାରିକତା :** ସରକାରୀ ନିୟମ ଏବଂ ନୀତି ରାଷ୍ଟ୍ରାୟତ୍ତ ଉଦ୍ୟମକୁ ସେମାନଙ୍କର କାର୍ଯ୍ୟରେ ଅନେକ ଔପଚାରିକତାକୁ ପୂରା କରିବା ନିମନ୍ତେ ବାଧ୍ୟ କରିଥାଏ । ଏହାର ଫଳ ସ୍ୱରୂପ ପ୍ରବନ୍ଧନର କାର୍ଯ୍ୟ ବହୁତ ସମ୍ବେଦନଶୀଳ ଏବଂ ବୋଝ ହୋଇଯାଏ ।

## ୮.୩ ଘରୋଇ ଉଦ୍ୟୋଗ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମଧ୍ୟରେ ଅନ୍ତର

ପୂର୍ବ ପାଠରେ ତୁମେ ବ୍ୟାବସାୟିକ ସଂଗଠନର ଘରୋଇ ମାଲିକତ୍ୱ ଅଥବା ଘରୋଇ କ୍ଷେତ୍ର ଅନ୍ତର୍ଗତ ଆସୁଥିବା ସମସ୍ତ ବିଭିନ୍ନ ସ୍ୱରୂପ ବିଷୟରେ ପଢ଼ିଲ । ଘରୋଇ କ୍ଷେତ୍ରରେ ଆମର ଅଭିପ୍ରାୟ ଆର୍ଥିକ ଏବଂ ସାମାଜିକ ଗତିବିଧିକୁ ନିଜ କ୍ଷେତ୍ରରେ କୌଣସି ଏକ ବ୍ୟକ୍ତି କିମ୍ବା ବ୍ୟକ୍ତିମାନଙ୍କର ସମୂହଦ୍ୱାରା ସଂଚାଳିତ ହୋଇଥାଏ । ସେହିବ୍ୟକ୍ତି ଲାଭ ପାଇବା ପାଇଁ ଘରୋଇ କ୍ଷେତ୍ରରେ ବ୍ୟବସାୟ କରିବାକୁ ପ୍ରାଥମିକତା ଦେଇଥାନ୍ତି ।

ଅନ୍ୟପକ୍ଷରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅର୍ଥ ସାର୍ବଜନିକ ପ୍ରଭୁତ୍ୱ ଦ୍ୱାରା ଆର୍ଥିକ ଏବଂ ସାମାଜିକ ଗତିବିଧିର ସଂଚାଳନ କରିବା । ସାର୍ବଜନିକ କ୍ଷେତ୍ରରେ ସ୍ଥାପିତ ଉଦ୍ୟମର ମୁଖ୍ୟ ଉଦ୍ଦେଶ୍ୟ ଲୋକଙ୍କ ହିତର ସୁରକ୍ଷା ପ୍ରଦାନ କରିବାରେ ହୋଇଥାଏ । ସାର୍ବଜନିକ କ୍ଷେତ୍ର ଏବଂ ଘରୋଇ କ୍ଷେତ୍ରର ଉଦ୍ୟୋଗରେ ଭିନ୍ନତା ଛଡ଼ା ଦୁଇଟିଯାକ ଉଦ୍ୟୋଗର ଅନ୍ୟ କେତେକ ଦୃଷ୍ଟିକୋଣର ପାର୍ଥକ୍ୟ ଦେଖାଯାଏ । ଏହି ବିଭାଗରେ ଆମେ ସାର୍ବଜନିକ କ୍ଷେତ୍ରର ଉଦ୍ୟୋଗ ଏବଂ ଘରୋଇ କ୍ଷେତ୍ରର ଉଦ୍ୟୋଗ ମଧ୍ୟରେ ଥିବା ପାର୍ଥକ୍ୟକୁ ଜାଣିବା ।

| ପାର୍ଥକ୍ୟର ଆଧାର | ଘରୋଇ କ୍ଷେତ୍ରର ଉଦ୍ୟୋଗ | ରାଷ୍ଟ୍ରାୟତ ଉଦ୍ୟୋଗ |
|---|---|---|
| ୧. ଉଦ୍ଦେଶ୍ୟ | ଲାଭାଂଶର ଉଚ୍ଚତମ ସୀମା | ସମାଜ କଲ୍ୟାଣକୁ ଉତ୍ସାହିତ କରିବା ଏବଂ ସନ୍ତୁଳିତ ଆର୍ଥିକ ବିକାଶର ସୁନିଶ୍ଚିତ କରିବା |
| ୨. ପ୍ରଭୁତ୍ୱ | ବ୍ୟକ୍ତିଗତ ପ୍ରଭୁତ୍ୱ | ସରକାରୀ ପ୍ରଭୁତ୍ୱ |
| ୩. ପ୍ରବନ୍ଧନ | ମାଲିକ ଏବଂ ବ୍ୟବସାୟିକ ପ୍ରବନ୍ଧକଙ୍କଦ୍ୱରା ପ୍ରବଂଧିତ | ସରକାର ଦ୍ୱାରା ବ୍ରବନ୍ଧିତ |
| ୪. ପୁଞ୍ଜି | ମାଲିକମାନଙ୍କଦ୍ୱାରା ଋଣ, ନିଜସ୍ରେତ (ପାଣ୍ଠି) ଏବଂ ସାର୍ବଜନିକ ନିର୍ଗମନ ଦ୍ୱାରା ଏକତ୍ର କରାଯାଏ | ସରକାରୀ କୋଷରେ ଏବଂ କେବେକେବେ ସାର୍ବଜନିକ ନିର୍ଗମନଦ୍ୱାରା ଏକତ୍ର କରାଯାଏ । |
| ୫. ପରିଚାଳନାର କ୍ଷେତ୍ର | ସମସ୍ତକ୍ଷେତ୍ରରେ ନିବେଶ ଉପରେ ଅଧିକ ଆୟ ସହିତ କ୍ଷେତ୍ରର କାର୍ଯ୍ୟ ପରିଚାଳନା କରିଥାଏ । | ମୂଳ ଲକ୍ଷ୍ୟ ଏବଂ ଲୋକ ଉପଯୋଗୀ କ୍ଷେତ୍ରରେ କାର୍ଯ୍ୟ ପରିଚାଳନା କରିଥାଏ । |

ଟିପ୍ପଣୀ

## ପାଠଗତ ପ୍ରଶ୍ନାବଳୀ ୮(କ)

୧. ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅର୍ଥ କ'ଣ ?

______________________________

______________________________

୨. ତଳେ ଦିଆଯାଇଥିବା ଉକ୍ତିଗୁଡ଼ିକ ବିଷୟରେ ବର୍ଣ୍ଣାନାକର ଯେ ଏହା ସତ୍ୟ ନା ମିଥ୍ୟା । ଆବଶ୍ୟକସ୍ଥଳେ ଏହାର ସଂଶୋଧନ କର ।

କ) ଘରୋଇ କ୍ଷେତ୍ରର ଉଦ୍ୟୋଗର ଉଦ୍ଦେଶ୍ୟ ଗ୍ରାହକଙ୍କର କଲ୍ୟାଣ ନିମନ୍ତେ ହୋଇଥାଏ । ☐

______________________________

ଖ) ଘରୋଇ କ୍ଷେତ୍ରର ଉଦ୍ୟୋଗ ଲୋକହିତକର କ୍ଷେତ୍ରରେ ଧ୍ୟାନ ଦେଇଥାଏ । ☐

______________________________

ଗ) ଘରୋଇ କ୍ଷେତ୍ରର ଉଦ୍ୟୋଗରେ ମାଲିକ ଏବଂ ପ୍ରବନ୍ଧକ ଘରୋଇ ବ୍ୟକ୍ତିମାନଙ୍କ ଦ୍ୱାରା କରାଯାଏ । ☐

______________________________

ଘ) ରାଷ୍ଟ୍ରାୟତ୍ତ ଉଦ୍ୟୋଗର ପ୍ରବନ୍ଧନ ପେଶାଦାର ପ୍ରବନ୍ଧକଙ୍କ ଦ୍ୱାରା କରାଯାଇଥାଏ । ☐

______________________________

ଙ) ରାଷ୍ଟ୍ରାୟତ୍ତ ଉଦ୍ୟୋଗର କୋଷର ବ୍ୟବସ୍ଥା ସମ୍ପୂର୍ଣ୍ଣ ଜନତାଙ୍କ ଦ୍ୱାରା କରାଯାଇଥାଏ । ☐

______________________________

## ୮.୪ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସଂଗଠନର ପ୍ରକାର

ଭାରତରେ ରାଷ୍ଟ୍ରାୟତ ଉଦ୍ୟୋଗର ସଂଗଠନ ତିନି ପ୍ରକାରର ହୋଇଥାଏ । ସେଗୁଡ଼ିକ ହେଲା (୧) ବିଭାଗୀୟ ଉଦ୍ୟୋଗ, (୨) ବୈଧାନିକ (ଅଥବା ଲୋକ) ନିଗମ, (୩) ସରକାରୀ କମ୍ପାନୀ

୧. **ବିଭାଗୀୟ ଉଦ୍ୟୋଗ –** ଏହି ପ୍ରକାର ଉଦ୍ୟୋଗ ମୁଖ୍ୟତଃ ଆବଶ୍ୟକ ସେବା ଯେପରି ରେଲୱେ, ଡାକସେବା, ପ୍ରସାରଣ ଇତ୍ୟାଦିର ପ୍ରବନ୍ଧ କରିବା ନିମନ୍ତେ କରାଯାଏ । ଏହି ସଂଗଠନର ସଂଚାଳନ ଏବଂ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ସରକାରଙ୍କର ଏକ ମନ୍ତ୍ରଣାଳୟ ଅଧୀନରେହୋଇଥାଏ, ତଥା ଏହାର ଆର୍ଥିକ ବ୍ୟବସ୍ଥା ଏବଂ ନିୟନ୍ତ୍ରଣ ସରକାରଙ୍ଗ ଦ୍ୱାରା ଠିକ୍ ସେହିପରି କରାଯାଏ ଯେପରି ଅନ୍ୟ କୌଣସି ବିଭାଗର କରାଯାଏ । ସଂଗଠନର ଏହି ରୂପକୁ ଉପଯୁକ୍ତ ବୁଝାଯାଏ ଯେଉଁଠାରେ ସରକାର ଜନତାଙ୍କ ମଙ୍ଗଳ ନିମନ୍ତେ ବିଚାର ସହିତ ଏପରି ସଂଗଠନ ଉପରେ ନିୟନ୍ତ୍ରଣ ରଖିବା ନିମନ୍ତେ ଇଚ୍ଛା ପ୍ରକଟ କରନ୍ତି ।

୨. **ବୈଧାନିକ ନିଗମ (ସାର୍ବଜନିକ ନିଗମ)**ର ଉଦ୍ଦେଶ୍ୟ ସଂସଦ ଏବଂ ରାଜ୍ୟ ବିଧାନ ମଣ୍ଡଳଦ୍ୱାରା ଗଠିତ ସଂଗଠନର କୌଣସି ବିଶେଷ ଅଧିନିୟମ ଦ୍ୱାରା ଗଠନ କରାଯାଇଥାଏ ଯାହା ଏହାର ଅଧିକାର, କାର୍ଯ୍ୟ ଏବଂ ପ୍ରବନ୍ଧନର ନମୁନାକୁ ପରିଭାଷିତ କରିଥାଏ । ବୈଧାନିକ ନିଗମକୁ

ରାଷ୍ଟ୍ରାୟତ୍ତ ନିଗମ ନାମରେ ମଧ୍ୟ ଜଣାଯାଏ । ଏହାର ସମ୍ପୂର୍ଣ୍ଣ ଅର୍ଥ ବ୍ୟବସ୍ଥାର ପରିଚାଳନ ସରକାରଙ୍କ ଦ୍ୱାରା କରାଯାଇଥାଏ । ଏହି ପ୍ରକାରର ସଂଗଠନର ଉଦାହରଣ ଭାରତୀୟ ଜୀବନ ବୀମା ନିଗମ, ରାଜ୍ୟ ବ୍ୟାପାର ନିଗମ ଇତ୍ୟାଦି ।

୩. **ସରକାରୀ କମ୍ପାନୀ:** ଏହି କମ୍ପାନୀର ୫୧ ପ୍ରତିଶତ କିମ୍ବା ତାଠାରୁ ଅଧିକ ପ୍ରଦତ୍ତ ପୁଞ୍ଜି ସରକାରଙ୍କ ପାଖରୁ ଆସିଥାଏ । ଏହା କମ୍ପାନୀ ଅଧିନିୟମ ଅଧିନରେ ପଞ୍ଜିକୃତ ହୋଇଥାଏ ତଥା ଏହାର ସଂଚାଳନ କମ୍ପାନୀ ଅଧିନିୟମର ବିଧାନ ଅନୁସାରେ ହୋଇଥାଏ । ସରକାରଙ୍କର ପ୍ରଭୁତ୍ୱରେ ଏହାଦ୍ୱାରା ପ୍ରବଂଧିତ ଅଧିକ ପରିମାଣରେ ବ୍ୟବସାୟ ଉଦ୍ୟୋଗ ଏହି ଶ୍ରେଣୀର ଅନ୍ତର୍ଗତ ।

**ରାଷ୍ଟ୍ରାୟତ୍ତ ଉଦ୍ୟୋଗ**

| ବିଭାଗୀୟ ଉଦ୍ୟୋଗ | ବୈଧାନିକ ଉଦ୍ୟୋଗ | ସରକାରୀ କମ୍ପାନୀ |
|---|---|---|
| **ଉଦାହରଣ** | **ଉଦାହରଣ** | **ଉଦାହରଣ** |
| ୧. ଡାକ ଏବଂ ତାର | ୧. ଭାରତୀୟ ଖାଦ୍ୟ ନିଗମ | ୧. ହିନ୍ଦୁସ୍ଥାନ ମେସିନ୍ ଟୁଲସ୍ ଲିମିଟେଡ |
| ୨. ରେଲୱେ | ୨. ଭାରତୀୟ ଔଦୋଗିକ ଅର୍ଥ ନିଗମ | ୨. ଭାରତୀୟ ଷ୍ଟିଲ ପ୍ରାଧିକରଣ ଲିମିଟେଡ୍ |
| ୩. ଅଲ୍ ଇଣ୍ଡିଆ ରେଡ଼ିଓ (AIR) | ୩. ଭାରତୀୟ ଜୀବନବୀମା ନିଗମ | ୩. ହିନ୍ଦୁସ୍ଥାନ ସିପ୍‌ୟାର୍ଡ ଲିମିଟେଡ |
| ୪. ଦୂରଦର୍ଶନ (ଟେଲିଭିଜନ) | ୪. ୟୁନିଟ୍ ଟ୍ରଷ୍ଟ ଅଫ ଇଣ୍ଡିଆ | |
| ୫. ଅର୍ଡିନାନ୍‌ସ ଫ୍ୟାକ୍ଟରୀ | ୫. ରାଜ୍ୟ ବ୍ୟାପାର ନିଗମ | |


## ୮.୫ ବିଭାଗୀୟ ଉଦ୍ୟୋଗ

ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ବିଭାଗୀୟ ଉଦ୍ୟୋଗ ସବୁଠାରୁ ପୁରୁଣା ଅଟେ । ବିଭାଗୀୟ ଉଦ୍ୟୋଗର ନିର୍ମାଣ, ପ୍ରବନ୍ଧନ ଏବଂ ଆର୍ଥିକ ବ୍ୟବସ୍ଥା ସରକାରଙ୍କ ଦ୍ୱାରା କରାଯାଇଥାଏ ।ଏହାର ନିୟନ୍ତ୍ରଣ ସରକାରୀସ୍ତରରେ ବିଶେଷ ବିଭାଗଦ୍ୱାରା କରାଯାଇଥାଏ । ଏହି ପ୍ରକାରରେ ପ୍ରତ୍ୟେକ ବିଭାଗର ଅଧ୍ୟକ୍ଷତା ଏକ ମନ୍ତ୍ରୀଙ୍କଦ୍ୱାରା କରାଯାଇଥାଏ । ସମସ୍ତ ନୀତିଗତ ମାମଲାରେ ଏବଂ ଅନ୍ୟ ମହତ୍ତ୍ୱପୂର୍ଣ୍ଣ ନିର୍ଣ୍ଣୟ ନିୟନ୍ତ୍ରକ ମନ୍ତ୍ରଣାଳୟଦ୍ୱାରା ନିଆଯାଇଥାଏ । ସଂସଦ ଏହି ଧରଣର ଉଦ୍ୟୋଗ ନିମନ୍ତେ ସାଧାରଣ ନୀତି ନିର୍ଦ୍ଧାରଣ କରିଥାଏ ।

### ୮.୫.୧ ବିଭାଗୀୟ ଉଦ୍ୟୋଗର ବିଶେଷତ୍ୱ

ବିଭାଗୀୟ ଉଦ୍ୟୋଗର ମୁଖ୍ୟ ବିଶେଷତ୍ୱଗୁଡ଼ିକ ଏହି ପ୍ରକାର —

କ) ଏହାର ନିର୍ମାଣ ସରକାରଙ୍କ ଦ୍ୱାରା କରାଯାଇଥାଏ ଏବଂ ଏହା ଉପରେ ମନ୍ତ୍ରୀଙ୍କର ପୂର୍ଣ୍ଣ ନିୟନ୍ତ୍ରଣ ରହିଥାଏ ।





ଖ) ଏହା ସରକାରଙ୍କର ଏକ ଭାଗ ଅଟେ ଏବଂ ଏହାର ପରିଚାଳନ ସରକାରରେ କୌଣସି ଅନ୍ୟ ବିଭାଗଭଳି ହୋଇଥାଏ ।

ଗ) ଏହାର ।ର୍ଥିକ ଯୋଗାଣ ସରକାରୀ କୋଷରୁ ହୋଇଥାଏ ।

ଘ) ଏହା ଉପରେ ବଜେଟ ପ୍ରଭାବ, ଲେଖାଙ୍କନ ଏବଂ ଅଙ୍କେକ୍ଷଣ ନିମୟନ୍ତ୍ରଣ (Audit Control) ରହିଥାଏ ।

ଙ) ସରକାରଦ୍ୱାରା ଏହାର ନୀତି ନିର୍ଦ୍ଧାରିତ କରାଯାଇଥାଏ ଏବଂ ଏହା ବିଧାୟିକା ପ୍ରତି ଉତ୍ତରଦାୟୀ ହୋଇଥାଏ ।

### ୮.୫.୨ ବିଭାଗୀୟ ଉଦ୍ୟୋଗର ଉପାଦେୟତା

ବିଭାଗୀୟ ଉଦ୍ୟୋଗର ନିମ୍ନଲିଖିତ ଉପାଦେୟତା ରହିଛି –

କ) **ସାମାଜିକ ଲକ୍ଷ୍ୟ ପୂରଣ:** ସରକାରଙ୍କର ଏହି ଉଦ୍ୟୋଗ ଉପରେ ପୁରା ନିୟନ୍ତ୍ରଣ ହୋଇଥାଏ । ଏହି ପ୍ରକାର ଉଦ୍ୟୋଗ ନିଜର ସାମାଜିକ ଏବଂ ଆର୍ଥିକ ଉଦ୍ଦେଶ୍ୟ ପୂରଣ କରିଥାଏ । ଉଦାହରଣ ସ୍ୱରୂପ ଦୂର-ଦୂରାନ୍ତ ଅଞ୍ଚଳରେ ଡାକ ଘର ଖୋଲିବା କାର୍ଯ୍ୟକ୍ରମ, ରେଡିଓ ଏବଂ ଟେଲିଭିଜନରେ ପ୍ରସାରଣ, ଯେଉଁଥିରେ ଲୋକମାନଙ୍କର ସାମାଜିକ, ଆର୍ଥିକ ଏବଂ ବୌଦ୍ଧିକ ବିକାଶ ହୋଇଥାଏ, ଏହିପରି ସାମାଜିକ ଉଦ୍ଦେଶ୍ୟ ହୋଇଥାଏ ଯାହାକୁ ପୂରଣ କରିବାର ପ୍ରୟାସ ବିଭାଗୀୟ ଉଦ୍ୟୋଗଦ୍ୱାରା କରାଯାଏ ।

ଖ) **ବ୍ୟବସ୍ଥାପିକା ପ୍ରତି ଉତ୍ତରଦାୟୀ :** ସଂସଦରେ ବିଭାଗୀୟ ଉଦ୍ୟୋଗର କାର୍ଯ୍ୟ ବିଧିର ବିଷୟରେ ପ୍ରଶ୍ନ ପଚରାଯାଇଥାଏ । ଏପରିକି ସେମାନେ ଏପରି କୌଣସି ପଦକ୍ଷେପ ଉଠାଇ ପାରନ୍ତିନାହିଁ ଯେଉଁଥିରେ ଜନତାର କୌଣସି ବିଶେଷ ଗୋଷ୍ଠୀକୁ କ୍ଷତି ପହଞ୍ଚାଇବ । ଏହି ଉଦ୍ୟୋଗ ଜନତାଙ୍କ ନିମନ୍ତେ ଉତ୍ତରଦାୟୀ ହୋଇଥାଏ ।

ଗ) **ଆର୍ଥିକ ଗତିବିଧି ଉପରେ ନିୟନ୍ତ୍ରଣ :** ଏହା ସରକାରଙ୍କର ବିଶିଷ୍ଟ ଆର୍ଥିକ ଗତିବିଧି ଉପରେ ନିୟନ୍ତ୍ରଣ ସ୍ଥାପନା କରିବା ପାଇଁ ସାହାଯ୍ୟ କରିଥାଏ ଏବଂ ସାମାଜିକ ଏବଂ ଆର୍ଥିକ ନୀତି ନିର୍ଦ୍ଧାରଣର ଏକ ଉପାଦାନ ରୂପେ କାର୍ଯ୍ୟ କରିଥାଏ ।

ଘ) **ସରକାରୀ ରାଜସ୍ୱରେ ଯୋଗଦାନ:** ବିଭାଗୀୟ ଉଦ୍ୟୋଗରେ ଯଦ କିଛି ବଳକା ହୁଏ ତାହା ସରକାରୀ ତହବିଲ୍‌କୁ ଯାଏ । ଫଳରେ ସରକାରଙ୍କର ଆୟରେ ବୃଦ୍ଧି ହୋଇଥାଏ । ସେହିପରି ଯଦି ଏଥିରେ କୌଣସି କ୍ଷତି ହେଲା ତେବେ ତାହାକୁ ସରକାର ଭରଣା କରିଥାନ୍ତି ।

ଙ) **ପାଣ୍ଠିର ଦୂରୁପଯୋଗ ସମ୍ଭାବନା କମ୍:** ଯେହେତୁ ଏହି ପ୍ରକାର ଉଦ୍ୟୋଗ ବଜେଟୀୟ, ଲେଖାଙ୍କନ ଏବଂ ଅଙ୍କେକ୍ଷଣ ନିୟନ୍ତ୍ରଣ ନିମନ୍ତେ ଉତ୍ତରଦାୟୀ ହୋଇଥାଏ ତେଣୁ ସେମାନଙ୍କଦ୍ୱାରା ପାଣ୍ଠିର ଦୂରୁପଯୋଗ ହେବାର ସମ୍ଭାବନା କମ୍ ଥାଏ ।

### ୮.୫.୩ ବିଭାଗୀୟ ଉଦ୍ୟୋଗର ସୀମିତତା -

ବିଭାଗୀୟ ଉଦ୍ୟୋଗର ସୀମିତତା ଏହି ପ୍ରକାରେ -

କ) **ଅଧିକାରୀ ବର୍ଗଙ୍କ ପ୍ରଭାବ -** ସରକାରୀ ନିୟନ୍ତ୍ରଣ ପ୍ରଭାବରୁ ଏକ ବିଭାଗୀୟ ଉଦ୍ୟୋଗ ଅମଲାତନ୍ତ୍ରର ସମସ୍ତ ଅସୁବିଧାରେ ପ୍ରଭାବିତ ହୋଇଥାଏ । ଉଦାହରଣ ନିମନ୍ତେ ପ୍ରତ୍ୟେକ ଖର୍ଚ୍ଚ







ନିମନ୍ତେ ସରକାରୀ ଅନୁମତି ପ୍ରାପ୍ତ କରିବାକୁ ହୋଇଥାଏ । କର୍ମଚାରୀମାନଙ୍କର ନିଯୁକ୍ତି ଏବଂ ସେମାନଙ୍କର ପଦୋନ୍ନତି ଉପରେ ସରକାରଙ୍କର ନିୟନ୍ତ୍ରଣ ରହିଥାଏ । ଏହି କାରଣରୁ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ବିଳମ୍ବ ହୋଇଯାଇଥାଏ । କର୍ମଚାରୀମାନଙ୍କୁ ପଦୋନ୍ନତି ଏବଂ ଦଣ୍ଡ ଦିଆଯାଇପାରିନଥାଏ । ଏହି କାରଣରୁ ବିଭାଗୀୟ ଉଦ୍ୟୋଗର କାର୍ଯ୍ୟ ଧାରାରେ ସମସ୍ୟା ସୃଷ୍ଟି ହୋଇଯାଇଥାଏ ।

ଖ) **ମାତ୍ରାଧିକ ସଂସଦୀୟ ନିୟନ୍ତ୍ରଣ :** ସଂସଦୀୟ ନିୟନ୍ତ୍ରଣ କାରଣରୁ ପ୍ରାଶାସନିକ କାର୍ଯ୍ୟରେ ପ୍ରତିଦିନ ସମସ୍ୟା ଆମେ ବିଭାଗୀୟ ଉଦ୍ୟୋଗର ପରିଚାଳନା ନେଇ ସେହି କାରଣରୁ ସଂସଦରେ ଅଧିକାଂଶ ସମୟରେ ପ୍ରଶ୍ନ ଉଠେ ।

ଗ) **ବ୍ୟାବସାୟିକ ବିଶେଷଜ୍ଞଙ୍କ ଅଭାବ:** ବିଭାଗୀୟ ଉଦ୍ୟୋଗ ମାମଲାର ପରିଚାଳନା କରୁଥିବର ପ୍ରାଶାସନିକ ଅଧିକାରୀଙ୍କର, ସାଧାରଣତଃ ବ୍ୟବସାୟର ଅନୁଭୂତି ନଥାଏ କିମ୍ବା ସେମାନେ ସେହି ବିଷୟରେ ବିଶେଷଜ୍ଞ ହୋଇନଥାନ୍ତି । ତେଣୁ ଏହାର ପ୍ରବନ୍ଧନ ପେଶାଦାର ଧାରାରେହୋଇ ନଥାଏ ଏବଂ ଅଭିଜ୍ଞତା ଅଭାବ କାରଣରୁ ରାଷ୍ଟ୍ରାୟତ୍ତ ପାଣ୍ଠିର ଅତ୍ୟଧିକ କ୍ଷତି ହୋଇଥାଏ ।

ଘ) **ନମନୀୟତାର ଅଭାବ :** ଏକ ସଫଳ ବ୍ୟବସାୟ ନିମନ୍ତେ ନମନୀୟତା ଜରୁରୀ । ଯାହା ଫଳରେ ସମୟ ଅନୁସାରେ ଚାହିଦାର ପରିବର୍ତ୍ତନକୁ ପୂରଣ କରାଯାଇଥାଏ । କିନ୍ତୁ ବିଭାଗୀୟ ଉଦ୍ୟୋଗରେ ନମନୀୟତାର ଅଭାବ ଯୋଗୁ ଏହାର ନୀତିରେ ତୁରନ୍ତ ପରିବର୍ତ୍ତନ କରାଯାଇପାରେ ନାହିଁ ।


ଙ) **ଅଣକୁଶଳୀ କାର୍ଯ୍ୟ ପ୍ରଣାଳୀ:** ଦକ୍ଷ କର୍ମଚାରୀ ଅଭାବରୁ ଏହି ଧରଣର ବ୍ୟବସାୟରେ ନାନା ସମସ୍ୟା ସୃଷ୍ଟି ହୁଏ । ନିଜ ନିଜର ଦୋଷତ୍ରୁଟି ସୁଧାରିବା ପାଇଁ କର୍ମଚାରୀକୁ ପ୍ରେରଣା ମଧ୍ୟ ମିଳେ ନାହିଁ ।

ଏହା ବିଚାରଯୋଗ୍ୟ ଯେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କ୍ଷେତ୍ରରେ ସଂଗଠନର ବିଭାଗୀୟ ସ୍ୱରୂପ ଲୁଚି ଯାଇଥାଏ । ଅଧିକାଂଶ ଉଦ୍ୟୋଗ ଯେପରି ଦୂରଭାଷ, ବିଦ୍ୟୁତ୍‌ସେବା ଉପଲବ୍ଧ କମ୍ପାନୀ ଉଦ୍ୟମ ଇତ୍ୟାଦି ସରକାରୀ କମ୍ପାନୀରେ ପରିବର୍ତ୍ତିତ ହେଉଅଛି । ଉଦାହରଣ - ମହାନଗର ଟେଲିଫୋନ୍ ନିଗମ ଲିମିଟେଡ୍, ଭାରତୀୟ ସଂଚାର ନିଗମ ଲିମିଟେଡ୍ ଇତ୍ୟାଦି ।

| ଉପାଦେୟତା | ସୀମିତତା |
|---|---|
| କ) ସାମାଜିକ ଉଦ୍ଦେଶ୍ୟର ପୂରଣ | କ) ଅମଲାତନ୍ତ୍ରର ପ୍ରଭାବ |
| ଖ) ଜନତାଙ୍କ ପ୍ରତି ଉତ୍ତରଦାୟିତ୍ୱ | ଖ) ମାତ୍ରାଧିକ ସଂସଦୀୟ ନିୟନ୍ତ୍ରଣ |
| ଗ) ଆର୍ଥିକ ଗତିବିଧି ଉପରେ ନିୟନ୍ତ୍ରଣ | ଗ) ବ୍ୟବସାୟିକ ବିଶେଷଜ୍ଞର ଅଭାବ |
| ଘ) ସରକାରୀ ରାଜସ୍ୱରେ ଯୋଗଦାନ | ଘ) ନମନୀୟତାରେ ଅଭାବ |
| ଙ) ପାଣ୍ଠିର ଦୂରୁପଯୋଗ ହେବାରେ କମ୍ ଆଶଙ୍କା | ଙ) ଅଣକୁଶଳୀ କାର୍ଯ୍ୟ ପ୍ରଣାଳୀ |

## ପାଠଗତ ପ୍ରଶ୍ନାବଳୀ ୮ (ଖ)

୧. କୌଣସି ଏପରି ତିନୋଟି ସେବାର ସୂଚୀ ତିଆରି କର ଯାହାର ତଦାରଖ ବିଭାଗୀୟ ଉପକ୍ରମଦ୍ୱାରା କରାଯାଇଥାଏ ।



ଟିପ୍ପଣୀ

କ) ______________________________

ଖ) ______________________________

ଗ) ______________________________

୨. ନିମ୍ନଲିଖିତର ଚିହ୍ନଟକର, ଏମାନଙ୍କର ବିଭାଗୀୟ ଉଦ୍ୟମ, ବୈଧାନିକ ନିଗମ ଏବଂ ସରକାରୀ କମ୍ପାନୀରେ ଶ୍ରେଣୀ ବିଭକ୍ତ କର ।

କ) ସରକାରଙ୍କଦ୍ୱାରା ସ୍ଥାପିତ ତଥା ସଂବଂଧିତ ମନ୍ତ୍ରାଳୟଦ୍ୱାରା ନିୟନ୍ତ୍ରିତ ବ୍ୟବସାୟ ସଂଗଠନ । [ ]

ଖ) ସଂଦସ କିମ୍ବା ରାଜ୍ୟ ବିଧାନ ମଣ୍ଡଳର ବିଶେଷ ଅଧିନିୟମର ଅନ୍ତର୍ଗତ ନିର୍ମିତ ସଂଗଠନ । [ ]

ଗ) ଏହାର ସ୍ଥାପନା ସରକାରଙ୍କ ଦ୍ୱାରା କରାଯାଇଥାଏ । ତଥା ତା ଉପରେ ବଜେଟୀୟ, ଲେଖାଙ୍କନ ଏବଂ ଅଙ୍କେକ୍ଷଣ ନିୟନ୍ତ୍ରଣ ହୋଇଥାଏ । [ ]

ଘ) ସରକାର ଦ୍ୱାରା ସ୍ଥାପିତ ତଥା କମ୍ପାନୀ ଅଧିନିୟମର ଅନ୍ତର୍ଗତ ପଂଜିକୃତ ସଂଗଠନ । [ ]

୩. ବିଭାଗୀୟ ଉଦ୍ୟୋଗର ଗୁଣ ଏବଂ ସୀମାକୁ ଚିହ୍ନଟକର ଏହାର ସଂଖ୍ୟାକୁ ତଳେ ଦିଆଯାଇଥିବା ବୃତ୍ତରେ ଲେଖ ।


କ) ଏହି ସଂଗଠନ ଯାହା ସରକାରଙ୍କର ସାମାଜିକ ଏବଂ ଆର୍ଥିକ ଉଦ୍ଦେଶ୍ୟକୁ ପୁରା କରିଥାଏ ।

ଖ) ନମନୀୟତାର ଅଭାବରୁ ଶୀଘ୍ର ନିର୍ଣ୍ଣୟ ନେଇ ହୁଏ ନାହିଁ ।

ଗ) ପାଣ୍ଠିର ଦୂରୁପଯୋଗ ହେବାର ସୀମିତ ସମ୍ଭାବନା ।

ଘ) ଅଣକୁଶଳୀ ଏବଂ ଅଧ୍ୟକ୍ଷ କର୍ମଚାରୀଙ୍କ କାରଣରୁ ସମସ୍ୟାରେ ପ୍ରଭାବିତ ସଂଗଠନ ।

ଙ) ଏହି ସଂଗଠନ ଯାହା ସଂସଦଦ୍ୱାରା ଜନସାଧାରଣ ନିମନ୍ତେ ଉତ୍ତରଦାୟୀ ହୋଇଥାଏ ।




ଆମେ ବର୍ତ୍ତମାନ ବିଭାଗୀୟ ଉଦ୍ୟୋଗ ବିଷୟରେ ବିଚାର-ବିମର୍ଷ କରିଅଛେ । ଏବେ ଆମେ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଦ୍ୱିତୀୟଶ୍ରେଣୀ, ବୈଧାନିକ ନିଗମ ବା ଲୋକତାନ୍ତ୍ରିକ ନିଗମ ସମ୍ପର୍କରେ ଆଲୋଚନା କରିବା ।

## ୮.୬ ବୈଧାନିକ ନିଗମ

ବୈଧରନିକ ନିଗମର ଗୁଣକୁ ଅଧ୍ୟୟନ କରିବାପରେ ଆମେ ଏହାର ସୀମା ଉପରେ ମଧ୍ୟ ଦୃଷ୍ଟି ନିକ୍ଷେପ କରିବାର ଆବଶ୍ୟକତା ରହିଛି । ବୈଧାନିକ ନିଗମର ନିମ୍ନଲିଖିତ ସୀମା ଦୃଷ୍ଟିଗୋଚର ହୁଏ ।

ଟିପ୍ପଣୀ

କ) **ସରକାରୀ ହସ୍ତକ୍ଷେପ :** ଏହା ସତ୍ୟ ଅଟେ କି ବୈଧାନିକ ନିଗମର ସବୁଠାରୁ ବଡ଼ ଲାଭ ଏହାର ସ୍ୱତନ୍ତ୍ରତା ଏବଂ ନମନୀୟତା, କିନ୍ତୁ ଏ ସବୁ କେବଳ କାଗଜରେ ଦେଖିବାକୁ ମିଳିଥାଏ । ବାସ୍ତବରେ ଏହାର ଅଧିକାର ମାମଲାରେ ଅତ୍ୟଧିକ ସରକାରୀ ହସ୍ତକ୍ଷେପ ହୋଇଥାଏ ।

ଖ) **କଠୋରତା :** ଏହାର କାର୍ଯ୍ୟ ପ୍ରଣାଳୀ ଏବଂ ଅଧିକାରର ସଂଶୋଧନ କେବଳ ସଂସଦ ଦ୍ୱାରା ହିଁ କରାଯାଇପାରେ । ପରିଣାମ ସ୍ୱରୂପ ନିଗମର କାର୍ଯ୍ୟରେ ଅନେକ ବାଧା ବିଘ୍ନ ଉତ୍ପନ୍ନ ହୋଇଥାଏ ଯାହାର ବଦଳିବା ସ୍ଥିତି ଅନୁସାରେ ପରିବର୍ତ୍ତନ ଏବଂ ନିର୍ଭୀକ ନିଷ୍ପତ୍ତି ନେବାରେ କଠିନତା ଦେଖା ଦେଇଥାଏ ।

ଗ) **ବ୍ୟାବସାୟିକ ଦୃଷ୍ଟିରୁ ଅନଭିଜ୍ଞତା :** ବୈଧାନିକ ନିଗମକୁ ପ୍ରାୟ ଉତ୍ତମ ପ୍ରଦର୍ଶନ କରିବାକୁ ନାମମାତ୍ର ପ୍ରତିଯୋଗୀତା ବା ଅଭିପ୍ରେରଣାର ଅଭାବର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଫଳରେ ବ୍ୟାବସାୟିକ ସିଦ୍ଧାନ୍ତର ଅନଭିଜ୍ଞତା ବୈଧାନିକ ନିଗମ ପାଇଁ ସମସ୍ୟାକାରକ ହୋଇଥାଏ ।

| **ଉପାଦେୟତା** | **ସୀମିତତା** |
|---|---|
| କ) ପ୍ରବନ୍ଧନରେ ବିଶେଷଜ୍ଞତା | କ) ସରକାରଙ୍କର ହସ୍ତକ୍ଷେପ |
| ଖ) ଆନ୍ତରିକ ସ୍ୱତନ୍ତ୍ରତା | ଖ) କଠୋରତା |
| ଗ) ସଂସଦ ପ୍ରତି ଉତ୍ତରଦାୟୀ | ଗ) ବ୍ୟବସାୟିକ ଦୃଷ୍ଟିର ଅନଭିଜ୍ଞତା |
| ଘ) ନମନୀୟତା | |
| ଙ) ରାଷ୍ଟ୍ରୀୟ ହିତକୁ ଉତ୍ସାହିତ | |
| ଚ) କୋଷ ଏକତ୍ରକରିବାରେ ସରଳତା | |

## ପାଠଗତ ପ୍ରଶ୍ନାବଳୀ ୮(ଗ)

୧. ବୈଧାନିକ ନିଗମର ବିଶେଷତ୍ୱର ବର୍ଣ୍ଣନା କର ଯେଉଁଥିରେ ନିମ୍ନର ବର୍ଣ୍ଣନା ହୋଇଅଛି ।

କ) ଅନ୍ତର୍ଭୁକ୍ତୀ କରଣ

________________________________________

ଖ) ପରିଚାଳନ

________________________________________

୨. ନିମ୍ନଲିଖିତ ବାକ୍ୟରେ ଭୁଲ୍ ଥିଲେ ସଂଶୋଧନକରି ଲେଖ ।

କ) ବୈଧାନିକ ସଂଗଠନ ସ୍ୱାୟତ୍ତ ସଂଗଠନ ଅଟେ

________________________________________

ଖ) ବୈଧାନିକ ନିଗମ କମ୍ପାନୀ ଅଧିନିୟମର ଅନ୍ତର୍ଗତ ପଂଜିକୃତ ହୋଇଥାଏ ।

________________________________________

ଗ) ବୈଧାନିକ ନିଗମରେ ଲାଭ ପ୍ରାପ୍ତ କରିବାର ଉଦ୍ଦେଶ୍ୟରେ ଅଭିପ୍ରେରିତ ହୋଇଥାଏ ।

________________________________________

ଘ) ବୈଧାନିକ ନିଗମର ଆନ୍ତରିକ ପ୍ରବନ୍ଧନ ସରକାର ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ।

______________________________

ଙ) ବୈଧାନିକ ନିଗମକୁ ଘରୋଇ ଉଦ୍ୟୋଗପତିଙ୍କ ଦ୍ୱାରା ପୁଂଜି ଉପଲବ୍ଧ କରାଯାଇଥାଏ ।

______________________________

---

ବିଭାଗୀୟ ଉଦ୍ୟମ ଏବଂ ସାଂବିଧିକ ନିଗମର ଅଧ୍ୟୟନ କରିବାପରେ ଏବେ ଆମେ ସରକାରୀ କମ୍ପାନୀ ବିଷୟରେ ଅଧ୍ୟୟନ କରିବା ଯାହା ରାଷ୍ଟ୍ରାୟତ ଉଦ୍ୟୋଗର ଆଧୁନିକ ରୂପ ।

## ୮.୭ ସରକାରୀ କମ୍ପାନୀ

ଭାରତୀୟ କମ୍ପାନୀ ଅଧିନିୟମର ବ୍ୟବସ୍ଥା ଅନୁସାରେ ଏକ କମ୍ପାନୀ ଯାହାର ୫୧ ପ୍ରତିଶତ କିମ୍ବା ତାଠାରୁ ଅଧିକ ପ୍ରଦତ୍ତ ପୁଂଜି କେନ୍ଦ୍ର ସରକାର ଅଥବା ରାଜ୍ୟ ସରକାରଙ୍କ ପାଖରେ ଥାଏ । ତାକୁ ସରକାରୀ କମ୍ପାନୀ କୁହାଯାଏ । ଏହିସବୁ କମ୍ପାନୀ ଭାରତୀୟ କମ୍ପାନୀ ଅଧିନିୟମ ୧୯୫୬ ଅଧିନରେ ପଞ୍ଜିକୃତ ହୋଇଥାଏ ତଥା ସେହି ନୀତି ଏବଂ ନିୟମକୁ ଅନୁକରଣ କରିଥାନ୍ତି ଯାହା ଅନ୍ୟ ପଞ୍ଜିକୃତ କମ୍ପାନୀ ଉପରେ ଲାଗୁ ହୋଇଥାଏ । ଭାରତ ସରକାର ଏପରି ବହୁତ ଉଦ୍ୟୋଗର ସ୍ଥାପନା ସରକାରୀ କମ୍ପାନୀ ରୂପରେ ପ୍ରବନ୍ଧକୀୟ, ସ୍ୱାୟତ, ସଂଚାଳନାରେ କୁଶଳତା ଏବଂ ଘରୋଇ କ୍ଷେତ୍ରରେ ପ୍ରତିଯୋଗିତା କରିବା ନିମନ୍ତେ ସୁନିଶ୍ଚିତ କରିଅଛନ୍ତି ।

### ୮.୭.୧ ସରକାରୀ କମ୍ପାନୀର ବିଶେଷତ୍ୱ -

ସରକାରୀ କମ୍ପାନୀର ମୁଖ୍ୟ ବିଶେଷତ୍ୱଗୁଡ଼ିକ ନିମ୍ନ ପ୍ରକାରର

କ) ଏହା କମ୍ପାନୀ ଅଧିନିୟମ ୧୯୫୬ ଅଧିନରେ ପଞ୍ଜିକୃତ ହୋଇଥାଏ ।

ଖ) ଏହାର ସ୍ୱତନ୍ତ୍ର ବୈଧାନିକ ଅସ୍ତିତ୍ୱ ହୋଇଥାଏ । ଏହା ମୋକଦ୍ଦମା ଚଳାଇ ପାରିବ ତଥା ତା' ବିରୁଦ୍ଧରେ ମକଦ୍ଦମା କରାଯାଇ ପାରିବ, ଏବଂ ନିଜ ନାମରେ ସମ୍ପତ୍ତିର ଅଧିଗ୍ରହଣ କରିପାରିବ ।

ଗ) ସରକାରୀ କମ୍ପାନୀର ବାର୍ଷିକ ରିପୋର୍ଟକୁ ସଂସଦରେ ଉପସ୍ଥାପିତ କରାଯାଏ ।

ଘ) ସରକାରଙ୍କ ଦ୍ୱାରା ପୁଞ୍ଜି ସମ୍ପୂର୍ଣ୍ଣ ଉପଲବ୍ଧ କରାଯାଏ । ଆଂଶିକ ମାଲିକାନାରେ ଥିବା କମ୍ପାନୀର ପୁଞ୍ଜିର ବ୍ୟବସ୍ଥା ଉଭୟ ସରକାର ଏବଂ ଘରୋଇ ନିବେଶକଙ୍କ ଦ୍ୱାରା କରାଯାଇଥାଏ । କିନ୍ତୁ ଏହି ପ୍ରକାର ସ୍ଥିତିରେ କେନ୍ଦ୍ର ଅଥବା ରାଜ୍ୟ ସରକାରଙ୍କ ଦ୍ୱାରା କମ୍ପାନୀର ଅତିକମ୍‌ରେ ୫୧ ପ୍ରତିଶତ ଅଂଶର ମାଲିକାନା ରହିଥିବା ଜରୁରୀ ।

ଙ) ଏହାର ପ୍ରବନ୍ଧନ ନିର୍ଦ୍ଦେଶକ ମଣ୍ଡଳ ଦ୍ୱାରା କରାଯାଇଥାଏ । ସମସ୍ତ ନିର୍ଦ୍ଦେଶକ ଅଥବା ସଂଖ୍ୟାଧିକ ନିର୍ଦ୍ଦେଶକଙ୍କର ନିଯୁକ୍ତି ସରକାରଙ୍କ ଦ୍ୱାରା କରାଯାଏ ଯାହା ଘରୋଇ ସହଯୋଗିତାର ସୀମା ଉପରେ ନିର୍ଭର କରିଥାଏ ।

ଚ) ଏହାର ଲେଖା ଏବଂ ଲେଖାପରୀକ୍ଷା ଘରୋଇ ଉଦ୍ୟୋଗ ସହ ସମାନ ହୋଇଥାଏ ଏବଂ ଏହାର ଲେଖା ପରୀକ୍ଷକ ଏବଂ ଚାଟାର୍ଡ ଆକାଉଣ୍ଟାଟ୍‌ଙ୍କର ନିଯୁକ୍ତି ସରକାର ଦ୍ୱାରା କରାଯାଇଥାଏ ।

ଛ) ଏହାର କର୍ମଚାରୀ ସରକାରୀ ଅଧିକାରୀ ହୋଇନଥାନ୍ତି । ଏହା ନିଜର ବ୍ୟକ୍ତିଗତ ନୀତିର ସଂଚାଳନ ନିଜ ଆଭ୍ୟନ୍ତରୀଣ ନିୟମ ଅନୁସାରେ କରିଥାଏ ।

### ୮.୭.୨ ସରକାରୀ କମ୍ପାନୀର ଉପାଦେୟତା:

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ରୂପରେ ଗଠିତ ସରକାରୀ କମ୍ପାନୀର ଗୁଣ ନିମ୍ନ ପ୍ରକାର ଅଟେ ।

କ) **ସ୍ଥାପନାର ସାଧାରଣ ପ୍ରକ୍ରିୟା** – ଏକ ସରକାରୀ କମ୍ପାନୀର ଗଠନ ଅନ୍ୟ ସାର୍ବଜନିକ ଉଦ୍ୟମ ତୁଳନାରେ ସରଳ ହୋଇଥାଏ କାରଣ ଏଥି ନିମନ୍ତେ ସଂସଦ ଏବଂ ବିଧାନ ମଣ୍ଡଳ ଦ୍ୱାରା ବିଲ୍ ପାସ୍ କରିବାର ଆବଶ୍ୟକତା ହୋଇ ନଥାଏ । ଏହାର ନିର୍ମାଣ କମ୍ପାନୀ ଅଧିନିୟମରେ ନିର୍ଦ୍ଧାରିତ ପ୍ରକ୍ରିୟାକୁ ଗ୍ରହଣ କରି ସରଳ ଭାବରେ କରାଯାଇ ପାରେ ।

ଖ) **ବ୍ୟାବସାୟିକ କ୍ଷେତ୍ରରେ କୁଶଳ କାର୍ଯ୍ୟପ୍ରଣାଳୀ** – ସରକାରୀ କମ୍ପାନୀର ସଂଚାଳନ ବ୍ୟାବସାୟିକ ସିଦ୍ଧାନ୍ତରେ ହୋଇଥାଏ । ଏହା ଆର୍ଥିକ ଏବଂ ପ୍ରଶାସନିକ ମାମଲାରୁ ସମ୍ପୂର୍ଣ୍ଣ ମୁକ୍ତ ରହିଥାଏ । ଏହାର ନିର୍ଦ୍ଦେଶକ ମଣ୍ଡଳରେ ସାଧାରଣତଃ କେତେକ ପେଶାଦାର ଏବଂ ସ୍ୱତନ୍ତ୍ର ଖ୍ୟାତିସମ୍ପନ୍ନ ବ୍ୟକ୍ତି ଥାଆନ୍ତି ।

ଗ) **କୁଶଳ ପରିଚାଳନ** – ଯେହେତୁ କମ୍ପାନୀର ବାର୍ଷିକ ରିପୋର୍ଟ ସଂସଦର ଦୁଇ ସଦନ ସମ୍ମୁଖରେ ବିଚାର-ବିମର୍ଷ ନିମନ୍ତେ ଉପସ୍ଥାପନ କରାଯାଏ, ସେଥିପାଇଁ ଏହାର ପ୍ରବନ୍ଧନ ଗତିବିଧିରେ ସାବଧାନତା ରକ୍ଷା କରାଯାଏ ଏବଂ ବ୍ୟବସାୟର ପ୍ରବନ୍ଧନରେ କୁଶଳତା ସୁନିଶ୍ଚିତ କରାଯାଇଥାଏ ।

ଘ) ଏହି କମ୍ପାନୀଗୁଡ଼ିକ ବହୁ ସମୟରେ ନିଜ କ୍ଷେତ୍ରରେ ସୁସ୍ଥ ପ୍ରତିଯୋଗିତା ପ୍ରଦାନ କରିଥାନ୍ତି । ସେଥିପାଇଁ ମାଲ ଏବଂ ସେବା ଉଚିତ ମୂଲ୍ୟରେ ଉଚିତ ଗୁଣବତ୍ତା ସହିତ ଉପଲବ୍ଧ ହୋଇଥାଏ ।

### ୮.୭.୩ ସରକାରୀ କମ୍ପାନୀର ସୀମିତତା

ସରକାରୀ କମ୍ପାନୀର ନିମ୍ନଲିଖିତ ସୀମିତତା ରହିଥାଏ ।

କ) **ଉଦ୍ୟମର ଅଭାବ** – ସରକାରୀ କମ୍ପାନୀର ପ୍ରବନ୍ଧଙ୍କୁ ସର୍ବଦା ଜନତାକୁ ଜବାବ ଦେବାର ଭୟ ରହିଥାଏ । ଫଳରେ ସେମାନେ ଠିକ୍ ସମୟରେ ନିଷ୍ପତ୍ତି ନେଇ ପାରନ୍ତି ନାହିଁ । ଏହା ଛଡ଼ା କେତେକ ନିର୍ଦ୍ଦେଶକ ବ୍ୟବସାୟରେ ଜନତାର ଅଂଶଗ୍ରହଣ କାରଣରୁ ବାସ୍ତବିକ୍ ଆଗ୍ରହ ନେଇ ନଥାନ୍ତି ।

ଖ) **ବ୍ୟାବସାୟିକ ଅନୁଭୂତିର ଅଭାବ** – ଅଭ୍ୟସଗତଭାବରେ ସାଧାରଣତଃ ଏହି କମ୍ପାନୀର ପରିଚାଳନ ପ୍ରଶାସନିକ ସେବା ଅଧିକାରୀଙ୍କର ହାତରେ ରହିଥାଏ । ଯାହାର ସାଧାରଣତଃ ବ୍ୟବସାୟିକ କ୍ଷେତ୍ରରେ ପରିଚାଳନରେ ପେଶାଦାର ଅନୁଭବ କମ୍ ହୋଇଥାଏ ।

ଗ) **ନୀତି ଏବଂ ପରିଚାଳନରେ ପରିବର୍ତ୍ତନ** – ଏହି କମ୍ପାନୀଗୁଡ଼ିକର ନୀତି ଏବଂ ପରିଚାଳନ ସାଧାରଣତଃ ସରକାର ବଦଳିବା ସଙ୍ଗେ ସଙ୍ଗେ ବଦଳି ଥାଏ । ନିୟମ, ନୀତି ଏବଂ ପ୍ରକ୍ରିୟାରେ ପରିବର୍ତ୍ତନ ହେତୁ ବ୍ୟବସାୟିକ ଉଦ୍ୟମରେ ବିକୃତ ପରିସ୍ଥିତି ସୃଷ୍ଟି ହୋଇଥାଏ ।

| ଉପାଦେୟତା | ସୀମିତତା |
|---|---|
| କ) ସ୍ଥାପନାରେ ସାଧାରଣ ପ୍ରକ୍ରିୟା | କ) ଉଦ୍ୟମର ଅଭାବ |
| ଖ) ବ୍ୟବସାୟିକ କ୍ଷେତ୍ରର କୁଶଳ କାର୍ଯ୍ୟ ପ୍ରଣାଳୀ | ଖ) ବ୍ୟାବସାୟିକ ଅନୁଭୂତିର ଅଭାବ |
| ଗ) କୁଶଳ ପ୍ରବନ୍ଧନ | ଗ) ନୀତି ଏବଂ ପ୍ରବନ୍ଧନରେ ପରିବର୍ତ୍ତନ |
| ଘ) ସୁସ୍ଥ ପ୍ରତିଯୋଗିତା | |

## ପାଠଗତ ପ୍ରଶ୍ନାବଳୀ ୮(ଘ)

୧. ସରକାରୀ କମ୍ପାନୀ ସ୍ଥାପନ କରିବାର ମୁଖ୍ୟ ଉଦ୍ଦେଶ୍ୟ, ସୁନିଶ୍ଚିତ କରିବା ହୋଇଥାଏ ।

କ) ପ୍ରବନ୍ଧକୀୟ ସ୍ୱାୟତ୍ତତା

ଖ) ____________________

ଗ) ____________________

୨. ନିମ୍ନଲିଖିତ ବାକ୍ୟଗୁଡ଼ିକ ସରକାରୀ କମ୍ପାନୀର ଉପାଦେୟତା ଏବଂ ସୀମିତତା ରୂପରେ ଶ୍ରେଣୀଭୁକ୍ତ କର ଏବଂ ଏହାର ସଂବନ୍ଧୀତ ସଂଖ୍ୟାକୁ ତଳେ ଦିଆଯାଇଥିବା ବୃତ୍ତ ମଧ୍ୟରେ ପୂରଣ କର ।

କ) ଏହାର ସ୍ଥାପନା ସରଳ ଅଟେ ତଥା ଏହି କମ୍ପାନୀ ଅଧିନିୟମ ୧୯୫୬ ସହିତ ସଂଚାଳିତ ହୋଇଥାଏ ।


ଖ) ଏହା ଘରୋଇ କ୍ଷେତ୍ରରେ ସୁସ୍ଥ ପ୍ରତିଯୋଗିତାର ସୃଷ୍ଟି କରାଇଥାଏ ।

ଗ) ସରକାରୀ କମ୍ପାନୀ ଠିକ୍ ସମୟରେ ନିର୍ଣ୍ଣୟ ନେବା ପାଇଁ ବିଳମ୍ବ କରିଥାଏ

ଘ) ସରକାରର ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ ସରକାରୀ କମ୍ପାନୀର ନୀତି, ନିୟମ ଏବଂ ପ୍ରକ୍ରିୟାରେ ପରିବର୍ତ୍ତନ ହୋଇଥାଏ

ଙ) ଏହାର ଆର୍ଥିକ ଏବଂ ପ୍ରଶାସନିକ କ୍ଷେତ୍ରର ସ୍ୱାୟତତା ରହିଥାଏ ।

**ଉପାଦେୟତା** **ସୀମିତତା**



## ୮.୮ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ତୁଳନାତ୍ମକ ଦୃଷ୍ଟିକୋଣ

| କ୍ର.ନଂ. | ବିଭାଗୀୟ ଉଦ୍ୟୋଗ | ବୈଧାନିକ ନିଗମ | ସରକାରୀ କମ୍ପାନୀ |
|---|---|---|---|
| ୧. ସ୍ଥାପନା | ମନ୍ତ୍ରାଳୟଦ୍ୱାରା | ସଂସଦଦ୍ୱାରା ଏକବିଶେଷ ଅଧିନିୟମର ଅନ୍ତର୍ଗତ | ମନ୍ତ୍ରାଳୟଦ୍ୱାରା ଘରୋଇ ସହଯୋଗିତା ସହିତ ଅଥବା ବିନା ସ୍ୱତନ୍ତ୍ର ବ୍ୟବସାୟିକ ଅସ୍ତିତ୍ୱ |
| ୨. ବୈଧାନିକ ସ୍ଥିତି | ସରକାର ସହିତ କୌଣସି ପୃଥକ ସ୍ୱତନ୍ତ୍ର ଅସ୍ତିତ୍ୱନାହିଁ | ଏହା ମୋକଦ୍ଦମା ଚଳାଇ ପାରିବେ ଏବଂ ଏହା ବିରୁଦ୍ଧରେ ମୋକଦ୍ଦମା ହୋଇ ପାରିବାର ସ୍ୱତନ୍ତ୍ରତା ଅଛି | ସ୍ୱତନ୍ତ୍ର ବ୍ୟାବସାୟିକ ଅସ୍ତିତ୍ୱ |


| | | | |
|---|---|---|---|
| ୩. ପୁଂଜି | ବଜେଟଦ୍ୱାରା ଉପଲବ୍ଧ ହୋଇଥାଏ | ସମ୍ପୂର୍ଣ୍ଣ ସରକାରଦ୍ୱାରା ଉପଲବ୍ଧ କରାଯାଏ | କିଛି ଭାଗ ଘରୋଇ ଉଦ୍ୟମ ଦ୍ୱାରାମଧ୍ୟ ଉପଲବ୍ଧ କରାଯାଇଥାଏ । |
| ୪. ପ୍ରବନ୍ଧନ | ସମ୍ବନ୍ଧିତ ମନ୍ତ୍ରାଳୟରେ ସରକାରୀ ଅଧିକାରୀଙ୍କ ଦ୍ୱାରା | ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା | ନିର୍ଦ୍ଦେଶକ ମଣ୍ଡଳ ଯେଉଁଥିରେ କେତେକ ଘରୋଇ ବ୍ୟକ୍ତି ମଧ୍ୟ ସମ୍ମିଳିତ ହୋଇଥାନ୍ତି । |
| ୫. ନିୟନ୍ତ୍ରଣ ଏବଂ ଉତ୍ତରଦାୟିତ୍ୱ | ସଂବଂଧିତ ମନ୍ତ୍ରୀ ଏବଂ ସଂବଂଧିତ ମନ୍ତ୍ରାଳୟ ଦ୍ୱାରା | ସଂସଦ ଦ୍ୱାରା | ସରକାରଙ୍କ ଦ୍ୱାରା |
| ୬. ସ୍ୱାୟତତା | କୌଣସି ସ୍ୱାୟତ୍ତତା ନାହିଁ ସରକାର ଏକ ଅଭିନ୍ନ ଅଂଗ ଭାବରେ କାମକରିଥାଏ | ଦୈନନ୍ଦିନ ମାମଲାରେ କୌଣସି ହସ୍ତକ୍ଷେପ ନଥାଏ | ସରକାରୀ ହସ୍ତକ୍ଷେପରୁ ସ୍ୱତନ୍ତ୍ର |
| ୭. ଉପଯୁକ୍ତତା | ସୁରକ୍ଷା ଲୋକ ଉପଯୋଗୀ | ବିଶାଳ ଉଦ୍ୟୋଗ ଏବଂ ଉଦ୍ୟମୀଦ୍ୱାରା ଉପଲବ୍ଧ କରାଯାଇଥିବା ସେବା ଯୋଜନାରେ ଲମ୍ବା ଅବଧି | ସମସ୍ତ ପ୍ରକାରର ଔଦ୍ୟୋଗୀକ ଏବଂ ବ୍ୟବସାୟିକ ଉଦ୍ୟୋଗ |

## ୮.୯ ବ୍ୟାବସାୟିକ କ୍ଷେତ୍ରରେ ଉଦ୍ୟୋଗର ମହତ୍ତ୍ୱ

ତୁମେ ଜାଣିଛ ଯେ ଆମ ଦେଶରେ ସମସ୍ତ ଉଦ୍ୟୋଗ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୁହେଁ । ଆମ ଦେଶରେ ମିଶ୍ରିତ ଅର୍ଥ ବ୍ୟବସ୍ଥା ଅଛି ଏବଂ ଆମର ଅର୍ଥ ବ୍ୟବସ୍ଥାର ବିକାଶ ନିମନ୍ତେ ଘରୋଇ କ୍ଷେତ୍ର ସାଙ୍ଗେ ସାଙ୍ଗେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମଧ୍ୟ ସହଯୋଗ ଦେଇଥାଏ । ତଥାପି କେବଳ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ର ଅଛି ଯେଉଁଠାରେ ସରକାର ନିଜର ଉଦ୍ୟୋଗର ସ୍ଥାପନା ଅର୍ଥ ବ୍ୟବସ୍ଥାର ସନ୍ତୁଳିତ ବିକାଶ ନିମନ୍ତେ ଏବଂ ସମାଜ କଲ୍ୟାଣକୁ ଉତ୍ସାହିତ କରିବା ନିମନ୍ତେ କରିଥାନ୍ତି । ଏପରି ଅନେକ ଜାଗା ଅଛି ଯେଉଁଠି ପୁଞ୍ଜି ବହୁଳ ପରିମାଣର ନିବେଶର ଆବଶ୍ୟକତା ଅଛି କିନ୍ତୁ ଲାଭାଂଶର ମାତ୍ରା କମ୍ ହୋଇଥାଏ କିମ୍ବା ଲମ୍ବା ଅବଧି ପରେ ପ୍ରାପ୍ତ ହୋଇଥାଏ ।

ଯେହେତୁ ବିଜୁଳିର ଉତ୍ପାଦନ ଏବଂ ଯୋଗାଣ, ମେସିନ୍‌ର ନିର୍ମାଣ, ବନ୍ଦର ନିର୍ମାଣ ଆଦିରେ ବହୁତ ସମୟ ଲାଗିଥାଏ, ଘରୋଇ ବ୍ୟାପାରୀ ଏହି କ୍ଷେତ୍ରରେ ନିଜର ବ୍ୟବସାୟ ସ୍ଥାପିତ କରିବା ନିମନ୍ତେ ପଛଗୁଞ୍ଜା ଦେଇଥାନ୍ତି । କିନ୍ତୁ ସାର୍ବଜନିକ ହିତକୁ ଦୃଷ୍ଟିରେ ରଖି ଏହି କ୍ଷେତ୍ରକୁ ଉପେକ୍ଷା କରି ହେବନାହିଁ । ଏଥିପାଇଁ ଏହି ଉଦ୍ୟୋଗର ସ୍ଥାପନା ଏବଂ ସଂଚାଳନ ସରକାରଙ୍କ ଦ୍ୱାରା କରାଯାଇଥାଏ । ଏହି ପ୍ରକାରରେ ରାଷ୍ଟ୍ରାୟତ ଉଦ୍ୟୋଗ ମଧ୍ୟ ଦେଶର ପ୍ରତ୍ୟେକ ଭାଗରେ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ସହିତ କ୍ଷେତ୍ରୀୟ ବିକାଶରେ ସନ୍ତୁଳନ ରକ୍ଷା କରିବାରେ ସହାୟତା କରିଥାଏ । ଉଦାହରଣସ୍ୱରୂପ ମଧ୍ୟ ପ୍ରଦେଶରେ ଭିଲାଇରେ ଇସ୍ପାତ କାରଖାନା ସ୍ଥାପନା ଯୋଗୁଁ ସେହି ରାଜ୍ୟରେ ତାଙ୍କର ନୂଆ ଛୋଟ ଛୋଟ ଉଦ୍ୟୋଗ ମଧ୍ୟ ସ୍ଥାପିତ ହେଲା ।

ଦେଶର ଉନ୍ନତି ନିମନ୍ତେ ଉଦ୍ୟୋଗର ବିକାଶ ଅଧିକ ମହତ୍ତ୍ୱ ପୂର୍ଣ୍ଣ ଅଟେ । ଏଥିପାଇଁ ଏହା ଜରୁରୀ ଅଟେ କି ତୈଳ, କୋଇଲା, ଇସ୍ପାତ, ବିଜୁଳିର ଭାରୀ ଉପକରଣର ଉତ୍ପାଦନ ଆଦି ପୁରାଭାବରେ ବିକଶିତ





କରାଯାଏ । ରାଷ୍ଟ୍ରାୟତ ଉଦ୍ୟୋଗ ଏହି ପ୍ରାଥମିକ ଉଦ୍ୟୋଗକୁ ବିକଶିତ କରିବାର ପ୍ରେରଣା ଦେବା ଦରକାର ଏବଂ ଘରୋଇ କ୍ଷେତ୍ରର ଉଦ୍ୟୋଗର ବିକାଶରେ ମଧ୍ୟ ନିଜର ଉତ୍ପାଦନ ଏବଂ ସେବାରେ ସାହାଯ୍ୟ କରିବା ଦରକାର । କେତେକ ଉଦ୍ୟୋଗର ଟେକ୍‌ନିକ୍ କାରଣରୁ ଭାରୀ ପୁଂଜି ନିବେଶର ଆବଶ୍ୟକତା ହୋଇଥାଏ । ବିଦ୍ୟୁତ୍ ଶକ୍ତି, ଗ୍ୟାସ ଉତ୍ପାଦନ, ଭାରୀ ମେସିନାରୀ ଉପକରଣ, ଦୂରଭାଷ ଆଦିର ଉତ୍ପାଦନ ଏପରି ଉଦ୍ୟୋଗ ହୋଇଥାଏ ।

ରାଷ୍ଟ୍ରାୟତ୍ତ ଉଦ୍ୟୋଗର ବିକାଶରେ ଆର୍ଥିକ ଶକ୍ତି ଘରୋଇ ହାତରେ ଠୁଳ ହୋଇନଥାଏ କିମ୍ବା କିଛି ଲୋକ ବା ସମୂହଙ୍କ ହାତରେ ଆସିବା ସୁଯୋଗ ନଥାଏ । ଆମ ଦେଶରେ ଆର୍ଥିକ ଅସମାନତା ବଢୁଅଛି । ଗରିବ ଅଧିକ ଗରିବ ହେଉଅଛି ଏବଂ ଧନୀ ଅଧିକ ଧନୀ ହେଉଅଛି । ସାର୍ବଜନିକ ଉଦ୍ୟୋଗ ବିଭିନ୍ନ ନୀତି ଯେପରି ଅର୍ଜିତ ଲାଭକୁ ଲୋକହିତକର କାର୍ଯ୍ୟରେ ଲଗାଇବା ଏବଂ କଞ୍ଚାମାଲ ଛୋଟ ଉଦ୍ୟୋଗକୁ କମ୍ ଦରରେ ବିକ୍ରିକରି ଆର୍ଥିକ ଅସମାନତାକୁ କମ୍ କରିବାରେ ସାହାଯ୍ୟ କରିଥାଏ ।

ଆର୍ଥିକ ଉନ୍ନତି ନିମନ୍ତେ ଏହା ଜରୁରୀ ଅଟେ ଯେକେବଳ ଏପରି ଉଦ୍ୟୋଗର ବିକାଶ କରାଇ ଯାଇଥାଏ ଯାହା ରପ୍ତାନିକୁ ବଢ଼ାଇଥାଏ ଏବଂ ଆମଦାନୀକୁ କମ୍ କରିଥାଏ । ସାର୍ବଜନିକ ଉଦ୍ୟୋଗ ଏପରି ଉଦ୍ୟୋଗୀର ଅଗ୍ରଗତିକୁ ସୁନିଶ୍ଚିତ କରାଇଥାଏ ।

ଏକ ପୁରୁଣା ବିଶ୍ୱାସ ଅଛି କି ପ୍ରକୃତିଠାରୁ ପ୍ରାପ୍ତ ଲାଭ ବିନା ଭେଦଭାବରେ ସମସ୍ତଙ୍କୁ ମିଳିବା ଦରକାର । ସାର୍ବଜନିକ ଉଦ୍ୟୋଗ ଏହା ସୁନିଶ୍ଚିତ କରାଏ ଯେ ଭୂମି, ତୈଳ, କୋଇଲା, ଗ୍ୟାସ, ପାଣି, ବିଜୁଳି ଏବଂ ଏପରି ଅନ୍ୟ ସଂସାଧନ ବା ସମ୍ବଳ ସାଧାରଣ ଲୋକଙ୍କୁ ଉଚିତ୍ ମୂଲ୍ୟରେ ମିଳିପାରିବ ।

ଦେଶର ସୁରକ୍ଷା ସର୍ବୋପରି ଏହାର ସୁନିଶ୍ଚିତତା କମ୍ ହେବା ଉଚିତ ନୁହେଁ । ଲଢ଼ାଇ ବିମାନର ଉତ୍ପାଦନ, ଅସ୍ତ୍ର-ଶସ୍ତ୍ରର ଉତ୍ପାଦନ ଦେଶର ସୁରକ୍ଷା ସଂବଂଧିତ ଏହିପରି ଉତ୍ପାଦନ ସାର୍ବଜନିକ ଉଦ୍ୟୋଗକୁ ନିଜର ଅଧିକାର କ୍ଷେତ୍ରରେ ରଖିବା ଉଚିତ । ଏଣୁ ଜନକଲ୍ୟାଣ, ଯୋଜନାବଦ୍ଧ ଆର୍ଥିକ ବିକାଶ, କ୍ଷେତ୍ରୀୟ ସନ୍ତୁଳନ, ଆମଦାନୀର ବିକଳ୍ପ, ଆର୍ଥିକ ଶକ୍ତି ଉପରେ ନଜର ଏପରି କିଛି ଲକ୍ଷ୍ୟ ଥାଏ ଯାହାକୁ ରାଷ୍ଟ୍ରାୟତ ଉଦ୍ୟୋଗ ଦ୍ୱାରା ପ୍ରାପ୍ତ କରା ଯାଇଥାଏ ।

- ସନ୍ତୁଳିତ କ୍ଷେତ୍ରୀୟ ବିକାଶ
- ଏକ ଅର୍ଥବ୍ୟବସ୍ଥାର ଆଧାର ଉଦ୍ୟୋଗର ବିକାଶ ।
- ଜନ-କଲ୍ୟାଣ ନିମନ୍ତେ କାର୍ଯ୍ୟ-କଳାପ ଉପରେ ଧ୍ୟାନ ଦୃଢ଼ କରିବା ଉଚିତ
- ରପ୍ତାନିକୁ ଉତ୍ସାହିତ କରିବା
- ଆବଶ୍ୟକ ବସ୍ତୁ ଉପରେ ଦରଦାମ୍‌ର ନିୟନ୍ତ୍ରଣ ରଖିବା
- ଘରୋଇ ଏକାଧିକାରର ପ୍ରଭାବକୁ ସୀମିତ କରିବା
- ଦେଶର ସୁରକ୍ଷାକୁ ସୁନିଶ୍ଚିତ କରିବା
- ଆର୍ଥିକ ଅସମତାକୁ ଦୂର କରିବା

## ୮.୧୦ ବର୍ତ୍ତମାନର ଦୃଶ୍ୟକ୍ରମ (ରୂପରେଖ) (Scenario)

ଭାରତୀୟ ଅର୍ଥ ବ୍ୟବସ୍ଥାରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଛି । ସ୍ୱାଧୀନତା ସମୟରେ ଭାରତୀୟ ଅର୍ଥ ବ୍ୟବସ୍ଥା ମୁଖତଃ କୃଷି ପ୍ରଧାନ ହେବା ସହିତ ଏକ ଦୁର୍ବଳ ଔଦ୍ୟୋଗିକ ଆଧାର ଯୁକ୍ତ ଥିଲା । ଦେଶରେ ବହୁତ କମ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଥିଲା । ଭାରତୀୟ ରେଲୱେ, ଡାକ ଏବଂ ତାର ବିଭାଗ, ପୋର୍ଟଟ୍ରଷ୍ଟ, ସରକାରୀ ଲବଣ କାରଖାନା ଆଦି ପ୍ରମୁଖ ସାର୍ବଜନିକ କ୍ଷେତ୍ରର ଉଦ୍ୟମ ଥିଲା । ସ୍ୱାଧୀନତା ପ୍ରାପ୍ତିପରେ ସରକାର ଅନୁଭବ କଲେ ଯେ ଦେଶର ଅର୍ଥବ୍ୟବସ୍ଥାର ଗତିକୁ ବଢ଼ାଇବାକୁ ହେଲେ ସରକାରଙ୍କର ସବୁ କ୍ଷେତ୍ରର ଅର୍ଥବ୍ୟବସ୍ଥା ଉପରେ ହସ୍ତକ୍ଷେପ ଅନିବାର୍ଯ୍ୟ ଅଟେ ।

୦୧.୦୪.୧୯୫୧ ଆଗରୁ ପଞ୍ଚବାର୍ଷିକ ଯୋଜନାର ଆରମ୍ଭ ସମୟରେ କେନ୍ଦ୍ରୀୟ ରାଷ୍ଟ୍ରାୟତ ଉଦ୍ୟୋଗରେ ସରକାରଙ୍କର ନିବେଶ ୨୯କୋଟି ଟଙ୍କା ଥିଲା । ୩୧ ମାର୍ଚ୍ଚ ୨୦୦୬ରେ ଏହା ୨୯ କୋଟିରୁ ବଢ଼ିକରି ୨୩୯ଟି ଉଦ୍ୟୋଗରେ ଟ.୩,୯୩,୦୫୭ କୋଟି ହୋଇଥିଲା । ରାଷ୍ଟ୍ରାୟତ୍ତ ଉଦ୍ୟୋଗ କେନ୍ଦ୍ରସରକାରଙ୍କ ସମ୍ବଳରେ ବାସ୍ତବିକ୍ ବୃଦ୍ଧି କରିଅଛି । ୨୦୦୪-୦୫ରେ କେନ୍ଦ୍ରୀୟ ରାଜକୋଷରେ ଏହାର ଯୋଗଦାନ ୧,୧୦,୫୯୯ କୋଟି ଟଙ୍କା ଥିଲା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ରାଷ୍ଟ୍ରାୟତ୍ତ

ଉଦ୍ୟୋଗ ଭାରତୀୟ ଅର୍ଥ ବ୍ୟବସ୍ଥାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛି । କିନ୍ତୁ ଅଧିକତର ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ସନ୍ତୋଷଜନକ ହୋଇନାହିଁ । ପୁଞ୍ଜି ନିବେଶ ଉପରେ ଫେରସ୍ତ ବା ଆବଣ୍ଟନର ଦର ବହୁତ କମ୍ ହୋଇଛି । ଏମାନଙ୍କ ମଧ୍ୟରେ ଅଧିକତର ଆଗରୁ ଥିବା ଅନୁଭାଗୀମାନଙ୍କୁ ମିଳିଥିବା ସୀମାରେ ଭୟ କରୁଛନ୍ତି । ରାଷ୍ଟ୍ରାୟତ ଉଦ୍ୟୋଗର କାର୍ଯ୍ୟକୁ ସୁଧାରିବା ନିମନ୍ତେ ସରକାର କେତେକ ପଦକ୍ଷେପ ନେଇଛନ୍ତି । ସାର୍ବଜନିକ କ୍ଷେତ୍ରର ଉଦ୍ୟୋଗର କାର୍ଯ୍ୟକୁ ସୁଧାରିବା ନିମନ୍ତେ ୨୪ ଜୁଲାଇ ୧୯୯୧କୁ ଔଦ୍ୟୋଗିକ ନୀତି ବା ଶିଳ୍ପନୀତି ଘୋଷଣା କରାଯାଇଛି । ନୂତନ ଆର୍ଥିକ ନୀତିରେ ଭାରତୀୟ ଅର୍ଥ ବ୍ୟବସ୍ଥାର ଉଦାରୀକରଣ, ଘରୋଇକରଣ, ଏବଂ ବୈଶ୍ୱୀକରଣ ଉପରେ ଅଧିକ ଜୋର ଦିଆଯାଇଥିଲା । ରାଷ୍ଟ୍ରାୟତ ଭୂମିକାକୁ ପୁନଃ ପରିମାର୍ଜିତ କରାଗଲା । ଜୁଲାଇ ୧୯୯୭କୁ ସରକାର କେନ୍ଦ୍ରୀୟ ସାର୍ବଜନିକ କ୍ଷେତ୍ରର ଉଦ୍ୟୋଗକୁ 'ନବରତ୍ନ' ନାମରେ ସୁଶୋଭିତ କରାଗଲା । ଯାହାକୁ ନବରତ୍ନ ନାମ ମିଳିଲା ସେଗୁଡ଼ିକ ହେଲା ବି.ଏଚ.ଇ.ଏଲ୍ (BHEL), ବି.ପି.ସି.ଏଲ୍ (BPCL) ଆଇ.ଓ.ସି (IOC) ଗେଲ (GAIL), ଏଚ୍.ପି.ସି.ଏଲ୍ (HPCL), ଏମ.ଟି.ଏନ୍.ଏଲ୍. (MTNL), ଏନ୍.ଟି.ପି.ସି (NTPC), ଓ.ଏନ୍.ଜି.ସି. (ONGC), ସେଲ୍ (SAIL) । ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ସରକାର ପୁଂଜି ନିବେଶ କରିବା, ସଂଯୁକ୍ତ ଉଦ୍ୟୋଗରେ ପ୍ରବେଶ କରିବା, ଘରୋଇ ଅନ୍ତରାଷ୍ଟ୍ରୀୟ ବଜାରରୁ ପୁଂଜି ଏକତ୍ର କରିବାର ସ୍ୱତନ୍ତ୍ରତା ଦେଲେ । ଅକ୍ଟୋବର ୧୯୯୭ରେ (ସରକାର କେତେକ ଅନ୍ୟ ଲାଭ ପାଇବା ବାଲା ସାର୍ବଜନିକ କ୍ଷେତ୍ରର ଉଦ୍ୟୋଗର ସ୍ୱତନ୍ତ୍ରତାକୁ ବଢ଼ାଇ ଏବଂ ଏମାନଙ୍କୁ ଆର୍ଥିକ ଶକ୍ତି ଦେବା ନିମନ୍ତେ 'ମିନିରତ୍ନ' ନାମରେ ବିଭକ୍ତ କଲେ । ଆଜି ଦେଶରେ ୪୫ 'ମିନିରତ୍ନ' ରାଷ୍ଟ୍ରାୟତ ଉଦ୍ୟୋଗ କାର୍ଯ୍ୟ କରୁଅଛି ।

ସରକାର ରାଷ୍ଟ୍ରାୟତ୍ତ ଉଦ୍ୟୋଗର କାର୍ଯ୍ୟ, ଉତ୍ପାଦକତା ଏବଂ ଲାଭପ୍ରଦତାରେ ପରିବର୍ତ୍ତନ ନିମନ୍ତେ ବିଭିନ୍ନ ପ୍ରକାର ପଦକ୍ଷେପ ନେଇଛନ୍ତି । ସବୁଠାରୁ ଅଧିକ ଜୋର ସେହି ଉଦ୍ୟୋଗ ଉପରେ ଦିଆଯାଉଛି ଯାହା ରୁଗ୍‌ଣ ଅଟେ । ବହୁଦିନଧରି କ୍ଷତିରେ ଚାଲୁଅଛି ଏବଂ ଯାହାକୁ ପୁନର୍ବାର କାର୍ଯ୍ୟକ୍ଷମ କରାଯାଇପାରିବ । ଏହି ଉଦ୍ୟୋଗକୁ ଔଦଗୀକ ଏବଂ ଆର୍ଥିକ ପୁନଃ ନିର୍ମାଣ ବୋର୍ଡ (Board of Industrial and financial Reconstruction) ପାଖରେ ଏହାକୁ ଠିକ୍‌ରେ ଚାଲୁକରିବା ନିମନ୍ତେ ଏବଂ ପୁନଃ ପ୍ରତିଷ୍ଠା ପ୍ୟାକେଜ୍ ପ୍ରସ୍ତୁତ କରିବା ପାଇଁ ପଠାଯାଏ । ସରକାର ରାଷ୍ଟ୍ରାୟତ ଉଦ୍ୟୋଗକୁ ପୁନର୍ନିର୍ମାଣ କରିବା ନିମନ୍ତେ ଏକ ବୋର୍ଡ ତିଆରି କରିଛନ୍ତି । ଯାହା ରୁଗ୍‌ଣ ଏବଂ କ୍ଷତିରେ ଚାଲୁଥିବା ଉଦ୍ୟୋଗ ଉପରେ ବିଚାର କରି ପରାମର୍ଶ ନିଅନ୍ତି ଏବଂ ଯିଏ ରୁଗ୍‌ଣା ସଂସ୍ଥାର ପୁନଃ ନିବେଶ କରାଯିବ କିମ୍ବା ବନ୍ଦ କରାଯିବ ଅବା ବିକ୍ରିକରିଦେବାର ପ୍ରସ୍ତାବ ମଧ୍ୟ ଦେଇଥାନ୍ତି । ଏହି ବୋର୍ଡ (ସାର୍ବଜନିକ କ୍ଷେତ୍ରର ଉଦ୍ୟୋଗର ପୁନଃ ନିର୍ମାଣ ବୋର୍ଡ (ବି.ଆର୍.ପି.ଏସ୍.ଇ, B.R.P.S.E) ଆଜି ପର୍ଯ୍ୟନ୍ତ ୩୧ କେନ୍ଦ୍ରୀୟ ସାର୍ବଜନିକ କ୍ଷେତ୍ରର ଉଦ୍ୟୋଗର ସୁପାରିଶ୍ ସରକାରଙ୍କୁ ପଠାଇଛି । ଏଥିରେ ୩୦ ମାର୍ଚ୍ଚ ୨୦୦୦ ମଧ୍ୟରେ ସରକାର ୧୫ ଉଦ୍ୟୋଗକୁ ପୁନର୍ବାର ଚାଲୁ କରିବାର ପ୍ରସ୍ତାବ ସ୍ୱୀକାର କରିଛନ୍ତି ।

## ପାଠଗତ ପ୍ରଶ୍ନାବଳୀ ୮ (ଙ)

୧. ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଦ୍ୱାରା ପ୍ରାପ୍ତ ମୁଖ୍ୟ ଲକ୍ଷ୍ୟ ଗଣନା କରିଲେଖ ।

କ) ______________________

ଖ) ______________________

ଗ) ______________________________

ଘ) ______________________________

ଙ) ______________________________

୨. କ) ନିମ୍ନରେଦିଆଯାଇଥିବା ଟିପପଣୀର ପୁରା ରୂପ ଲେଖ ।

୧. ବି.ଏଚ୍.ଇ.ଏଲ୍   ୨. ବି.ପି.ସି.ଏଲ୍   ୩. ଗେଲ୍

୪. ଏଚ୍.ପି.ସି.ଏଲ୍   ୫. ଆଇ.ଓ.ସି   ୬. ଏମ୍.ଟି.ଏନ୍.ଏଲ,

୭. ଏନ୍.ଟି.ପି.ସି.   ୮. ଓ.ଏନ୍.ଜି.ସି.   ୯. ସେଲ

ଖ) କେନ୍ଦ୍ର ସରକାର ଉପରୋକ୍ତ ସମସ୍ତ ରାଷ୍ଟ୍ରାୟତ ଉଦ୍ୟୋଗକୁ କେଉଁ ଶ୍ରେଣୀରେ ରଖିଛନ୍ତି ।

[ ]

## ୮.୧୧. ତୁମେ କ'ଣ ଶିଖିଲ

- ବ୍ୟବସାୟିକ ପ୍ରକ୍ରିୟା ଯାହାର ମାଲିକାନା, ପରିଚାଳନା ଏବଂ ନିୟନ୍ତ୍ରଣ କେନ୍ଦ୍ର, ରାଜ୍ୟ ତଥା ସ୍ଥାନୀୟ ସରକାର ଦ୍ୱାରା କରାଯାଇଥାଏ । ତାହାକୁ ରାଷ୍ଟ୍ରାୟତ ଉଦ୍ୟୋଗ କୁହାଯାଏ ।
- ରାଷ୍ଟ୍ରାୟତ୍ତ ଉଦ୍ୟୋଗର ବିଶେଷତ୍ୱ
  - ସରକାର ଦ୍ୱାରା ମାଲିକାନା, ପ୍ରବନ୍ଧିତ, ନିୟନ୍ତ୍ରିତ
  - ସରକାର ଦ୍ୱାରା ସ୍ଥାପିତ
  - ଲୋକ ହିତ ନିମନ୍ତେ ପ୍ରେରିତ
  - ସାର୍ବଜନିକ ଉପଯୋଗୀ ସେବା ଉପରେ ଧ୍ୟାନ କେନ୍ଦ୍ରୀଭୂତ
  - ସଂସଦର ଉତ୍ତରଦାୟୀ
  - ସରକାରୀ ଔପଚାରିକତାର ପାଳନ ଆବଶ୍ୟକ
- ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସଂଗଠନକୁ ମୁଖତଃ ତିନିଭାଗରେ ବଣ୍ଟା ଯାଇଛି । ସେଗୁଡ଼ିକ ହେଲା (୧) ବିଭାଗୀୟ ଉଦ୍ୟୋଗ, (୨) ବୈଧାନିକ ଉଦ୍ୟୋଗ, (୩) ସରକାରୀ କମ୍ପାନୀ
- ବିଭାଗୀୟ ଉଦ୍ୟୋଗର ଗଠନ, ପ୍ରବନ୍ଧ ଏବଂ ଅର୍ଥ ବ୍ୟବସ୍ଥା ସରକାର କରିଥାନ୍ତି । ଏଗୁଡ଼ିକ ସରକାରଙ୍କର ହୋଇଥାଏ ଏବଂ ସରକାର କେଉଁ ଅନ୍ୟ ବିଭାଗ ପରି ଏହାର ମଧ୍ୟ ପ୍ରବନ୍ଧ କରିଥାନ୍ତି । ଏମାନଙ୍କୁ ସରକାରଙ୍କର କୋଷରୁ ଅର୍ଥ ପ୍ରାପ୍ତି ହୋଇଥାଏ । ଏହା ଉପରେ ବଜେଟ୍, ଲେଖାଙ୍କନ, ଏବଂ ଅଙ୍କେକ୍ଷଣ ନିୟନ୍ତ୍ରଣ ରହିଥାଏ । ତେଣୁ କୋଷର ଦୂରୁପଯୋଗର ସମ୍ଭାବନା କମ୍ ହୋଇଥାଏ । ଏହା ସରକାରଙ୍କର ସାମାଜିକ ଏବଂ ଆର୍ଥିକ ଉଦ୍ଦେଶ୍ୟକୁ ପୂରଣ କରିଥାଏ ଏବଂ ବିଧାୟିକା ପାଖରେ ଉତ୍ତରଦାୟୀ ହୋଇଥାଏ । ଏଥିରୁ ସରକାରଙ୍କୁ ବିଶେଷ ଆର୍ଥିକ କ୍ରିୟାକଳାପକୁ ନିୟଂତ୍ରିତ କରିବାରେ ସହାୟକ ମିଳିଥାଏ । ବିଭାଗୀୟ ଉଦ୍ୟୋଗକୁ ଅମଲାତାନ୍ତ୍ରିକର ସୀମାକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ । ଅଧିକ ସଂସଦୀୟ ନିୟନ୍ତ୍ରଣ, ନମନୀୟତାର ଅଭାବ, ଅଧ୍ୟକ୍ଷ କାର୍ଯ୍ୟ ବିଭାଗୀୟ ଉଦ୍ୟୋଗର ଅନ୍ୟ ଏକ ସୀମା ।

- ଏହି ବୈଧାନିକ ନିଗମ (Statutory Corporation)ର ଗଠନ ସଂସଦ କିମ୍ବା ରାଜ୍ୟ ବିଧାନ ସଭାରେ ବିଶେଷ ଆଇନ୍ ମାଧ୍ୟମରେ ହୋଇଥାଏ, ଏହା ସ୍ୱାୟତ ସଂସ୍ଥା ଏବଂ ଆନ୍ତରିକ ପ୍ରବନ୍ଧର ମାମଲାରେ ସରକାରଙ୍କର ନିୟନ୍ତ୍ରଣ ବାହାରେ ଥାଏ । କିନ୍ତୁ ଏହି ନିଗମ ସଂସଦ କିମ୍ବା ରାଜ୍ୟ ବିଧାନ ସଭା ପାଖରେ ଉତ୍ତରଦାୟୀ ରହିଥାଏ । ଏଥିରେ ପୁଂଜି ସମ୍ପୂର୍ଣ୍ଣରୂପେ ସରକାର ଦେଇଥାନ୍ତି । ଏହାର ପ୍ରବନ୍ଧ ନିର୍ଦ୍ଦେଶକ ମଣ୍ଡଳ କରିଥାଏ ଯାହାର ଗଠନ ବ୍ୟବସାୟିକ ପ୍ରବନ୍ଧ କ୍ଷେତ୍ର ତାଲିମପ୍ରାପ୍ତ କିମ୍ବା ଅନୁଭବୀ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ହୋଇଥାଏ । ନିର୍ଦ୍ଦେଶକ ମଣ୍ଡଳର ସଦସ୍ୟ ସରକାରଦ୍ୱାରା ମନୋନିତ ହୋଇଥାନ୍ତି ।
- ଏହା ସତ୍ୟ ଅଟେ ଯେ ବୈଧାନିକ ନିଗମର ନମନୀୟତା ଏବଂ ଏହାର ସ୍ୱତନ୍ତ୍ରତା ସେମାନଙ୍କ ନିମନ୍ତେ ସବୁଠାରୁ ଲାଭକାରୀ ହୋଇଥାଏ । କିନ୍ତୁ ଏହା କେବଳ କାଗଜ କଲମରେ ହୋଇଥାଏ । ବାସ୍ତବରେ ଅଧିକାଂଶ ବିଷୟରେ ସରକାରଙ୍କର ହସ୍ତକ୍ଷେପ ରହିଥାଏ । ସଂସଦଦ୍ୱାରା ଏହାର କାର୍ଯ୍ୟ ଏବଂ ଅଧିକାରରେ ପରିବର୍ତ୍ତନ କରା ଯାଇଥାଏ । ତଥାପି ସେ ସମସ୍ତ ସଂଗଠନ ବହୁତ କମ୍ ପ୍ରତିଯୋଗିତାର ସାମ୍ନା କରିଥାନ୍ତି । କେବେ କେବେ ସେମାନେ ଏହାର କାର୍ଯ୍ୟର ପ୍ରବନ୍ଧରେ ବ୍ୟବସାୟିକ ଉଦ୍ଦେଶ୍ୟର ଅବହେଳା କରିଥାନ୍ତି ।
- ଯେଉଁ କମ୍ପାନୀରେ କେନ୍ଦ୍ର ବା ରାଜ୍ୟ ସରକାର ୫୧ ପ୍ରତିଶତ କିମ୍ବା ତାଠାରୁ ଅଧିକ ପୁଂଜି ଲଗାଇଥାନ୍ତି ତାହାକୁ ସରକାରୀ କମ୍ପାନୀ କୁହାଯାଏ । ଏହି କମ୍ପାନୀଗୁଡ଼ିକ କମ୍ପାନୀ ଅଧିନିୟମ ୧୯୫୬ର ଅନ୍ତର୍ଗତ ପଂଜୀକୃତ ହୋଇଥାଏ ଏବଂ ଏହି କମ୍ପାନୀଙ୍କୁ ଏହି ସବୁ ନିୟମ ଏବଂ ନୀତିର ଅନୁପାଳନ କରିବାକୁ ହୋଇଥାଏ ଯାହାର ଅନ୍ୟ ପଂଜୀକୃତ କମ୍ପାନୀ ଉପରେ ଲାଗୁ ହୋଇଥାଏ । ଏଥିରେ ପୁଂଜି ପୂର୍ଣ୍ଣ ଅବା ଆଂଶିକ ଭାବରେ ସରକାର ଲଗାଇଥାନ୍ତି । ସରକାରୀ କମ୍ପାନୀଗୁଡ଼ିକ, କମ୍ପାନୀ ଅଧିନିୟମରେ ବର୍ଣ୍ଣିତ ବିଧାନ ଅନୁସାରେ ଗଠିତ କରାଯାଇଥାଏ । ଏହି କମ୍ପାନୀର ପ୍ରବନ୍ଧ ନିର୍ଦ୍ଦେଶକ ମଣ୍ଡଳଦ୍ୱାରା କରାଯାଇଥାଏ ଯେଉଁଥିରେ ପେଶାଦାର ଲୋକ ସମ୍ମିଳିତ ହୋଇଥାନ୍ତି । ସରକାରୀ କମ୍ପାନୀ ବ୍ୟବସାୟିକ ସିଦ୍ଧାନ୍ତ ଦ୍ୱାରା ପରିଚାଳିତ ହୋଇଥାନ୍ତି । ଏମାନେ ନିଜ କ୍ଷେତ୍ର ନିମନ୍ତେ ସୁସ୍ଥ ପ୍ରତିଯୋଗିତା ପ୍ରଦାନ କରିଥାଏ । ଏ ଉପରୋକ୍ତ ସମସ୍ତ ଲାଭ ହୋଇଥିଲେ ମଧ୍ୟ କମ୍ପାନୀଗୁଡ଼ିକ ବହୁତ-ପ୍ରକାର ଅସୁବିଧା ଯେପରି ଉଚିତ ସମୟରେ ଉଚିତ ନିର୍ଣ୍ଣୟ ନେବାର ପ୍ରଥମ କ୍ଷମତାର ଅଭାବ, ବ୍ୟବସାୟ ପ୍ରବନ୍ଧରେ ବିଶେଷଜ୍ଞଙ୍କର ଅଭାବ ଏବଂ ସରକାରର ପରିବର୍ତ୍ତନରେ ପ୍ରବନ୍ଧ ଏବଂ ନୀତିରେ ପରିବର୍ତ୍ତନ ଆଦିର ସମ୍ମୁଖୀନ ହେବାକୁ ପଡ଼ିଥାଏ ।
- ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମହତ୍ତ୍ୱ
  - ସନ୍ତୁଳିତ କ୍ଷେତ୍ରର ବିକାଶ
  - ଏକ ଅର୍ଥ ବ୍ୟବସ୍ଥାର ଆଧାର ଉପରେ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା
  - ଜନହିତକର କାର୍ଯ୍ୟରେ ଧ୍ୟାନଦେବା
  - ରପ୍ତାନିର ପ୍ରବର୍ତ୍ତନ
  - ଆବଶ୍ୟକ ବସ୍ତୁ ଉପରେ ମୂଲ୍ୟ ନିର୍ଦ୍ଧାରଣ
  - ଘରୋଇ ଏକାଧିକାର ପ୍ରଭାବକୁ ସୀମିତ କରିବା

- ଦେଶର ସୁରକ୍ଷା ସୁନିଶ୍ଚିତ କରିବା
- ଆର୍ଥିକ ଅସମତାକୁ ସର୍ବନିମ୍ନ କରିବା

• ବର୍ତ୍ତମାନର ରୂପରେଖ - ପ୍ରଥମ ପଞ୍ଚବାର୍ଷିକ ଯୋଜନା ଆରମ୍ଭରେ ସରକାର ରାଷ୍ଟ୍ରାୟତ ପାଞ୍ଚ କେନ୍ଦ୍ରୀୟ ଉଦ୍ୟୋଗରେ ୨୯ କୋଟି ଟଙ୍କା ନିବେଶ କରିଥିଲେ । ଏବେ ୩୧ ମାର୍ଚ୍ଚ ୨୦୦୬ ମଧ୍ୟରେ ୨୩୯ଟି ଉଦ୍ୟୋଗରେ ନିବେଶ ବଢ଼ିକରି ୩,୯୩,୦୫୬ କୋଟି ଟଙ୍କା ହୋଇଯାଇଥିଲା । ଏହି ଉଦ୍ୟୋଗଗୁଡ଼ିକର ଭାରତୀୟ ଅର୍ଥବ୍ୟବସ୍ଥାର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଅଟେ । କିନ୍ତୁ ସମସ୍ତଙ୍କୁ ମିଶାଇ ଦେଖିଲେ ଅଧିକାଂଶ ଉଦ୍ୟୋଗର ଉତ୍ପାଦନ କାର୍ଯ୍ୟ ସନ୍ତୋଷଜନକ ନୁହେଁ । ସରକାର ଏହି ଉଦ୍ୟୋଗଗୁଡ଼ିକର କାର୍ଯ୍ୟ ଉତ୍ପାଦନ କ୍ଷମତା ଏବଂ ଲାଭ ପ୍ରଦାନର କ୍ଷମତା ବଢ଼ାଇବା ନିମନ୍ତେ ଏଗୁଡ଼ିକୁ ପୁନର୍ଜୀବିତ କରିବା ଏବଂ ଏହାର ପୁନଃସଂରଚନା ନିମନ୍ତେ ଅନେକ ପଦକ୍ଷେପ ଉଠାଉଛନ୍ତି । ଲଗାତାର କ୍ଷତି, ଏବଂ ରୁଗ୍ଣ ଉଦ୍ୟୋଗଗୁଡ଼ିକୁ ପୁନଃସ୍ଥାପନା କରିବା ନିମନ୍ତେ ଅଧିକ ଯୋର ଦେଉଅଛନ୍ତି ଯାହା ପୁନଃ ଜୀବିତ ଯୋଗ୍ୟ ଅଟେ । ୨୪ ଜୁଲାଇ ୧୯୯୧ରେ ଭାରତ ସରକାର ରାଷ୍ଟ୍ରାୟତ ଉଦ୍ୟୋଗର କାର୍ଯ୍ୟରେ ପରିବର୍ତ୍ତନ ଆଣିବା ନିମନ୍ତେ ଔଦୋଗୀକ ନୀତିର ଘୋଷଣା କରିଥିଲେ । ନୂତନ ଆର୍ଥିକ ନୀତିରେ ଉଦାରୀକରଣ, ଘରୋଇକରଣ ଏବଂ ବୈଶ୍ୱୀକରଣ ଉପରେ ଅଧିକ ଜୋର ଦିଆଯାଇଅଛି । ସାର୍ବଜନିକ କ୍ଷେତ୍ରର ଭୂମିକାର ପୁନଃ ପରିମାର୍ଜିତ କରାଗଲା । ସରକାର କିଛି ଲାଭ ପାଇବା ବାଲା ସାର୍ବଜନିକ କ୍ଷେତ୍ରର ଉଦ୍ୟୋଗର ସ୍ୱାୟତତା ଏବଂ ଆର୍ଥିକ ଶକ୍ତି ଦେଇ ନବରତ୍ନ ଏବଂ ମିନିରତ୍ନର ସ୍ତର ପ୍ରଦାନ କରିଛନ୍ତି ।

## ୮.୧୨ ମୁଖ୍ୟଶବ୍ଦ

| | | |
|---|---|---|
| ବିଭାଗୀୟ ଉଦ୍ୟୋଗ | ଘରୋଇ କ୍ଷେତ୍ର | ସାର୍ବଜନିକ କ୍ଷେତ୍ର |
| ସରକାରୀ କମ୍ପାନୀ | ରାଷ୍ଟ୍ରାୟତ ଉଦ୍ୟୋଗ | ବୈଧାନିକ ନିଗମ |

## ୮.୧୩ ପାଠାନ୍ତ ପ୍ରଶ୍ନାବଳୀ

**ଅତିକ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ**

୧. ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ବର୍ଣ୍ଣନା କର

୨. ରାଷ୍ଟ୍ରାୟତ ନିଗମର ଅର୍ଥ କ'ଣ ?

୩. ବିଭାଗୀୟ ଉଦ୍ୟୋଗର ଅର୍ଥ ଲେଖ ।

୪. ସରକାରୀ କମ୍ପାନୀ କ'ଣ ?

୫. ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଦ୍ୱାରା ପ୍ରାପ୍ତ କରାଯାଉଥିବା ଦୁଇଟି ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟର ନାମ ଲେଖ ।

**କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ**

୬. ବିଭାଗୀୟ ଉଦ୍ୟୋଗର କୌଣସି ଚାରୋଟି ଲକ୍ଷଣ ଲେଖ

୭. ଘରୋଇ କ୍ଷେତ୍ର ଏବଂ ରାଷ୍ଟ୍ରାୟତ ଉଦ୍ୟୋଗ ମଧ୍ୟରେ ପାର୍ଥକ୍ୟ କର । (ଯେ କୌଣସି ଦୁଇଟିର)

୮. ବିଭାଗୀୟ ଉଦ୍ୟୋଗରେ ଲାଭ (କ) ସାମାଜିକ ଉଦ୍ଦେଶ୍ୟର ପୂରଣ, (ଖ) ଆର୍ଥିକ କ୍ରିୟା ଉପରେ ନିୟନ୍ତ୍ରଣର ବାଖ୍ୟା କର ।

୯. ରାଷ୍ଟ୍ରାୟତ ଉଦ୍ୟୋଗ ଦେଶର ଆର୍ଥିକ ଅସମାନତାକୁ କମ୍ କରିବାରେ କିପରି ସହାୟତା କରିଥାଏ

୧୦. ବୈଧାନିକ ନିଗମର କୌଣସି ଦୁଇଟି ସିମୀତତାର ବାଖ୍ୟା କର ।

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ –**

୧୧. ରାଷ୍ଟ୍ରାୟତ୍ତ ଉଦ୍ୟୋଗର କ'ଣ ଅର୍ଥ ? ସଂକ୍ଷେପରେ ଏହାର ଲକ୍ଷଣ ଉଲ୍ଲେଖ କର ।

୧୨. ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାରତୀୟ ଅର୍ତ ବ୍ୟବସ୍ଥାର ବିକାଶକୁ ସନ୍ତୁଳିତ କରିବା ଏବଂ ଦେଶରେ ସାର୍ବଜନିକ କଲ୍ୟାଣକୁ ଉତ୍ସାହିତ କରିବା ପାଇଁ କି ପ୍ରକାର ସାହାଯ୍ୟ କରେ ।

୧୩. ସରକାରୀ କମ୍ପାନୀ କ'ଣ ? ଏହା ବୈଧାନିକ ନିଗମ ଠାରୁ କିପରି ଭିନ୍ନ ଅଟେ ? ଏହାର ପାଞ୍ଚୋଟି ପାର୍ଥକ୍ୟ ଦର୍ଶାଅ ।

୧୪. ବିଭାଗୀୟ ଉଦ୍ୟୋଗ ଅପେକ୍ଷା ବୈଧାନିକ ନିଗମର କେଉଁ ଗୁଣ ଅଛି ବାଖ୍ୟା କର ।

୧୫. କ'ଣ ଭାରତପରି ଲୋକତନ୍ତ୍ର ରାଷ୍ଟ୍ରରେ ରାଷ୍ଟ୍ରାୟତ ଉଦ୍ୟୋଗକୁ ଉଠାଇ ଦିଆଯାଇପାରେ ଏବଂ ଘରୋଇ କ୍ଷେତ୍ରକୁ ସମସ୍ତ ଅଧିକାର ଦିଆ ଯାଇପାରେ ? ଉପଯୁକ୍ତ ଯୁକ୍ତି ଦର୍ଶାଅ ।

## ୮.୧୪ ପାଠଗତ ପ୍ରଶ୍ନାବଳୀର ଉତ୍ତର

**୮(କ)**

୧. ଏହାର ସମ୍ବନ୍ଧ ସାର୍ବଜନିକ ପ୍ରାଧିକରଣ ଦ୍ୱାରା ଆର୍ଥିକ ଏବଂ ସାମାଜିକ କ୍ରିୟାର ଅଧିଗ୍ରହଣ କରିବାରେ ହୋଇଥାଏ ।

୨. (କ) ମିଥ୍ୟା – ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଉଦ୍ଦେଶ୍ୟ ଗ୍ରାହକଙ୍କର କଲ୍ୟାଣ ନିମନ୍ତେ

ଖ) ମିଥ୍ୟା – ରାଷ୍ଟ୍ରାୟତ୍ତ ଉଦ୍ୟୋଗର ପ୍ରବନ୍ଧ ସରକାର କରିଛାନ୍ତି

(ଗ) ମିଥ୍ୟା – ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଜନଉପଯୋଗୀ ସେବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଥାଏ

(ଘ) ସତ୍ୟ –

(ଙ) ମିଥ୍ୟା – ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅର୍ଥ ଉପଲବ୍ଧ ସରକାର ଦ୍ୱାରା କରାଯାଇଥାଏ ଏବଂ କେବେ କେବେ ସାର୍ବଜନିକ ଅଂଶ ନିର୍ଗମନ ଦ୍ୱାରା ପ୍ରାପ୍ତ ହୁଏ ।

**୮(ଖ)**

୧. (କ) ରେଲୱେ, (ଖ) ଡାକ ସେବା, (ଗ) ରେଡିଓ ପ୍ରସାରଣ

୨. କ) ବିଭାଗୀୟ ଉଦ୍ୟୋଗ ଖ) ସାଂବିଧିକ ନିଗମ

ଗ) ସରକାରୀ କମ୍ପାନୀ ଘ) ସରକାରୀ କମ୍ପାନୀ

୪. ଗୁଣ – (କ), (ଗ), (ଙ), ସୀମା – (ଖ) (ଘ)

**୮ (ଗ)**

୧. କ) ଏହାର ସ୍ଥାପନା ସଂସଦ କିମ୍ବା ରାଜ୍ୟ ବିଧାନ ସଭାର ଅଧୀନରେ ବିଶେଷ ଅଧିନିୟମର ଅନ୍ତର୍ଗତ ହୋଇଥାଏ ।

ଖ) ଏହା ପ୍ରବନ୍ଧ ପ୍ରଶିକ୍ଷିତ ଏବଂ ଅନୁଭବୀ ଲୋକମାନଙ୍କଦ୍ୱାରା ଗଠିତ ନିର୍ଦ୍ଦେଶକ ମଣ୍ଡଳ ଦ୍ୱାରା କରାଯାଇଥାଏ ।

୨. କ) ପରିବର୍ତ୍ତନ ନୁହେଁ

ଖ) ବୈଧାନିକ ନିଗମର ସ୍ଥାପନା ସଂସଦ କିମ୍ବା ରାଜ୍ୟ ବିଧାନସଭା ଅଧିନର ଏକ ବିଶେଷ ଅଧିନିୟମର ଅନ୍ତର୍ଗତ ହୋଇଥାଏ ।

ଗ) ବୈଧାନିକ ନିଗମ ଲାଭରେ ଅଭିପ୍ରେରିତ ହୋଇନଥାଏ

ଘ) ବୈଧାନିକ ନିଗମର ପୁଂଜି ସରକାର ଦ୍ୱାରା ପ୍ରବନ୍ଧ କରାଯାଇଥାଏ ।

୮(ଘ)

୧. (ଖ) ପରିଚାଳନା କ୍ଷମତା

(ଗ) ଘରୋଇ କ୍ଷେତ୍ର ସହିତ ପ୍ରତିଯୋଗିତା

୨. ଗୁଣ - (କ), (ଖ), (ଙ) ସୀମା - (ଖ), (ଘ)

୮(ଙ)

୧. କ) ସାର୍ବଜନିକ କଲ୍ୟାଣ

ଖ) ଦେଶର ସୁନିୟୋଜିତ ଆର୍ଥିକ ବିକାଶ

ଗ) କ୍ଷେତ୍ରୀୟ ସନ୍ତୁଳନ

ଘ) ଆମଦାନୀର ପ୍ରତିସ୍ଥାପନ

ଙ) ଆର୍ଥିକ ଶକ୍ତିର କେନ୍ଦ୍ରୀକରଣ ଉପରେ ପ୍ରତିବନ୍ଧକ

୨. କ) (୧) ବି.ଏଚ୍.ଇ.ଏଲ୍ - ଭାରତ ହେଭି ଇଲେକ୍ଟ୍ରୋନିକ୍ସ ଲିମିଟେଡ୍

(୨) ବି.ପି.ସି.ଏଲ୍ - ଭାରତ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡ୍

୩) ଗେଲ - ଗ୍ୟାସ୍ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ୍

୪) ଏଚ୍.ପି.ସି.ଏଲ୍ - ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡ୍

୫) ଆଇ.ଓ.ସି - ଇଣ୍ଡିଆନ୍ ଅଏଲ୍ କର୍ପୋରେସନ

୬) ଏମ୍.ଟି.ଏନ୍.ଏଲ୍ - ମହାନଗର ଟେଲିଫୋନ ନିଗମ ଲିମିଟେଡ୍

୭) ଏନ୍.ଟି.ପି.ସି. - ନ୍ୟାସ୍‌ନାଲ ଥର୍ମାଲ ପାୱାର କର୍ପୋରେସନ୍

୮) ଓ.ଏନ୍.ଜି.ସି - ଅଏଲ ଆଣ୍ଡ ନେଚୁରାଲ ଗ୍ୟାସ୍ କର୍ପୋରେସନ୍ ଲିମିଟେଡ୍

୯) ସେଲ - ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍

(ଖ) ନବରତ୍ନ

## ସମ୍ପାଦନ କର ଏବଂ ଶିଖ

ନିଜ କ୍ଷେତ୍ର ଦଶଜଣ ବ୍ୟକ୍ତିଙ୍କ ବିଷୟରେ ବୁଝ ସେମାନେ କେଉଁ ପ୍ରକାର ସଂଗଠନରେ କାମ କରୁଅଛନ୍ତି ଏବଂ ସେମାନଙ୍କର ଉଦ୍ୟୋଗକୁ ଘରୋଇ କ୍ଷେତ୍ର ଏବଂ ସାର୍ବଜନିକ କ୍ଷେତ୍ରରେ ବିଭକ୍ତ କର । ଏପରି ରିପୋର୍ଟ ପ୍ରସ୍ତୁତ କର ଯେଉଁଥିରେ ଏହି କାରଣର ଉଲ୍ଲେଖ କର ଯାହାର ଆଧାର ଉପରେ ଉଦ୍ୟୋଗର ବିଭିନ୍ନ କ୍ଷେତ୍ରରେ ରଖାଯାଇଛି ।

## ଅଭିନୟନ

ସୁରେଶ ଏବଂ ରମେଶ ଦୁହେଁ ଘନିଷ୍ଠ ମିତ୍ର ଅଟନ୍ତି । ବହୁଦିନ ପରେ ଦୁହେଁ ଭେଟ ହେଲେ । ନିମ୍ନ ଲିଖିତ କଥାବାର୍ତ୍ତାକୁ ପଢ଼ିକରି ତୁମେ ନିଜେ ଏବଂ ନିଜର ମିତ୍ର ନିମନ୍ତେ ଭୂମିକା ପସନ୍ଦ କରି ଏବଂ ଏଥି ନିମନ୍ତେ ଉପଯୁକ୍ତ ଯୁକ୍ତି ଦର୍ଶାଅ ।

ସୁରେଶ-ଆରେ ରମେଶ ଆପଣ କିପରି ଅଛନ୍ତି ? ମୁଁ ଆପଣଙ୍କୁ ବହୁଦିନ ପରେ ଦେଖୁଛି ।

ରମେଶ-ସୁରେଶ କିପରି ଅଛ, ମୋତେ ମଧ୍ୟ ତୁମ ସହିତ ମିଶି ଭଲ ଲାଗିଲା ।

ସୁରେଶ - ଆପଣ ବର୍ତ୍ତମାନ କ'ଣ କରୁଅଛନ୍ତି ?

ରମେଶ-ମୁଁ ଭାରତୀୟ ରେଲୱେରେ ଏକ ଅଧିକାରୀ ଅଛି ।

ସୁରେଶ- ତାହା ବହୁତ ଭଲ । କିନ୍ତୁ ମୁଁ ଏକ ସରକାରୀ କମ୍ପାନୀରେ ଅଛି ।

ଦୁହେଁ ନିଜ ନିଜ କମ୍ପାନୀ ବିଷୟରେ କଥାବାର୍ତ୍ତା କଲେ । ଉପଯୁକ୍ତ ଯୁକ୍ତି ସହିତ ବିଭାଗୀୟ ଉଦ୍ୟୋଗ ଏବଂ ସରକାରୀ କମ୍ପାନୀର ଗୁଣ-ଦୋଷକୁ ନଜରରେ ରଖି ଉପରୋକ୍ତ ବାର୍ତ୍ତାଳାପକୁ ଚାଲୁରଖ ।

**ୱେବ୍ ସାଇଟ୍:**

http:/goidirectory.nic.in/psucentral.htm

### ଅଧ୍ୟାୟ ଉପରେ ଏକ ଦୃଷ୍ଟିପାତ

୮.୧ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅର୍ଥ
୮.୨ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ବିଶେଷତ୍ୱ
୮.୩ ଘରୋଇ କ୍ଷେତ୍ରର ଉଦ୍ୟୋଗ ଏବଂ ରାଷ୍ଟ୍ରାୟତ ଉଦ୍ୟୋଗ ମଧ୍ୟରେ ପାର୍ଥକ୍ୟ
୮.୪ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସଂଗଠନର ପ୍ରକାର
୮.୫ ବିଭାଗୀୟ ଉପକ୍ରମ
୮.୫.୧ ବିଭାଗୀୟ ଉଦ୍ୟୋଗର ବିଶେଷତ୍ୱ
୮.୫.୨ ବିଭାଗୀୟ ଉଦ୍ୟୋଗର ଗୁଣ
୮.୫.୩ ବିଭାଗୀୟ ଉଦ୍ୟୋଗର ସୀମା
୮.୬ ବୈଧାନିକ ନିଗମ
୮.୬.୧ ରାଷ୍ଟ୍ରାୟତ୍ତ ନିଗମର ବିଶେଷତ୍ୱ
୮.୬୨ ରାଷ୍ଟ୍ରାୟତ୍ତ ନିଗମର ଗୁଣ
୮.୬.୩ ରାଷ୍ଟ୍ରାୟତ୍ତ ନିଗମର ସୀମା
୮.୭ ସରକାରୀ କମ୍ପାନୀ
୮.୭.୧ ସରକାରୀ କମ୍ପାନୀର ଗୁଣ
୮.୭.୨ ସରକାରୀ କମ୍ପାନୀର ସୀମା
୮.୮ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ତୁଳନାତ୍ମକ ଦୃଷ୍ଟିକୋଣ
୮.୯ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମହତ୍ତ୍ୱ
୮.୧୦ ବର୍ତ୍ତମାନର ରୂପରେଖ

# ୯

# ଉଦ୍ୟମିତା

ଟିପ୍ପଣୀ

ତୁମେ ବ୍ୟବସାୟିକ ସଂଗଠନର ପ୍ରକୃତି ଏବଂ ବିଭିନ୍ନ ସ୍ୱରୂପ ଯେପରି ଏକକ ମାଲିକାନା, ଭାଗୀଦାରୀ, ଯୌଥ ହିନ୍ଦୁ ପରିବାର, ଯୌଥ କମ୍ପାନୀ ତଥା ସମବାୟ ସମିତି ସମ୍ବନ୍ଧରେ ଅଧ୍ୟୟନ କରି ସାରିଛ । ଏହି ବିଷୟରେ ପୂରା ଜ୍ଞାନ ପ୍ରାପ୍ତ କରିବା ପରେ ତୁମେ ବ୍ୟବସାୟ ଜଗତରେ ପ୍ରବେଶ କରିବାକୁ ଚାହୁଁଅଛ ତେବେ ତୁମକୁ ଉପଯୁକ୍ତ ପ୍ରକାରର ବ୍ୟବସାୟ ପସନ୍ଦ କରିବାକୁ ହେବ, ସଂସାଧନର ବ୍ୟବସ୍ଥା କରିବାକୁ ହେବ, ତଥା ବ୍ୟବସାୟ ନିମନ୍ତେ ଏହାର ଶ୍ରେଷ୍ଠତମ ଉପଯୋଗ କରିବାକୁ ହେବ । ଆମେ ଯେ କୌଣସି ଉଦ୍ୟୋଗ କଲେ ପ୍ରତି ପଦରେ ଆଶଙ୍କା ରହିବ । ଯେଉଁ ବ୍ୟକ୍ତି ଆଶଙ୍କାକୁ ସାମ୍ନା କରିଥାନ୍ତି ତଥା ସମ୍ବଳର ସୁବ୍ୟବସ୍ଥା କରନ୍ତି ତାଙ୍କୁ ଉଦ୍ୟମୀ କୁହାଯାଏ, ଏବଂ ସିଏ ଯାହା କରିଥାନ୍ତି ତାଙ୍କୁ ଉଦ୍ୟମିତା କୁହାଯାଏ । ବର୍ତ୍ତମାନ ଆମେ ଏହି ଅଧ୍ୟାୟରେ ଉଦ୍ୟମିତା ଏବଂ ଏହାର ଭୂମିକାର ବିସ୍ତାର ଭାବେ ଅଧ୍ୟୟନ କରିବା ।

## ଉଦ୍ଦେଶ୍ୟ

ଏହି ପାଠଟିକୁ ପଢ଼ିବାପରେ ତୁମେ-

- ଉଦ୍ୟମିତାର ଅର୍ଥ ଉଲ୍ଲେଖ କରିପାରିବ ।
- ଉଦ୍ୟମିତାର ମହତ୍ତ୍ୱ ବର୍ଣ୍ଣନା କରିପାରିବ
- ଏକ ସଫଳ ଉଦ୍ୟମୀର ଗୁଣ ବର୍ଣ୍ଣନା କରିପାରିବ
- ଏକ ଉଦ୍ୟମୀର କାର୍ଯ୍ୟ ବର୍ଣ୍ଣନା କରିପାରିବ
- ଉଦ୍ୟମୀ ଏବଂ ପ୍ରବର୍ତ୍ତକ ମଧ୍ୟରେ ଅନ୍ତର କରିପାରିବ
- ଉଦ୍ୟମୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସ୍ଥିତି ଏବଂ ସମସ୍ୟା ବ୍ୟାଖ୍ୟା କରିପାରିବ
- ଭାରତରେ ଉଦ୍ୟମିତା ପ୍ରଥାକୁ ବର୍ଣ୍ଣନା କରିପାରିବ ।

## ୯.୧ ଉଦ୍ୟମିତାର ଅର୍ଥ

ଶ୍ରୀ ଚାଟାର୍ଜୀ କଲିକତା ବିଶ୍ୱବିଦ୍ୟାଳୟରେ ଏକ ପ୍ରାକ୍ ସ୍ନାତକ ଶ୍ରେଣୀର ଛାତ୍ର ଥିଲେ । ଯେତେବେଳେ ସେ ପଢୁଥିଲେ ସେତେବେଳେ ସେ ଦେଖିଲେ ଯେ ଲୋକମାନେ ଏତେ ବ୍ୟସ୍ତ ଥିଲେ ଯେ ସେମାନଙ୍କ ପାଖରେ ଘର ସଫାକରିବା ନିମନ୍ତେ ସମୟ ନଥିଲା । ସେ ୩୦୦୦ ଟଙ୍କା ଧାର ନେଲେ ଏବଂ ଏକ ଭ୍ୟାକୁମ୍ କ୍ଲିନର ଖରୀଦ କଲେ ଏବଂ ଶନିବାର, ରବିବାର ତଥା ଅନ୍ୟ ଛୁଟିଦିନମାନଙ୍କରେ ପ୍ରାପ୍ୟ ନେଇ ଘର ସଫା କାମ କରିବାକୁ ଆରମ୍ଭ କଲେ । ଏକ ବର୍ଷ ମଧ୍ୟରେ ସେମାନଙ୍କର ସେବାର ଚାହିଦା ଏତେ ବଢ଼ିଗଲା ସେ ନିଜର ବ୍ୟବସାୟରେ ଅନ୍ୟ ଲୋକଙ୍କୁ ଲଗାଇ ନିଜ କାମର ବିସ୍ତାର କରିନେଲେ । ଆଜି



ଶ୍ରୀ ଚାଟାର୍ଜୀ କଲିକତାର ଜଣେ ଆଗୁଆ ଶ୍ରେଣୀର ବ୍ୟବସାୟୀ ଭାବରେ ପରିଚିତ । ଏପରି ଲାଗେ କି ଶ୍ରୀ ଚାଟାର୍ଜୀ ବ୍ୟବସାୟର ସୁବିଧାକୁ ବୁଝିପାରିଲେ । ସେ ସମସ୍ୟାକୁ ସମ୍ମୁଖୀନ ହେବାକୁ ନିଷ୍ପତ୍ତି ନେଲେ ଏବଂ ସଂସାଧନକୁ ସଂଗ୍ରହ କରି ସେ ସଫଳତା ପୂର୍ବକ ନିଜର ଉଦ୍ୟୋଗ ନିମନ୍ତେ ସଂଗଠିତ କରିନେଲେ । ସେଥିପାଇଁ ତାଙ୍କୁ ଉଦ୍ୟମୀ କୁହାଯାଏ ତଥା ତାଙ୍କର କାର୍ଯ୍ୟକୁ ଉଦ୍ୟମିତା କୁହାଯାଏ । ଯେଉଁବ୍ୟକ୍ତି ନିଜେ କିଛି ନୂଆ କରିବାକୁ ଚାହେଁ ତାକୁ ଉଦ୍ୟମୀ କୁହାଯାଏ । ବ୍ୟବସାୟର ସୁଯୋଗକୁ ବୁଝିପାରେ, ବ୍ୟବସାୟର ସ୍ଥାପନା ନିମନ୍ତେ ଆବଶ୍ୟକୀୟ ସଂସାଧନର ବ୍ୟବସ୍ଥା କରିଥାଏ ଏବଂ ସେଥିରେ ନିହିତ ଆଶଙ୍କା ଉଠାଇଥାଏ । ଏହି ପ୍ରକାରରେ ଉଦ୍ୟମୀ ଏକ ସଂଗଠନ କର୍ତ୍ତା, ନୂଆ ପ୍ରବର୍ତ୍ତକ ତଥା ଏକ ଆଶଙ୍କା ଉଠାଇବାର ସାହାସୀ ବ୍ୟକ୍ତି ହୋଇଥାଏ । ଏକ ନବ ପ୍ରବର୍ତ୍ତକ ଭାବରେ ଉଦ୍ୟମୀ ବଜାରରେ ନୂଆ ଉତ୍ପାଦ ପ୍ରସ୍ତୁତ କରିଥାଏ, ବର୍ତ୍ତମାନର ଉତ୍ପାଦ ନିମନ୍ତେ ନୂଆ ବଜାର ଅନ୍ୱେଷଣ କରିଥାଏ, ନୂଆ ଉତ୍ପାଦନ ଟେକ୍‌ନିକ୍‌ର ପ୍ରସ୍ତୁତ କରିଥାଏ, ବିପଣନ ପାଇଁ ନୂଆ ରଣନୀତି ଆରମ୍ଭ କରିଥାଏ ଇତ୍ୟାଦି । ସେ ବ୍ୟବସାୟ କ୍ରିୟାରେ ନିହିତ ଆଶଙ୍କା ତଥା ଅନିଶ୍ଚିତତାକୁ ସହ୍ୟ କରିଥାଏ । ସେ ଭୂମି, ଶ୍ରମ ଏବଂ ପୁଂଜି ଆଦି ଉତ୍ପାଦନର କାରକକୁ ସଂଗଠିତ କରିଥାଏ ତଥା ସୁଯୋଗର ଲାଭ ଉଠାଇବା ପାଇଁ ବ୍ୟବସାୟ ସ୍ଥାପିତ କରିଥାଏ । ସେଥିପାଇଁ ଏକ ଉଦ୍ୟୋଗ ଆଶା ରଖିଥିବା ଏପରି ବ୍ୟକ୍ତି ଯିଏ ବ୍ୟାପାରିକ ସୁଯୋଗର ଅନ୍ୱେଷଣ କରିପାରେ ନୂଆ ବ୍ୟବସାୟର ସ୍ଥାପନା ହେତୁ ଆବଶ୍ୟକ ପଦକ୍ଷେପ ଉଠାଇଥାଏ, ବ୍ୟବସାୟ ଉଦ୍ୟୋଗକୁ ସଫଳ କରିବା ନିମନ୍ତେ ବିଭିନ୍ନ ସଂସାଧନ ଯେପରି ବ୍ୟକ୍ତି, ସାମଗ୍ରୀ ଏବଂ ପୁଂଜିକୁ ଏକତ୍ର କରିବା ଏବଂ ନିହିତ ଆଶଙ୍କା କିମ୍ବା ଅନିଶ୍ଚିତତାକୁ ବହନ କରିଥାଏ ।

*ଏଣ୍ଟ୍ରପ୍ରିନିୟର ଶବ୍ଦ ଫ୍ରାନ୍‌ସ ଶବ୍ଦରୁ ଏଣ୍ଟ୍ରପିଟରରୁ ସୃଷ୍ଟି ହୋଇଛି ଯାହାର ଅର୍ଥ ହେଉଛି କାର୍ଯ୍ୟର ଉତ୍ତର ଦାୟିତ୍ୱ ନେବା । ୧୬ଶ ଶତାବ୍ଦୀର ଆରମ୍ଭରେ ଫ୍ରାନ୍‌ସର ଯେଉଁ ଲୋକମାନେ ସେନା ଅଭିଯାନର ନେତୃତ୍ୱ ନେଉଥିଲେ ସେମାନଙ୍କୁ ଉଦ୍ୟମୀ କୁହାଯାଉଥିଲା । ୧୭ ଶତାବ୍ଦୀରେ ଏହି ଶବ୍ଦର ପ୍ରୟୋଗ ସାର୍ବଜନିକ କାର୍ଯ୍ୟରେ ଥିବା ବାସ୍ତୁକାର ଏବଂ ଠିକାଦାରଙ୍କ ପାଇଁ ବ୍ୟବହାର ହେଉଥିଲା । ଏହା ପରେ ଏହାକୁ ଶ୍ରମିକ ସଂଗ୍ରହ, ମାଲ୍‌ର କ୍ରୟ, ତଥା ସେଥିରେ ତିଆରି ଉତ୍ପାଦକୁ ପ୍ରଥମରୁ ଠିକ୍ କରାଯାଇଥିବା ମୂଲ୍ୟରେ ବିକ୍ରି କରିବାରେ ବ୍ୟବହାର କରାଗଲା । ବାସ୍ତବରେ ୧୮ ଶତାବ୍ଦୀରେ ଉଦ୍ୟମୀ ଶବ୍ଦର ପ୍ରୟୋଗ ଫ୍ରାନ୍‌ସର ଅର୍ଥଶାସ୍ତ୍ରୀ କାର୍ଟିଲୋନ ବ୍ୟବସାୟ ବିଷୟରେ କରିଥିଲେ । ଯେଉଁଥିରେ ସେ ନିଜକୁ ଜଣେ ମଧ୍ୟସ୍ଥ ବୋଲି କହିଥିଲେ ଯିଏ ଯାହା ଉତ୍ପାଦନର ସାଧନକୁ କ୍ରୟ ଏବଂ ଏକତ୍ରୀତ କରି ତାହାକୁ ବିପଣନ ଯୋଗ୍ୟ ବସ୍ତୁକୁ ବଦଳାଇଥିଲେ । ଅନ୍ୟ ଜଣେ ଫରାସୀ ଶ୍ରୀ ଜେ.ବି.ସେ. କର୍ଟିଲୋନ୍‌ଙ୍କର ବିଚାରକୁ ଆହୁରି ଅଧିକ ବିସ୍ତୃତ ରୂପ ପ୍ରଦାନ କଲେ ତଥା ଉଦ୍ୟମୀର ଅବଧାରଣାକୁ ଏକ ବ୍ୟାବସାୟିକ ଫାର୍ମର ସଂଗଠନ କର୍ତ୍ତାରୂପେ କରିଥିଲେ । ଭାରତ ଭଳି ବିକାଶ ଉନ୍ମୁଖୀ ଦେଶରେ ଏହାର ଅଭିପ୍ରାୟ ସେହି ବ୍ୟକ୍ତି ପାଖରେ ହୋଇଥାଏ ଯିଏ ନୂଆ ବ୍ୟବସାୟର ଆରମ୍ଭ କରିଥାଏ, ଆଶଙ୍କାର ସାମ୍ନା କରିଥାଏ, ଅନିଶ୍ଚିତତାକୁ ବହନ କରିଥାଏ ତଥା ନିର୍ଣ୍ଣୟ ନେବା ବଂ ସମନ୍ୱୟ ଭଳି ପ୍ରବନ୍ଧକୀୟ କାର୍ଯ୍ୟ କରିଥାଏ । କେତେକ ଦେଶରେ ଉଦ୍ୟମୀ ସେହି ବ୍ୟକ୍ତିକୁ କହିଥାନ୍ତି ଯିଏ ନିଜର ସ୍ୱୟଂ ଏକ ନୂଆ ଏବଂ ଛୋଟ ବ୍ୟବସାୟ ଆରମ୍ଭ କରିଥାଏ ।*

ତେଣୁ ଉଦ୍ୟମିତାର ଅଭିପ୍ରାୟ ଉଦ୍ୟମୀ ଦ୍ୱାରା କରାଯାଇଥିବା କାର୍ଯ୍ୟରେ ଥାଏ । ଏହା ଏପରି ଏକ ପ୍ରକ୍ରିୟା ଅଟେ ଯେଉଁଥିରେ ଏକ ବ୍ୟକ୍ତି କୌଣସି ନୂଆ ବ୍ୟବସାୟର ସ୍ଥାପନାରେ ନିହିତ ବିଭିନ୍ନ କାର୍ଯ୍ୟକୁ କରିଥାଏ । ବାସ୍ତବରେ ଯାହାକିଛି ଉଦ୍ୟମୀ କରିଥାଏ ତାହା ଉଦ୍ୟମିତା ହୋଇଥାଏ । ଅର୍ଥାତ୍

ଉଦ୍ୟମିତାକୁ ଏପରି ଏକ କାର୍ଯ୍ୟରୂପରେ ଦେଖାଯାଇଥାଏ ଯେଉଁଥିରେ ନିମ୍ନଲିଖିତ ସମ୍ମିଳିତ ହୋଇଥାଏ ।

୧. ବଜାରରେ ଉପସ୍ଥିତ ସୁଯୋଗର ଅନ୍ୱେଷଣ ଏବଂ ପ୍ରୟୋଗ

୨. "ଯୋଜନା" କୁ "କ୍ରିୟା"ରେ ପରିବର୍ତ୍ତନ କରିବା

୩. କୌଣସି ନୂଆ ଉଦ୍ୟମକୁ ଆରମ୍ଭ କରିବାକୁ ପ୍ରବର୍ତ୍ତନର କାର୍ଯ୍ୟ କରିବା

୪. ନିଜର କାର୍ଯ୍ୟ କ୍ଷେତ୍ରକୁ ଶ୍ରେଷ୍ଠତମ ପ୍ରଦର୍ଶନ ନିମନ୍ତେ ପ୍ରଯତ୍ନ କରିବା

୫. ନିହିତ ଆଶଙ୍କା ଏବଂ ଅନିଶ୍ଚିତତାକୁ ବହନ କରିବା

୬. ଐକବଦ୍ଧତା ଆଣିବା

ଉଦ୍ୟମିତାର ବର୍ଣ୍ଣନା ପର୍ଯ୍ୟାବରଣର ପ୍ରତ୍ୟୁତରରେ ରଚନାତ୍ମକ ଏକ ନୂତନ କାର୍ଯ୍ୟ ତଥା ନୂଆ ଉଦ୍ୟମକୁ ଜନ୍ମ ଦେଇଥିବା ପ୍ରକ୍ରିୟାର ରୂପ ଦିଆଯାଇପାରେ ।

ଏହି ପ୍ରକାରର ପ୍ରତିକ୍ରିୟା କୌଣସି କ୍ଷେତ୍ର ଯେପରି ସାମାଜିକ ଉଦ୍ୟମ, ବ୍ୟବସାୟ, କୃଷି, ଶିକ୍ଷା, ସାମାଜିକ କାର୍ଯ୍ୟ ଆଦିରେ ହୋଇପାରେ ।

*ଉଦ୍ୟମିତା ବ୍ୟାବସାୟିକ ସୁଯୋଗକୁ ବୁଝିବା, ଆଶଙ୍କାର ପ୍ରବନ୍ଧନ, ଏବଂ ସଂପ୍ରେଷଣ ଏବଂ ପ୍ରବନ୍ଧ କୌଶଳର ମାଧ୍ୟମରେ ମାନବୀୟ ଏବଂ ଭୌତିକ ସଂସାଧନକୁ ଗତିଶୀଳ କରିବା ନିମନ୍ତେ ଆବଶ୍ୟକ ହୋଇଥାଏ ।*

## ୯.୨ ଉଦ୍ୟମିତାର ମହତ୍ତ୍ୱ

ଆଗରୁ ଆଲୋଚନା କରାଯାଇଅଛି ଯେ ଆର୍ଥିକ ବିକାଶ ନିମନ୍ତେ ଉଦ୍ୟମିତା ଆବଶ୍ୟକ ଅଟେ । ପୁଂଜୀବାଦୀ ଅର୍ଥ ବ୍ୟବସ୍ଥାରେ ଉଦ୍ୟମଦ୍ୱାରା ସେମାନଙ୍କର ବିକାଶରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଅଛି । ସମାଜବାଦୀ ଅର୍ଥ ବ୍ୟବସ୍ଥାରେ ରାଜ୍ୟ ଉଦ୍ୟମୀର ଭୂମିକା ସମ୍ପାଦନ କରିଥାଏ । କିନ୍ତୁ ଭାରତ ପରି ଗୋଟିଏ ବିକାଶଉନ୍ମୁଖୀଦେଶ ଯିଏ ମିଶ୍ରିତ ଅର୍ଥ ବ୍ୟବସାୟକୁ ଗ୍ରହଣ କରିଛି, ଏଠାରେ ଉଭୟ ସରକାର ଏବଂ ଘରୋଇ ଉଦ୍ୟୋମୀର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଉଦାରୀକରଣର ପରେ ଭାରତରେ ଉଦ୍ୟମିତାର ମହତ୍ତ୍ୱପୂର୍ଣ୍ଣ ବୃଦ୍ଧି ହୋଇଅଛି । ଲୋକମାନେ ଏବେ ଏହା ମାନୁଛନ୍ତି ଯେ ଆର୍ଥିକ ବିକାଶର ଲକ୍ଷ୍ୟ ପ୍ରାପ୍ତି ନିମନ୍ତେ ଉଦ୍ୟମିତାକୁ ମହତ୍ତ୍ୱପୂର୍ଣ୍ଣ ଭୂମିକା ସମ୍ପାଦନ କରିବାକୁ ପଡ଼ିଥାଏ । ସେମାନଙ୍କୁ ନୂତନ ପ୍ରବର୍ତ୍ତକର ମୁଖ୍ୟ ପରିଚାଳକ ରୂପେ ଗଣାଯାଏ ଏବଂ ସେମାନେ କୌଣସି ଦେଶର ଆର୍ଥିକ ବିକାଶର ପ୍ରମୁଖ ବ୍ୟକ୍ତି ହୋଇଥାନ୍ତି ।

କ) ଲୋକଙ୍କର ପସନ୍ଦ ଏବଂ ନିବେଶ ସଂଗ୍ରହକରି ପୁଞ୍ଜି ନିର୍ମାଣରେ ସହାୟକ ହୋଇଥାଏ ।

ଖ) ବହୁ ପରିମାଣର ରୋଜଗାରର ସୁଯୋଗ ପ୍ରଦାନ କରିଥାଏ ଏବଂ ଲୋକମାନଙ୍କର କ୍ରୟଶକ୍ତିର ବୃଦ୍ଧି କରିଥାଏ

ଗ) ଦେଶରେ ସନ୍ତୁଳିତ କ୍ଷେତ୍ରୀୟ ବିକାଶକୁ ବଢ଼େଇବାର ଉଦ୍ଦେଶ୍ୟ

ଘ) ଆର୍ଥିକ ଶକ୍ତିର କେନ୍ଦ୍ରୀଭୁତକୁ କମ୍ କରିବାରେ ସହାୟକ ହୋଇଥାଏ । (ଉତ୍ପାଦନର ସାଧନରପ୍ରଭୁତ୍ୱ କିଛି ଲୋକମାନଙ୍କ ହାତରେ ହେବା)

ଟିପ୍ପଣୀ

## ପାଠଗତ ପ୍ରଶ୍ନାବଳୀ ୯(କ)

୧. କ) ନିମ୍ନ ବାକ୍ୟକୁ ପୂରା କର ।

ଏକ ଉଦ୍ୟମୀ ଏପରି ବ୍ୟକ୍ତି ହୋଇଥାଏ ଯିଏ ________________________

________________________________________

________________________________________

ଖ) ନିମ୍ନ ମାମଲାରେ ଉଦ୍ୟମୀ କେଉଁ ଭୂମିକାରେ କାମ କରିଥାନ୍ତି ?

୧) ସେ ଉତ୍ପାଦନର ସମସ୍ତ ସାଧନ ଯେପରି ଭୂମି, ଶ୍ରମ ଏବଂ ପୁଂଜିର ସଂଗ୍ରହ କରିଥାଏ ।

____________________

୨) ସେ ଉତ୍ପାଦ ନିମନ୍ତେ ନୂଆ ବଜାର ଏବଂ ନୂଆ ଟେକ୍‌ନିକ୍‌ର ଅନ୍ୱେଷଣ କରିଥାଏ ।

____________________

୩) ସେ ବ୍ୟବସାୟରେ ନିହିତ ଅନିଶ୍ଚିତତାକୁ ବହନ କରିଥାଏ ।

____________________

୨. କୌଣସି ଚାରୋଟି ରାସ୍ତା ବର୍ଣ୍ଣନା କର ଯାହାଦ୍ୱାରା ଉଦ୍ୟମିତା ଆର୍ଥିକ ବିକାଶର ସହାୟତା କରିଥାଏ ।

କ) ____________________

ଖ) ____________________

ଗ) ____________________

ଘ) ____________________

## ୯.୩ ଏକ ସଫଳ ଉଦ୍ୟମୀର ବିଶେଷତ୍ୱ

ଭାରତରେ ବ୍ୟବସାୟକ୍ଷେତ୍ରରେ ଅନେକ ବଡ଼ବଡ଼ ସଫଳ ଉଦ୍ୟମୀ ଅଛନ୍ତି ଯେପରି ଟାଟା, ବିରଳା, ମୋଦୀ, ଡାଲମିଆଁ ଏବଂ ଅନ୍ୟ କେତେକ ଯେଉଁମାନେ କି ଲମ୍ବା ସମୟ ଧରି ଆଗରେ ଅଛନ୍ତି । ଯଥା: ଅମ୍ବାନୀ, ମିତ୍ତଲ, ଜିନ୍ଦଲ ପ୍ରମୁଖ । ପ୍ରଶ୍ନ ଉଠେ, କ'ଣ ଯାହା ଉଦ୍ୟମୀକୁ ସଫଳ କରିଥାଏ ? ସେମାନଙ୍କ ମଧ୍ୟରେ କେତେକଗୁଣ ସମାନ ହୋଇଥାଏ କି ? ଉତ୍ତର ହେଉଛି ଏମାନଙ୍କ ମଧ୍ୟରେ କିଛି ମହତ୍ୱପୂର୍ଣ୍ଣ ଗୁଣ ଅଛି ଯାହାକୁ ସଂକ୍ଷେପରେ ତଳେ ଦିଆଗଲା ।

କ) **ଉଦ୍ୟମ କ୍ଷମତା –** ଏକ ଉଦ୍ୟମୀଠାରେ ନୂତନ ପ୍ରଦର୍ଶନର ପ୍ରବୃତ୍ତି, ସୁଯୋଗକୁ ହାତକରିବା ତଥା ଉଦ୍ୟମର ଆରମ୍ଭ କରିବାର କ୍ଷମତା ରହିବା ଦରକାର । ଯଦି ଏଗୁଡ଼ିକ ସବୁ ଠିକ୍ ସମୟରେ ଉଚିତ ଉଦ୍ୟମ କରିବେ ନାହିଁ ତେବେ ସୁଯୋଗ ହାତଛଡ଼ା ହୋଇଯାଇଥାଏ । ତେଣୁ ଉଦ୍ୟମୀକୁ ଉଦ୍ୟମ କରିବାର କ୍ଷମତା ବହୁତ ସମୟରେ ଉଦ୍ୟମକୁ ସଫଳତାର ଶୀର୍ଷରେ ପହଞ୍ଚାଇ ଥାଏ ।

ଖ) **ବ୍ୟାପକ ଜ୍ଞାନ –** ଏକ ଉଦ୍ୟମୀକୁ ବ୍ୟବସାୟର ଆର୍ଥିକ ଏବଂ ଅନାର୍ଥିକ ପରିବେଶ ଯେପରି କି ବଜାର, ଉପଭୋକ୍ତାର ରୁଚି, ଟେକନିକ୍ ଆଦିର ବିସ୍ତୃତ ଜ୍ଞାନହେବା ଦରକାର । ଯଦି ତାଙ୍କୁ

ଏହିସବୁର ଉଚିତ ଜ୍ଞାନ ହୋଇନଥାଏ ତେବେ ସେମାନେ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଅନୁନ୍ନତ ଧରଣର ହୋଇଥାଏ ତଥା ଭବିଷ୍ୟତରେ ବ୍ୟବସାୟରେ ଲାଭ ପ୍ରଦାନରେ ତାଙ୍କର କୌଣସି ଯୋଗଦାନ ନଥାଏ ।

ଗ) **ଆଶଙ୍କା ଉଠାଇବାର ଆଗ୍ରହ** - କୌଣସି ବ୍ୟବସାୟ ଆରମ୍ଭ କରିବା ସମୟରେ ଆଶଙ୍କା ଏବଂ ଅନିଶ୍ଚିତତା ଭରା ହୋଇଥାଏ । ବିଭିନ୍ନ ପ୍ରକାରର ଆଶଙ୍କା ଏବଂ ଅନିଶ୍ଚିତତାକୁ କୁଶଳତା ପୂର୍ବକ ସମାଧାନ ନିମନ୍ତେ ଆଶଙ୍କାକୁ ସମ୍ଭାଳିବାର ତତ୍ପରତା ଏବଂ ଆବଶ୍ୟକ ଦୂର ଦର୍ଶିତା ରହିବା ଦରକାର । ଆଶଙ୍କା ସମ୍ଭାଳିବାର ଧୈର୍ଯ୍ୟ ଏବଂ ପ୍ରକାର ଉପରେ ବ୍ୟବସାୟ ସମ୍ବନ୍ଧୀୟ ଉତ୍ତମ ନିଷ୍ପତ୍ତି ଗ୍ରହଣ ନିର୍ଭର କରିଥାଏ ।

ଘ) **ଖୋଲାବିଚାର ଏବଂ ଆଶାବାଦୀ ଦୃଷ୍ଟିକୋଣ** - ଏକ ଉଦ୍ୟମୀ ଖୋଲା ବିଚାର ବାଲାହେବା ଦରକାର । ଏଥିରେ ଗତିଶୀଳ ଏବଂ ଆଶାବାଦୀ ଚିନ୍ତାଧାରା ରହିବା ଦରକାର ଯେଉଁଥିରେ କି ସେ ବ୍ୟାବସାୟିକ ପରିବେଶର ପରିବର୍ତ୍ତନକୁ ପୁର୍ବାନୁମାନ ଲଗାଇ ପାରିବେ ତଥା ସମୟ ନଷ୍ଟ ନକରି ଆବଶ୍ୟକ ପଦକ୍ଷେପ ନେଇ ପାରିବେ ।

ଙ) **ଅନୁକୂଳନଶୀଳତା (ପାରିପାର୍ଶିକ ଅବସ୍ଥାନୁଯାୟୀ ଅନୁକୂଳ ବ୍ୟବସ୍ଥା) (Adaptability)** - ଉଦ୍ୟମୀ ବ୍ୟାବସାୟିକ ପରିବେଶର ବାସ୍ତବିକତାକୁ ବୁଝିନେବା ଦରକାର । ସେହି ବ୍ୟବସ୍ଥାରେ ଆସୁଥିବା ପରିବର୍ତ୍ତନର ଅନୁରୂପ ବ୍ୟବସ୍ଥା ନିମନ୍ତେ ନିଜେ ପ୍ରସ୍ତୁତ ରହିବା ଦରକାର । ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ଆଗ ସୁଧାରିବା ପାଇଁ ପଦକ୍ଷେପ ଗହଣର ବିଳମ୍ବ ଯୋଗୁଁ ସୁଯୋଗରୁ ଆୟ ମିଳିଥାଏ ।

ଚ) **ଆତ୍ମବିଶ୍ୱାସ (Self confidence)** - ଜୀବନରେ ସଫଳତା ପାଇବାକୁ ହେଲେ ବ୍ୟକ୍ତି ଭିତରେ ଆତ୍ମବିଶ୍ୱାସ ରହିବା ଦରକାର । ଯେଉଁ ବ୍ୟକ୍ତିଙ୍କର ଆତ୍ମବିଶ୍ୱାସ କମ୍ ହୋଇଥାଏ ସେ ନା'ତ ସ୍ୱୟଂ କୌଣସି କାର୍ଯ୍ୟ କରିଥାଏ କିମ୍ବା ଅନ୍ୟକୁ କାର୍ଯ୍ୟ କରିବା ନିମନ୍ତେ ପ୍ରେରଣା ଦେଇପାରେ । ଆତ୍ମବିଶ୍ୱାସ ସାହସ, ଉତ୍ସାହ ଏବଂ ନେତୃତ୍ୱ ପ୍ରଦାନ କରିବାର ଯୋଗ୍ୟତାରେ ହିଁ ଝଲସି ଉଠିଥାଏ ।

ଛ) **ନେତୃତ୍ୱ ଗୁଣ (Leadership)** - ଉଦ୍ୟମୀଙ୍କ ଭିତରେ ଏକ ଉତ୍ତମ ନେତା ହେବାର ଗୁଣ ରହିବା ଆବଶ୍ୟକ । ଯାହା ଭିତରେ ଆତ୍ମ - ଅନୁଶାସନ, ବୁଦ୍ଧିମତ୍ତା, ନ୍ୟାୟପରାୟଣ, ସମ୍ମାନ ଏବଂ ଗୌରବ ଆଦି ବିଶିଷ୍ଟଗୁଣ ସହିତ ଏହା ଉପରେ ଉଚ୍ଚଧରଣର ନୈତିକତା ମଧ୍ୟ ରହିବା ଦରକାର ।

ଜ) **କଠିନ ପରିଶ୍ରମ ପ୍ରତି ଆଗ୍ରହ (Orientation towards Hard work)**- ଜୀବନରେ କଠିନ ପରିଶ୍ରମର କୌଣସି ପୂରକ ନାହିଁ । ବ୍ୟବସାୟ ସଂଚାଳନରେ କିଛି ନା କିଛି ସମସ୍ୟା ଆସୁଥାଏ । ବ୍ୟବସାୟୀ ଏଥି ପ୍ରତି ସଚେତନ ରହିବା ସହ ଅତିଶୀଘ୍ର ଏହାର ସମାଧାନ ପନ୍ଥା ମଧ୍ୟ ଖୋଜିଥାଏ । ଏଥିପାଇଁ ଉଦ୍ୟମୀକୁ କଡ଼ା ପରିଶ୍ରମ କରିବାକୁ ପଡ଼େ । ଏହାଦ୍ୱାରା ପ୍ରାରମ୍ଭ କରାଯାଇଥିବା ବ୍ୟବସାୟର ସଫଳତାକୁ ସୁନିଶ୍ଚିତ କରିବା ନିମନ୍ତେ ତାହାକୁ ଅତିରିକ୍ତ ପରିଶ୍ରମ ମଧ କରିବାକୁ ହୁଏ ।

## ୯.୪ ଉଦ୍ୟମୀର କାର୍ଯ୍ୟ

ସଂକ୍ଷେପରେ ଜଣେ ଉଦ୍ୟମୀର କାର୍ଯ୍ୟ ନିମ୍ନ ପ୍ରକାର ଅଟେ ।

କ) **ଧାରଣା (ସୃଜନ) -** ଉଦ୍ୟମୀଠାରେ ସୃଜନାତ୍ମକ ମସ୍ତିଷ୍କ ଥାଏ । ଏହାଦ୍ୱାରା ବ୍ୟବସାୟିକ ସୁଯୋଗକୁ ଚିହ୍ନିବା, ତାକୁ ଏକ ସଫଳ ବ୍ୟାବସାୟିକ ଉଦ୍ୟମରେ ପରିବର୍ତ୍ତନ କରିବା ତଥା ତାକୁ ସାକାର ରୂପ ପ୍ରଦାନ କରିବାର ଯୋଗ୍ୟତା ଥାଏ ।

ଖ) **ପ୍ରବର୍ତ୍ତନ :** ସାଧାରଣତଃ ଏହା ବୁଝାଯାଏ କି ଉଦ୍ୟମୀ ଏକକ ମାଲିକ ରୂପରେଏକ ଛୋଟ ବ୍ୟବସାୟ ସ୍ଥାପନାର ଆଶଙ୍କା ବହନ କରେ । କିନ୍ତୁ ବର୍ତ୍ତମାନ କେତେକ ଉଦ୍ୟମୀ ଏପରି ଅଛନ୍ତି ଯେଉଁମାନେ ବଡ଼-ବଡ଼ କମ୍ପାନୀର ପ୍ରବର୍ତ୍ତନ କାର୍ଯ୍ୟ କରୁଛନ୍ତି । ବାସ୍ତବରେ ନୂଆ ବ୍ୟବସାୟର ସ୍ଥାପନା, ବର୍ତ୍ତମାନ ବ୍ୟବସାୟ ଛୋଟ ଅଥବା ବହୁତ ପରିମାଣର ବିସ୍ତାର କିମ୍ବା ଦୁଇ ବା ତତୋଧିକ ଉଦ୍ୟୋଗର ସମ୍ମିଶ୍ରଣରେ ମଧ୍ୟ ପ୍ରବର୍ତ୍ତନ କରାଯାଇପାରେ । ଏକ ପ୍ରବର୍ତ୍ତକ ରୂପରେ ଉଦ୍ୟମୀ ସମ୍ଭାବନାର ଅଧ୍ୟୟନ, ସଂଗଠନର ସ୍ୱରୂପ ବିଷୟରେ ନିର୍ଣ୍ଣୟ, ପାଣ୍ଠି ଏବଂ ମାନବ ସମ୍ବଳର ସଂଗ୍ରହ ଏବଂ ସମ୍ପୂର୍ଣ୍ଣ ସାକାର ରୂପରେ ବ୍ୟବସାୟକୁ ରୂପ ଦେଇଥାଏ ।

ଗ) **ନବ ପ୍ରବର୍ତ୍ତକ - (Innovation) -** ଏକ ଉଦ୍ୟମୀକୁ ଏକ ନବ ପ୍ରବର୍ତ୍ତକ ହିସାବରେ ଦେଖାଯାଏ ଯିଏ ନୂଆ ଟେକ୍‌ନିକ୍, ଉତ୍ପାଦ ଏବଂ ବଜାରର ବିକାଶ କରିବା ନିମନ୍ତେ ଚେଷ୍ଟା କରିଥାଏ । ଉଦ୍ୟମୀ ନିଜର ସୃଜନାତ୍ମକ ଯୋଗ୍ୟତାର ପ୍ରୟୋଗ କରି କିଛି ନୂଆ କରିଥାଏ ତଥା ବଜାରରେ ସୁଯୋଗର ଲାଭ ଉଠାଇଥାଏ ।

ଘ) **ଆଶଙ୍କା ଏବଂ ଅନିଶ୍ଚିତତାର ବହନ କରିବା -** ତୁମେ ଜାଣିଛ କୌଣସି ନୂଆ ବ୍ୟବସାୟ ଆରମ୍ଭ କରିବାରେ କିଛି ନା କିଛି ଆଶଙ୍କା ଏବଂ ଅନିଶ୍ଚିତତା ନିହିତ ଥାଏ । ସେ ହିଁ ଉଦ୍ୟମୀ ହୋଇଥାଏ ଯିଏ ଆଶଙ୍କାକୁ ସାମ୍ନାକରେ ଏବଂ ଆଗକୁ ଅଦୃଶ୍ୟ ସ୍ଥିତିର କାରଣରୁ ହେବାକୁ ଥିବା କ୍ଷତି ବହନ କରିବା ନିମନ୍ତେ ପ୍ରସ୍ତୁତ ରହିଥାଏ । ବାସ୍ତବରେ ଆଶଙ୍କାକୁ ଉଠାଇବାର ଏହି ଇଚ୍ଛା ତାକୁ ନୂଆ ନୂଆ କାର୍ଯ୍ୟ କରିବା ଏବଂ ଉତ୍ପାଦନର ନୂଆ ନୂଆ ପଦ୍ଧତି ଆରମ୍ଭ କରିବାର ଉଦ୍ୟମକୁ ସାହାଯ୍ୟ କରିଥାଏ ।

ଙ) **ଆବଶ୍ୟକ ପୁଞ୍ଜିର ବ୍ୟବସ୍ଥା :** କୌଣସି ଉଦ୍ୟମର ପ୍ରାରମ୍ଭରେ ସବୁଠାରୁ ବଡ଼ ଅସୁବିଧା ଅର୍ଥ ସଂଗ୍ରହ ହୋଇଥାଏ । ଉଦ୍ୟମୀ କୌଣସି ବ୍ୟବସାୟ ଆରମ୍ଭ କରିବାପାଇଁ ପ୍ରାରମ୍ଭିକ ପୁଂଜିର ବ୍ୟବସ୍ଥା କରିଥାନ୍ତି ଯାହାକୁ ଆଶଙ୍କା ପୁଂଜି ବା ମୂଳପୁଂଜି ମଧ୍ୟ କୁହାଯାଏ । ଏହାପରେ ବ୍ୟବସାୟକୁ ଚଳାଇବାକୁ ଏବଂ ଏହାର ବିସ୍ତାର କରିବାକୁ ଆବଶ୍ୟକୀୟ ଅତିରିକ୍ତ ଅର୍ଥ ଆବଶ୍ୟକ ପଡ଼ିଥାଏ ।

ଚ) **ନିଯୁକ୍ତି କରଣ -** ଉଦ୍ୟମୀ ସଂଗଠନ ଢାଞ୍ଚାକୁ ରୂପରେଖ ଦେବା ନିମନ୍ତେ ତଥା ବିଭିନ୍ନ ପଦପଦବୀ ନିମନ୍ତେ ଉପଯୁକ୍ତ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇଥାଏ । ସେ କୁଶଳୀ ଏବଂ ଅଣକୁଶଳୀ କର୍ମଚାରୀଙ୍କର ପୂର୍ବାନୁମାନ କରି ସେମାନଙ୍କର ନିଯୁକ୍ତିର ବ୍ୟବସ୍ଥା କରିଥାଏ ।

## ପାଠଗତ ପ୍ରଶ୍ନାବଳୀ ୯(ଖ)

୧. ନିମ୍ନ ବାକ୍ୟରେ ଏକ ସଫଳ ଉଦ୍ୟମୀର ଗୁଣ ବର୍ଣ୍ଣନା କରାଯାଇଅଛି ତାହାକୁ ଚିହ୍ନାଅ ।

କ) ଉଦ୍ୟମୀଙ୍କୁ ବ୍ୟାବସାୟିକ ପରିବେଶର ପରିବର୍ତ୍ତନର ଅନୁରୂପ ଅନୁସାରେ ନିଜକୁ ପ୍ରସ୍ତୁତ କରିବାର ଯୋଗ୍ୟତା ହେବା ଦରକାର ।

ଖ) ବ୍ୟବସାୟକୁ ଆରମ୍ଭ କରିବା ଏବଂ ଚଳାଇବା ନିମନ୍ତେ ତାଙ୍କୁ ନିରନ୍ତର ପ୍ରୟାସ କରିବା ଦରକାର ।

ଗ) ସେଥିରେ ବ୍ୟବସାୟରେ ଜଡ଼ିତ ଅନିଶ୍ଚିତତାର ସାମ୍ନା କରିବାର ଇଚ୍ଛାଶକ୍ତି ଏବଂ ଦୂରଦର୍ଶିତା ହେବା ଦରକାର ।

ଘ) ଏଥିରେ ଠିକ ସୁଯୋଗକୁ ଚିହ୍ନି ତଥା ସୁଯୋଗର ସର୍ବୋତ୍ତମ ଲାଭ ଉଠାଇବାର ଆଗ୍ରହ ହେବା ଦରକାର ।

୨. ଉଦ୍ୟମୀର କାର୍ଯ୍ୟ ସମ୍ବନ୍ଧିତ ତଳେ ଦିଆଯାଇଥିବା ଚାର୍ଟର ପୂରା କର ।

(କ)..... — ପ୍ରବର୍ତ୍ତକ — (ଖ)..... — ଆଶଙ୍କା ଉଠାଇବା — (ଗ)...... — ଆବଶ୍ୟକ ପୁଂଜି ସଂଗ୍ରହ

## ୯.୫ ଉଦ୍ୟମୀ ଏବଂ ପ୍ରବର୍ତ୍ତକ ମଧ୍ୟରେ ପାର୍ଥକ୍ୟ

ଏକ ଉଦ୍ୟମୀ ପ୍ରବର୍ତ୍ତକ ମଧ୍ୟ ହୋଇଥାଏ କାରଣ ସେ ମଧ୍ୟ ଆବଶ୍ୟକ କୋଷ ଏବଂ ମାନବ ସମ୍ବଳ ସଂଗ୍ରହ, ଆଶଙ୍କା ବହନ କରିଥାଏ ତଥା ପ୍ରସ୍ତାବିତ ବ୍ୟବସାୟକୁ ସାକାର କରିଥାଏ । କିନ୍ତୁ ସିଦ୍ଧାନ୍ତିକ ରୂପରେ ଦୁହେଁ ପୃଥକ୍ । ଯିଏ କୌଣସି ବ୍ୟବସାୟକୁ ଚିହ୍ନିପାରନ୍ତି ଏବଂ ଆଶଙ୍କାକୁ ବହନ କରିବା ନିମନ୍ତେ ପ୍ରସ୍ତୁତ ରହନ୍ତି ତାଙ୍କୁ ଉଦ୍ୟମୀ କୁହାଯାଏ । ଯେତେବେଳେ କି ଲୋକ ବ୍ୟବସାୟର ସ୍ଥାପନା କରିଥାନ୍ତି ଏବଂ ତାକୁ ସଂଚାଳନ ଯୋଗ୍ୟ କରିଥାନ୍ତି ତାହାଙ୍କୁ ପ୍ରବର୍ତ୍ତକ କୁହାଯାଏ । କିନ୍ତୁ ବ୍ୟାବହାରିକ ରୂପରେ ଠିକ୍ ଅର୍ଥରେ ଏହି ଅନ୍ତର ମଧ୍ୟ ଠିକ୍ ନୁହେଁ କାରଣ ଆଜିକାଲି ଉଦ୍ୟମୀର ଭୂମିକା ଏକ ସୁଯୋଗକୁ ଚିହ୍ନିବା ଏବଂ ଆଶଙ୍କା ଉଠାଇବା ମଧ୍ୟରେ ସୀମିତ ନୁହେଁ । ସେ ବର୍ତ୍ତମାନ ବ୍ୟବସାୟକୁ ସ୍ଥାପନା କରିବା ନିମନ୍ତେ ଏବଂ ଚଳାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେଉଛନ୍ତି କାରଣ ଆଜିକାଲି ଉଦ୍ୟମୀ ପୁଂଜି ଏବଂ ପେଶାଦାର ଲୋକଙ୍କର ସେବା ମଧ୍ୟ ସହଜରେ ଉପଲବ୍ଧ ହେଉଅଛି । ଲକ୍ଷ୍ୟ ରଖିବାକୁ ହେବ ଯେ କିଛି ଅର୍ଥ ଶାସ୍ତ୍ରୀ ଆଶଙ୍କା ଉଠାଇବା ନିମନ୍ତେ ଉଦ୍ୟମିତାକୁ ମୂଳକାର୍ଯ୍ୟ ମାନୁଛନ୍ତି । ସେ ଅନ୍ୟ ଉତ୍ପାଦନର ସମ୍ବଳର ସମନ୍ୱୟ, ପୁଂଜିର ବ୍ୟବସ୍ଥା ଅଥବା ନବ ପ୍ରଦର୍ଶନ ଉପରେ ଜୋର୍ ଦେଉଛନ୍ତି । ତେଣୁ ଉଦ୍ୟମିତାକୁ ବ୍ୟାପକ ପରିପ୍ରେକ୍ଷୀରେ ଦେଖାଯାଏ ଯେଉଁଥିରେ ପ୍ରବର୍ତ୍ତନ ସମ୍ମିଳିତ ଅଟେ । ଏପରି ମଧ୍ୟ ଭାରତରେ ଅଧିକାଂଶ ବ୍ୟବସାୟିକ ପ୍ରବର୍ତ୍ତକ ସ୍ୱଂୟ ଉଦ୍ୟମୀ ଏବଂ ପାରିବାରିକ ବ୍ୟବସାୟ ଚଳାଉଛନ୍ତି । ଉଦ୍ୟମୀ ସ୍ୱୟଂ ମାଲିକ ଏବଂ ପରିଚାଳକ ମଧ୍ୟ ହୋଇଥାଏ ।

*ଉଦ୍ୟମିତାର ପ୍ରକାର*

| | |
|---|---|
| ୧. ବ୍ୟବସାୟର ପ୍ରକାର ଅନୁସାରେ | -ବ୍ୟାପାରୀ ଉଦ୍ୟମୀ |
| | -ଔଦ୍ୟୋଗିକ ଉଦ୍ୟମୀ |
| | -କୃଷି ଉଦ୍ୟମୀ |
| | -ସେବା ଉଦ୍ୟମୀ |
| ୨. ଟେକ୍‌ନିକ୍ ଉପଯୋଗ ଅନୁସାରେ | -ଟେକ୍‌ନିକ୍ ଉଦ୍ୟମୀ |
| | -ଅଣ ଟେକ୍‌ନିକ୍ ଉଦ୍ୟମୀ |
| ୩. କ୍ଷେତ୍ର ଅନୁସାରେ | -ସହରୀ ଉଦ୍ୟମୀ |
| | -ଗ୍ରାମୀଣ ଉଦ୍ୟମୀ |
| ୪. ଲିଙ୍ଗାନୁସାରେ | -ପୁରୁଷ ଉଦ୍ୟମୀ |
| | -ମହିଳା ଉଦ୍ୟମୀ |

## ୯.୬ ଉଦ୍ୟମୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା

ଏକ ବ୍ୟାବସାୟିକ ଉଦ୍ୟମର ସ୍ଥାପନା ଉଦ୍ୟମୀର ମହତ୍ତ୍ୱପୂର୍ଣ୍ଣ ପ୍ରଯତ୍ନର ପରିଣାମ ଅଟେ । କିନ୍ତୁ ଉଦ୍ୟମୀମାନଙ୍କୁ ସେମାନଙ୍କର ଯୋଜନାକୁ ରୂପ ଦେବା ପାଇଁ ବିଭିନ୍ନ ସମସ୍ୟା ଏବଂ କଠିନତାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସେଗୁଡ଼ିକ ହେଲା -

କ) **ବ୍ୟବସାୟ ଚୟନ -** ହେଇପାରେ କି ଉଦ୍ୟମୀଙ୍କ ପାଖରେ କୌଣସି ଏକ ଉତ୍ତମ ଯୋଜନା ଅଛି କିନ୍ତୁ ଏହି ଯୋଜନାକୁ ବ୍ୟାପାରୀ କ୍ରିୟାରେ ସଫଳ ପ୍ରୟୋଗ ଏକ କଷ୍ଟପ୍ରଦ କାର୍ଯ୍ୟ ଅଟେ । ପ୍ରଥମତଃ ତାଙ୍କୁ ବଜାରର ଅଧ୍ୟୟନ କରିବାକୁ ହେବ ଯେ ତାଙ୍କର ଉତ୍ପାଦ ଏବଂ ସେବା ବଜାରରେ ଗ୍ରାହକମାନଙ୍କର ଗ୍ରହଣୀୟ ହୋଇପାରିବ । ଏଥିପାଇଁ ଉଦ୍ୟମୀକୁ ପ୍ରସ୍ତାବିତ ବସ୍ତୁ ଏବଂ ସେବାର ଚାହିଦାକୁ ନିର୍ଦ୍ଧାରଣ କରିବାକୁ ହେବ ଏବଂ ବସ୍ତୁ ଏବଂ ସେବାରେ ଖର୍ଚ୍ଚର ହିସାବ କରିବାକୁ ହେବ । ଏହିପରିଭାବରେ ଉଦ୍ୟମୀ ଜାଣିପାରିବ ଯେ ବ୍ୟବସାୟ ଲାଭପ୍ରଦ ହୋଇପାରିବ ନା ନାହିଁ । ଏହି ନିୟମିତ ପଦ୍ଧତି କାର୍ଯ୍ୟକୁ ସମ୍ଭାବନା ଅଧ୍ୟୟନ କହନ୍ତି ଏବଂ ଏହାର ପ୍ରସ୍ତୁତ ରିପୋର୍ଟକୁ ସମ୍ଭାବନା ରିପୋର୍ଟ କିମ୍ବା ପରିଯୋଜନା ରିପୋର୍ଟ କୁହାଯାଏ । କେବଳ ସେତିକି ନୁହେଁ ଜଣେ ଉଦ୍ୟମୀ ମସ୍ତିଷ୍କରେ ବିଭିନ୍ନ ଯୋଜନା ଆସିଥାଏ ଏବଂ ସେ ବ୍ୟବସାୟର ନୂତନ ସମ୍ଭାବନାକୁ ଚିହ୍ନିତ କରିପାରେ । ସୀମିତ ସମ୍ବଳକୁ ଦେଖିକରି ସେ ସର୍ବାଧିକ ଲାଭ ଦେଲାଭଳି ସମ୍ଭାବନାକୁ ବାସ୍ତବ ରୂପ ଦେଇପାରେ । ଏହି ସମ୍ଭାବନା ଅଧ୍ୟୟନ ତାକୁ ଚିହ୍ନିବାରେ ସହାୟକ ହୋଇଥାଏ ।

ଖ) **ବ୍ୟାବସାୟିକ ଉଦ୍ୟମର ସ୍ୱରୂପ ଚୟନ -**

ଯେତେବେଳେ ସ୍ୱରୂପର ପ୍ରଶ୍ନଉଠେ ଉଦ୍ୟମୀଙ୍କ ପାଖରେ ବିଭିନ୍ନ ବିକଳ୍ପର ଉପଲବ୍ଧ ଥାଏ । ସେ ଏକକ ମାଲିକାନା, ଭାଗୀଦାରୀ କିମ୍ବା ଯୌଥକମ୍ପାନୀକୁ ଗ୍ରହଣ କରିପାରନ୍ତି । ଉପଯୁକ୍ତ ବ୍ୟବସାୟ ଚୟନ କରିବା ଅପେକ୍ଷାକୃତ କଠିନ ହୋଇଥାଏ । କିନ୍ତୁ କେତେକ ବ୍ୟବସାୟ ଏପରି ଥାଏ ଯେଉଁଥିରୁ ଚୟନ କରିବା ପାଇଁ କୌଣସି ବିକଳ୍ପ ନଥାଏ । ଉଦାହରଣ ସ୍ୱରୂପ ବ୍ୟାଙ୍କ

ଏବଂ ବୀମା ବ୍ୟବସାୟ, ଏଗୁଡ଼ିକ କେବଳ ଯୌଥ କମ୍ପାନୀ ଚଳାଇପାରିବେ । ବ୍ୟବସାୟର ଆକାର ସଂଗଠନର ସ୍ୱରୂପକୁ ନିର୍ଦ୍ଧାରଣ କରିପାରେ । ବସ୍ତୁତଃ ବହୁ ପାରିମାଣିକ ବ୍ୟବସାୟ ନିମନ୍ତେ କମ୍ପାନୀ ସଂଗଠନ ଠିକ୍ ହୋଇଥାଏ, ଯେତେବେଳେ ଏକ କ ମାଲିକାନା କିମ୍ବା ଭାଗୀଦାରଙ୍କ ନିମନ୍ତେ ଛୋଟ ଅଥବା ମଧ୍ୟମ ଧରଣର ବ୍ୟବସାୟ ଅଧିକ ଉପଯୁକ୍ତ ହୋଇଥାଏ ।

ଗ) **ବିତ୍ତ ବ୍ୟବସ୍ଥା** – ବିତ୍ତ ବ୍ୟବସ୍ଥା କରିବା ଉଦ୍ୟମୀଙ୍କ ପାଇଁ ସର୍ବଦା ସମସ୍ୟାପୂର୍ଣ୍ଣ ହୋଇଥାଏ । ତୁମେ ଜାଣିଛ ଯେ ଅର୍ଥ ବିନା ବ୍ୟବସାୟ କ୍ରିୟା ଆରମ୍ଭ କରିହେବନାହିଁ । ପୁଂଜିର ଆବଶ୍ୟକତା ଉଦ୍ୟମୀଙ୍କୁ ସ୍ଥାୟୀ ସମ୍ପତ୍ତି ଯେପରିକି ଭୂମି, ଘର, ମେସିନ୍ ଏବଂ ଅନ୍ୟାନ ଉପକରଣ କ୍ରୟ ନିମନ୍ତେ ପଡ଼ିଥାଏ । ପୁନଶ୍ଚ ବ୍ୟବସାୟର ଦୈନନ୍ଦିନ ଖର୍ଚ୍ଚ ନିମନ୍ତେ ପୁଂଜିର ଆବଶ୍ୟକତା ହୋଇଥାଏ । କେତେ ପୁଞ୍ଜି ଆବଶ୍ୟକ ହେବ ତାହା ନିର୍ଦ୍ଧାରଣ କରିବାପରେ ଉଦ୍ୟମୀଙ୍କୁ ବିତ୍ତର ବିଭିନ୍ନ ଉତ୍ସ ଅନୁସନ୍ଧାନ କରିବାକୁ ହୋଇଥାଏ । ଏପରି କେତେକ ବିତ୍ତୀୟ ସଂସ୍ଥା ଯେପରିକି ଆଇ.ଏଫ୍.ସି.ଆଇ, ଆଇ.ବି.ଡ଼ି.ଆଇ ଆଦି ଭଲ ଉଦ୍ୟମୀଙ୍କର କାର୍ଯ୍ୟ ନିମନ୍ତେ ମୂଳପୁଂଜି ଅଥବା ଉଦ୍ୟମ ପୁଂଜିକୋଷ ଉପଲବ୍ଧ କରାଇଥାନ୍ତି । ପୁଂଜି ନିମନ୍ତେ ଉଦ୍ୟମୀଙ୍କୁ ଏହି ବିତ୍ତୀୟ ସଂସ୍ଥା ଏବଂ ବ୍ୟାଙ୍କ ପାଖକୁ ଯିବାକୁ ପଡ଼ିଥାଏ । ସେମାନେ କିଛି ପାଣ୍ଠିର ବ୍ୟବସ୍ଥା କରିଥାନ୍ତି ଏବଂ ଉଚିତ ସମୟରେ ପୁଂଜିର ସାର୍ବଜନିକ ନିର୍ଗମନର ଯୋଜନା ପ୍ରସ୍ତୁତ କରନ୍ତି ।

ଘ) **ସ୍ଥାନ ନିର୍ଦ୍ଧାରଣ** – ଉଦ୍ୟମୀଙ୍କର ବ୍ୟବସାୟ ପ୍ରକ୍ରିୟା ନିମନ୍ତେ ଏକ ସ୍ଥାନ ନିର୍ଦ୍ଧାରଣ ଏକ ଧ୍ୟାନ ଦେବା ଯୋଗ୍ୟ ସମସ୍ୟା ଯାହାକୁ ଉଦ୍ୟମୀ ସାବଧାନତାର ସହିତ ସମାଧାନ କରିଥାଏ । ବ୍ୟାବସାୟିକ ଉଦ୍ୟୋଗ ନିମନ୍ତେ ସ୍ଥାନ ନିର୍ଦ୍ଧାରଣ କେତେଗୁଡ଼ିଏ ତତ୍ତ୍ୱ ଉପରେ ନିର୍ଭର କରିଥାଏ ଯେପରିକି କଞ୍ଚାମାଲ୍, ପରିବହନ ସୁବିଧା, ବିଜୁଳି ଏବଂ ପାଣିର ଉପଲବ୍ଧତା ଏବଂ ବଜାର ନିକଟରେ ହେବା ଦରକାର । ସରକାର ଅନୁନ୍ନତ ଅଞ୍ଚଳରେ କିମ୍ବା ଅବିକଶିତ ଅଞ୍ଚଳରେ ସ୍ଥାପିତ ପ୍ରକ୍ରିୟାକୁ କରଛାଡ଼, ବିଜୁଳି ଏବଂ ପାଣି ବିଲ୍‌ରେ ରିହାତି ଆଦି ଭାବରେ କେତେକ ପ୍ରଲୋଭନ ଦେଇଥାନ୍ତି । ତେଣୁ ଏକ ବ୍ୟାବସାୟିକ ଉଦ୍ୟୋଗ ସ୍ଥାପନ କରିବା ପୂର୍ବରୁ ଉଦ୍ୟମୀଙ୍କୁ ଏହିସବୁ ବିଷୟ ଉପରେ ଧ୍ୟାନ ଦେବାକୁ ହୋଇଥାଏ ।

ଙ) **ଉଦ୍ୟୋଗର ଆକାର** – ବ୍ୟବସାୟ ଆକାର କେତେକ କାରଣରୁ ପ୍ରଭାବିତ ହୋଇଥାଏ ଯେପରି ଟେକ୍‌ନିକ୍, ବିତ୍ତୀୟ, ଏବଂ ବିପଣନ । ଯେତେବେଳେ ଉଦ୍ୟମୀ ଏହା ଅନୁଭବ କରିପାରେ ଯେ ସେ ଉତ୍ପାଦିତ ପଦାର୍ଥ ଏବଂ ସେବାକୁ ବଜାରରେ ବିକ୍ରି କରିପାରିବ ଏବଂ ଅଧିକ ପରିମାଣର ଲାଭ ସଂଗ୍ରହ କରିପାରିବ ତେବେ ସେ ତାର ଗତିବିଧିକୁ ଅଧିକ ପରିମାଣରେ ଆରମ୍ଭ କରିପାରିବ । ସାଦାରଣତଃ ଉଦ୍ୟମୀମାନେ ନିଜର କାର୍ଯ୍ୟ ଛୋଟ ପରିମାଣରୁ ଆରମ୍ଭ କରି ଧୀରେ ଧୀରେ ବଢ଼ାଇ ଥାନ୍ତି । ଉଦାହରଣ ସ୍ୱରୂପ ଡଃ କରସନ୍ ଭାଇ ପଟେଲ, ନିର୍ମା ଲିମିଟେଡ୍‌ର ମାଲିକ ୧୯୮୦ରେ ସାଇକେଲରେ ବୁଲିବୁଲି ଲୁଗାସଫା ପାଉଡ଼ର ବିକ୍ରି କରୁଥିଲେ ଏବଂ ତାହା ଆଜି ବୃଦ୍ଧି ହୋଇ ନିର୍ମା ଲିମିଟେଡ୍ ହୋଇ ପାରିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯଦି ଜଣେ ଉଦ୍ୟମୀ ବ୍ୟବସାୟ ଛୋଟ ପରିମାଣରେ ଆରମ୍ଭ କରିଥାଏ ତେବେ ତାକୁ ଅଧିକ ଆଶଙ୍କାର ପରିବର୍ତ୍ତନକୁ ବଦଳାଇ ସରଳ କରିହୁଏ କାରଣ ସ୍ଥାୟୀ ସମ୍ପତ୍ତିରେ ଅଧିକ ନିବେଶ ଆବଦ୍ଧ ହୋଇ ନଥାଏ । କିନ୍ତୁ ଆଜିର ପରିବର୍ତ୍ତନଶୀଳ ବ୍ୟାବସାୟିକ ପରିବେଶରେ କେତେକ ଉଦ୍ୟମୀ ନିଜର ଉଦ୍ୟୋଗ ଅଧିକ ପରିମାଣିକତାରେ ଆରମ୍ଭ କରୁଛନ୍ତି ଏବଂ ଅଧିକ ଆଶଙ୍କା ନିମନ୍ତେ ପ୍ରସ୍ତୁତ

ରହୁଛନ୍ତି । ଆଗରୁ କେତେକ ନୂଆ ଉଦ୍ୟମୀ ବିଶେଷତଃ ଟେକ୍‌ନିକାଲ ବ୍ୟକ୍ତି (ଯିଏ କି ପେଶାରେ ପ୍ରଶିକ୍ଷିତ ଏବଂ ଚାକିରୀରେ ଥିଲେ) ନିଜର ଲାଭପ୍ରଦ ଚାକିରୀକୁ ଛାଡ଼ିକରି ଅର୍ଥନୈତିକ ବିକାଶରେ ପ୍ରବେଶ କଲେ ତଥା ସେମାନେ ବଡ଼ ପରିମାଣିକର ଉଦ୍ୟୋଗ ଆରମ୍ଭ କରିଥିଲେ ।

ଚ) **ମେସିନ୍ ଏବଂ ଉପକରଣ -** କୌଣସି ନୂତନ ଉଦ୍ୟୋଗ ଆରମ୍ଭ କରିବା ପୂର୍ବରୁ ମେସିନ୍, ଉପକରଣ ଏବଂ ପରିଚାଳନା ପ୍ରସଙ୍ଗ ସଂମ୍ବେଦନଶୀଳ ସମସ୍ୟା ଅଟେ । ଏହା କେତେକ କାରକ ଉପରେ ନିର୍ଭର କରିଥାଏ ଯେପରିକି ପୁଂଜିର ଉପଲବ୍‌ଧତା, ଉତ୍ପାଦନର ଆକାର ଏବଂ ଉତ୍ପାଦନ ପ୍ରକ୍ରିୟାର ପ୍ରକୃତି । କିନ୍ତୁ ଉତ୍ପାଦକତା ଉପରେ ଜୋର୍ ଦେବା ଦରକାର । ଉପକରଣ ଏବଂ ମେସିନ୍ ବିଶେଷର ଚୟନ କରିବା ସମୟରେ ତାର ମରାମତି ଏବଂ ଦେଖାରଖାର ସୁବିଧା ଉପଲବ୍‌ଧତା, ଅତିରିକ୍ତ ପୁଂଜିର ଉପଲବ୍‌ଧତା ତଥା ବିକ୍ରି ପରେ ସେବାର ଧ୍ୟାନ ରଖିବା ମହତ୍ତ୍ୱପୂର୍ଣ୍ଣ ଅଟେ ।

ଛ) **ଉପଯୁକ୍ତ ଶ୍ରମଶକ୍ତି -** ଯଦି ବ୍ୟବସାୟର ଆକାର ବଡ଼ ହୋଇଥାଏ ତେବେ ଉଦ୍ୟମୀଙ୍କୁ ବିଭିନ୍ନ କାର୍ଯ୍ୟକ୍ଷେତ୍ର ନିମନ୍ତେ ଉପଯୁକ୍ତ ଯୋଗ୍ୟ ବ୍ୟକ୍ତିଙ୍କର ସନ୍ଧାନ କରିବାକୁ ପଡ଼େ । ତାକୁ ପ୍ରତ୍ୟେକ କାର୍ଯ୍ୟ ନିମନ୍ତେ ଉଚିତ ବ୍ୟକ୍ତି ସନ୍ଧାନ କରିବାକୁ ହୁଏ ଏବଂ ସଂଗଠନରେ କାର୍ଯ୍ୟ କରିବା ନିମନ୍ତେ ତାଙ୍କୁ ଅଭିପ୍ରେରିତ କରିବାକୁ ପଡ଼ିଥାଏ । ଏହା ସରଳ ହୋଇନଥାଏ । ଏଥିରେ ଅଧିକ ସହନଶକ୍ତି ଏବଂ ପ୍ରୋତ୍ସାହନର ଆବଶ୍ୟକତା ହୋଇଥାଏ ।

ଏଣୁ ଏକ ନୂଆ ବ୍ୟବସାୟ ପ୍ରାରମ୍ଭ କରିବା ପୂର୍ବରୁ ଉଦ୍ୟମୀଙ୍କୁ ବିଭିନ୍ନ ସମସ୍ୟାର ସମାଧାନ ବାଟ ଖୋଜିବାକୁ ହୁଏ । ଉଚିତ ଚୟନ ଏବଂ ବ୍ୟବସ୍ଥା କରାଯାଇପାରିଲେ ସଫଳତା ସୁନିଶ୍ଚିତ ହୋଇଥାଏ ।

## ପାଠଗତ ପ୍ରଶ୍ନାବଳୀ-୯ (ଗ)

୧. ବ୍ୟବସାୟର ତଳେ ଦିଆଯାଇଥିବା ବିଷୟ ସଂବଂଧରେ ଉଦ୍ୟମୀଙ୍କୁ କେଉଁ କଥା ଉପରେ ଧ୍ୟାନ ଦେବା ଦରକାର ।

କ) ଅର୍ଥ ବ୍ୟବସ୍ଥା ____________________

____________________

ଖ) ସ୍ଥାନର ନିର୍ଦ୍ଧାରଣ ____________________

____________________

ଗ) ମେସିନ୍ ଏବଂ ଉପକରଣ ____________________

____________________

ଘ) ଶ୍ରମଶକ୍ତି ____________________

____________________



ଟିପ୍ପଣୀ

୨. ନିମ୍ନ ଆଧାର ଉପରେ ଉଦ୍ୟମୀଙ୍କର ପ୍ରକାର ବର୍ଣ୍ଣନା କର ।

କ) କ୍ଷେତ୍ର (୧) ________________

(୨) ________________

ଖ) ଲିଙ୍ଗ (୧) ________________

(୨) ________________

## ୯.୭ ଭାରତରେ ଉଦ୍ୟମିତା ପ୍ରଥା

ଆଗରୁ ଯେପରି କୁହାଯାଇଅଛି ଉଦ୍ୟମିତା ଶବ୍ଦ ଛୋଟ ବ୍ୟବସାୟ ସ୍ଥାପନା ସହିତ ଜଡ଼ିତ । ଏଥିରେ କୌଣସି ସନ୍ଦେହ ନାହିଁ ଭାରତ ଭଳି ଦେଶରେ ଭରପୂର ଆତ୍ମବିଶ୍ୱାସ ଏବଂ ଦୂର ଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ସାଧାରଣ ଚାକିରୀ ନକରି ଛୋଟ ଛୋଟ ବ୍ୟବସାୟ ଆରମ୍ଭ କରିଥାନ୍ତି । ଉଦ୍ୟମିତା ଯୁବଗୋଷ୍ଠୀକୁ ସ୍ୱତନ୍ତ୍ର ଜୀବନ ଯାପନ କରିବାର ସୁଯୋଗ ଦେଇଥାଏ ଯେଉଁମାନେ ନିଜ ଭାଗ୍ୟର ନିର୍ମାତା ନିଜେ ହୋଇଥାନ୍ତି । କେତେକ ବିଦ୍ୱାନଙ୍କ ବିଶ୍ୱାସ ଯେ ଭାରତୀୟ ଅର୍ଥ ବ୍ୟବସ୍ଥାରେ ଧୀର ପ୍ରଗତିର କାରଣ ଉଦ୍ୟମିତାର ସ୍ୱଳ୍ପତା ଯେତେବେଳେ କି ଆମ ପାଖରେ ଅପର୍ଯ୍ୟାପ୍ତ ପରିମାଣରେ ପ୍ରାକୃତିକ ସମ୍ପଦ ଏବଂ ମାନବ ଶକ୍ତିର ସୁବିଧା ଅଛି । ଏହି ବିଷୟକୁ ସରକାର ଠିକ୍ ଭାବରେ ବୁଝିପାରିଛନ୍ତି ଯାହା ଫଳରେ ଉଦ୍ୟୋଗୀମାନଙ୍କୁ ଅନେକ ସୁବିଧା ସୁଯୋଗ ଏବଂ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି । ସେହିପରି ପଞ୍ଚବାର୍ଷିକ ନୀତିରେ ସରକାର ଉଦ୍ୟମୀ ଏବଂ ଔଦ୍ୟୋଗିକ କରଣର ଗତିବୃଦ୍ଧି କରିବା ନିମନ୍ତେ ପ୍ରୋତ୍ସାହନ ଏବଂ ପ୍ରେରଣା ଦେଇଛନ୍ତି । ଏବେ ସରକାର ବିଭିନ୍ନ ପ୍ରକାରର ପ୍ରଲୋଭନ ଏବଂ ରିହାତି ଦେଉଛନ୍ତି ଯେଉଁଥିରେ ପୁଂଜିର ସହାୟତା ଟେକନିକ୍ ଜ୍ଞାନ, ବିପଣନର ସୁବିଧା, ଔଦ୍ୟୋଗିକ ସଂରକ୍ଷଣ ପ୍ରଦାନ କରିବା ତଥା ଅନ୍ୟ ଗାଠନିକ ସୁବିଧା ଏଥିରେ ସମ୍ମିଳିତ ହୋଇଛି ।

କେନ୍ଦ୍ର ସରକାର ଦ୍ୱାରା ଭାରତୀୟ ଔଦ୍ୟୋଗିକ ବିତ୍ତ ନିଗମ (IFCI) ସ୍ଥାପନା ପରେ କେତେକ ରାଜ୍ୟ ମଧ୍ୟ ବିତ୍ତ ନିଗମ ସ୍ଥାପନା କରିଛନ୍ତି । ଏହାଛଡ଼ା ଭାରତୀୟ ଔଦ୍ୟୋଗିକ ବିକାଶ ବ୍ୟାଙ୍କ, ଲଘୁ ଉଦ୍ୟୋଗ ବିକାଶ ସଂଗଠନ, ରାଷ୍ଟ୍ରିୟ ଲଘୁ ଉଦ୍ୟୋଗ ନିଗମ, ଲଘୁ ଉଦ୍ୟୋଗ ସେବା ସଂସ୍ଥାନ, ରାଜ୍ୟ ଲଘୁ ଉଦ୍ୟୋଗ ବିକାଶ ନିଗମ, ଉଦ୍ୟୋଗ ନିର୍ଦ୍ଦେଶାଳୟ, ଜିଲ୍ଲା ଉଦ୍ୟୋଗ କେନ୍ଦ୍ର ଆମଦେଶରେ ଉଦ୍ୟମିତାର ବୃଦ୍ଧିରେ ବହୁତ ସହାୟତା କରିଅଛି । ଏମାନଙ୍କ ମଧ୍ୟରୁ କେତେକ ବିତ୍ତୀୟ ସଂସ୍ଥା ଯୁବଗୋଷ୍ଠୀ ଏବଂ ଉଦ୍ୟତ ଉଦ୍ୟମୀମାନଙ୍କୁ ଉଦ୍ୟୋଗ ପୁଂଜି ପ୍ରଦାନ କରିବା ଆରମ୍ଭ କରି ଦେଇଛନ୍ତି ।

ସରକାର ଏବଂ ଏହି ସଂସ୍ଥାଗୁଡ଼ିକ ନିରନ୍ତର ଯତ୍ନବାନ ହୋଇ ଅନୁକୂଳ ପରିଣାମ ଆଣିବାର ଆରମ୍ଭ କରି ଦେଇଛନ୍ତି । ଏହି ପରିଣାମ ଉଦାରୀକରଣ ପରେ ୧୯୯୦ରେ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇଅଛି । ଏହାର ପ୍ରଧାନ ଉଦାହରଣ ଇନ୍‌ଫୋସିସ୍ ଟେକ୍ନୋଲୋଜିର ଶ୍ରୀ ଏନ୍.ଆର୍ ନାରାୟଣ ମୂର୍ତ୍ତି ଏବଂ ଏଚ୍.ସି.ଏଲ୍ ଟେକ୍ନୋଲୋଜିର ଶ୍ରୀ ଶିବନାଦର ଅଟନ୍ତି । ବସ୍ତୁତଃ ବହୁତ ସଂଖ୍ୟାରେ ଉଦ୍ୟମୀ ଅତିଲଘୁ ଏବଂ ଲଘୁ ପରିମାଣର ଉଦ୍ୟୋଗରେ ଲାଗିଛନ୍ତି । ଏହି ପ୍ରକାରର ବ୍ୟାବସାୟିକ ସଂଗଠନ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେମାନଙ୍କ ମଧ୍ୟରୁ ମାଲ୍‌ର ଅଭାବ, ପୁଂଜି ଏବଂ ବିଜୁଳିଶକ୍ତିର ଅଭାବ, ପ୍ରଶିକ୍ଷଣ ସୁବିଧାର ଅଭାବ, ଗୁଣବତା ନିୟନ୍ତ୍ରଣର ଅଭାବ ଏବଂ ଅପର୍ଯ୍ୟାପ୍ତ ବିପଣନ ସୁବିଧା ସମ୍ମିଳିତ ହୋଇଅଛି । ସରକାରଙ୍କୁ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ହେବ ଯାହାଦ୍ୱାରା ଭାରତର ଉଦ୍ୟୋମୀମାନେ ନୂତନ ସିଡ଼ିରେ ଚଢ଼ି ଉପରକୁ ପହଞ୍ଚି ପାରିବେ ।

## ୯.୮ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ

ଅର୍ଥ ବ୍ୟବସ୍ଥାର ବିକାଶରେ ଉଦ୍ୟମୀ ସମୂହର ମହତ୍ତ୍ୱ ଏବଂ ଯୋଗଦାନ ଆମେ ପ୍ରଥମରୁ ଦେଖିସାରିଲେଣି । ଏଥିପାଇଁ ଏକ ସଫଳ ଉଦ୍ୟମୀ ହେବା ନିମନ୍ତେ ଆବଶ୍ୟକ କୌଶଳର ବିକାଶ କରିବା ପୂରା ବିଶ୍ୱରେ ଚିନ୍ତାର ବିଷୟ ହୋଇଛି । ଉଦ୍ୟମିତା କାର୍ଯ୍ୟକ୍ରମ ଏହି ଚିନ୍ତାର ଉତ୍ତର ଅଟେ । ଭାରତରେ କେତେକ ସଂଗଠନ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ ଉଦ୍ୟମିତା ପ୍ରଶିକ୍ଷଣ ଦେବା ପାଇଁ ଚଳାଉଛନ୍ତି । ଏମାନଙ୍କ ମଧ୍ୟରେ ପ୍ରଧାନ ସଂଗଠନ ଉଦ୍ୟମିତା ବିକାଶ ସଂସ୍ଥାନ ଅହମଦାବାଦ ଅଟେ ।

**ଉଦ୍ୟମିତାର ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ**

କ) ଉଦ୍ୟମିତାର ଗୁଣବତ୍ତାକୁ ବିକଶିତ ଏବଂ ସୁଦୃଢ଼ କରିବା ।

ଖ) ଉପଯୁକ୍ତ ଉତ୍ପାଦର ଚୟନ ଏବଂ ସୁସାଧ୍ୟ ପରିଯୋଜନାର ପ୍ରସ୍ତୁତ କରିବା ।

ଗ) ବ୍ୟକ୍ତିମାନଙ୍କର ଛୋଟ ବ୍ୟବସାୟକୁ ସ୍ଥାପନା ଏବଂ ପରିଚାଳନାର ନିହିତ ପ୍ରକ୍ରିୟା ଏବଂ କାର୍ଯ୍ୟ ନିମନ୍ତେ ଅଭ୍ୟସ୍ତ କରାଇବା ।

ଘ) ବ୍ୟାବସାୟିକ ଆଶଙ୍କାର ପ୍ରତିଯୋଗିତାକୁ ସାମ୍ନା କରିବା ନିମନ୍ତେ ଉଦ୍ୟମୀମାନଙ୍କୁ ତାଲିମ ପ୍ରଦାନ କରିବା ଏବଂ ପ୍ରସ୍ତୁତ କରିବା ।

ଙ) ବ୍ୟବସାୟ ବିଷୟରେ ଉଦ୍ୟମୀଙ୍କ ଦୃଷ୍ଟିକୋଣକୁ ବ୍ୟାପକ କରିବା ଏବଂ କାନୁନ୍‌ର ସୀମା ଭିତରେ ଏହାର ବିକାଶରେ ସହାୟତା କରିବା ।

## ପାଠଗତ ପ୍ରଶ୍ନାବଳୀ ୯ (ଘ)

୧. କ) ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ନିମନ୍ତେ ଭାରତ ସରକାର ଦ୍ୱାରା ପ୍ରଦତ୍ତ କୌଣସି ଚାରୋଟି ପ୍ରେରଣା ଦେଉଥିବା ନୀତି ଏବଂ ରିହାତିର ବର୍ଣ୍ଣନା କର ।

____________________

____________________

ଖ) ଭାରତୀୟ ଅର୍ଥ ବ୍ୟବସାୟରେ ଉଦ୍ୟମିତାଦ୍ୱାରା ସାମ୍ନା କରାଯାଉଥିବା କୌଣସି ଚାରୋଟି ବୁଝାମଣାକୁ ବର୍ଣ୍ଣନା କର ଯାହାର ସରକାର ତୁରନ୍ତ ସମାଧାନ କରିବା ଦରକାର ।

____________________

____________________

୨. ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମର କୌଣସି ଚାରୋଟି ଉଦ୍ଦେଶ୍ୟ ଉଲ୍ଲେଖ କର ।

କ) ____________________

ଖ) ____________________

ଗ) ____________________

ଘ) ____________________

## ୯.୯ ତୁମେ କ'ଣ ଶିଖିଲ

- ଉଦ୍ୟମୀ ସେହି ବ୍ୟକ୍ତିକୁ କହନ୍ତି ଯିଏ ବ୍ୟବସାୟର ସୁଯୋଗକୁ ଚିହ୍ନିପାରେ, ନୂଆ ଉଦ୍ୟମର ପ୍ରବର୍ତ୍ତନ ନିମନ୍ତେ ପଦକ୍ଷେପ ନିଏ ତଥା ବ୍ୟକ୍ତି, ଉପକରଣ ଏବଂ ଧନ ରୂପି ସାଧନ ସଂଗ୍ରହ କରି ବ୍ୟାବସାୟିକ ଉଦ୍ୟୋଗକୁ ସଫଳ କରାଏ ।
- ଉଦ୍ୟମିତାର ସମ୍ବନ୍ଧ ଉଦ୍ୟମୀ ଦ୍ୱାରା ନିଷ୍ପାଦିତ କାର୍ଯ୍ୟ ସହିତ ଥାଏ । ଏଥିରେ ବଜାରରେ ମିଳୁଥିବା ସୁଯୋଗର ଚିହ୍ନଟ କରିବା ଏବଂ ତାଦ୍ୱାରା ଲାଭ ପ୍ରାପ୍ତ କରିବା ଏବଂ କୌଣସି ଉଦ୍ୟମର ପ୍ରାରମ୍ଭ କରିବା ନିମନ୍ତେ ପ୍ରବର୍ତ୍ତନ କାର୍ଯ୍ୟ ମଧ୍ୟ ସାମିଲ ଥାଏ । ଏଥିରେ ଆଶଙ୍କା ଉଠାଇବା, ସୃଜନାତ୍ମକ ଏବଂ ନବ ପ୍ରବର୍ତ୍ତନ କାର୍ଯ୍ୟ ତଥା କୌଣସି କ୍ଷେତ୍ରର ଉତ୍କୃଷ୍ଟତା ନିମନ୍ତେ ନିରନ୍ତର ପ୍ରୟାସ ସମ୍ମିଳିତ ଅଟେ ।
- ଉଦ୍ୟମିତା ଆର୍ଥିକ ବିକାଶ ନିମନ୍ତେ ଆବଶ୍ୟକ ଅଟେ । ଏହା ପୁଂଜି ନିର୍ମାଣରେ ସହାୟକ ହୋଇଥାଏ ଏବଂ ବହୁତ ପରିମାଣର ନିଯୁକ୍ତିର ସୁଯୋଗ ପ୍ରଦାନ କରିଥାଏ । ଏହା ବେଶ ସନ୍ତୁଳିତ କ୍ଷେତ୍ରୀୟ ବିକାଶରେ ବୃଦ୍ଧି କରିବା ତଥା କିଛି ଲୋକଙ୍କ ହାତରେ ଆର୍ଥିକ ଶକ୍ତିର କେନ୍ଦ୍ରକୁ କମ୍ କରିବା କାର୍ଯ୍ୟ କରିଥାଏ ।
- ଏକ ସଫଳ ଉଦ୍ୟୋଗୀର ଆବଶ୍ୟକ ଗୁଣ ହେଲା ଉଦ୍ୟମ କରିବା, ବିସ୍ତୃତ ଜ୍ଞାନ, ଆଶଙ୍କାର ବହନ, ତତ୍ପରତା, ଖୋଲା ବିଚାର ଏବଂ ଦୂରଦର୍ଶୀ ଚିନ୍ତାଧାରା ଏବଂ ପରିସ୍ଥିତିକୁ ଅନୁକୂଳ କରାଇବା ହୋଇଥାଏ । ଉଦ୍ୟମୀ ଆତ୍ମ ବିଶ୍ୱାସୀ ଏବଂ ଭଲ ନେତୃତ୍ୱର ଅଧିକାରୀ ହେବା ଦରକାର ।
- ଉଦ୍ୟମୀର କାର୍ଯ୍ୟରେ ଯୋଜନାର ଜନ୍ମ ନେବା, ନୂତନ ପ୍ରବର୍ତ୍ତନ, ଆଶଙ୍କା ବହନ, ଆବଶ୍ୟକତା ପୁଂଜିର ବ୍ୟବସ୍ଥା ଏବଂ କର୍ମଚାରୀ ନିଯୁକ୍ତି ସମ୍ମିଳିତ ଅଟେ ।
- ନିଜର ଯୋଜନାକୁ ବାସ୍ତବିକତା ପ୍ରଦାନ କରିବାରେ ଉଦ୍ୟମୀକୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସେଗୁଡ଼ିକ ହେଲା ବ୍ୟବସାୟର ଚୟନ, ବ୍ୟବସାୟିକ ଉଦ୍ୟମର ସ୍ୱରୂପର ଚୟନ, ଆର୍ଥିକ ବ୍ୟବସ୍ଥା, ସ୍ଥାନ ନିର୍ଦ୍ଧାରଣ, ଉଦ୍ୟୋଗର ଆକାର ମେସିନ ଏବଂ ଉପକରଣ ଏବଂ ଉପଯୁକ୍ତ ଶ୍ରମଶକ୍ତି ।
- ଆମ ଦେଶରେ ଉଦ୍ୟମିତା ରୋଜଗାର ଏବଂ ବ୍ୟକ୍ତିମାନଙ୍କର ବିକାଶ ନିମନ୍ତେ ଜବରଦସ୍ତ ସୁଯୋଗ ପ୍ରଦାନ କରୁଅଛି । ସରକାର ଯୁବଗୋଷ୍ଠୀର ଉଦ୍ୟମୀମାନଙ୍କ ନିମନ୍ତେ ଅନେକ ସୁଯୋଗ ସୁବିଧା ଏବଂ ପ୍ରୋତ୍ସାହନ ପ୍ରଦାନ କରୁଅଛି । ଏମାନଙ୍କ ମଧ୍ୟରେ ଆଇ.ଡି.ବି.ଆଇ (IDBI), ଏସ୍.ଆଇ.ଡି.ବି.ଆଇ (SIDBI), ଡି.ଆଇ.ସି (DIC), ଆଦି ମାଧ୍ୟମରେ ବିତ୍ତୀୟ ଏବଂ ପେଶାଦାର ସହାୟତା ସମ୍ମିଳିତ ଥାଏ ସରକାରଙ୍କର ପ୍ରଯନ୍ ବିଶେଷତଃ ଉଦାରୀକରଣ ଅବଧି ୧୯୯୦ ପରେ ଉତ୍ତମ ପରିଣାମ ପାଇଛନ୍ତି ଯେଉଁମାନେ ଆମ ଦେଶର କେତେକ ବିଶ୍ୱପ୍ରସିଦ୍ଧ ଉଦ୍ୟମୀଙ୍କୁ ପ୍ରସ୍ତୁତ କରିଅଛି । ଉଦ୍ୟମୀ ମଧ୍ୟ ଏହି ସବୁ ସମସ୍ୟାର ସମ୍ମୁଖୀନ ହୋଇଥାଏ ଯାହା ଅନ୍ୟ ବ୍ୟବସାୟୀ ସଂସ୍ଥାମାନେ ହୋଇଥାନ୍ତି ।
- ଉଦ୍ୟମୀମାନଙ୍କର କୌଶଳକୁ ବିକଶିତ ଏବଂ ସୁଦୃଢ଼ କରିବା ନିମନ୍ତେ ତଥା ବ୍ୟବସାୟ ବିଷୟରେ ସେମାନଙ୍କର ଦୃଷ୍ଟିକୋଣକୁ ବ୍ୟାପକ କରିବା ନିମନ୍ତେ ଇ.ଡି.ଆଇ.ଆଇ (EDII) ଭଳି କେତେକ ସଂଗଠନ ଉଦ୍ୟମଶୀଳତା ବିକାଶ କାର୍ଯ୍ୟକ୍ରମ ଚଳାଇଛନ୍ତି ।

## ୯.୧୦ ମୁଖ୍ୟଶବ୍ଦ

| | |
|---|---|
| ଉଦ୍ୟମୀ | ନୂତନ ପ୍ରବର୍ତ୍ତକ |
| ଉଦ୍ୟମିତା | ମୂଳପୁଂଜି |
| ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ | ଉଦ୍ୟୋଗ ପୁଂଜି |

## ୯.୧୧ ପାଠାନ୍ତ ପ୍ରଶ୍ନାବଳୀ

**ଅତିକ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ**

୧. ଉଦ୍ୟମୀ କାହାକୁ କହନ୍ତି ?

୨. ଏକ ସଫଳ ଉଦ୍ୟମୀ ହେବା ନିମନ୍ତେ ବ୍ୟକ୍ତିଠାରେ ଆବଶ୍ୟକୀୟ ଚାରୋଟି ଗୁଣ ବର୍ଣ୍ଣନାକର ।

୩. ଏପରି କୌଣସି ଦୁଇଟି ସଂସ୍ଥାର ନାମ ଲେଖ, ଯିଏ ଆମ ଦେଶରେ ଉଦ୍ୟମିତାକୁ ବୃଦ୍ଧି କରିବାରେ ଉତ୍ସାହିତ କରୁଅଛି ।

୪. ଉଦ୍ୟମୀ ଏବଂ ଉଦ୍ୟମିତା ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୫. ଉଦ୍ୟମିତାର ଅର୍ଥ କ'ଣ ?

**କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ**

୬. ଉଦ୍ୟମୀମାନଙ୍କର କୌଣସି ତିନିଗୋଟି ଭୂମିକା ବିଷୟରେ ବୁଝାଅ ।

୭. ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କ'ଣ ?

୮. କୌଣସି ଦେଶର ଅର୍ଥ ବ୍ୟବସ୍ଥାର ବିକାଶରେ ଉଦ୍ୟମିତାର ମହତ୍ତ୍ୱ ବର୍ଣ୍ଣନା କର ।

୯. ବ୍ୟବସାୟର ଚୟନ ଏବଂ ବ୍ୟବସାୟିକ ଉଦ୍ୟମର ସ୍ୱରୂପ ଚୟନରେ ଉଦ୍ୟମୀ କେଉଁ କେଉଁ ସମସ୍ୟାର ସମ୍ମୁଖୀନ ହୁଏ ?

୧୦. ଭାରତରେ ଉଦ୍ୟମିତା ପ୍ରଥାର ରୂପରେଖକୁ ସଂକ୍ଷେପରେ ବର୍ଣ୍ଣନା କର ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

୧୧. ବିଭିନ୍ନ ପ୍ରକାର ଉଦ୍ୟମିତାକୁ ବୁଝାଅ ।

୧୨. ଏକ ସଫଳ ଉଦ୍ୟମୀ ହେବା ନିମନ୍ତେ ବ୍ୟକ୍ତିଭିତରେ ଥିବା କୌଣସି ପାଞ୍ଚଟି ଗୁଣର ବର୍ଣ୍ଣନା କର ।

୧୩. ବ୍ୟବସାୟ ଯୋଜନାର ଜନ୍ମନେବା ପରେ ଉଦ୍ୟମିତା ଦ୍ୱାରା କରାଯାଇଥିବା ପ୍ରମୁଖ କାର୍ଯ୍ୟଗୁଡ଼ିକ କ'ଣ କ'ଣ ଲେଖ ?

୧୪. ଜଣେ ବ୍ୟକ୍ତି ପାଖରେ ପର୍ଯ୍ୟାପ୍ତ ଧନ ଥିଲେ ସେ ଜଣେ ସଫଳ ଉଦ୍ୟମୀ ହୋଇପାରିବ । ତୁମେ ଏହି କଥାରେ ସହମତ କି ? ଏହାର କାରଣ ଦର୍ଶାଅ ।

୧୫. ଜୟ ଏକ ବୁଣାକାର ପରିବାରର ଅଟେ ଯିଏ ନିଜର ହସ୍ତତନ୍ତରେ ଛୋଟ ପରିମାଣର କାର୍ଯ୍ୟ କରିଥାଏ । ସେ ଏହି ପାରିବାରିକ ବ୍ୟବସାୟକୁ ବିଶ୍ୱବ୍ୟାପକ କରିବାର ସ୍ୱପ୍ନ ଦେଖୁଅଛି । ଏହି କ୍ଷେତ୍ରରେ ଏକ ବ୍ୟବସାୟିକ ଉଦ୍ୟମର ଆରମ୍ଭ କରିବା ନିମନ୍ତେ ଏବଂ ସ୍ଥାପନା କରିବାପାଇଁ ତାଙ୍କୁ କେଉଁ ତତ୍ତ୍ୱ ଉପରେ ଧ୍ୟାନ ଦେବା ଦରକାର ।

## ୯.୧୨ ପାଠଗତ ପ୍ରଶ୍ନାବଳୀର ଉତ୍ତର

୯.(କ)

୧. କ) ବ୍ୟବସାୟର ସୁଯୋଗକୁ ଚିହ୍ନିବା, ଏକ ନୂଆ ବ୍ୟବସାୟର ପ୍ରବର୍ତ୍ତନ ନିମନ୍ତେ ପଦକ୍ଷେପ ନେବା ତଥା ମାଲ, ବ୍ୟକ୍ତି ଏବଂ ଧନ ରୂପରେ ସଂସାଧନକୁ ସଂଗ୍ରହ କରେ ଯାହାଦ୍ୱାରା ବ୍ୟବସାୟିକ ଉଦ୍ୟୋଗକୁ ସଫଳ କରାଯାଇପାରେ ।

ଖ)(୧) ସଂଗଠନ କର୍ତ୍ତା, (୨) ନୂତନ ପ୍ରବର୍ତ୍ତନ, (୩) ଆଶଙ୍କା ବହନ କାରୀ

୨. କ) ଲୋକମାନଙ୍କର ସଞ୍ଚୟ ଏବଂ ନିବେଶକୁ ଏକତ୍ରୀତ କରି ପୁଂଜି ନିର୍ମାଣ କରିବାରେ ସହାୟତା କରିଥାଏ

ଖ) ରୋଜଗାରର ବହୁଳ ପରିମାଣର ସୁଯୋଗ ସୃଷ୍ଟି କରିଥାଏ ଏବଂ ବ୍ୟକ୍ତିମାନଙ୍କର କ୍ରୟଶକ୍ତି ପଢ଼ାଇଥାଏ

ଗ) ଦେଶର ସନ୍ତୁଳିତ କ୍ଷେତ୍ରର ବିକାଶକୁ ଉତ୍ସାହିତ କରିଥାଏ ।

ଘ) ଆର୍ଥିକଶକ୍ତିର ବିକେନ୍ଦ୍ରୀକରଣ କରିଥାଏ ।

୨(ଖ)

୧. କ) ଅନୁକୂଳନଶୀଳତା, (ଖ) କଠିନ ପରିଶ୍ରମ, (ଗ) ଆଶଙ୍କାବହନରେ ତତ୍ପରତା, (ଘ) ଉଦ୍ୟମ କରିବା

୨. କ) ଯୋଜନାର ଜନ୍ମ, (ଖ) ନୂତନ ପ୍ରବର୍ତ୍ତନ, (ଗ) ନିଯୁକ୍ତି କରଣ

**୨(ଗ)**

୧. କ) ବିଭିନ୍ନ ଉତ୍ସରୁ ଅର୍ଥର ପ୍ରବନ୍ଧନର ସମସ୍ୟା । ତାହାଙ୍କୁ ସ୍ଥାୟୀ ସମ୍ପତ୍ତିର କ୍ରୟ ଏବଂ ଦୈନନ୍ଦିନ ଖର୍ଚ୍ଚର ଆବଶ୍ୟକ ପୁଂଜି ନିମନ୍ତେ ଲକ୍ଷ୍ୟ ଦେବା ଦରକାର । ସେ ବିଭିନ୍ନ ଆର୍ଥିକ ସଂସ୍ଥାରୁ ଅର୍ଥର ପ୍ରବନ୍ଧ କରିପାରିବେ ।

ଖ) ଉଦ୍ୟମୀକୁ ନିର୍ଣ୍ଣୟ ନେବାକୁ ହେବ ଯେ ବ୍ୟବସାୟକୁ କେଉଁ ସ୍ଥାନରେ ସ୍ଥାପନା କରିବ । ବ୍ୟବସାୟ ନିମନ୍ତେ ଉପଯୁକ୍ତ ସ୍ଥାନ ନିର୍ଣ୍ଣୟ କରିବା ସମୟରେ ତାଙ୍କୁ କଞ୍ଚାମାଲର ଉପଲବ୍ଧତା ସରକାର ଦ୍ୱାରା ଦିଆଯାଇଥିବା ପ୍ରୋତ୍ସାହନ ଏବଂ ପ୍ରେରଣା ପରି ବିଷୟକୁ ଧ୍ୟାନ ଦେବା ଉଚିତ ।

ଗ) ମେସିନ୍ ଏବଂ ଉପକରଣକୁ ପସନ୍ଦ କରିବା ସମୟରେ ପୁଂଜିର ଉପଲବ୍ଧତା, ଉତ୍ପାଦନ ପ୍ରକ୍ରିୟାର ପ୍ରକୃତି, ବିକ୍ରିପରେ ପରସେବା ଆଦି ବିଷୟକୁ ଧ୍ୟାନ ଦେବା ଦରକାର ।

ଘ) ବିଭିନ୍ନ କାର୍ଯ୍ୟ କ୍ଷେତ୍ରରେ କାର୍ଯ୍ୟ କରିବା ଯୋଗ୍ୟ ଠିକ୍ ବ୍ୟକ୍ତିର ଚୟନ କରିବା ତଥା ତାଙ୍କୁ ଉଦ୍ୟମର କାମ କରିବା ନିମନ୍ତେ ଅଭିପ୍ରେରିତ କରିବା ଦରକାର ।

୨. କ) (୧) ଗ୍ରାମୀଣ ଉଦ୍ୟମୀ,

(୨) ସହରୀ ଉଦ୍ୟମୀ

ଖ) (୧) ପୁରୁଷ ଉଦ୍ୟମୀ,

(୨) ମହିଳା ଉଦ୍ୟମୀ

୯(ଘ)

୧. କ) ପୁଁଜି ସହାୟତା, ଟେକ୍‌ନିକ୍ ଜ୍ଞାନ, ବିପଣନ, ସୁବିଦା ସୁଯୋଗ, ଔଦ୍ୟୋଗିକ ସଂରକ୍ଷଣ ଉପଲବ୍‌ଧ କରାଇବା

ଖ) ମାଲ, ପୁଁଜି ଏବଂ ବିଜୁଳିଶକ୍ତିର ଅଭାବ, ଗୁଣବତା ଏବଂ ନିୟନ୍ତ୍ରଣର ଅଭାବ, ଅପର୍ଯ୍ୟାପ୍ତ ବିପଣନ ସୁବିଧା, ପ୍ରଶିକ୍ଷଣ ସୁବିଧାର ଅଭାବ ।

୨. କ) ଉଦ୍ୟମିତାର ଗୁଣର ବିକାଶ ଏବଂ ଏହାକୁ ସୁଦୃଢ଼ କରିବା

ଖ) ଉପଯୁକ୍ତ ଉତ୍ପାଦର ଚୟନ ତଥା ସିଦ୍ଧାନ୍ତ ସୃଷ୍ଟିକାରୀ (formulate) ଯୋଗ୍ୟ ବିଭିନ୍ନ ପରିଯୋଜନାର ପ୍ରସ୍ତୁତି କରିବା ।

ଗ) ଏକ ଛୋଟ ଉଦ୍ୟମର ସ୍ଥାପନା ଏବଂ ପରିଚାଳନାର ପ୍ରକ୍ରିୟା ଏବଂ କାର୍ଯ୍ୟ ପ୍ରଣାଳୀ ସହିତ ପରିଚିତ କରାଇବା

ଘ) ବ୍ୟାବସାୟିକ ଆଶଙ୍କାର ପ୍ରତିଯୋଗିତାକୁ ସମ୍ମୁଖୀନ ହେବା ନିମନ୍ତେ ଉଦ୍ୟମୀଙ୍କୁ ପ୍ରଶିକ୍ଷିତ ଏବଂ ପ୍ରସ୍ତୁତ କରିବାକୁ ପଡ଼ିଥାଏ ।

## ସମ୍ପାଦନ କର ଏବଂ ଶିଖ

ନିଜର କ୍ଷେତ୍ରରେ କୌଣସି ତିନିଜଣ ଉଦ୍ୟମୀଙ୍କର ତାଲିକା କର ତଥା ନିମ୍ନଲିଖିତଗୁଡ଼ିକର ନିର୍ଦ୍ଧାରଣ କର ।

୧. ନାମ ଏବଂ ଶୈଳୀ ଯେଉଁଥିରେ ଉଦ୍ୟମୀ ଜଣାଯାଏ

୨. ନିର୍ମିତ ଏବଂ ଉପଲବ୍‌ଧ କରାଯାଇଥିବା ବସ୍ତୁ ଏବଂ ସେବାର ପ୍ରକୃତି

୩. ବ୍ୟବସାୟର ପରିମାଣ

୪. କେଉଁ ଆର୍ଥିକ ସହାୟତା ନେଇଛନ୍ତି କି ?

୫. ଉଦ୍ୟମରେ କେତେ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ?

୬. ସଂଗଠନ କେତେ ପୁରୁଣା ଅଟେ ?


୭. ପ୍ରାରମ୍ଭିକ ନିବେଶ କେତେ ଥିଲା ଏବଂ ପରିସମ୍ପତ୍ତିର ବର୍ତ୍ତମାନର ମୂଲ୍ୟ କେତେ ?

୮. ଅନ୍ୟ କୌଣସି ଉପଯୋଗୀ ସୂଚନା ଯେଉଁଥିରେ ଉପଯୋଗୀ କହିହେବ ।

## ଅଭିନୟନ

ସୌରଭ ଏବଂ ଗୌରବ ଦୁଇଜଣ ଭଲ ବନ୍ଧୁ । ସୌରଭର ବାପା ଖୁଚୁରା ବ୍ୟାପାରୀ ଏବଂ ଗୌରବର ବାପା ବ୍ୟାଙ୍କରେ କାମ କରନ୍ତି । ଦୁଇବନ୍ଧୁ ଆଲୋଚନା କରୁଥିଲେ ଯେ ସେମାନେ କ'ଣ ହେବାକୁ ଚାହୁଁଛନ୍ତି ।

ସୌରଭ- ମୁଁ ଜାଣିଛି ଯେ ତୁମେ ତୁମ ପିତାଙ୍କ ପରି ଭଲ ପାଠ ପଢ଼ିବ ଏବଂ ତୁମକୁ ଭଲ ଚାକିରୀ ମିଳିଯିବ ?





ଗୌରବ- ହଁ, ମୁଁ ଭଲ ଚାକିରୀ କରିବାକୁ ଚାହୁଁଛି ଏବଂ ତୁମେ କ'ଣ କରିବାକୁ ଚାହୁଁଛ ?

ସୌରଭ- ମୁଁ, ମୁଁ ମଧ୍ୟ ମୋ ବାପାଙ୍କ ଭଳି ବଜାରରେ ଗୋଟେ ଛୋଟ ଦୋକାନ ନେଇ ଜୀବିକା ଉପାର୍ଜନ କରିବି

ଗୌରବ- ତେବେ, ତୁମେ ବ୍ୟବସାୟୀ ହେବ, ନିଜର ଉତ୍ପାଦକୁ ବିକ୍ରି କରି ଲାଭ ପାଇବ । ସେ ରୋଜଗାର ଖରାପ କାମ ନୁହେଁ କିନ୍ତୁ ତୁମେ ଏଥିରେ କିଛି ପରିବର୍ତ୍ତନ କରିବା ଦରକାର ଏବଂ ଏହାର ବିସ୍ତାର କରିବା ଦରକାର ଯେଉଁଥିରେ କି ତୁମେ ଏକ ବଡ଼ ବ୍ୟବସାୟୀ ହୋଇପାରିବ ।

ସୌରଭ- ଏପରି ଲାଗିବାତ ବହୁତ ଭଲ କଥା କିନ୍ତୁ ମୋତେ ଜଣାନାହିଁ ଏପରି କିପରି କରିବା ?

ଗୌରବ- ଚିନ୍ତା କରନାହିଁ । ଆମେ ଦୁଇଜଣ ମୋ ବାପାଙ୍କ ପାଖକୁ ଯିବା ତଥା ଏ ବିଷୟରେ ପଚାରିବା ।

ସୌରଭ- ହଉ, ଆସ ଯିବା ।

(ଗୌରବର ବାପା ଉଦ୍ୟମୀଙ୍କ କାର୍ଯ୍ୟ ତଥା ଏହା ସମ୍ମୁଖରେ ଆସୁଥିବା ସମସ୍ୟାଗୁଡ଼ିକ/ପ୍ରତିଯୋଗିତାକୁ ବୁଝାଇଛନ୍ତି)

ଉପଯୁକ୍ତ କଥାବାର୍ତ୍ତାକୁ ପଢ଼ିକରି ତୁମେ ଜଣେ ବାପାର ଭୂମିକା କାର୍ଯ୍ୟକର ଏବଂ କଥାବାର୍ତ୍ତାକୁ ଜାରି ରଖ । ନିଜ ସହିତ ଦୁଇମିତ୍ର ଗୌରବ ଏବଂ ସୌରଭଙ୍କର କଥାବାର୍ତ୍ତାରେ ସାମିଲ ହୁଅ ।

## ଅଧ୍ୟାୟ ଉପରେ ଏକ ଦୃଷ୍ଟିପାତ

୯.୧ ଉଦ୍ୟମିତାର ଅର୍ଥ

୯ ୨. ଉଦ୍ୟମିତାର ମହତ୍ତ୍ୱ

୯.୩ ସଫଳ ଉଦ୍ୟମୀଙ୍କ ଗୁଣ

୯.୪ ଉଦ୍ୟମୀଙ୍କ କାର୍ଯ୍ୟ

୯.୫ ଉଦ୍ୟମୀ ଏବଂ ପ୍ରବର୍ତ୍ତକରେ ପାର୍ଥକ୍ୟ

୯.୬ ଉଦ୍ୟମୀଙ୍କର ସମସ୍ୟା

୯.୭ ଭାରତରେ ଉଦ୍ୟମିତା

୯.୮ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ

ଟିପ୍ପଣୀ

# ୧୦

# ପରିଚାଳନାର ମୂଳାଧାର

ଆସ ଜଣେ ଗୃହିଣୀର ଉଦାହରଣ ନେବା । ଘରର ସମସ୍ତ କାର୍ଯ୍ୟର ପରିଚାଳନ ସେ କରିଥାନ୍ତି । ସେ ସେଥିପାଇଁ ବହୁତଗୁଡ଼ିଏ ନିଷ୍ପତ୍ତି ନେଇଥାଏ, ଯେପରି ଘରର ସୁସଜ୍ଜା ନିମନ୍ତେ କି ପ୍ରକାର ଆସବାବପତ୍ର, ପରଦା, ଚାଦର, ସୋଫା କଭର, ରୋଷେଇ ଉପକରଣ (କ୍ରୋକେରୀ) ବାସନକୁସନ, ଇତ୍ୟାଦିର ପ୍ରୟୋଗ କରାଯିବ, କି ପ୍ରକାର ଭୋଜନ ପରିବାର ନିମନ୍ତେ ରୋଷେଇ ହେବ, ଜଳଖିଆ ଦ୍ୱିପହର ଏବଂ ରାତ୍ରି ଭୋଜନର ସମୟ ନିର୍ଦ୍ଧାରଣ, ଗୃହକାର୍ଯ୍ୟ ନିମନ୍ତେ ଆଂଶିକ କିମ୍ବା ପୂରା ସମୟ ଚାକର ନିଯୁକ୍ତି କରିବା ଏବଂ ଭୋଜନ ନିମନ୍ତେ ଆବଶ୍ୟକ ସାମଗ୍ରୀ ବ୍ୟବସ୍ଥା କରିବା । ଖାଲି ସେତିକିନୁହେଁ ଏହିପରି ଆଉ କିଛି କାର୍ଯ୍ୟ ପରିବାର ସଦସ୍ୟଙ୍କ ମଧ୍ୟରେ ବାଣ୍ଟିଦେଇଥାନ୍ତି, ଯାହାଫଳରେ ସହଜରେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରାଯାଇପାରେ । ଉଦାହରଣ ସ୍ୱରୂପ ପତିଙ୍କଦ୍ୱାରା ପିଲାଙ୍କୁ ସ୍କୁଲ ପଠାଇବାର କାର୍ଯ୍ୟ, ବଡ଼ ପିଲାଙ୍କ ଦ୍ୱାରା ଠିକ୍‌ରେ ଏବଂ ସଫାକରି ବିଛଣା ବିଛେଇବାର କାର୍ଯ୍ୟ, ଚାକରାଣୀ ହାତରେ ବାସନ ଧୋଇବାର କାର୍ଯ୍ୟ ଇତ୍ୟାଦି । ଗୃହିଣୀ ଏହି କାର୍ଯ୍ୟକୁ ନିଜ ଢଙ୍ଗରେ, ନିଜର ବୁଦ୍ଧିମତା ଆଗ୍ରହ, ପ୍ରତିବଦ୍ଧତା ଏବଂ ସଂସାଧନ ଅନୁସାରେ କରିଥାନ୍ତି ।

ସେହିପରି ଜଣେ ସ୍କୁଲ ଶିକ୍ଷକଙ୍କର ଉଦାହରଣ ନେବା ଯାହାଙ୍କ ଉପରେ ଛାତ୍ରମାନଙ୍କୁ ପିକ୍‌ନିକ ନେଇଯିବାର କାର୍ଯ୍ୟ ଦିଆଯାଇଛି । ଶିକ୍ଷକଙ୍କୁ ଏହି ବିଷୟରେ ବହୁତଗୁଡ଼ିଏ ନିଷ୍ପତ୍ତି ନେବାକୁ ପଡ଼ିଥାଏ ଯେପରିକି ପିକ୍‌ନିକ୍ ନିମନ୍ତେ କେଉଁଠିକୁ ଯିବା, କେବେ ଯିବା, କେତେ ଛାତ୍ର ଏବଂ କେତେ ଶିକ୍ଷକ ନେଇକରି ଯିବେ, କେତେ ପଇସା ନେଇକରି ଯିବେ, କେଉଁ ଉତ୍ସରୁ ପଇସାର ବ୍ୟବସ୍ଥା କରାଯିବ, କେତେ ସମୟ ଭିତରେ ପିକ୍‌ନିକ୍‌ରୁ ଫେରି ଆସିବାକୁ ହେବ, ଛାତ୍ରମାନଙ୍କୁ ସେମାନଙ୍କ ଘରଠାରୁ ପିକ୍‌ନିକ୍ ସ୍ଥଳ ପର୍ଯ୍ୟନ୍ତ କିପରି ନିଆଯିବ ଏବଂ ଛଡ଼ାଯିବ । ଏହାପରେ ସେ ନିଜର ସହାୟତା ନିମନ୍ତେ ଅନ୍ୟ ବ୍ୟକ୍ତିଙ୍କୁ ଦାୟିତ୍ୱ ଦେଇଥାନ୍ତି । ଉଦାହରଣ ସ୍ୱରୂପ ପିକ୍‌ନିକ୍ ନିମନ୍ତେ ବସ ବ୍ୟବସ୍ଥା କରିବା କାର୍ଯ୍ୟ, ଛାତ୍ରମାନଙ୍କଠାରୁ ପଇସା ଆଦାୟ କରି ଏକତ୍ରୀତ କରିବା କାର୍ଯ୍ୟ, ପିକ୍‌ନିକ ନିମନ୍ତେ ଖାଇବା ପିଇବା ବ୍ୟବସ୍ଥା କରିବାର କାର୍ଯ୍ୟ, ଭିନ୍ନ-ଭିନ୍ନ ଶିକ୍ଷକ ଏବଂ ଛାତ୍ରଙ୍କୁ ବଣ୍ଟା ଯାଇପାରେ । ଏହି ପରି ଏହି କାର୍ଯ୍ୟ ଯେତେବେଳେ କୌଣସି ଅନ୍ୟ ଶିକ୍ଷକଙ୍କୁ ଦିଆଯାଏ ସେତେବେଳେ ସେ ନିଜର କ୍ଷମତା ଏବଂ ଆଗ୍ରହ ଅନୁସାରେ ଭିନ୍ନ ଢଙ୍ଗରେ ସେହି କାର୍ଯ୍ୟକୁ ସମ୍ପାଦନ କରିଥାନ୍ତି ।

ଆସ ଆଉ ଏକ ଉଦାହରଣ ନେବା । ତୁମ ଅଞ୍ଚଳରେ ଅନେକ ତେଜରାତି ଦୋକାନ ଥିବ । ତା ମଧ୍ୟରୁ ଏପରି ଦୁଇଟି ଦୋକାନକୁ ବାଛିବା, ଯାହା ବ୍ୟକ୍ତିଦ୍ୱାରା ଏକକ ମାଲିକାନାରେ ଚଳାଯାଉଛି । ତୁମେ ଦେଖିବ ସେ ଦୁଇଜଣ ଅନେକ ଗୁଡ଼ିଏ କାମ କରନ୍ତି ଯେପରିକି ଉତ୍ପାଦକ/ବ୍ୟାପାରୀ ଠାରୁ ଜିନିଷ ଖରୀଦ କରିବା, ତାକୁ ଉପଭୋକ୍ତାମାନଙ୍କୁ ବିକ୍ରି କରିବା, ଏହି ନେଣ-ଦେଣର ହିସାବ ରଖିବା, କର ପୈଠ କରିବା, କର୍ମଚାରୀଙ୍କର ପର୍ଯ୍ୟବେକ୍ଷଣ ଏବଂ ବିକ୍ରି ବୃଦ୍ଧି ନିମନ୍ତେ ପ୍ରୟାସ ଜାରି ରଖିବା ଇତ୍ୟାଦି ।

ଏହି ଦୁଇଜଣ ଦୋକାନୀ ଏହି କାର୍ଯ୍ୟକୁ କିପରି କରିବେ ତାହା ସେମାନଙ୍କ କ୍ଷମତା ଏବଂ ଅନ୍ୟ କାରକ ଉପରେ ଯେପରି ଭଣ୍ଡାରଘରର ସ୍ଥିତି, ତାଙ୍କର ସହାୟକର କ୍ଷମତା ଇତ୍ୟାଦି ଉପରେ ମଧ୍ୟ ନିର୍ଭର କରିଥାଏ ।

ଏହିସବୁ ଉଦାହରଣକୁ ବିଶ୍ଳେଷଣ କରିବା ପରେ ଆମ ପାଇବା ଯେ ସମସ୍ତଙ୍କଠାରେ, ସେ ଗୃହିଣୀ ହୋଇଥାଉ, ଅବା ସ୍କୁଲ ଶିକ୍ଷକ ବା ତେଜରାତି ଦୋକାନୀ ଗୋଟିଏ ଲକ୍ଷଣ ସମାନ ରହିଛି, ଯେ ସେମାନେ ସମସ୍ତେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟର ପରିଚାଳନରେ ଲାଗିଛନ୍ତି ଯେପରିକି ଗୃହକାର୍ଯ୍ୟ, ସ୍କୁଲର ପିକ୍‌ନିକ୍ ବ୍ୟବସ୍ଥା ଏବଂ ବ୍ୟବସାୟ ଆଦି । ତେଣୁ ପ୍ରତ୍ୟେକ ସ୍ଥାନରେ ପରିଚାଳନ ରହିଛି । ପ୍ରତ୍ୟେକ ଗୃହିଣୀ ନିଜର ଗୃହକାର୍ଯ୍ୟ କରିଥାନ୍ତି, ପ୍ରତି ପେଶାଦାର ବ୍ୟକ୍ତି ନିଜର ପେଶାର ପ୍ରବନ୍ଧ କରିଥାନ୍ତି ଏବଂ ପ୍ରତି ବ୍ୟବସାୟୀ ନିଜର ବ୍ୟବସାୟର ପରିଚାଳନ କରିଥାନ୍ତି । ଏହି ପାଠରେ ତୁମେ ବ୍ୟବସାୟର ପରିଚାଳନ ଏବଂ ଏହାର ବିଶେଷତ୍ୱ, ପ୍ରକୃତି, ମହତ୍ତ୍ୱ, କାର୍ଯ୍ୟ ଏବଂ ସାଧାରଣ ସିଦ୍ଧାନ୍ତ ବିଷୟରେ ପଢ଼ିବା, ଯାହା ପରିଚାଳନ ପ୍ରକ୍ରିୟାରେ ଜଣେ ପରିଚାଳକକୁ ଦିଗ-ନିର୍ଦ୍ଦେଶ ପ୍ରଦାନ କରିଥାଏ ।

## ଉଦ୍ଦେଶ୍ୟ

ଏହି ପାଠଟିକୁ ପଢ଼ିବା ପରେ ତୁମେ-

- ପରିଚାଳନର ଅର୍ଥକୁ ବୁଝିପାରିବ;
- ପରିଚାଳନର ବିଶେଷତ୍ୱ ବର୍ଣ୍ଣନା କରିପାରିବ;
- ପରିଚାଳନର ମହତ୍ତ୍ୱକୁ ବୁଝିପାରିବ;
- ପରିଚାଳନ ଏକ କ୍ରିୟା, ପ୍ରକ୍ରିୟା, ପେଶା ଏବଂ ଶାସ୍ତ୍ର ରୂପରେ ବର୍ଣ୍ଣନା କରିପାରିବ;
- ପରିଚାଳନର ବିଭିନ୍ନ ସ୍ତରକୁ ଜାଣିପାରିବ ।
- ପରିଚାଳନର କାର୍ଯ୍ୟାବଳୀ ବର୍ଣ୍ଣନା କରିପାରିବ ଏବଂ
- ପରିଚାଳନର ସିଦ୍ଧାନ୍ତକୁ ବୁଝିପାରିବ ।

## ୧୦.୧ ପରିଚାଳନର ଅର୍ଥ

ଏକ ବ୍ୟାବସାୟିକ ଉଦ୍ୟୋଗର ଉଦାହରଣ ନିଆଯାଉ, ତାହା ଏକ ଶିଳ୍ପ ସଂସ୍ଥା ବା ବ୍ୟାପାରିକ ସଂଗଠନ ହୋଇପାର । ଉଭୟଟି କ୍ଷେତ୍ରରେ ବ୍ୟବସାୟ ଆରମ୍ଭ କରିବା ନିମନ୍ତେ କିଛି ମୂଳଧନ, କିଛି କଞ୍ଚାମାଲ୍, କିଛି ମେସିନ୍ ଏବଂ କିଛି ଲୋକଙ୍କର ଆବଶ୍ୟକତା ହୋଇଥାଏ । ଏଗୁଡ଼ିକ ସବୁ ବ୍ୟାବସାୟିକ ସାଧନ ଅଟେ ଯାହାର ଫଳ ସ୍ୱରୂପ ବସ୍ତୁ ଏବଂ ସେବା ଉପଲବ୍ଧ ହୋଇଥାଏ । କିନ୍ତୁ ଏକା ଧନ, କଞ୍ଚାମାଲ, ମେସିନ୍, ମନୁଷ୍ୟ ଏବଂ ପ୍ରକ୍ରିୟା ହୋଇ ମଧ୍ୟ ଭିନ୍ନ-ଭିନ୍ନ ସଂଗଠନର ଉତ୍ପାଦନ ଅଲଗା ଅଲଗା ହୋଇଥାଏ । ଉଦାହରଣ ସ୍ୱରୂପ ମୂଳଧନ, କଞ୍ଚାମାଲ, ମେସିନ୍ ଏବଂ ମନୁଷ୍ୟ ସାହାଯ୍ୟରେ ତୁମେ ଏବଂ ରମେଶ ଅଲଗା ଅଲଗା ବ୍ୟବସାୟ କରୁଅଛ । ତୁମ ଦୁହିଁଙ୍କର ଉତ୍ପାଦନ ଏକା ହେବାର ସମ୍ଭାବନା ବହୁତ କମ୍ ଅଟେ । ହୋଇପାରେ ଯେ ତୁମେ ତୁମ ନିଜ କାମରେ ରମେଶଠାରୁ ଅଧିକ ସଫଳ ହୋଇଛ । ଏହାର କାରଣ ହେଉଛି, ସାଧନ କେବଳ ଉତ୍ପାଦନର ପରିଣତି ହୋଇନଥାଏ । ଏଥିପାଇଁ ବହୁତ ଗୁଡ଼ିଏ କାର୍ଯ୍ୟକଳାପ ଆବଶ୍ୟକ ହୁଏ, ଯାହା ଠିକ୍ ଭାବରେ ନିର୍ଦ୍ଦେଶିତ ଏବଂ ସମନ୍ୱିତ ହେବା ଆବଶ୍ୟକ ଅଟେ ।



ଟିପ୍ପଣୀ

ତା'ହେଲେ ସାଧନ ଆମକୁ ଭଲ ଫଳ ଦେଇପାରିବ । ବିଭିନ୍ନ ସାଧନର ସର୍ବୋତ୍ତମ ପ୍ରକାରରେ ପ୍ରୟୋଗ କରି ଉତ୍ତମ ଉତ୍ପାଦନ କରି ପାରିବା ହେଉଛି "ପରିଚାଳନ ବା ମ୍ୟାନେଜ୍‌ମେଣ୍ଟ୍" । ଏଥିରେ ସଫଳତା ପାଇବା ଏହା ଉପରେ ନିର୍ଭର କରେ କି ସଂସାଧନର କେତେ ପରିମାଣରେ ଉତ୍ତମ ପରିଚାଳନ କରାଗଲା । ତେଣୁ ପରିଚାଳନର ଉଦ୍ଦେଶ୍ୟ ହେଉଛି ମନୁଷ୍ୟ, ଧନ, ମେସିନ୍ ଏବଂ ମାଲର ଉଚିତ ନିର୍ଦ୍ଦେଶନା ଏବଂ ସମନ୍ୱୟ କରି ଇଚ୍ଛା କରୁଥିବା ଉଦ୍ଦେଶ୍ୟ ଏବଂ ପରିଣାମ ଏବଂ ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟକୁ ପ୍ରାପ୍ତ କରିବା । ଅନ୍ୟ ଭାଷାରେ ପରିଚାଳନର ଅଭିପ୍ରାୟ ହେଉଛି ବିଭିନ୍ନ କ୍ରିୟାର ନିର୍ବାହ ଯେପରି ନିୟୋଜନ, ସଂଗଠନ, ନିଯୁକ୍ତିକରଣ, ନିର୍ଦ୍ଦେଶନ ଏବଂ ନିୟନ୍ତ୍ରଣ ।

## ୧୦.୨ ପରିଚାଳନର ବିଶେଷତ୍ୱ

ପରିଚାଳନର ବିଶେଷତ୍ୱ ନିମ୍ନ ପ୍ରକାର ଅଟେ

୧. **ପରିଚାଳନ ସର୍ବବ୍ୟାପୀ-** ଏହାର ଅର୍ଥ ପ୍ରତ୍ୟେକ ସଂଗଠନ ପାଇଁ ପରିଚାଳନର ଆବଶ୍ୟକତା ରହିଛି । ଏହା ବ୍ୟାବସାୟିକ ହେଉ ବା ସାମାଜିକ ଅଥବା ରାଜନୈତିକ । ଏହା ଛୋଟ ହେଉ ବା ବଡ଼ ସବୁଠାରେ ପରିଚାଳନର ଆବଶ୍ୟକତା ରହିଛି । ପରିଚାଳନର ଆବଶ୍ୟକତା ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଡାକ୍ତରଖାନା, ବଡ଼ ସଂଗଠନ ଯେପରି ରିଲାଏନ୍‌ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ କିମ୍ବା ତୁମ ଅଞ୍ଚଳର ଛୋଟ ତେଜରାତି ଦୋକାନ ସବୁ ପ୍ରକାର ସଂଗଠନ ପାଇଁ ଜରୁରୀ । ଅତଏବ ଏହା ଏକ ସାର୍ବଜନୀନ କ୍ରିୟା ଅଟେ ଯାହାକି ସମସ୍ତ ସଂଗଠନରେ ସମାନ ଆବଶ୍ୟକ ତତ୍ତ୍ୱ ରୂପେ ଥାଏ ।

୨. **ପରିଚାଳନ ଲକ୍ଷ୍ୟାଭିମୁଖୀ -** ପ୍ରତ୍ୟେକ ସଂଗଠନର ସ୍ଥାପନା କିଛି ଉଦ୍ଦେଶ୍ୟ ପ୍ରାପ୍ତି ନିମନ୍ତେ କରାଯାଇଥାଏ । ଉଦାହରଣ ସ୍ୱରୂପ ଏକ ବ୍ୟାବସାୟିକ ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ଅଧିକତ୍ତମ ଲାଭ ଉପାର୍ଜନ/ଏବଂ ଉତ୍ତମ ସ୍ତରର ବସ୍ତୁ ଉତ୍ପାଦନ କିମ୍ବା ସେବାର ଯୋଗାଣ ହୋଇପାରେ । ସଂଗଠନର ପରିଚାଳନ ସର୍ବଦା ସଂଗଠନର ଉଦ୍ଦେଶ୍ୟ ପ୍ରାପ୍ତି ଉପରେ ଲକ୍ଷ୍ୟ ରଖିଥାଏ । ପରିଚାଳନର ସଫଳତା ଏହି ଉଦ୍ଦେଶ୍ୟର ପ୍ରାପ୍ତିରେ ହିଁ ସ୍ଥିର କରାଯାଇଥାଏ ।

୩. **ପରିଚାଳନ ନିରବଚ୍ଛିନ୍ନ ପ୍ରକ୍ରିୟା -** ପରିଚାଳନ ଏକ ନିରନ୍ତର ପ୍ରକ୍ରିୟା, ଏହା ସର୍ବଦା ଚାଲିଥାଏ । ଯେପର୍ଯ୍ୟନ୍ତ ସଂଗଠନ ରହିଥାଏ ପରିଚାଳନର ପ୍ରକ୍ରିୟା ଅବିରତ ଭାବରେ ଚାଲିରହିଥାଏ । ପରିଚାଳନ ବିନା ସଂଗଠନର କୌଣସି କାର୍ଯ୍ୟ ହୋଇପାରେନାହିଁ । ଉତ୍ପାଦନ, ବିକ୍ରି, ସଂଗ୍ରହଣ, ଇତ୍ୟାଦି ପ୍ରକ୍ରିୟା ନିମନ୍ତେ ପ୍ରବନ୍ଧର ଆପଶ୍ୟକତା ଥାଏ । ଯେପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିଥାଏ ପରିଚାଳନର ଆବଶ୍ୟକତା ଦରକାର ପଡ଼ିଥାଏ ।

୪. **ପରିଚାଳନ ଏକ ଏକତ୍ରୀକରଣ ପ୍ରକ୍ରିୟା -** ସମସ୍ତ କାର୍ଯ୍ୟ, କ୍ରିୟା, ପ୍ରକ୍ରିୟା ପରସ୍ପର ମିଶ୍ରିତ ଅଟନ୍ତି । ପରିଚାଳନର କାର୍ଯ୍ୟ ହେଉଛି ଏସବୁକୁ ଏକତ୍ରୀତ କରି ସମନ୍ୱୟ ଦ୍ୱାରା ଇଚ୍ଛା କରିଥିବା ଉଦ୍ଦେଶ୍ୟ ପୂରଣ କରିବା । ସମନ୍ୱୟ ବ୍ୟତିରେକ ମନୁଷ୍ୟ, ମେସିନ୍ ଏବଂ ସମୂହର ବ୍ୟକ୍ତିଗତ ପ୍ରୟାସରେ ସଂଗଠନର ଉଦ୍ଦେଶ୍ୟ ପୂରଣ ଅସମ୍ଭବ ।

୫. **ପରିଚାଳନ ଅସ୍ପର୍ଶନୀୟ-** ପରିଚାଳନ କୌଣସି ସ୍ଥାନ ନୁହେଁ, ଯେମିତିକି ରେଖାଚିତ୍ର ମାଧ୍ୟମରେ ବୋର୍ଡର ମିଟିଙ୍ଗ୍ କିମ୍ବା ପ୍ରଧାନ ଆଚାର୍ଯ୍ୟ ନିଜର କାର୍ଯ୍ୟାଳୟରେ ବସିଥିବାର ଦେଖାଇହେବ ।

ପରିଚାଳନ ଏପରି ଏକ ଶକ୍ତି ଯାହା ଦେଖାଯାଏ ନାହିଁ । ଏହାର ଉପସ୍ଥିତି କେବଳ ନିୟମ, ଉତ୍ପାଦ, କାର୍ଯ୍ୟର ବାତାବରଣ ଆଦିରେ ଉପଲବ୍ଧି କରାଯାଇ ପାରିବ ।

୬. **ପରିଚାଳନ ବହୁମୁଖୀ –** ପରିଚାଳନ ନିମନ୍ତେ ସଂଗଠନରେ ବହୁତ ଅନେକ କ୍ଷେତ୍ରରେ ଜ୍ଞାନର ଆବଶ୍ୟକତା ଥାଏ କାରଣ ଏଥିରେ ମନୁଷ୍ୟ, ମେସିନ୍, ମାଲ୍‌ର ଅତିରିକ୍ତ ଉତ୍ପାଦନ, ବିତରଣ, ହିସାବ ଏବଂ ଅନ୍ୟ କେତେକ କାର୍ଯ୍ୟର ସମାବେଶ ହୋଇଥାଏ । ସେଥିପାଇଁ ଆମେ ପରିଚାଳନର ସିଦ୍ଧାନ୍ତ ଏବଂ ଟେକ୍‌ନିକ ଇଂଜିନିୟରିଂ, ଅର୍ଥଶାସ୍ତ୍ର, ସମାଜବିଜ୍ଞାନ, ମନୋବିଜ୍ଞାନ, ନୃତତ୍ତ୍ୱ, ଗଣିତ ଏବଂ ସଂସ୍କୃତ ଇତ୍ୟାଦିରୁ ପାଇପାର ।

୭. **ପରିଚାଳନ ଏକ ସାମାଜିକ କ୍ରିୟା –** ପରିଚାଳନର ସବୁଠାରୁ ପ୍ରମୁଖ ଅଂଗ ହେଉଛି ଦଳଗତ ଭାବରେ କାମ କରୁଥିବା ଲୋକଙ୍କ ସହିତ ବ୍ୟବହାର । କାର୍ଯ୍ୟରେ ନିୟୋଜିତ ଲୋକମାନଙ୍କ ବିକାଶ ଏବଂ ଅଭିପ୍ରେରଣ ଏବଂ ଏକ ସାମାଜିକ ପ୍ରକ୍ରିୟାର ରୂପରେ ସେମାନଙ୍କର ସନ୍ତୁଷ୍ଟର ଧ୍ୟାନ ରଖିବା ଏଥିରେ ସମ୍ମିଳିତ ଅଟେ । ପରିଚାଳନର ସମସ୍ତକାର୍ଯ୍ୟ ମୁଖ୍ୟତଃ ମାନବ ସମ୍ବନ୍ଧୀୟ ହୋଇଥାଏ, ସେଥିପାଇଁ ସାମାଜିକ କ୍ରିୟା କହିବା ଯଥାର୍ଥତା ରହିଛି ।

୮. **ପରିଚାଳନ ଅବସ୍ଥିତି ସଂବନ୍ଧୀୟ –** ପ୍ରବନ୍ଧର ସଫଳତା ପରିସ୍ଥିତି ଉପରେ ନିର୍ଭର କରେ । ଅତଏବ ପରିସ୍ଥିତି ଅନୁସାରେ ସଫଳତାର ସ୍ତର ବଦଳୁଥାଏ । ପରିଚାଳନର ସେପରି କୌଣସି ନିଶ୍ଚିତ ସର୍ବୋତ୍ତମ ପ୍ରଣାଳୀ ନୁହେଁ । ପ୍ରବନ୍ଧର ଟେକ୍‌ନିକ୍ ଏହାର ସିଦ୍ଧାନ୍ତ ସାପେକ୍ଷ ଅଟେ ଏବଂ ସବୁ ପରିସ୍ଥିତିରେ ସମାନ ରୂପରେ ଠିକ୍ ହୋଇ ନଥାଏ ।

## ୧୦.୩ ପରିଚାଳନର ମହତ୍ତ୍ୱ

କୌଣସି ସଂଗଠନର ଅସ୍ତିତ୍ୱ ଏବଂ ଏହାର ସଫଳତା ମୁଖ୍ୟତଃ ଏହାର ପରିଚାଳନ ଉପରେ ନିର୍ଭର କରିଥାଏ । ସଂସାଧନ ଯେତେ ଭଲରେ ଉପଲବ୍ଧ ହେଲେ ମଧ୍ୟ ଯଦି ଏହାକୁ କୁଶଳ ପରିଚାଳନ ଦ୍ୱାରା ଉପଯୁକ୍ତ ଉପଯୋଗ କରାନଯାଏ ତେବେ ତାହା ବେକାର ହୁଏ । ଏହି କାରଣରୁ ପ୍ରବନ୍ଧ ଅଧ୍ୟୟନକୁ ସମସ୍ତ ଶାଖାରେ ଏକ ବିଷୟ ରୂପେ ପଢ଼ାଯାଏ । ଆଜିର ଯୁଗରେ ଯେଉଁଠି ଭୂମଣ୍ଡଳୀକରଣ, ବଦଳୁଥିବା ଟେକ୍‌ନିକ୍, ବ୍ୟବସାୟର ନୂତନ ଜମିଦାରୀ (ଦାୟିତ୍ୱ) ଉପଭୋକ୍ତାବାଦ, ଦୃଢ଼ତା, ଗବେଷଣା ଏବଂ ଉତ୍କର୍ଷ ସାଧନକୁ ଅଧିକ ମହତ୍ତ୍ୱ ଦିଆ ଯାଉଅଛି । ଏଥିରେ ପରିଚାଳନର ଭୂମିକା କେତେଗୁଣା ବଢ଼ିଯାଇଥାଏ । ପରିଚାଳନର ମହତ୍ତ୍ୱ, ନିମ୍ନରେ ଦିଆଯାଇଥିବା ବିଷୟରେ ସଂଗଠନ ଦ୍ୱାରା ପ୍ରାପ୍ତ ସକାରାତ୍ମକ ପରିଣାମରେ ପରିଲିଖିତ ହୋଇଥାଏ ।

୧) **ଲକ୍ଷ୍ୟ ହାସଲ-** ପ୍ରତ୍ୟେକ ସଂଗଠନର ଏକ ଉଦ୍ଦେଶ୍ୟ ବା ଲକ୍ଷ୍ୟ ରହିଥାଏ ଏବଂ ସେହିପରି ଏଥିରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କର ମଧ୍ୟ କିଛି ନିଜର ଉଦ୍ଦେଶ୍ୟ ଥାଏ ଯାହାକୁ ସେମାନେ ପ୍ରାପ୍ତ କରିବାକୁ ଚାହିଁଥାନ୍ତି । ସଂଗଠନ ମଧ୍ୟରେ ପ୍ରତ୍ୟେକ ବିଭାଗ, ଉଦ୍ୟୋଗ, ସମୂହର କିଛି ଉଦ୍ଦେଶ୍ୟ ହୋଇଥାଏ ଯାହାକୁ ସେମାନେ ପ୍ରାପ୍ତ କରିବାକୁ ଚାହିଁଥାନ୍ତି । କେବଳ ଉପଯୁକ୍ତ ପରିଚାଳନଦ୍ୱାରା ଉପଯୁକ୍ତ ଯୋଜନା, ଉତ୍ତମ ନିର୍ଦ୍ଦେଶକ ଏବଂ ଉତ୍ତମ ସମନ୍ୱୟ ଏବଂ ନିୟନ୍ତ୍ରଣ ଦ୍ୱାରା ହିଁ ଉଦ୍ଦେଶ୍ୟ ପ୍ରାପ୍ତି ସୁନିଶ୍ଚିତ କରାଯାଇଥାଏ ।

୨) **ସ୍ଥିରତା ଏବଂ ବୃଦ୍ଧି –** ସଂଗଠନରେ ଉପଲବ୍ଧ ସଂସାଧନର ସୁବିନିଯୋଗ ପରିଚାଳନର ମୁଖ୍ୟ ଉଦ୍ଦେଶ୍ୟ । ପରିଚାଳନ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ । କାର୍ଯ୍ୟକୁ ସମନ୍ୱୟ ଏବଂ କର୍ମଚାରୀଙ୍କୁ

ଅଭିପ୍ରେରିତ କରିଥାଏ ଏବଂ ସର୍ବଦା ବଦଳୁଥିବା ପରିବେଶରେ ସଂଗଠନକୁ ସୁସ୍ଥ ରଖିଥାଏ । ସେଥିପାଇଁ ଏହା ସଂଗଠନକୁ ସ୍ଥିରତା ପ୍ରଦାନ କରିଥାଏ ଏବଂ ଏହାର ବିକାଶରେ ସହାୟକ ହୋଇଥାଏ ।

୩) **ପରିବର୍ତ୍ତନ ଏବଂ ବିକାଶ -** ପରିଚାଳନ ପରିବେଶରେ ହେଉଥିବା ପରିବର୍ତ୍ତନର ହିସାବ ରଖିଥାଏ ଏବଂ ଭବିଷ୍ୟତରେ ହେବାକୁ ଆସିଥିବା ପରିବର୍ତ୍ତନକୁ ଜାଣିବାର ପ୍ରୟାସ ମଧ୍ୟ କରିଥାଏ । ଅତଏବ ଭବିଷ୍ୟତରେ ଆସୁଥିବା ପ୍ରତିଯୋଗିତାକୁ ସଫଳତାର ସହିତ ସମ୍ମୁଖୀନ ହେବା ନିମନ୍ତେ ଯୋଜନା କରାଯାଇଥାଏ । ପରିଚାଳନ ଭବିଷ୍ୟତ ଉପରେ ଦୃଷ୍ଟିରଖିବାର ଟେକ୍‌ନିକ, କାର୍ଯ୍ୟ, ପ୍ରକ୍ରିୟା ଇତ୍ୟାଦିର ମାନବୀୟ ତତ୍ତ୍ୱ ରୂପରେ ନିରନ୍ତର ବିକାଶ କରୁଥାଏ ।

୪) **ନିପୁଣତା ଏବଂ ପ୍ରଭାବଶୀଳତା -** ଉପଯୁକ୍ତ ନିଯୋଜନ, ନିଯୁକ୍ତିକରଣ, ସଂଗଠନ, ସମନ୍ୱୟ, ନିର୍ଦ୍ଦେଶନ ଏବଂ ନିୟନ୍ତ୍ରଣଦ୍ୱାରା ପ୍ରବନ୍ଧ ମାନବୀୟ ପ୍ରୟାସରେ ନିପୁଣତା ଏବଂ ପ୍ରଭାବଶାଳୀତା ପ୍ରାପ୍ତ କରିବାରେ ସହାୟକ ହୋଇଥାଏ ।

## ପାଠଗତ ପ୍ରଶ୍ନାବଳୀ-୧୦(କ)

୧) ପରିଚାଳନ କହିଲେ କ'ଣ ବୁଝ, ନିଜ ଭାଷାରେ ଲେଖ ।

____________________________________________

____________________________________________

୨) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ବିଷୟରେ ଦିଆଯାଇଥିବା ଆଧାର ଉପରେ ପୂରଣ କର । ଗୋଟିଏ ଶୂନ୍ୟସ୍ଥାନରେ ଗୋଟିଏ ଅକ୍ଷର ଲେଖାଯିବ । ଉଦାହରଣ ନିମନ୍ତେ ପ୍ରଥମ ଶବ୍ଦର ଶୂନ୍ୟସ୍ଥାନକୁ ପୂରଣ କରିଦିଆଯାଇଛି ।

କ) ପରିଚାଳନ ସ—ବ୍ୟା— — (ସର୍ବବ୍ୟାପକ)

ଖ) ପରିଚାଳନ ଅ —ର୍ଶ—ୟ ପ୍ରକ୍ରିୟା

ଗ) ପରିଚାଳନ ସା—ଜି—ପ୍ରକ୍ରିୟା

ଘ) ପରିଚାଳନ ଅ—ସ୍ଥି— ସଂବନ୍ଧୀୟ

ଙ) ପରିଚାଳନ ନି ––– ବ –––ଚ୍ଛି–––ନ୍ନ ପ୍ରକ୍ରିୟା

**ସଂକେତ**

କ) ଏହା ଆବଶ୍ୟକତା ସମସ୍ତ ପ୍ରକାର ସଂଗଠନକୁ ହୋଇଥାଏ ।

ଖ) ଏହା ଏକ ଅଦୃଶ୍ୟ ଶକ୍ତି ।

ଗ) ଏହାର ଉଦ୍ଦେଶ୍ୟ ସାମୂହିକ ଲୋକଙ୍କର ସଂଗଠିତ ଲୋକସହିତ ଥାଏ ।

ଘ) ପରିଚାଳନର କୌଣସି ଉତ୍ତର ପ୍ରଣାଳୀ ନାହିଁ ସେଥିପାଇଁ ପରିସ୍ଥିତି ଅନୁସାରେ ବଦଳୁଥାଏ ।

ଙ) ଏହା ଏକ ଲଗାତାର ଚାଲୁଥିବା (ଅବିରତ) ପ୍ରକ୍ରିୟା ଅଟେ ।

## ୧୦.୪ ପରିଚାଳନର ପ୍ରକୃତି

ପରିଚାଳନର ପ୍ରକୃତିକୁ ନିମ୍ନଲିଖିତ ଆଧାର ଦ୍ୱାରା ଅଧିକ ଭଲ ଭାବରେ ବୁଝାଯାଇ ପାରିବ ।

- ଏକ ପ୍ରକ୍ରିୟା ରୂପରେ
- ଏକ ଶାସ୍ତ୍ର ରୂପରେ
- ବ୍ୟକ୍ତି ସମୂହ ରୂପରେ
- ଏକ ପେଶାଦାର ରୂପରେ ଏବଂ
- ଏକ ବିଜ୍ଞାନ ଏବଂ କଳା ରୂପରେ

କ) **ପରିଚାଳନ ଏକ ପ୍ରକ୍ରିୟା ରୂପରେ**

ପରିଚାଳନ ନିଯୋଜନ, ସଂଗଠନ ଏବଂ ନିୟନ୍ତ୍ରଣର ପରସ୍ପର ସଂବନ୍ଧିତ ପ୍ରକ୍ରିୟା । ସମସ୍ତ କ୍ରିୟାକୁ ଯୋଜନାବଦ୍ଧ ଭାବରେ ଉପଯୁକ୍ତ କ୍ରମାନୁସାରେ କରାଯାଇଥାଏ ଯେମିତି ସମସ୍ତ କ୍ରିୟା ସମାନ ଉଦ୍ଦେଶ୍ୟର ପ୍ରାପ୍ତି ନିମନ୍ତେ କେନ୍ଦ୍ରୀଭୂତ ହୋଇପାରିବ । ତେଣୁ ପରିଚାଳନର ସୁନିଶ୍ଚିତ ଉଦ୍ଦେଶ୍ୟ ପ୍ରାପ୍ତି ନିମନ୍ତେ ସଂସାଧନକୁ ସଂଗଠିତ କରିବା ଏବଂ ଏହାର ପ୍ରୟୋଗର କ୍ରିୟା ରୂପରେ ଜଣା ଯାଇଥାଏ ।

ଖ) **ପରିଚାଳନ ଏକ ଶାସ୍ତ୍ର –** ପରିଚାଳନ ଏକ ବ୍ୟବସ୍ଥିତ ଜ୍ଞାନର ଭଣ୍ଡାର ଅଟେ ଯାହାର ବିକାଶ ଏବଂ ବୃଦ୍ଧି ବର୍ଷ ବର୍ଷର ପ୍ରୟୋଗ ଏବଂ ଗବେଷଣା ପରେ ହୋଇଥାଏ । ଏହି ବର୍ଷ ମଧ୍ୟରେ ଏକତ୍ରୀତ ଜ୍ଞାନକୁ ପିଢ଼ି ପରେ ପିଢ଼ି ପରିଚାଳକମାନଙ୍କ ଉପରେ ଛାଡ଼ିଦିଆଯାଏ ଏବଂ ସେମାନେ ଏହାର ପ୍ରୟୋଗ ନିଜର କାର୍ଯ୍ୟ ସମ୍ପନ୍ନ କରିବାରେ ଲଗାଇଥାନ୍ତି । ତେଣୁ ପରିଚାଳନ ଶିକ୍ଷାକୁ ଏକ ଭିନ୍ନ ଶାଖା ରୂପରେ ଥାଏ ଯାହାର ନିଜର ସିଦ୍ଧାନ୍ତ ଏବଂ ବ୍ୟବହାର ଥାଏ । ଏହି ପ୍ରକାର ନିଜ ଟେକ୍‌ନିକ୍ ଏବଂ ବିଚାରଧାରା ସହିତ ଏହା ଏକ ସ୍ୱତନ୍ତ୍ର ଶାସ୍ତ୍ର ଭାବରେ ବିକଶିତ ହାଇଥାଏ ।

ଗ) **ପରିଚାଳନ ବ୍ୟକ୍ତି ସମୂହ ରୂପରେ –** ପରିଚାଳନର ଅଭିପ୍ରାୟ ପ୍ରାୟତଃ ଏକ ସଂଗଠନରେ କାର୍ଯ୍ୟ କରୁଥିବା ପରିଚାଳକ ସମୂହଙ୍କୁ ନେଇ ହୋଇଥାଏ । ଏଥିରେ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀଙ୍କ ଛଡ଼ା ପ୍ରଥମ ଶ୍ରେଣୀର ପର୍ଯ୍ୟବେକ୍ଷକମାନେ ଅନ୍ତର୍ଭୁକ୍ତ । ଏହିସବୁ ପରିଚାଳକମାନେ ମିଶିକରି ଦଳଗତ ଭାବରେ କାର୍ଯ୍ୟ କରିଥାନ୍ତି । ବ୍ୟବସାୟର ସଫଳତା କୌଣସି ଜଣଙ୍କର ନୁହେଁ ବରଂ ସମସ୍ତ ପରିଚାଳକମାନଙ୍କର ମିଳିତ କାର୍ଯ୍ୟକୁଶଳତା ଉପରେ ନିର୍ଭର କରେ । ପରିଚାଳକମାନେ ସମୂହ ରୂପରେ ବ୍ୟବସାୟର ଉଦ୍ଦେଶ୍ୟ ପୂରଣ ନିମନ୍ତେ କାର୍ଯ୍ୟ କରିଥାନ୍ତି କିନ୍ତୁ ପ୍ରତ୍ୟେକ ସଂଗଠନର ପରିଚାଳନରେ କେତେକ ସ୍ତର ଥାଏ ଯାହା ସହିତ ଭିନ୍ନ-ଭିନ୍ନ ଅଧିକାର ଏବଂ କର୍ତ୍ତବ୍ୟ ଜଡ଼ିତ ଥାଏ । ଏମାନଙ୍କ ବିଷୟରେ ତୁମେ ଆସନ୍ତା ପାଠରେ ପଢ଼ିବ ।

ଘ) **ପରିଚାଳନ ଏକ ବିଜ୍ଞାନ ଏବଂ କଳା ରୂପରେ –** ପରିଚାଳନ ଏକ ବିଜ୍ଞାନ ଏବଂ ଏକ କଳା ଉଭୟକୁ ଧରାଯାଏ । ବିଜ୍ଞାନ ଅର୍ଥାତ୍ ଏହା ଏକ ସୁବ୍ୟବସ୍ଥିତ ଜ୍ଞାନ ଯାହାକି କୌଣସି ବିଷୟବସ୍ତୁ ସହିତ ସଂବଂଧିତ । ଏହା କାରଣ ଏବଂ ପରିଣାମର ସମ୍ବନ୍ଧକୁ ସ୍ଥାପିତ କରିଥାଏ । ଏହା ଏକ ସୁବ୍ୟବସ୍ଥିତ ବ୍ୟାଖ୍ୟା, ପ୍ରୟୋଗାତ୍ମକ ବିଶ୍ଳେଷଣ, ଆଲୋଚନାତ୍ମକ ବିବେଚନା ଏବଂ ତର୍କ ସଂଗତ ସ୍ଥିରତା ଉପରେ ଆଧାରିତ ଅଟେ । ଉଦାହରଣ ସ୍ୱରୂପ ଉଦ୍‌ଯାନର ଦୁଇଟି ଅଣୁ ଏବଂ ଅମ୍ଳଜାନର

ଗୋଟିଏ ଅଣୁ ମିଶି ଜଳ ସୃଷ୍ଟି କରିଥାନ୍ତି । ସେହିପରି ଆମେ କହିପାରିବା କି ପୃଥିବୀ ସୂର୍ଯ୍ୟ ଚାରିପଟେ ଘୁରୁଅଛି । ଅଧ୍ୟୟନର କୌଣସି ବିଷୟ ବସ୍ତୁକୁ ବିଜ୍ଞାନ କହିବାକୁ ହେଲେ ସେଥିରେ ନିମ୍ନଲିଖିତ ବିଶେଷତ୍ୱ ଥିବା ଆବଶ୍ୟକ ।

୧) ଏକ ସୁବ୍ୟବସ୍ଥିତ ଜ୍ଞାନର ଭଣ୍ଡାର ହେବା ଆବଶ୍ୟକ ଯେଉଁଥିରେ ଧାରଣା, ସିଦ୍ଧାନ୍ତ ଏବଂ ମନୁଷ୍ୟ ସମ୍ମିଳିତ ଥାଆନ୍ତି ।

୨) ଆମେ ଏକ କାରଣ ଏବଂ ପରିଣାମର ସମ୍ବନ୍ଧକୁ ପ୍ରତିପାଦନ କରିପାରିବା ।

୩) ଏହାର ସିଦ୍ଧାନ୍ତ ପରୀକ୍ଷା ଯୋଗ୍ୟ

୪) ଏହା ପୂର୍ବନିର୍ଦ୍ଧାରିତ ପରିଣାମ ସୁନିଶ୍ଚିତ କରିପାରେ

୫) ଏହା ସାର୍ବଜନୀନ ଅଟେ

ଅଧ୍ୟୟନର ଏକ ଶାଖା ରୂପରେ ପ୍ରବନ୍ଧରେ ଏହିସବୁ ବିଶେଷତ୍ୱ ଥାଏ । ପ୍ରବନ୍ଧର ସିଦ୍ଧାନ୍ତ ଏବଂ ଟେକ୍‌ନିକ ଯେପରିକି ବୈଜ୍ଞାନିକ ପରିଚାଳନ PERT ଏବଂ CPM, ସମ-ବିଭାଜ୍ୟ ବିଶ୍ଳେଷଣ, ବଜେଟ୍‌ର ପ୍ରକ୍ରିୟା ଇତ୍ୟାଦିକୁ ବୈଜ୍ଞାନିକ ସ୍ୱରୂପରେ ନିଆଯାଏ କିନ୍ତୁ ଯେପର୍ଯ୍ୟନ୍ତ ଏହି ସବୁର ସଂବନ୍ଧ ମନୁଷ୍ୟ ଉପରେ ନିର୍ଭରକରେ ସେଥିପାଇଁ ଆମେ ଏହାର କାରଣ ଏବଂ ପରିଣାମ ସଂବନ୍ଧକୁ ପୂର୍ବ-ନିର୍ଦ୍ଧାରିତ କରିପାରିବା ନାହିଁ । ଏଣୁ ପରିଚାଳନକୁ ଏକ ବିଶୁଦ୍ଧ କିମ୍ବା ସମ୍ପୂର୍ଣ୍ଣ ବିଜ୍ଞାନ କହିପାରିନାହିଁ ।

ଯେତେବେଳେ କଳାର ପ୍ରଶ୍ନଉଠେ, ତୁମେ ଜାଣିଛ ଯେ ଏହାର ଉଦ୍ଦେଶ୍ୟ ନିଜର କୌଶଳ ଦ୍ୱାରା ଇଚ୍ଛାକରୁଥିବା ପରିଣାମକୁ ପାଇ ପାରିବା । ଏହା ଏକ ନିରନ୍ତର ରୂପରେ ବ୍ୟକ୍ତିଗତ ପ୍ରକ୍ରିୟା ଅଟେ ଯାହାଦ୍ୱାରା କୌଣସି କାର୍ଯ୍ୟକୁ କରିବାର କୌଣସି ସର୍ବୋତ୍ତମ ଉପାୟ ନାହିଁ । ତେଣୁ ଏହା ରଚନାତ୍ମକ ଅଟେ ଏବଂ ଅଭ୍ୟାସ ଦ୍ୱାରା ଏଥିରେ ସର୍ବଦା ସୁପରିବର୍ତ୍ତନ ହେଉଥାଏ । । କଳା ଦ୍ୱାରା ଆମେ ଏକ ଘଟଣା କିମ୍ବା ଦୃଶ୍ୟ 'କିପରି' ହୋଇଥାଏ ଜାଣୁ । ଗୋଟିଏ ପେଣ୍ଟିଙ୍ଗ୍‌ର ଉଦାହରଣକୁ ନିଆଯାଉ । ପେଣ୍ଟିଙ୍ଗ୍‌ରେ ସର୍ବୋତ୍ତମ ଉପାୟ ସେମିତି କିଛି ନାହିଁ । ଯେତେ ଅଧିକ ଯିଏ ପେଣ୍ଟିଙ୍ଗ୍ କରିବା ସେଥିରେ ତାର ସେତିକି ପରିବର୍ତ୍ତନ ହେବ ଏବଂ ଶିଖିବ । ଏବେ ପରିଚାଳନ ପକ୍ଷରୁ ଦେଖିବାକୁ ଏଥିରେ ମଧ୍ୟ ଆମେ ଆମର ବିଭିନ୍ନ ଦକ୍ଷତା (ଟେକ୍‌ନିକ୍) ସିଦ୍ଧାନ୍ତ, ମନୁଷ୍ୟ ସଂବଧିତ)ର ପ୍ରୟୋଗ କରିଥାଏ ତେଣୁ ଏହା ଏକ ରଚନାତ୍ମକ ରୂପ ନେଇଥାଏ । କେହି ପ୍ରବନ୍ଧର ସର୍ବୋତ୍ତମ ଉପାୟ କହିପାରିବେ ନାହିଁ । ଯେତେ ଅଧିକ ପରିଚାଳନ କରିବ ସେତେ ଅନୁଭବୀ ଏବଂ ଦକ୍ଷ ହୋଇପାରିବ ।

ଙ) **ପରିଚାଳନ ଏକ ପେଶା ରୂପରେ –** ପ୍ରଥମ ପାଠରେ ତୁମେ ପଢ଼ିଲ ଯେ ପେଶା ଏକ ରୋଜଗାର ଅଟେ । କୌଣସି ରୋଜଗାର ଯାହା ନିମ୍ନଲିଖିତ ଗୁଣ ପୂରଣ କରିଥାଏ ତାକୁ ପେଶା କୁହାଯାଏ ।

୧) ଏହାର ସୁବ୍ୟସ୍ଥିତ ଏବଂ ସୁଗଠିତ ଜ୍ଞାନର ଭଣ୍ଡାରହେବା ଦରକାର । ଉଦାହରଣ ସ୍ୱରୂପ ଇଂଜିନିୟରିଂ ବା ଚାର୍ଟାଡ଼ ଆକାଉଣ୍ଟାନସୀ ପେଶାକୁ ନିଆଯାଉ । ଏଥିରେ ବିଶେଷ ଜ୍ଞାନର ଆବଶ୍ୟକତା ହୋଇଥାଏ ।

୨) ଏଥିରେ ଜ୍ଞାନ ଅର୍ଜନର ଔପଚାରିକ ଉପାୟ ରହିଥାଏ । ଅନ୍ୟ ଭାଷାରେ କୌଣସି ବ୍ୟକ୍ତିକୁ ପେଶା ଶିଖିବା ନିମନ୍ତେ କୌଣସି ଔପଚାରିକ ସଂସ୍ଥାରେ ବିଶେଷ ଜ୍ଞାନ ପ୍ରାପ୍ତି କରିବାକୁ ପଡ଼ିଥାଏ । ଉଦାହରଣ ନିମନ୍ତେ ଇଂଜିନିୟର କିମ୍ବା ଓକିଲ ହେବାକୁ ଇଂଜିନିୟରିଂ କିମ୍ବା ଆଇନ୍‌ର ଡିଗ୍ରୀ ନେବାକୁ ପଡ଼ିଥାଏ ।

୩) ପେଶାଦାରଙ୍କ ନିମନ୍ତେ ସଂସ୍ଥାପିତ ନିୟମ (Code of conduct) (ଆଚାର ସଂହିତା) ପ୍ରସ୍ତୁତ କରିବା ନିମନ୍ତେ ଏକ ସଂଘ ଥାଏ । ଏହି ସଂସ୍ଥାପିତ ନିୟମ ପେଶାଦାରଙ୍କର ବ୍ୟବହାରର ନିୟମକୁ ନିର୍ଦ୍ଧାରିତ କରିଥାଏ । ଏହି ନିୟମକୁ ନମାନିଲେ ପେଶାଦାରଙ୍କ ପେଶାର ଅଧିକାରକୁ ଫେରାଇ ନିଆଯାଇଥାଏ ।

୪) ଏହା ସତ୍ୟ ଅଟେ ଯେ ପେଶା ଜୀବିକାଅର୍ଜନର ଉପାୟ ଅଟେ କିନ୍ତୁ ଏହାର ସଫଳତାର ମାନଦଣ୍ଡ କେବଳ ଏହାଦ୍ୱାରା ହୋଇଥିବା ଆର୍ଥିକ ଆୟ ନୁହେଁ । ପେଶାଦାର ନିଜର ବିଶେଷ ଜ୍ଞାନକୁ ସମାଜର ହିତ ନିମନ୍ତେ ପ୍ରୟୋଗ କରିଥାଏ ଏବଂ ନିଜର ସାମାଜିକ କର୍ତ୍ତବ୍ୟକୁ ଭଲ ଭାବରେ ବୁଝିଥାଏ ।

ହୁଏତ ପରିଚାଳନରେ ପେଶାର ସମସ୍ତ ବିଶେଷତ୍ୱ ନଥାଏ, ତଥାପି ପ୍ରାୟତଃ ସମସ୍ତ ମୁଖ୍ୟ ବିଶେଷତ୍ୱ ଉପସ୍ଥିତ ଥାଏ ଏଣୁ ଆଜି ତାହା ସମ୍ପୂର୍ଣ୍ଣ ରୂପରେ ପେଶା ଭାବରେ ପରିଚିତ । ଆଜିକାଲି ପଢ଼ିବା ନିମନ୍ତେ ଏବଂ ଭବିଷ୍ୟତ ନିମନ୍ତେ ପରିଚାଳକ ତିଆରି କରିବା ନିମନ୍ତେ ବହୁତଗୁଡ଼ିଏ ନୂତନ ସଂସ୍ଥା ସୃଷ୍ଟି ହେଉଛନ୍ତି । ବହୁତଗୁଡ଼ିଏ ସଂସ୍ଥା ଯେପରି ଆମେରିକାନ୍ ମ୍ୟାନେଜ୍‌ମେଣ୍ଟ ଆସୋସିଏସନ୍ (ଆମେରିକାରେ), ଅଖିଳ ଭାରତୀୟ ପରିଚାଳନ ସଂଘ (ଭାରତରେ) ପରିଚାଳକଙ୍କ ପ୍ରତିନିଧି ସଂସ୍ଥା ରୂପରେ କାର୍ଯ୍ୟ କରି, ସେମାନଙ୍କ ନିମନ୍ତେ ଆଚାର ସଂହିତା (ସଂସ୍ଥାପିତ ନିୟମ) ତିଆରି କରିଛନ୍ତି । ପରିଚାଳନର ବିଶିଷ୍ଟ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ବହୁତ ଗୁଡ଼ିଏ ସଂସ୍ଥା ଗଢ଼ି ଉଠିଲେଣି ।

## ପାଠଗତ ପ୍ରଶ୍ନାବଳୀ ୧୦ (ଖ)

୧) ନିମ୍ନରେ ଦିଆଯାଇଥିବା ବାକ୍ୟରେ ପରିଚାଳନର କଳା, ବିଜ୍ଞାନ ଏବଂ ପେଶାରରୂପ ଦିଆଯାଇଅଛି । ପ୍ରତ୍ୟେକ ବାକ୍ୟରୁ ଏହାକୁ ଚିହ୍ନ ଏବଂ ଠିକ୍ ବାକ୍‌ସରେ ଚିହ୍ନ ଦିଅ ।

କ) ସୁବ୍ୟବସ୍ଥିତ ଜ୍ଞାନ ଯେଉଁଥିରେ ଧାରଣା, ସିଦ୍ଧାନ୍ତ ଏବଂ ମନୁଷ୍ୟ ଅନ୍ତର୍ଭୁକ୍ତ ଥାଆନ୍ତି ।


ଖ) ଏହା ରଚନାତ୍ମକ ପ୍ରକୃତିର ଅଟେ

ଗ) ଏହା ସାର୍ବଜନୀନ ଅଟେ

ଘ) ପ୍ରବନ୍ଧର କୌଣସି ସର୍ବୋତ୍ତମ ଉପାୟ ନାହିଁ

ଙ) ଜ୍ଞାନାର୍ଜନର ସର୍ବଦା ଏକ ଔପଚାରିକ ପ୍ରଣାଳୀ ଥାଏ ।

କଳା    ବିଜ୍ଞାନ    ପେଶା



୨. ସ୍ତମ୍ଭ ୧ର ଶବ୍ଦାବଳୀକୁ ସ୍ତମ୍ଭ ୨ର ଶବ୍ଦାବଳୀ ସହିତ ମିଳାଅ ।

| ସ୍ତମ୍ଭ ୧ | ସ୍ତମ୍ଭ -୨ |
|---|---|
| ୧) ପରିଚାଳନ ଏକ ଶାସ୍ତ୍ର ରୂପରେ | କ) ପରିଚାଳକର ସମୂହ |
| ୨) ପରିଚାଳନ ଏକ ପ୍ରକ୍ରିୟାରୂପରେ | ଖ) ପେଶାଦାରଙ୍କ ନିମନ୍ତେ ଆଚାର ସଂହିତା |
| ୩) ପରିଚାଳନ ଏକ ସମୂହରୂପରେ | ଗ) ପରୀକ୍ଷଣ ଏବଂ ଅନୁଭବର ଆଧାର ଉପରେ ବିକଶିତ |
| ୪) ପରିଚାଳନ ଏକ ପେଶାରୂପରେ | ଘ) ପରସ୍ପର ସଂବଧିତ କ୍ରିୟାର ଶୃଙ୍ଖଳା । |

## ୧୦.୫ ପରିଚାଳନର ସ୍ତର


ଯେପରି ଆଗରୁ କୁହାଯାଇଅଛି ପରିଚାଳନର କେତେକ ସ୍ତର ରହିଛି ଯାହାର ଅଲଗା ଅଲଗା ଉତ୍ତର ଦାୟିତ୍ୱ ଏବଂ କର୍ତ୍ତବ୍ୟ ରହିଛି । କେତେକ ପରିଚାଳକ ସମଗ୍ର ବ୍ୟବସାୟର ଉଦ୍ଦେଶ୍ୟର ନିଷ୍ପତ୍ତି ନେଇଥାନ୍ତି, କେତେକ ପରିଚାଳକ ଉତ୍ପାଦନ, ବିକ୍ରି ଇତ୍ୟାଦିର ଭିନ୍ନ ଭିନ୍ନ ବିଭାଗ ମାଧ୍ୟମରେ ଏହି ଉଦ୍ଦେଶ୍ୟର ପୂରଣ ନିମନ୍ତେ କାର୍ଯ୍ୟ କରିଥାନ୍ତି । ଅନ୍ୟ କେତେକ ପରିଚାଳକ କର୍ମଚାରୀମାନଙ୍କର ଦୈନନ୍ଦିନ କାର୍ଯ୍ୟର ପର୍ଯ୍ୟବେକ୍ଷଣର ସଂବନ୍ଧ ରଖିଥାନ୍ତି । ଭିନ୍ନ-ଭିନ୍ନ ପ୍ରକାରର କର୍ତ୍ତବ୍ୟକୁ ପୂରା କରିବା ନିମନ୍ତେ ପରିଚାଳକମାନଙ୍କୁ ତିନୋଟି ଭାଗରେ ବିଭକ୍ତ କରାଯାଇଛି ।

୧) ଉଚ୍ଚ ସ୍ତରୀୟ ପରିଚାଳନ(*Top level Management*)

୨) ମଧ୍ୟ ସ୍ତରୀୟ ପରିଚାଳନ(*Middle level Management*)

୩) ନିମ୍ନ ସ୍ତରୀୟ ପରିଚାଳନ(*Lower level Management*)

ନିମ୍ନଲିଖିତ ରେଖା ଚିତ୍ରରୁ ତୁମକୁ ପରିଚାଳନର ଭିନ୍ନ ଭିନ୍ନ ସ୍ତରର କାର୍ଯ୍ୟ, ପଦ ଏବଂ ସଂବନ୍ଧର କେତେକ ଆଭାସ ମିଳିପାରିବ ।



### ପରିଚାଳନର ସ୍ତର

ଏହି ରେଖା ଚିତ୍ରରୁ ଜଣାଯାଏ ଯେ ଉଚ୍ଚସ୍ତରୀୟ ପରିଚାଳନରେ ସଂଚାଳକ ମଣ୍ଡଳ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ସମ୍ମିଳିତ ହୋଇଥାନ୍ତି । ମୁଖ୍ୟ କାର୍ଯ୍ୟକାରୀର ଅଧ୍ୟକ୍ଷ, ପରିଚାଳନ ସଂଚାଳକ ପ୍ରଧାନ କିମ୍ବା ପ୍ରଧାନ ପରିଚାଳକର ପଦ ଦିଆଯାଏ । ଏହି ସ୍ତରର ବ୍ୟକ୍ତିମାନେ ସମଗ୍ର ବ୍ୟବସାୟର ଉଦ୍ଦେଶ୍ୟ ନିର୍ଦ୍ଧାରଣ କରିଥାନ୍ତି ଏବଂ ଏହି ଉଦ୍ଦେଶ୍ୟର ପୂରଣ ନିମନ୍ତେ ନୀତି ପ୍ରତିପାଦନ କରିଥାନ୍ତି । ନୀତି କରିବାର ଉଦ୍ଦେଶ୍ୟ କାର୍ଯ୍ୟ ଏବଂ ନିଷ୍ପତ୍ତି ନିମନ୍ତେ ମାର୍ଗ ଦର୍ଶନ କରିଥାଏ । ଉଚ୍ଚସ୍ତରୀୟ ପରିଚାଳନ ସଂଗଠନ ଉପରେ ସାମଗ୍ରିକ ଭାବରେ ନିୟନ୍ତ୍ରଣ ରଖିଥାଏ ।

ମଧ୍ୟସ୍ତରୀୟ ପରିଚାଳନରେ ବିବିଧ ବିଭାଗର ପ୍ରମୁଖ ଯେପରି ଉତ୍ପାଦନ, ବିକ୍ରି ଏବଂ ଅନ୍ୟ ବିଭାଗୀୟ ପରିଚାଳକ ହୋଇଥାନ୍ତି । କେବେକେବେ ବିଭାଗୀୟ ବରିଷ୍ଠ ପ୍ରମୁଖଙ୍କୁ ଉଚ୍ଚସ୍ତରୀୟ ଟିମ୍‌ରେ ସମ୍ମିଳିତ କରି ନେଇଥାନ୍ତି । ସମ୍ପୂର୍ଣ୍ଣ ବ୍ୟବସାୟର ଉଦ୍ଦେଶ୍ୟକୁ ମଧ୍ୟସ୍ତରୀୟ ପରିଚାଳନ ନିମନ୍ତେ ବିଭାଗୀୟ ଉଦ୍ଦେଶ୍ୟରେ ରୁପାନ୍ତରିତ କରିଦେଇଥାନ୍ତି । ଏହାପରେ ବିଭାଗୀୟ ପ୍ରମୁଖ ଏହି ଉଦ୍ଦେଶ୍ୟର ପୂରଣ ନିମନ୍ତେ ନିଜର ଅଧିନସ୍ଥଙ୍କୁ ଆଦେଶ ନେଇଥାନ୍ତି । ମଧ୍ୟସ୍ତରୀୟ ପରିଚାଳକ ବିଶେଷ ଭାବରେ ନିଜ ନିଜର ବିଭାଗର କାର୍ଯ୍ୟ ସହିତ ସଂବନ୍ଧିତ ହୋଇଥାଆନ୍ତି ।

ନିମ୍ନସ୍ତରୀୟ ପରିଚାଳନରେ ଫୋରମ୍ୟାନ୍ ଏବଂ ପର୍ଯ୍ୟବେକ୍ଷକ (Supervisors) ରହିଥାନ୍ତି । ଯେତେବେଳେ କର୍ମଚାରୀମାନଙ୍କୁ କାମ ଦିଆଯାଏ ସେତେବେଳେ ସେ ଲୋକମାନେ କାମକୁ ଠିକ୍ ଭାବରେ ନିର୍ଦ୍ଦିଷ୍ଟ ସମୟ ଭିତରେ ପୂରା କରାଯାଇଥାଏ । ତେଣୁ ଏହାର ମୂଳ ଦାୟିତ୍ୱ ସଂଗଠନର ବସ୍ତୁ ଏବଂ ସେବାର ବାସ୍ତବିକ୍ ମୂଳ ଉତ୍ପାଦନ ହୋଇଥାଏ ।

ପରିଚାଳନର ତିନିସ୍ତର ସଂଯୁକ୍ତ ଭାବରେ "ପରିଚାଳନର ସୋପାନ" ପ୍ରସ୍ତୁତ କରିଥାନ୍ତି । ଏହି ପରିଚାଳନୀୟ ସୋପାନ ଏହା ଦେଖାଇଥାଏ କି ମଧ୍ୟସ୍ତରୀୟ ପରିଚାଳନ ଉଚ୍ଚସ୍ତରୀୟ ପରିଚାଳନର ଅଧୀନ ଅଟେ ଏବଂ ମଧ୍ୟସ୍ତରୀୟ ପରିଚାଳନ ଉଚ୍ଚସ୍ତରୀୟ ପରିଚାଳନର ଅଧୀନଅଟେ ।

ପଛ ପୃଷ୍ଠାରେ ଦେଖାଯାଇଥିବା ଚିତ୍ରକୁ ଆଉଥରେ ଭଲକରି ଦେଖ । ତୁମେ ଦେଖିବ ଯେ ଯେତେ ଉପରୁ ତଳକୁତଳ ଆସିବ ପ୍ରତ୍ୟେକ ସ୍ତରର ବ୍ୟକ୍ତି ସଂଖ୍ୟା ବଢ଼ି-ବଢ଼ି ଚାଲିଥିବ । ଶିଳ୍ପକାର, ଶାରୀରିକ ପରିଶ୍ରମ କରୁଥିବା ଶ୍ରମିକ, ଇଂଜିନିୟର, ବୈଜ୍ଞାନିକ ଆଦି କର୍ମଚାରୀ ସଂଗଠନର ଏକ ବଡ଼ ଅଂଶ ହୋଇଥାନ୍ତି । ପରିଚାଳକ ପଦର ଅନ୍ତର୍ଗତ ଯେତେଯେତେ ନିମ୍ନସ୍ତରରୁ ଉଚ୍ଚସ୍ତରକୁ ଯିବା ପରିଚାଳକଙ୍କ ସଂଖ୍ୟା ପ୍ରତ୍ୟେକ ସ୍ତରର କମି କମି ଯାଏ । ସଂଗଠନର ସର୍ବୋଚ୍ଚ ପଦରେ ସାଧାରଣତଃ ଜଣେ ବ୍ୟକ୍ତି ରହିଥାନ୍ତି ।

## ୧୦.୬ ପରିଚାଳନର କାର୍ଯ୍ୟାବଳୀ

ପ୍ରତ୍ୟେକ ସଂଗଠନରେ ପରିଚାଳକ ମାନେ କିଛି ଆଧାର (ମୌଳିକ) କାର୍ଯ୍ୟ କରିଥାନ୍ତି । ଏସବୁ ମୁଖ୍ୟତଃ ଛଅଟିଶ୍ରେଣୀରେ ବିଭକ୍ତ । ସେଗୁଡ଼ିକ ହେଲା - ଯୋଜନା, ସଂଗଠନ, ନିଯୁକ୍ତିକରଣ, ନିର୍ଦ୍ଦେଶନ, ସମନ୍ୱୟ ଏବଂ ନିୟନ୍ତ୍ରଣ । ଏଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଯାଇଛି । ତୁମେ ଏହି କାର୍ଯ୍ୟକୁ ବିସ୍ତାର ଭାବରେ ଆସନ୍ତା ପାଠରେ ପଢ଼ିବ ।



ଟିପ୍ପଣୀ




୧. **ଯୋଜନା କରିବା** – ଯୋଜନା କରିବାର ଉଦ୍ଦେଶ୍ୟ ହେଉଛି ପ୍ରଥମରୁ ନିଷ୍ପତ୍ତି ନେବାକୁ ହେବଯେ କ'ଣ କରିବାକୁହେବ, କେବେ କରିବାକୁ ହେବ, କିପରି କରିବାକୁ ହେବ ଏବଂ କାହିଁକି କରିବାକୁ ହେବ । ଏହା ବାସ୍ତବରେ ଲକ୍ଷ୍ୟପ୍ରାପ୍ତି, ଏବଂ ବିଭିନ୍ନ ସମ୍ଭାବନାକୁ ନେଇ ଫଳପ୍ରଦ କାର୍ଯ୍ୟ ପ୍ରଣାଳୀ ସ୍ଥିର କରିବା ସହିତ ଜଡ଼ିତ । ଏହା ପୂର୍ବାଭାସ, ଇପ୍‌ସିତ ଉଦ୍ଦେଶ୍ୟର ନିର୍ଦ୍ଧାରଣ, ନିୟମାବଳୀ ଏବଂ ଯୋଜନାର ଉନ୍ନତି ସାଧନ ଏବଂ କାର୍ଯ୍ୟ ଏବଂ କାର୍ଯ୍ୟପ୍ରଣାଳୀକୁ ସ୍ଥିର କରିବା ସହିତ ସମ୍ପୃକ୍ତ । ତେଣୁ ଯୋଜନା ଦ୍ୱାରା କ'ଣ କରିବାକୁ ହେବ ତାହା ସ୍ଥିର କରାଯାଏ, ଏହା କିପରି ହେବ, କିଏ କରିବ, କେଉଁଠାରେ ହେବ ଏବଂ କାହିଁକି ଏହା କରିବାକୁ ହେବ ନିଷ୍ପତ୍ତି ନିଆଯାଏ । ଯୋଜନାର ମୁଖ୍ୟ ଅଂଶ ହେଉଛି ଲକ୍ଷ୍ୟ ନିର୍ଦ୍ଧାରଣ ଏବଂ କାର୍ଯ୍ୟକଳାପର କର୍ମସୂଚୀ ପ୍ରସ୍ତୁତ କରିବା ।

୨) **ସଂଗଠନ କରିବା** – ଯୋଜନା କରିବାପରେ ପରିଚାଳନକୁ ଫାର୍ମର କାର୍ଯ୍ୟ ଏବଂ ଭୌତିକ ସଂସାଧନର ସଂଗଠନ କରି ଏହାର କାର୍ଯ୍ୟକ୍ରମକୁ ସୁଚାରୁରୂପେ ଚଳାଇ ଫଳପ୍ରଦ କରିପାରିଥାଏ । ପରିଚାଳକ ସ୍ଥିର କରିଥାନ୍ତି ଯେ ଉଦ୍ଦେଶ୍ୟ ପ୍ରାପ୍ତି ନିମନ୍ତେ କେଉଁ କେଉଁ କାର୍ଯ୍ୟ ଆବଶ୍ୟକ ତାହାକୁ ବିଭିନ୍ନ ବିଭାଗର କର୍ମଚାରୀମାନଙ୍କ ମଧ୍ୟରେ ବାଣ୍ଟିଦିଆଯାଏ । ଏହାର ଉଦ୍ଦେଶ୍ୟ ପ୍ରାପ୍ତି ନିମନ୍ତେ ସୁଗମ ଏବଂ ପ୍ରଭାବୀ କାର୍ଯ୍ୟକୁ ସୁନିଶ୍ଚିତ କରିବା ନିମନ୍ତେ ବିଭିନ୍ନ ସ୍ତରରେ କାର୍ଯ୍ୟ, ବିଭାଗ ଏବଂ କର୍ମଚାରୀଙ୍କ ମଧ୍ୟର ଅଧିକାର ଏବଂ ଦାୟୀତ୍ୱର ସଂବନ୍ଧ ସ୍ଥାପନା କରିବା ସମ୍ମିଳିତ ଅଟେ । ପ୍ରବନ୍ଧର ସଂଗଠନ କାର୍ଯ୍ୟ ମୂଳରୂପରେ ସଂଗଠନ ସମନ୍ୱିତ ଏବଂ ସହଯୋଗୀ ପ୍ରଯତ୍ନ ନିମନ୍ତେ ପ୍ରତ୍ୟେକ ବିଭାଗରେ କାର୍ଯ୍ୟକୁ ସ୍ଥିର କରି ଏହାର ପ୍ରକ୍ରିୟା ଏବଂ ବିଭାଗରେ ବିଭକ୍ତ କରି ବିଭିନ୍ନ ପଦର ଲୋକମାନଙ୍କୁ ଦାୟିତ୍ୱ ବୁଝାଇବା ସମ୍ମିଳିତ ଅଟେ ।

୩. **ନିଯୁକ୍ତି କରିବା** – ନିଯୁକ୍ତି କରିବାର ସମ୍ବନ୍ଧ ବିଭିନ୍ନ କ୍ରିୟାକୁ ସମ୍ପାଦନ କରିବା ନିମନ୍ତେ ଲୋକଙ୍କୁ ନିୟୋଜନ କରିବାକୁ ପଡ଼ିଥାଏ । ନିଯୁକ୍ତି କରିବାର ଉଦ୍ଦେଶ୍ୟ ଏହା ସ୍ଥିର କରିଥାଏ କି ଉପଯୁକ୍ତ ବ୍ୟକ୍ତିମାନଙ୍କୁ ଭିନ୍ନ ଭିନ୍ନ ପଦରେ ନିଯୁକ୍ତି କରାଯାଏ । ଏଥିରେ କର୍ମଚାରୀମାନଙ୍କ ନିଯୁକ୍ତି, ଚୟନ, ପାରିଶ୍ରମିକ ଏବଂ କାର୍ଯ୍ୟ-ସ୍ଥାନ ନିଶ୍ଚିତ କରାଯାଏ ।

୪. **ନିର୍ଦ୍ଦେଶନା କରିବା** – ପରିଚାଳନର ନିର୍ଦ୍ଦେଶନ କାର୍ଯ୍ୟରେ ଅଧିନସ୍ଥଙ୍କୁ ମାର୍ଗ ଦର୍ଶନ କରାଇବା, ସେମାନଙ୍କ କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରିବା, ସୂଚନା ଦେବା ଏବଂ ଅଭିପ୍ରେରଣା ଦେବା ଅନ୍ତର୍ଭୁକ୍ତ ଅଟେ । ପରିଚାଳକଙ୍କୁ ଜଣେ ଭଲ ନେତା ହେବା ଦରକାର ଏଥିରେ ନିର୍ଦ୍ଦେଶନ ଦେବା ଏବଂ ମାର୍ଗଦର୍ଶନ କରିବା ଯୋଗ୍ୟତା ହେବା ଦରକାର । ସେ ନିଜର ଅଧସ୍ତନଙ୍କ ଉପରେ ଦୃଷ୍ଟି ରଖିବା ଦରକାର ଏବଂ ଯେବେ ତାଙ୍କ ସମ୍ମୁଖରେ କୌଣସି କଠିନତା ଆସେ ତାଙ୍କୁ ସାହାଯ୍ୟ କରିବା ଦରକାର । ସଂପ୍ରେଷଣ ପ୍ରଣାଳୀ ଅର୍ଥାତ୍ ସୂଚନାର ଆଦାନ-ପ୍ରଦାନ, ସ୍ୱଷ୍ଟ ବୁଝାମଣା ଏବଂ ନିର୍ମଳତା ଉପରେ ହେବା ଦରକାର । କର୍ମଚାରୀମାନଙ୍କୁ କର୍ମଚାରୀମାନଙ୍କ ତରଫରୁ ପରିଚାଳକର ସୂଚନା ଉପଯୁକ୍ତ ସମୟରେ ମିଳିବା ଦରକାର । ପରିଚାଳକମାନେ ଅଧସ୍ତନମାନଙ୍କର ଆବଶ୍ୟକତାକୁ ବୁଝିବା ଦରକାର ଏବଂ ସେହି ଅନୁରୂପ ସେମାନଙ୍କୁ କାର୍ଯ୍ୟ କରିବାର ପ୍ରେରଣା ଦେବା ଦରକାର ।

୫. **ନିୟନ୍ତ୍ରଣ କରିବା** – ପରିଚାଳନର ଏହି କାର୍ଯ୍ୟ ଅନ୍ତର୍ଗତ ଦେଖାଯାଏ କି ଯୋଜନା ଅନୁସାରେ କାର୍ଯ୍ୟର ସମ୍ପାଦନ ହେଉଅଛି । ଯୋଜନାରେ ଯେତେଗୁଡ଼ିଏ କାର୍ଯ୍ୟ ରଖାଗଲା ତାକୁ ମାପଦଣ୍ଡରେ



ଟିପ୍ପଣୀ

ବାସ୍ତବିକ୍ କାର୍ଯ୍ୟ ହୋଇଛି କି ନାହିଁ ମାପ କରାଯାଏ ।

ଯଦି ସେଥିରେ ଭିନ୍ନତା ଦେଖାଗଲା ତେବେ ଅନେକ ପରିବର୍ତ୍ତନର ପଦକ୍ଷେପ ନେବାକୁ ପଡ଼େ ଯେପରିକି ଯୋଜନାରେ ସଂଶୋଧନ କରିବା, କାର୍ଯ୍ୟ ବିଭାଜନରେ ପରିବର୍ତ୍ତନ, ଏବଂ ଶ୍ରେଷ୍ଠତର ମାର୍ଗ ଦର୍ଶନ କରିବା ।

୬. **ସମନ୍ୱୟ କରିବା** – ଆମେ ପରିଚାଳନର ମୁଖ୍ୟ କାର୍ଯ୍ୟର ପୃଥକ ପୃଥକ ଚର୍ଚ୍ଚା କରିସାରିଛେ କିନ୍ତୁ ଏହା ଉଲ୍ଲେଖ କରିବା ମହତ୍ତ୍ୱପୂର୍ଣ୍ଣ ଯେ ସମସ୍ତ କ୍ରିୟା ସମ୍ପୂର୍ଣ୍ଣ ବ୍ୟବସାୟର ଉଦ୍ଦେଶ୍ୟ ପ୍ରାପ୍ତିରେ ଯୋଗଦାନ ନେବା ଦରକାର । ପୃଥକ୍-ପୃଥକ୍ ବିଭାଗଗୁଡ଼ିକର ଅଧ୍ୟକ୍ଷମାନେ ନିଜକୁ ଅନ୍ୟର ପ୍ରତିଦ୍ୱନ୍ଦୀ ନଭାବି ଗୋଟିଏ ଶରୀର ଅଂଗ ହିସାବରେ କାମ କରିବା ଦରକାର । ଯେପରି ଗୋଟିଏ ସୁସ୍ଥ ମାନବ ଶରୀର ନିମନ୍ତେ ପ୍ରତ୍ୟେକ ଅଂଗ ଉପଯୁକ୍ତ ଭାବରେ କାମ କରିବା ଦରକାର ସେହିପରି ପ୍ରତ୍ୟେକ ବିଭାଗର କାମ ସମ୍ପୂର୍ଣ୍ଣ ସଂଗଠନ ନିମନ୍ତେ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ । ପରିଚାଳକଙ୍କୁ ଏଥିପାଇଁ ଦେଖିବା ଦରକାର ଯେ ସଂଗଠନରେ ପ୍ରତ୍ୟେକ ବ୍ୟକ୍ତି ତାହାର ଉଦ୍ଦେଶ୍ୟକୁ ବୁଝିଥାଏ ଏବଂ ଏହି ଉଦ୍ଦେଶ୍ୟକୁ ପ୍ରାପ୍ତ କରିବା ଲାଗି ଅନ୍ୟର ସହଯୋଗରେ କାମ କରିଥାଏ । ପ୍ରବନ୍ଧର ଏହି କାର୍ଯ୍ୟକୁ ସମନ୍ୱୟ କୁହାଯାଏ । ଏଥିରେ ସମାନ ଉଦ୍ଦେଶ୍ୟର ପ୍ରାପ୍ତି ନିମନ୍ତେ ସମୂହ ପ୍ରଯତ୍ନର ଏକତ୍ର କରିଥାଏ ।

## ପାଠଗତ ପ୍ରଶ୍ନାବଳୀ ୧୦(ଗ)

୧. ନିମ୍ନଲିଖିତ ସୂଚୀରେ ପ୍ରବନ୍ଧର ବିଭିନ୍ନ କାର୍ଯ୍ୟ, ସ୍ଥିତି ଏବଂ ସ୍ତର ଦିଆଯାଇଛି । ପ୍ରତ୍ୟେକ ସ୍ତମ୍ଭରୁ ଗୋଟିଏ ଗୋଟିଏ ନେଇ ଅର୍ଥପୂର୍ଣ୍ଣ ମେଳକ ପ୍ରସ୍ତୁତ କର ।

| ପରିଚାଳନର ସ୍ତର | ପଦ | କାର୍ଯ୍ୟ |
|---|---|---|
| କ) ଉଚ୍ଚ | ୧) ବିଭାଗୀୟ ପ୍ରମୁଖ ଏବଂ ପ୍ରବନ୍ଧକ | କ) ବିଭାଗୀୟ ଉଦ୍ଦେଶ୍ୟର ନିର୍ଦ୍ଧାରଣ କରିବା ଏବଂ ନିମ୍ନସ୍ତରରେ ଏହି ଉଦ୍ଦେଶ୍ୟର ପୂରଣ ଦିଗରେ ମାର୍ଗଦର୍ଶନ |
| ଖ) ମଧ୍ୟ | ୨) ସଂଚାଳକ ମଣ୍ଡଳ ଏବଂ ପ୍ରମୁଖ କାର୍ଯ୍ୟନିର୍ବାହୀ | ଖ) ଲକ୍ଷ୍ୟକୁ କାର୍ଯ୍ୟରେ ପରିଣତ କରିବା ଏବଂ ଏହାର ପର୍ଯ୍ୟବେକ୍ଷଣ |
| ଗ) ନିମ୍ନ | ୩) ପର୍ଯ୍ୟବେକ୍ଷକ ଏବଂ ଫୋରମ୍ୟାନ୍ | ଗ) ଉଦ୍ଦେଶ୍ୟକୁ ନିର୍ଦ୍ଧାରିତ କରିବା ଏବଂ ନୀତିର ପ୍ରତିପାଦନ କରିବା |

୨. ନିମ୍ନଲିଖିତ ବାକ୍ୟକୁ ଗୋଟିଏ ଶବ୍ଦରେ ଲେଖ

୧. ଭବିଷ୍ୟତରେ କରାଯିବାକୁଥିବା କ୍ରିୟା-ବିଧିଚୟନ

୨. କର୍ମଚାରୀମାନଙ୍କୁ ମାର୍ଗଦର୍ଶନ ଏବଂ ପର୍ଯ୍ୟବେକ୍ଷଣ କରିବା

୩. ସ୍ଥିର କରିବାକୁ ହେବ ଯେ ଯୋଜନା ଉଚିତ କ୍ରିୟାଶୀଳ ଅଟେ ।

୪. ସମୂହରେ ସୋହାର୍ଦ୍ଦପୂର୍ଣ୍ଣ ବାତାବରଣ ରଖିବା

୫. ଉପଯୁକ୍ତ ପଦରେ ଉପଯୁକ୍ତ ବ୍ୟକ୍ତିଙ୍କର ଚୟନ ହେବା ସୁନିଶ୍ଚିତ ।

## ୧୦.୭ ବିଜ୍ଞାନ ଆଧାରିତ ପରିଚାଳନର ଧାରଣା

ଏଫ୍. ଡବ୍‌ଲ୍ୟୁ ଟେଲର ନାମକ ଜଣେ ସୁପ୍ରସିଦ୍ଧ ବିଶେଷଜ୍ଞ, ଆମେରିକାର ଏକ ଷ୍ଟିଲ କମ୍ପାନୀରେ ଶିକ୍ଷାନବିସ୍ (ଶିକ୍ଷାର୍ଥୀ), ଯନ୍ତ୍ରଚାଳକ, କର୍ମନାୟକ ଏବଂ ମୁଖ୍ୟ ଇଂଜିନିୟର କାର୍ଯ୍ୟ କରିଥିଲେ । ଟେଲର ବିଂଶଶତାବ୍ଦୀରେ ପରିଚାଳନର ଏକ ନୂତନ ଦୃଷ୍ଟିକୋଣ ଦେଇଥିଲେ । ତାହାକୁ "ବିଜ୍ଞାନ ଆଧାରିତ ପରିଚାଳନ" କୁହାଯାଏ । ଟେଲରଙ୍କର ବୈଜ୍ଞାନିକ ସିଦ୍ଧାନ୍ତର ମୌଳିକ ଉପାଦାନଗୁଡ଼ିକ ନିମ୍ନରେ ଦିଆଗଲା ।

୧) ପୁରୁଣା ପରିଚାଳନ ପଦ୍ଧତି ସ୍ଥାନରେ ବୈଜ୍ଞାନିକ ପରିଚାଳନ ପଦ୍ଧତିର ବିକାଶ । ଏହି ପଦ୍ଧତି ଅନ୍ୟ କାର୍ଯ୍ୟ ସହିତ ପ୍ରବନ୍ଧକକୁ ପ୍ରତ୍ୟେକ କାର୍ଯ୍ୟ କରିବାର ସବୁଠାରୁ ଉତ୍ତମ ପଦ୍ଧତିର ନିର୍ମାଣ କରିବା ସମ୍ଭବ କରିଥାଏ ।

୨. ଶ୍ରମିକମାନଙ୍କର ବୈଜ୍ଞାନିକ ପସନ୍ଦ ଏବଂ ସେମାନଙ୍କର କାର୍ଯ୍ୟ-ସ୍ଥାନ ନିର୍ଦ୍ଧାଣ ଯାହା ଫଳରେ ପ୍ରତ୍ୟେକ ଶ୍ରମିକଙ୍କୁ ସେମାନଙ୍କର ଉପଯୁକ୍ତା ଅନୁସାରେ କାର୍ଯ୍ୟ ଦିଆଯାଇପାରିବ ।

୩. ଶ୍ରମିକମାନଙ୍କର ବୈଜ୍ଞାନିକ ପ୍ରଶିକ୍ଷଣ ଏବଂ ବିକାଶ ଯାହାଫଳରେ କୁଶଳତାର ସବୁଠାରୁ ଉତ୍ତମସ୍ତର ପ୍ରାପ୍ତ କରିପାରିବେ ।

୪. ଶ୍ରମିକ ଏବଂ ପ୍ରବନ୍ଧ ମଧ୍ୟରେ ସହଯୋଗ ଯାହା ସୁନିଶ୍ଚିତ କରିଥାଏ ଯେ ଯେଉଁକାର୍ଯ୍ୟ କରାଯାଇଅଛି ତାହା ବୈଜ୍ଞାନିକ ସିଦ୍ଧାନ୍ତର ଅନୁରୂପ ଅଟେ ।


## ୧୦.୮ ପରିଚାଳନର ସାଧାରଣ ସିଦ୍ଧାନ୍ତ

ବିଜ୍ଞାନ ଆଧାରିତ ପରିଚାଳନର ମୌଳିକ ଉଦ୍ଦେଶ୍ୟ କାରଖାନାରେ କାମ କରୁଥିବା କର୍ମଚାରୀମାନଙ୍କର କୁଶଳତା ବୃଦ୍ଧି । ଏହା ପରିଚାଳକଙ୍କ କାର୍ଯ୍ୟ ଏବଂ ଏହାର ଭୂମିକାକୁ ଅଧିକ ମହତ୍ତ୍ୱ ଦିଏ ନାହିଁ । କିନ୍ତୁ ସେ ସମୟରେ ଫ୍ରାନ୍ସର ଏକ କୋଇଲା ଖନନ କମ୍ପାନୀରେ ନିର୍ଦ୍ଦେଶକ ଥିବା ହେନେରୀ ଫାୟୋଲ ପରିଚାଳନ ପ୍ରକ୍ରିୟାର ଯୋଜନାବଦ୍ଧ ବିଶ୍ଳେଷଣ କରିଥିଲେ । ସେ କହୁଥିଲେ ପରିଚାଳକଙ୍କର ଦିଗନିର୍ଦ୍ଦେଶ ନିମନ୍ତେ କିଛି ସିଦ୍ଧାନ୍ତ ଆବଶ୍ୟକ । ତେଣୁ ସେ ପରିଚାଳନର ଚଉଦଟି ସିଦ୍ଧାନ୍ତ ଦେଇଛନ୍ତି ଯାହା ଆଜି ମଧ୍ୟ ପରିଚାଳନ କ୍ଷେତ୍ରରେ ବହୁତ ମହତ୍ତ୍ୱପୂର୍ଣ୍ଣ ଅଟେ ।

୧) **କାର୍ଯ୍ୟ ବିଭାଜନ** – ଏହି ସିଦ୍ଧାନ୍ତରେ ଏହି ଧାରଣା ଦିଆଯାଇଅଛି ଯେ ବ୍ୟକ୍ତି ଯେଉଁ କାର୍ଯ୍ୟ ପାଇଁ ସର୍ବାଧିକ ଉପଯୁକ୍ତ ତାଙ୍କୁ ସେହି କାର୍ଯ୍ୟ ଦିଆଯାଉ । କାର୍ଯ୍ୟର ବିଭାଜନ ସେହି ସୀମା ପର୍ଯ୍ୟନ୍ତ କରାଯାଉ ଯେଉଁ ପର୍ଯ୍ୟନ୍ତ ତା'ପାଇଁ ଅନୁକୂଳ ଏବଂ ଉଚିତ ହେବ । ଏହାଦ୍ୱାରା ବିଶେଷଜ୍ଞତା ବଢ଼ିବ ଏବଂ କାର୍ଯ୍ୟ କ୍ଷମତାରେ ଉନ୍ନିତି ଘଟିବ ।

୨) **ପ୍ରାଧିକାର ଏବଂ ଉତ୍ତର ଦାୟିତ୍ୱ** – ଉତ୍ତରଦାୟିତ୍ୱ ହେଉଛି କୌଣସି ବ୍ୟକ୍ତିକୁ ନିର୍ଦ୍ଦିଷ୍ଟ କାର୍ଯ୍ୟ ଦେବା ଏବଂ ପ୍ରାଧିକାରର ଅଭିପ୍ରାୟ ହେଉଛି ଅଧିକାର ଯାହା ଲୋକମାନଙ୍କର ପରିଚାଳନ ଏବଂ ନିଜର କାର୍ଯ୍ୟ ସମ୍ପନ୍ନ କରିବା ନିମନ୍ତେ ଦିଆଯାଇଛି । ଅନ୍ୟଭାଷାରେ ଉତ୍ତରଦାୟିତ୍ୱ ପାଇଁ ସମୁଚିତ ପ୍ରାଧିକାର ଦିଆଯିବା ଦରକାର ।

୩) **ଅନୁଶାସନ** – ଏହି ସିଦ୍ଧାନ୍ତ ଏପ୍ରକାର ତତ୍ତ୍ୱ ଉପରେ ଜୋର୍ ଦେଇଥାଏ ଯେ ଅଧସ୍ତନ କର୍ମଚାରୀ ନିଜର ବରିଷ୍ଠ ଅଧିକାରୀଙ୍କର ଆଦର କରିବା ଦରକାର ଏବଂ ତାଙ୍କର ଆଦେଶକୁ ମାନିବା





ଉଚିତ । ଅନ୍ୟପକ୍ଷରେ ବରିଷ୍ଠ ଅଧିକାରୀଙ୍କର ବ୍ୟବହାର ଏପରି ହେବା ଦରକାର ଯେ ନିଜର ଅଧସ୍ତନଙ୍କୁ ଆଜ୍ଞାକାରୀ କରିପାରିବେ । ଯଦି ଏହିପରି ଅନୁଶାସନ ଚାଲୁ ରହେ ତେବେ ଔଦ୍ୟୋଗିକ ବିବାଦର କୌଣସି ସମସ୍ୟା ହୁଏନାହିଁ ।

୪) **ଆଦେଶର ଏକତା –** ଅଧସ୍ତନଙ୍କୁ କେବଳ ଜଣେ ପର୍ଯ୍ୟବେକ୍ଷକ ପାଖରେ ଅଧସ୍ତନ ହେବା ଦରକାର । ଅଧିନସ୍ଥଙ୍କର କେବଳ ଜଣେ ବରିଷ୍ଠ ଅଧିକାରୀଙ୍କଠାରୁ ଆଦେଶ ମିଳିବା ଉଚିତ ଏବଂ ତାଙ୍କ ପ୍ରତି ଉତ୍ତରଦାୟୀ ହେବା ଦରକାର । ଏଥିରେ ଅଧିକାରୀ ଏବଂ ନିର୍ଦ୍ଦେଶକଙ୍କ ସମ୍ବନ୍ଧରେ କୌଣସି ସନ୍ଦେହ ନଥାଏ ।

୫) **ନିର୍ଦ୍ଦେଶର ଏକତା –** ସମାନ ଉଦ୍ଦେଶ୍ୟର କ୍ରିୟାକୁ ପ୍ରତ୍ୟେକ ସମୂହଙ୍କର ଜଣେ ମୁଖ୍ୟ ପରିଚାଳକ ଏବଂ ଏକ କାର୍ଯ୍ୟ-ଯୋଜନା ଅନ୍ତର୍ଗତ ହେବା ଦରକାର । ଏହି ସିଦ୍ଧାନ୍ତ ନ ହେବାରେ ଅପବ୍ୟୟ ହୁଏ, ଅଧିକ ଖର୍ଚ୍ଚ ହେବ ଏବଂ ପରିଚାଳକମାନଙ୍କ ମଧ୍ୟରେ ବ୍ୟର୍ଥ ବିବାଦ ହୋଇଥାଏ ।

୬) **ବ୍ୟକ୍ତିଗତ ହିତକୁ ସାମୂହିକ ହିତଠାରୁ ଗୌଣ ସ୍ଥାନ ଦେବା –** କୌଣସି ନିର୍ଣ୍ଣୟ ଦେବା ସମୟରେ ସାମୁହିକ ହିତ ଅର୍ଥାତ୍ ସମ୍ପୂର୍ଣ୍ଣ ସଂଗଠନର ହିତକୁ ବ୍ୟକ୍ତିଗତ ହିତ ତୁଳନାରେ ପ୍ରାଧାନ୍ୟ ଦେବା ଦରକାର । ବ୍ୟକ୍ତିଗତ ହିତ ସଂଗଠନର ହିତଠାରୁ ଗୌଣ ସ୍ଥାନ ହୋଇଥାଏ । ଏହାଦ୍ୱାରା ସଂଗଠନ ତଥା ସଦସ୍ୟଙ୍କର କଲ୍ୟାଣ ସୁନିଶ୍ଚିତ ହୋଇଥାଏ ।

୭) **ପାରିଶ୍ରମିକ –** ପରିଚାଳନ କର୍ମଚାରୀଙ୍କୁ ଉଚିତ ଦରମା ଦେବାର ପ୍ରଯତ୍ନ କରିବା ଦରକାର ଏବଂ କର୍ମଚାରୀଙ୍କୁ ଏହାଦ୍ୱାରା ସନ୍ତୁଷ୍ଟ ହେବାକୁ ପଡ଼ିବ ଯେ ସେମାନଙ୍କୁ ଠିକ୍ ଦରମା ମିଳିଅଛି ।

୮) **କେନ୍ଦ୍ରୀକରଣ ବ୍ୟବସ୍ଥା –** ଯେତେବେଳେ ଜଣେ ଏକାକୀ ବ୍ୟକ୍ତି କୌଣସି ସଂଗଠନର ମାମଲାକୁ ନିୟନ୍ତ୍ରିତ କରିଥାଏ ତାକୁ ପୂର୍ଣ୍ଣ କେନ୍ଦ୍ରୀକରଣ କୁହାଯାଏ । ଛୋଟ ଛୋଟ ସଂସ୍ଥାରେ ଏକାକୀ ପରିଚାଳକ ନିଜର ଅଧିନସ୍ଥ କାମକୁ ସହଜରେ ପର୍ଯ୍ୟବେକ୍ଷଣ କରିପାରେ । କିନ୍ତୁ ବଡ଼ ସଂଗଠନରେ ନିୟନ୍ତ୍ରଣକୁ ଅନେକ ବ୍ୟକ୍ତିମାନଙ୍କ ମଧ୍ୟରେ ବାଣ୍ଟି ଦେଇଥାଏ । ତେଣୁ କେନ୍ଦ୍ରୀକରଣ ଛୋଟ ସଂସ୍ଥାରେ ଅଧିକ ହୋଇଥାଏ ଏବଂ ବଡ଼ ସଂସ୍ଥାରେ କମ୍‌ହୋଇଥାଏ । ଫେରୋରର ମତ ଥିଲା କି ସଂଗଠନର କେନ୍ଦ୍ରୀକରଣ ଏବଂ ଅଧିକାର ଅନ୍ତରଣରେ ସନ୍ତୁଳନ ହେବା ଦରକାର ।

୯) **ସୋପାନ ଶୃଙ୍ଖଳା –** ଏହା ଅଧିକାରୀଙ୍କର ଏକ ଶୃଙ୍ଖଳା ଅଟେ ଯାହାକି ବଡ଼ ବଡ଼ ଅଧିକାରୀଠାରୁ ଛୋଟ ଛୋଟ ଅଧିକାରୀ ପର୍ଯ୍ୟନ୍ତ ଯାଇଥାଏ । ଏହାର ଅର୍ଥ ହେଉଛି ଅଧୀନସ୍ଥଙ୍କୁ ନିଜର ସର୍ବାଧିକ ନିକଟସ୍ଥ ଅଧିକାରୀଙ୍କୁ ରିପୋର୍ଟ କରିବା ତଥା ସେ ଆଗ ନିଜର ଅଧିକାରୀଙ୍କୁ ରିପୋର୍ଟ କରିବା ।

୧୦) **ସମୁଚିତ ବ୍ୟବସ୍ଥା –** ଶ୍ରମ ଏବଂ ସାମଗ୍ରୀ ଦୁହିଁଙ୍କର ଉଚିତ ବ୍ୟବସ୍ଥା ହେବା ଦରକାର । ଉଚିତ ସ୍ଥାନ ଉପଲବ୍ଧ କରାଇବା ଦରକାର ଯେଉଁଠାରେ କି ସାମଗ୍ରୀକୁ ସୁରକ୍ଷିତ ରଖାଯାଇପାରେ । ପ୍ରତ୍ୟେକ ବ୍ୟକ୍ତି ତାହାର ଅନୁରୂପ ଯୋଗ୍ୟତା ଥିବା କାମ ଦିଆଯିବା ଦରକାର ।

୧୧) **ସମାନତା –** ଏହି ସିଦ୍ଧାନ୍ତରେ ଏହା ଅପେକ୍ଷା କରାଯାଏକି ପ୍ରବନ୍ଧକ ଉଦାର ଏବଂ ନ୍ୟାୟୋଚିତ ହେବା ଦରକାର । ଏଥିରେ ପର୍ଯ୍ୟବେକ୍ଷକ ଏବଂ ଅଧିନସ୍ତଙ୍କ ମଧ୍ୟରେ ଏକ ବନ୍ଧୁତ୍ୱର ବାତାବରଣ ସୃଷ୍ଟି ହୁଏ ଏବଂ ସେ ନିଜର କାର୍ଯ୍ୟକୁ ଅଧିକ କୁଶଳତାର ସହିତ କରିବା ନିମନ୍ତେ ପ୍ରୋତ୍ସାହିତ ହୋଇଥାନ୍ତି ।

ଟିପ୍ପଣୀ

୧୨) **କାର୍ଯ୍ୟକାଳର ସ୍ଥିରତା** – କର୍ମଚାରୀମାନଙ୍କୁ କାର୍ଯ୍ୟକାଳର ସ୍ଥିରତା ଏବଂ ନିରନ୍ତରଣ ପ୍ରଦାନ କରାଯିବା ଦରକାର । କର୍ମଚାରୀଙ୍କୁ ଉଚିତ ଆକର୍ଷକ ପାରିଶ୍ରମିକ ଏବଂ ସମ୍ମାନନୀୟ ବ୍ୟବହାର ଦେଇ ଏହା ପ୍ରାପ୍ତ କରାଯାଇପାରିବ ।

୧୩) **ଉଦ୍ୟମ କରିବାର କ୍ଷମତା** – ଏହି ସିଦ୍ଧାନ୍ତ ଅନୁସାରେ ଯୋଜନାର ବାଞ୍ଛିତ ପରିଣାମ ପ୍ରାପ୍ତ କରିବା ନିମନ୍ତେ ଯୋଜନାର ପ୍ରସ୍ତୁତିକରଣ ଏବଂ ଲାଗୁକରିବା ନିମନ୍ତେ କର୍ମଚାରୀର ଉଦ୍ୟମ କ୍ଷମତା ଜାଗରଣ କରାଯିବା ଆବଶ୍ୟକ ଅଟେ ।

୧୪) **ସହଯୋଗୀ ଭାବନା** – ପ୍ରବନ୍ଧକଙ୍କୁ ନିଜର କର୍ମଚାରୀଙ୍କର ସାମୁହିକ ଭାବରେ କାର୍ଯ୍ୟକରିବା ଏବଂ ସହଯୋଗର ଭାବନା ସୃଷ୍ଟି କରିବା ଦରକାର । ଏହାଦ୍ୱାରା ପରସ୍ପରର ବିଶ୍ୱାସ ଏବଂ ଏକତାର ଭାବନା ବିକଶିତ କରିବାରେ ସହାୟତା ମିଳିଥାଏ ।

ଫାରୋର ସ୍ପଷ୍ଟ କରି ନେଇଥିଲେ ଯେ ଏହି ସିଦ୍ଧାନ୍ତ ଅଧିକାଂଶ ସଂଗଠନରେ ଲାଗୁ କରାଯାଇପାରିବ । କିନ୍ତୁ ଏହି ସିଦ୍ଧାନ୍ତ ଶେଷ ସିଦ୍ଧାନ୍ତ ନୁହେଁ । ସଂଗଠନର ଏହା ସ୍ୱତନ୍ତ୍ରତା ଅଟେ ସେ ଏହି ସିଦ୍ଧାନ୍ତକୁ ଗ୍ରହଣ କରେ ଯାହା ତାର ଅନୁକୂଳ ଅଟେ ଏବଂ ନିଜର ଆବଶ୍ୟକତା ଅନୁସାରେ କିଛି ଛାଡ଼ି ଦିଏ ।

## ପାଠଗତ ପ୍ରଶ୍ନାବଳୀ ୧୦(ଘ)

୧. ନିର୍ଦ୍ଦେଶନର ଏକତ୍ୱ କ'ଣ ବୁଝାଅ ?

_______________________________________________

_______________________________________________

୨. ନିମ୍ନଲିଖିତ ବାକ୍ୟମାନଙ୍କ ମଧ୍ୟରୁ କେଉଁଗୁଡ଼ିକ ପରିଚାଳନର ସାଧାରଣ ସିଦ୍ଧାନ୍ତକୁ ସଂକେତ କରୁଅଛି, ଚିହ୍ନଟ କର ।

କ) ଜଣେ ବ୍ୟକ୍ତି କେବଳ ଜଣେ ବ୍ୟକ୍ତିଙ୍କ ଠାରୁ ଆଦେଶ ପାଇବା ଉଚିତ୍ ।

ଖ) ଏକତାର ଭାବନାକୁ ପ୍ରୋତ୍ସାହିତ କରାଯିବା ଉଚିତ୍ ।

ଗ) ପରିଚାଳକମାନେ କର୍ମଚାରୀଙ୍କ ପ୍ରତି ଉଦାର ଏବଂ ନ୍ୟାୟୋଚିତ ହେବା ଆବଶ୍ୟକ ।

ଘ) ନିର୍ଦ୍ଦେଶମାନ ସୁବର୍ଣ୍ଣିତ ମାର୍ଗ ଜରିଆରେ ପ୍ରଦତ୍ତ ହେବା ଉଚିତ୍ ।

## ୧୦.୯ ତୁମେ କ'ଣ ଶିଖିଲ

- ପରିଚାଳନ ଆମର ଦୈନିକ ଜୀବନର ଏକ ପ୍ରଧାନ ଅଂଗ ଅଟେ । ଏକ ବ୍ୟବସାୟ ସଂଗଠନରେ ପରିଚାଳନ ଉତ୍ପାଦନର ସମ୍ବଳ ଯେପରି କଞ୍ଚାମାଲ, ମେସିନ୍ ଏବଂ ମାନବ ସମ୍ବଳର ସୁବିନିଯୋଗ କରିବାର ସାହାଯ୍ୟ କରେ ଫଳରେ ଉତ୍ପାଦନ ବୃଦ୍ଧି ହୋଇଥାଏ ।
- ପରିଚାଳନ ଏକ ଅଦୃଶ୍ୟ, ଅବିଚ୍ଛିନ୍ନ, ଉଦ୍ଦେଶ୍ୟ ନିର୍ଦ୍ଧାରିତ, ସାର୍ବଭୌମିକ କ୍ରିୟା ଅଟେ । ପରିଚାଳନର କୌଣସି ସର୍ବୋତ୍ତମ ପ୍ରଣାଳୀ ନାହିଁ । ଏହା ସର୍ବଦା ପରିସ୍ଥିତି ଉପରେ ଆଧାରିତ ।

- ପରିଚାଳନ ଦକ୍ଷତା ଜରିଆରେରେ ଉଦ୍ଦେଶ୍ୟ ପ୍ରାପ୍ତି ନିମନ୍ତେ ସହାୟତା କରିଥାଏ, ଏହା ପରିବେଶରେ ହେଉଥିବା ପରିବର୍ତ୍ତନକୁ ଲକ୍ଷ୍ୟରେ ରଖି ସ୍ଥିରତା ଏବଂ ଅଭିବୃଦ୍ଧି ଦୁଇଟିକୁ ନିଶ୍ଚିତ କରିଥାଏ ।
- ପରିଚାଳନ କଳା, ବିଜ୍ଞାନ ଏବଂ ପେଶା ଅଟେ
- ପରିଚାଳନର ତିନୋଟି ସ୍ତର ଅଛି ।
  - ଉଚ୍ଚସ୍ତରୀୟ ପରିଚାଳନ
  - ମଧ୍ୟସ୍ତରୀୟ ପରିଚାଳନ
  - ନିମ୍ନସ୍ତରୀୟ ପରିଚାଳନ
- ପ୍ରତ୍ୟେକ ସଂଗଠନରେ ପରିଚାଳନ ଛଅଟି ମୁଖ୍ୟ କାର୍ଯ୍ୟ ନିର୍ବାହ କରିଥାଏ ।

| | | |
|---|---|---|
| ନିୟୋଜନ | ନିର୍ଦ୍ଦେଶନ | ସଂଗଠନ |
| ନିୟନ୍ତ୍ରଣ | ନିଯୁକ୍ତିକରଣ | ସମନ୍ୱୟ |

* ହେନେରୀ ଫାଲୋଲଙ୍କ ଦ୍ୱାରା ବର୍ଣ୍ଣିତ ପରିଚାଳନର ଚଉଦଟି ସିଦ୍ଧାନ୍ତ ଅଛି ।

୧) କାର୍ଯ୍ୟବିଭାଜନ
୨) ପ୍ରାଧିକାର ଏବଂ ଉତ୍ତରଦାୟିତ୍ୱ
୩) ଅନୁଶାସନ
୪) ଆଦେଶର ଏକତା
୫) ନିର୍ଦ୍ଦେଶର ଏକତା
୬) ବ୍ୟକ୍ତିଗତ ହିତକୁ ସାମୂହିକ ହିତ ତୁଳନାରେ ଗୌଣ ସ୍ଥାନ ଦେବା ।
୭) ପାରିଶ୍ରମିକ
୮) କେନ୍ଦ୍ରୀକରଣ
୯) ସୋପାନ ଶୃଙ୍ଖଳ
୧୦) ସମୁଚିତ ବ୍ୟବସ୍ଥା
୧୧) ସମାନତା
୧୨) କାର୍ଯ୍ୟକାଳର ସ୍ଥିରତା
୧୩) ଉଦ୍ୟମ କରିବା କ୍ଷମତା
୧୪) ସହଯୋଗର ଭାବନା

## ୧୦.୧୦ ମୁଖ୍ୟଶବ୍ଦ

| | | |
|---|---|---|
| ନିୟନ୍ତ୍ରଣ | ଉଦ୍ୟମର କ୍ଷମତା | ବୈଜ୍ଞାନିକ ପଦ୍ଧତି ପରିଚାଳନ |
| ସମ୍ନବୟ | ସଂଗଠନ | ସୋପାନ ଶୃଙ୍ଖଳା |
| ନିର୍ଦ୍ଦେଶନ | ନିୟୋଜନ | ଆଦେଶର ଏକତା |
| ସହଯୋଗର ଭାବନା | ନିଯୁକ୍ତି କରଣ | ନିର୍ଦ୍ଦେଶର ଏକତା |

ଟିପ୍ପଣୀ

## ୧୦.୧୧ ପାଠାନ୍ତ ପ୍ରଶ୍ନାବଳୀ

ଅତିକ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ

୧. ପରିଚାଳନର ବର୍ଣ୍ଣନା କର ।

୨. ପରିଚାଳନର ବିଭିନ୍ନ ସ୍ତରର ତାଲିକା ପ୍ରସ୍ତୁତ କର ।

୩. ସହଯୋଗର ଭାବନାତ୍ମକ ଅର୍ଥ ଲେଖ ।

୪. ବ୍ୟକ୍ତିଗତ ହିତକୁ ସାମୂହିକ ହିତଠାରୁ ଗୌଣସ୍ଥାନ ଦେବାର ଅର୍ଥ କ'ଣ ?

୫. ପରିଚାଳନର ସିଦ୍ଧାନ୍ତ ଭାବେ ସମାନତାର ଅର୍ଥ ଲେଖ ।

କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ

୬. ପରିଚାଳନର ବିଭିନ୍ନ ବିଶେଷତ୍ୱକୁ ଉଲ୍ଲେଖ କର ।

୭. 'ପରିଚାଳନ ଏକ ଶାସ୍ତ୍ର' ବାଖ୍ୟା କର ।

୮. ଯୋଜନା ଅର୍ଥ ଆଗକୁ ଦେଖିବା ଏବଂ ନିୟନ୍ତ୍ରଣ ଅର୍ଥ ପଛକୁ ଦେଖିବା ଏହି ଉକ୍ତିର ବ୍ୟାଖ୍ୟାକର ।

୯. ପରିଚାଳନକୁ ପେଶା କୁହାଯାଇ ପାରେକି ? ଉତ୍ତର ସପକ୍ଷରେ କାରଣ ଦର୍ଶାଅ ।

୧୦. ବୈଜ୍ଞାନିକ ପଦ୍ଧତି ପରିଚାଳନର ଉଦ୍ଦେଶ୍ୟ କ'ଣ ?

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

୧୧. ପରିଚାଳନର ମହତ୍ତ୍ୱ ବିଷୟରେ ବର୍ଣ୍ଣନା କର ।

୧୨. ପରିଚାଳନର ବିଭିନ୍ନ କାର୍ଯ୍ୟ ବର୍ଣ୍ଣନା କର ।

୧୩. ହେନେରୀ ଫେୟଲଙ୍କ ବର୍ଣ୍ଣିତ ପରିଚାଳନର ଚଉଦଟି ସିଦ୍ଧାନ୍ତ ବର୍ଣ୍ଣନା କର ।

୧୪. ପରିଚାଳନର କୌଣସି ତିନିଗୋଟି ବିଶେଷତ୍ୱକୁ ବର୍ଣ୍ଣନା କର

୧୫. ପରିଚାଳନକୁ ଏକ ଶାସ୍ତ୍ର ଏବଂ ସମୂହ ରୂପରେ ବର୍ଣ୍ଣନା କର ।

## ୧୦.୧୨ ପାଠଗତ ପ୍ରଶ୍ନାବଳୀର ଉତ୍ତର

**୧୦(କ)**

୨. (ଖ) ଅସ୍ପର୍ଶ, (ଗ) ସାମାଜିକ, (ଘ) ପରିସ୍ଥିତି (ଙ) ନିରନ୍ତର

**୧୦(ଖ)**

୧. କଳା, ୨, ୪, ବିଜ୍ଞାନ, ୧) ୩. ପେଶା, ୪

୨. ୧(ଗ), ୨.(ଘ), ୩(କ) ୪(ଖ)

**୧୦(ଗ)**

(କ) ୨, (ଗ), (ଖ) ୧ (କ), (ଗ) ୩ (ଖ)

୨. ୧. ନୟୋଜନ, ୨ ନିର୍ଦ୍ଦେଶନ, ୩. ନିୟନ୍ତ୍ରଣ, ୪. ସମନ୍ୱୟ, ୫. ନିଯୁକ୍ତିକରଣ

**୧୦(ଘ)**

୨. କ) ଆଦେଶର ଏକତା

ଖ) ସହଯୋଗର ଭାବନା

ଗ) ଅନୁଶାସନ

ଘ) ସେପାନ ଶୃଙ୍ଖଳ

## ସମ୍ପାଦନ କର ଏବଂ ଶିଖ

୧. ନିକଟବର୍ତ୍ତୀ କୌଣସି ସଂଗଠନକୁ ଯାଅ । ସେଠାରେ କାମ କରୁଥିବା ସମସ୍ତ କର୍ମଚାରୀମାନଙ୍କର ସୂଚୀ ପ୍ରସ୍ତୁତ କର ଏବଂ ସେମାନଙ୍କର ସ୍ତରର ଆଧାର ଉପରେ ବର୍ଗୀକରଣ କର

୨. ଭାବ ମା' ତୁମ ପରିବାରର ମୁଖ୍ୟ ଅଟନ୍ତି । ଦୈନନ୍ଦିନ ଜୀବନ ଯାପନରେ ସେ ଯେଉଁ କାର୍ଯ୍ୟ କରୁଛନ୍ତି ସେଗୁଡ଼ିକର ସୂଚୀ ତିଆରିକରି ପରିଚାଳନର କାର୍ଯ୍ୟ ଅନୁସାରେ ବର୍ଗୀକରଣ କର ।

## ଅଭିନୟନ

ଅନୁଭବ ଏବେ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନରୁ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛି । ତା'ର ବାପା ଜଣେ ବ୍ୟବସାୟୀ, ସେ ଖୁସୀ ହେଲ ଯେ ତାଙ୍କ ପୁଅ ତାଙ୍କୁ ବ୍ୟାବସାୟରେ ସାହାଯ୍ୟ କରିବ । କିନ୍ତୁ ତାଙ୍କୁ ଜାଣିକରି ଦୁଃଖ ହେଲାଯେ ଅନୁଭବ ବ୍ୟବସାୟରେ ସହଯୋଗ କରିବା ଯାଗାରେ ବ୍ୟାବସାୟିକ ପରିଚାଳନର ସ୍ନାତକ ପାଠ ପଢ଼ିବାକୁ ଚାହୁଁଛି । ତାପରେ ସେ ଯାଇ ବାପାଙ୍କ ବ୍ୟବସାୟରେ ସାହାଯ୍ୟ କରିପାରିବ ।

ପିତା- ଅନୁଭବ ତୁମ ବ୍ୟାବସାୟିକ ଡିଗ୍ରୀର ଆବଶ୍ୟକତା କାହିଁକି ଦରକାର । ଶେଷରେ ତ ତୁମେ ମୋ ବ୍ୟବସାୟ ହିଁ କରିବ ତେବେ ଏହି ଅମୂଲ୍ୟ ସମୟ ପଢ଼ିବାରେ କାହିଁକି ନଷ୍ଟ କରିବ । ମୁଁ ତ ଏପରି କୌଣସି ଡିଗ୍ରୀ କରିନାହିଁ କିନ୍ତୁ ନିଜର ବ୍ୟବସାୟକୁ ସଫଳତାର ସହିତ ସମ୍ଭାଳିଛି ।

ଅନୁଭବ- ବାପା ଆପଣ ଏହି ବ୍ୟବସାୟ ତିରିଶ ବର୍ଷ ପୂର୍ବେ ଆରମ୍ଭ କରିଥିଲେ । ସେତେବେଳେ ବ୍ୟାବସାୟିକ ପରିବେଶ ବର୍ତ୍ତମାନ ତୁଳନାରେ ସ୍ଥିର ଥିଲା । ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା ଏବଂ ଭୁଲ୍‌ର ସଂଶୋଧନ ପରେ ଏହା ଏପର୍ଯ୍ୟନ୍ତ ପହଞ୍ଚି ପାରିଛି । କିନ୍ତୁ ଆଜି ଭୂମଣ୍ଡଳୀୟ ପରିବର୍ତ୍ତିତ ଟେକ୍‌ନିକ୍ ଏବଂ ସଂପ୍ରେଷଣ ଯୁଗରେ ପରିଚାଳନୀୟ ସିଦ୍ଧାନ୍ତର ଜ୍ଞାନ ଅତି ଆବଶ୍ୟକ ଅଟେ । ଯଦି ଆମେ ତାହାକୁ ଶିଖିବା ନାହିଁ ତେବେ ଆମେ ବ୍ୟବସାୟ ତ ଚଳାଇ ପାରିବା କିନ୍ତୁ ପ୍ରତିଯୋଗିତା ମୂଳକ ଯୁଗରେ ଆଗକୁ ବଢ଼ିପାରିବା ନାହିଁ ।

ପିତା- ଏହାର ଅର୍ଥ କ'ଣ ?

ଅନୁଭବ- ଆଜିର ଯୁଗରେ ଯେତେବେଳେ ସଂସାଧନର ବହୁଳ ହ୍ରାସ ଘଟୁଛି ପରିଚାଳନ ଆମକୁ କୁଶଳତାର ସହିତ ଉଦ୍ଦେଶ୍ୟ ପ୍ରାପ୍ତ କରିବାରେ ସାହାଯ୍ୟ କରିଥାଏ ।

ପିତା- କିନ୍ତୁ ମୁଁ ତ ଆଜିଯାଏଁ ଠିକ୍-ଠାକ୍ ବ୍ୟବସାୟ କରି ଆସୁଅଛି ।

ଅନୁଭବ - କିନ୍ତୁ ନିକଟ ଭବିଷ୍ୟତରେ ଆମେ ପ୍ରତିଯୋଗିତାରେ ପଛରେ ମିଳିଯିବାର ସମ୍ଭାବନା ଭୟ ଅଛି । ଅନୁଭବ ପିତାଙ୍କୁ ପରିଚାଳନର ମହତ୍ତ୍ୱ ବୁଝାଇବାକୁ ଚେଷ୍ଟା କଲା ।

(ନିଜେ ଏବଂ ନିଜର ବନ୍ଧୁ ନିମନ୍ତେ ଭୂମିକା ନିର୍ଦ୍ଧାରଣ କରି ପ୍ରବନ୍ଧର ମହତ୍ତ୍ୱ ଉପରେ ଚର୍ଚ୍ଚା କର ।)

## ଅଧ୍ୟାୟର ଏକ ଦୃଷ୍ଟିପାତ

୧୦.୧ ପରିଚାଳନର ଅର୍ଥ
୧୦.୨ ପରିଚାଳନର ବିଶେଷତ୍ୱ
୧୦.୩ ପରିଚାଳନର ମହତ୍ତ୍ୱ
୧୦.୪ ପରିଚାଳନର ପ୍ରକୃତି
୧୦.୫ ପରିଚାଳନର ସ୍ତର
୧୦.୬ ପରିଚାଳନର କାର୍ଯ୍ୟ
୧୦.୭ ବିଜ୍ଞାନ ଆଧାରିତ ପରିଚାଳନର ଧାରଣା
୧୦.୮ ପରିଚାଳନର ସାଧାରଣ ସିଦ୍ଧାନ୍ତ